# BANAJA 2025

# ବନଜା

## ପରମ୍ପରା ଓ ଆଧୁନିକତା

### ପରିବର୍ତ୍ତନ ପାଇଁ ଜନଜାତିଙ୍କ ଆକାଂକ୍ଷା

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

**BANAJA 2025**

# ବନଜା

## ପରମ୍ପରା ଓ ଆଧୁନିକତା

### ପରିବର୍ତ୍ତନ ପାଇଁ ଜନଜାତିଙ୍କ ଆକାଂକ୍ଷା


**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

ଓଡ଼ିଶା ସରକାର

ଭୁବନେଶ୍ୱର

**ବନଜା - ୨୦୨୫ : ପରମ୍ପରା ଓ ଆଧୁନିକତା: ପରିବର୍ତ୍ତନ ପାଇଁ ଜନଜାତିଙ୍କ ଆକାଂକ୍ଷା**

ମୁଖ୍ୟ ପୃଷ୍ଠପୋଷକ : ଶ୍ରୀଯୁକ୍ତ ସଞ୍ଜୀବ କୁମାର ମିଶ୍ର, ଭା.ପ୍ର.ସେ.
ପ୍ରମୁଖ ଶାସନ ସଚିବ,
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

ପ୍ରକାଶକ : ଡ. ପୋମା ଟୁଡୁ, ଭା.ପ୍ର.ସେ.
ସଦସ୍ୟ ସଚିବ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯
ଫୋନ୍ -୦୬୭୪-୨୫୯୭୮୨୧, ଇମେଲ୍ : atlcbbsr_08@yahoo.com

ସମ୍ପାଦକ : ଶ୍ରୀ ସମରେନ୍ଦ୍ର ଭୂଟିଆ

ସଂପାଦନା ମଣ୍ଡଳୀ : ଶ୍ରୀ ପ୍ୟାରୀମୋହନ ରାଉତ
: ଡ. ପରମାନନ୍ଦ ପଟେଲ
: ଡ. ଦ୍ୱିତୀଚନ୍ଦ୍ର ସାହୁ
: ଡ. ସଂଯୁକ୍ତା ମହାରଣା

ଆଇ.ଏସ୍.ବି.ଏନ୍ : ୯୭୮-୮୧-୯୭୭୭୫୮-୧-୯

ପ୍ରକାଶନ : ୨୦୨୫

ମୁଦ୍ରକ : କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଏଣ୍ଡ୍ କନ୍‌ସଲଟାନ୍‌ସି, ଭୁବନେଶ୍ୱର

# BANAJA-2025

**PARAMPARA O ADHUNIKATA: PARIBARTAN PAIN JANAJATINKA AKANKSHYA**

Editor Patron : Shri Sanjib Kumar Mishra, IAS
Principal Secretary to Government
ST & SC Development, Minorities & Backward Classes
Welfare Department

Publisher : Dr. Poma Tudu, IAS
Member Secretary, Academy of Tribal Languages and Culture
Adivasi Exhibition Ground, Unit-I,Bhubaneswar-751009
Phone: 0674-2597821, e-mail: atlcbsr_08@yahoo.com

Editor : Shri Samarendra Bhutia

Board of Editors : Shri Pyarimohan Rout
Dr. Paramananda Patel
Dr. Dwitichandra Sahu
Dr. Sanjukta Moharana

ISBN : 978-81-977758-1-9

Year of Publication : 2025

Printed at : Capital Business Service & Consultancy, Bhubaneswar

**ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ
ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ
ଓଡ଼ିଶା ସରକାର

# ବାର୍ତ୍ତା

ଜନଜାତିଙ୍କ ସମୃଦ୍ଧ କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ, ପରମ୍ପରା ଓ ଜୀବନ-ଜୀବିକାକୁ ନେଇ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ପ୍ରତିବର୍ଷ ଜନଜାତି ଗବେଷଣାଧର୍ମୀ ମୁଖପତ୍ର **"ବନଜା"** ପ୍ରକାଶ ପାଉଥିବା ଆନନ୍ଦର କଥା । ଜନଜାତିଙ୍କ ଅନେକ କଥା ପ୍ରସଙ୍ଗ ଏଭଳି ଗରିମାମୟ ପ୍ରକାଶନ ମାଧ୍ୟମରେ ସର୍ବସମ୍ମୁଖରେ ଉଜ୍ଜୀବିତ ହେବା ସହ ସଂପ୍ରସାରିତ ହୋଇପାରୁଛି ।

ଓଡ଼ିଶାରେ ବସବାସ କରୁଥିବା ଜନଜାତିଙ୍କ ସର୍ବାଙ୍ଗୀନ ବିକାଶ ଲାଗି ସରକାର ପ୍ରୟାସ ଜାରି ରଖିଛନ୍ତି । ସେମାନଙ୍କ ସଂସ୍କୃତି, ପରମ୍ପରା ଓ ଅନନ୍ୟ ଜୀବନଶୈଳୀର ପ୍ରଦର୍ଶନ ଓ ଆର୍ଥନୀତିକ ବିକାଶ ଲାଗି ପ୍ରତି ବର୍ଷ ଆଦିବାସୀ ମେଳାର ଆୟୋଜନ କରାଯାଉଛି । ଏହି ଅବସରରେ "ପରମ୍ପରା ଓ ଆଧୁନିକତା: ପରିବର୍ତ୍ତନ ପାଇଁ ଜନଜାତିଙ୍କ ଆକାଂକ୍ଷା" ପ୍ରସଙ୍ଗରେ ସମୃଦ୍ଧ "ବନଜା"ର ଚଳିତ ସଂଖ୍ୟା ବୃହତ୍ତର ପାଠକଗୋଷ୍ଠୀଙ୍କ ଜିଜ୍ଞାସାକୁ ସାକାର କରିପାରିବ ବୋଲି ଆଶା ଓ ବିଶ୍ୱାସ ।

ସମସ୍ତଙ୍କୁ ନବ ବର୍ଷର ଅଭିନନ୍ଦନ ଜ୍ଞାପନ କରିବା ସହ "ବନଜା"ର ସଫଳତା କାମନା କରୁଛି ।

ବନ୍ଦେ ଉତ୍କଳ ଜନନୀ ।

**ନିତ୍ୟାନନ୍ଦ ଗଣ୍ଡ**

**ଶ୍ରୀ ସଞ୍ଜୀବ କୁମାର ମିଶ୍ର,** ଭା.ପ୍ର.ସେ.

ପ୍ରମୁଖ ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ,
ଓଡ଼ିଶା ସରକାର

# ବାର୍ତ୍ତା

ଯାହାର ପ୍ରକୃତି ପ୍ରାଣବନ୍ତ, ଯେଉଁ ମାଟିର ସଂସ୍କୃତି ମହାନ, ସେଇ ମାଟିରେ ବସବାସ କରୁଥିବା ଏକ ବୃହତ୍ତର ଗୋଷ୍ଠୀ ହେଉଛନ୍ତି ଆମ ଜନଜାତି । ବିବିଧତାରେ ଭରା ଓଡିଶାର ଜନଜାତିଙ୍କ ଜୀବନଶୈଳୀ ସବୁବେଳେ ଆକୃଷ୍ଟ କରିଆସିଛି । ଜନଜାତିଙ୍କ କଳା, ସଂସ୍କୃତି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ସର୍ବୋପରି ଜୀବନଜୀବିକାର ବିକାଶ ନିମନ୍ତେ ଆମ ବିଭାଗ ନିରବିଚ୍ଛିନ୍ନ ଉଦ୍ୟମ ଜାରି ରଖିଛି । ସେମାନଙ୍କ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ଓ ପ୍ରସାର କରିବା ପାଇଁ ୧ ୯ ୫ ୧ ମସିହାରୁ ଆଦିବାସୀ ମେଳା ଆୟୋଜନ କରାଯାଉଛି । ଜନଜାତି ଜୀବନ ଧାରାର ପ୍ରଚାର ସହ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ଲାଗି ବୃହତ ସୁଯୋଗ ସୃଷ୍ଟି ହେଉଛି ।

ଏହି ମେଳା ପାଳନ ଅବସରରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ଜନଜାତି ଗବେଷଣାଧର୍ମୀ ମୁଖପତ୍ର "ବନଜା" ପ୍ରକାଶ ପାଉଥିବା ଏକ ନିଆରା ପରମ୍ପରା । "ପରମ୍ପରା ଓ ଆଧୁନିକତା : ପରିବର୍ତ୍ତନ ପାଇଁ ଜନଜାତିଙ୍କ ଆକାଂକ୍ଷା" ପ୍ରସଙ୍ଗ ଆଧାରିତ ଗବେଷଣା ପ୍ରସୂତ ରଚନା ସମୂହରେ ପରିପୁଷ୍ଟ "ବନଜା"ର ଏହି ସଂଖ୍ୟା ପାଠକଙ୍କ ହୃଦୟଗ୍ରାହୀ ହୋଇପାରିବ ବୋଲି ଆଶା ।

ଏହି ଅବସରରେ "ବନଜା"ର ସମସ୍ତ ଲେଖକ, ସମ୍ପାଦକ, ପ୍ରକାଶକ ତଥା ସମସ୍ତ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ପତ୍ରିକାର ସମୃଦ୍ଧି ଓ ସଫଳତା କାମନା କରୁଛି ।

ବନ୍ଦେ ଉତ୍କଳ ଜନନୀ ।

**ସଞ୍ଜୀବ କୁମାର ମିଶ୍ର**

**ଡ. ପୋମା ଟୁଡୁ,** ଭା.ପ୍ର.ସେ.
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଓଡ଼ିଶା ସରକାର

# ବାର୍ତ୍ତା

ଜନଜାତିମାନେ ପ୍ରକୃତିକୁ ଭଲପାଆନ୍ତି । ଚତୁଃପାର୍ଶ୍ୱରେ ବିଦ୍ୟମାନ ପ୍ରାକୃତିକ ଉପାଦାନକୁ ସମ୍ମାନ ଜଣାନ୍ତି। କୃତଜ୍ଞତା ଜ୍ଞାପନ କରନ୍ତି । ପ୍ରକୃତି ପ୍ରତି ତାଙ୍କର ଐକାନ୍ତିକ ମନୋଭାବ ହେତୁ ମାଟି, ପାଣି, ପବନ, ଗଛଲତା, ଡଙ୍ଗର, ପାହାଡ଼, କାଠ, ପଥର ଆଦିକୁ ପୂଜା କରନ୍ତି । ପ୍ରକୃତି ପ୍ରଦତ୍ତ ଆଶୀର୍ବାଦକୁ ହୃଦୟ ପୂର୍ବକ ଗ୍ରହଣ କରନ୍ତି । ଜନଜାତିଙ୍କ ଏହି ସରଳପଣ ଅନ୍ୟମାନଙ୍କୁ ଯେତିକି ଆକର୍ଷିତ କରେ, ତତୋଧିକ ପରିମାଣରେ ସେମାନଙ୍କର ଜୀବନ ଶୈଳୀ, ସଂସ୍କୃତି, ପରମ୍ପରା ସର୍ବୋପରି ମୂଲ୍ୟବୋଧ ଓ ବିଚାରବୋଧ ସେତିକି ବିସ୍ମିତ କରେ । ଗିରିକନ୍ଦର ଓ ବନ ମଧ୍ୟରେ ବସବାସ କରୁଥିବା ଆମ ଜନଜାତିଙ୍କ ଅଦ୍ଭୁତ ତଥା ନିଆରା ଜ୍ଞାନ କୌଶଳ ଅନେକଙ୍କ ପାଇଁ ପ୍ରେରଣାପ୍ରଦ ଓ ଅନୁକରଣୀୟ ସାଜେ ।

ଜନଜାତି ସମାଜର ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର ପ୍ରତିବର୍ଷ ଅନନ୍ୟ ସଂକଳନ "ବନଜା" ପ୍ରକାଶ କରିଆସୁଛି। ଓଡ଼ିଶାର ଜନଜାତିଙ୍କ ସଂସ୍କୃତି ଓ ପରମ୍ପରାର ବିକାଶ, ସଂରକ୍ଷଣ ଓ ସମ୍ପ୍ରସାରଣ ପାଇଁ ବିଭାଗ ପକ୍ଷରୁ ନିରନ୍ତର ପ୍ରୟାସର ଅନ୍ୟତମ ଫଳପ୍ରଦ ରୂପାୟନ ହେଉଛି ଆଦିବାସୀ ମେଳା ଆୟୋଜନ ଓ "ବନଜା" ପରି ଅନେକ ଗବେଷଣାତ୍ମକ ପ୍ରକାଶନ।

ଚଳିତ ବର୍ଷ "ପରମ୍ପରା ଓ ଆଧୁନିକତା: ପରିବର୍ତ୍ତନ ପାଇଁ ଜନଜାତିଙ୍କ ଆକାଂକ୍ଷା" ପ୍ରସଙ୍ଗ ଆଧାରିତ ଓଡ଼ିଶାର ପ୍ରମୁଖ ଜନଜାତି ଗବେଷକଙ୍କ ରଚନାରେ ସଙ୍କଳିତ "ବନଜା" ନୂତନ ଦିଗ୍‌ଦର୍ଶନ ଦେବା ସହ ମାର୍ଗଦର୍ଶନରେ ସହାୟକ ବୋଲି ବିଶ୍ୱାସ ।

"ବନଜା"ର ସଫଳତା କାମନା କରୁଛି ।

**ପୋମା ଟୁଡୁ**

# ସମ୍ପାଦକୀୟ

ଐତିହ୍ୟ ଓ ସଂସ୍କୃତିର ଧାରାକୁ ପିଢି ପରେ ପିଢି, ପୁରୁଷାନୁକ୍ରମେ ନିଜ ଆଚରଣ ଓ ଅଭ୍ୟାସରେ ସାଇତି ରଖିବାର ପ୍ରୟାସ ହେଉଛି ପରମ୍ପରା । ଏହା ଗୋଷ୍ଠୀର ପରିଚୟ ଓ ସ୍ୱାଭିମାନ । ଅତି ପ୍ରାଚୀନ କାଳରୁ ଏକ ମାନବୀୟ ଆବଶ୍ୟକତା ଭାବରେ ବ୍ୟକ୍ତିଗତ ଓ ସାମାଜିକ ବ୍ୟବହାର ଦ୍ୱାରା ଏହା ମୁଖ୍ୟତଃ ମୌଖିକ ଭାବରେ ପୁରୁଷାନୁକ୍ରମେ ସଂଜୀବିତ ଓ ଗତିଶୀଳ । ମନୁଷ୍ୟ, ପ୍ରକୃତି, ପରିଦୃଶ୍ୟମାନ ପରିବେଶ ଓ ଜୀବନଚର୍ଯ୍ୟାର ପୃଷ୍ଠଭୂମିରେ ପରମ୍ପରା ତିଷ୍ଠି ରହିଛି । ଏହା ହିଁ ଜୀବନକୁ ସରସ, ସୁନ୍ଦର ଓ ଅର୍ଥପୂର୍ଣ୍ଣ କରି ସୃଷ୍ଟିକୁ ଭଲପାଇବାରେ ସହାୟକ ହୋଇଛି । ପରବର୍ତ୍ତୀ କାଳରେ ଲିପିର ଆବିଷ୍କାର ଏହାକୁ କରିଛି ସମୃଦ୍ଧ ଓ ପ୍ରଶସ୍ତ ।

ଜଗତ ପରିବର୍ତ୍ତନଶୀଳ । ପରିବର୍ତ୍ତନ ହିଁ ନେଇ ଆସେ ନୂତନତାର କିରଣ । ନୂତନ ଆଶା, ଆକାଂକ୍ଷା ଓ ଅଭିପ୍ସାର ପରିପୂର୍ତ୍ତି ନିମନ୍ତେ ସୃଷ୍ଟି ହୁଏ ଉଦ୍‌ବେଳନ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର, ଯୋଗାଯୋଗର ବିକାଶ, ପରିବହନରେ ସୁଗମତା ଓ ସର୍ବୋପରି ଜଗତୀକରଣର ପ୍ରଭାବରେ ସମଗ୍ର ଧରାରେ ଦୃଶ୍ୟମାନ ପରିବର୍ତ୍ତନ 'ବିକାଶ' ନାମରେ ଜନାଦୃତ । ତେବେ ଏହି ଆଧୁନିକ ବିକାଶ ରୂପୀ ପରିବର୍ତ୍ତନ ସାମାଜିକ, ସାଂସ୍କୃତିକ ତଥା ଆର୍ଥନୀତିକ ଜୀବନଧାରାକୁ ପ୍ରଭାବିତ କରି କାଳକ୍ରମେ ଜୀବନ ଓ ସଭ୍ୟତାର ଅଂଶ ପାଲଟି ଯାଇଛି ।

ଆମ ପ୍ରଦେଶରେ ବସବାସ କରୁଥିବା ଚଉଷଠୀ ପ୍ରକାରର ଅନୁସୂଚିତ ଜନଜାତି ଗୋଷ୍ଠୀଙ୍କ ଭାଷା, ସଂସ୍କୃତି, ଖାଦ୍ୟପେୟ ଓ ଜୀବନଶୈଳୀ ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଉଥିଲେ ହେଁ ଆଧୁନିକତାର ପ୍ରଭାବରେ ଏମାନଙ୍କ ମୌଳିକ ଜୀବନଧାରାରେ ପରିବର୍ତ୍ତନ ଲାଗି ରହିଛି । ସାଂସ୍କୃତିକ ବିନିମୟର ଫଳ ସ୍ୱରୂପ ଉଭୟ ନଗର ସଭ୍ୟତା ଓ ଜନଜାତି ଜୀବନଧାରା ମଧ୍ୟରେ ସଂଲଗ୍ନ ହେଉଛି ନୂତନ ପ୍ରସ୍ଥ । ରାଜଧାନୀର ପ୍ରାଚୀରରେ ଲାଞ୍ଜିଆ ସଉରା ଚିତ୍ରକଳା 'ଇଡିତାଲ୍' ଜନପ୍ରିୟ ହେବା ତଥା ବାର୍ଷିକ ଆଦିବାସୀ ମେଳାରେ ବିପୁଳ ଜନସମାଗମ ପୂର୍ବକ ଜନଜାତି କଳାସାମଗ୍ରୀ କ୍ରୟ ନିମନ୍ତେ ସ୍ୱତନ୍ତ୍ର ଆକର୍ଷଣ ସୃଷ୍ଟି ହେବା ଜନଜାତି ସଂସ୍କୃତିର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ଇଙ୍ଗିତ କରେ । ଅପରପକ୍ଷରେ ସହରୀ ସଭ୍ୟତାର ପ୍ରଭାବ ଗ୍ରାମୀଣ ଓ ଜନଜାତି ବହୁଳ ଅଞ୍ଚଳରେ ସୁସ୍ପଷ୍ଟ ।

ସମୟ ସାଥିରେ ତାଳ ଦେଇ ଭବିଷ୍ୟତର ସ୍ୱପ୍ନ ଦେଖିବାରେ ଜନଜାତିବର୍ଗ କେତେ ଅଗ୍ରସର ହେଲେଣି ତା'ର ଏକ ତୁଳନାତ୍ମକ ଚିତ୍ର 'ବନଜା'ର ଚଳନ୍ତି ସଂସ୍କରଣରେ ଆକଳନ କରିବାକୁ ଉଦ୍ୟମ କରାଯାଇଛି । ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ତଥ୍ୟ ଓ ମତାମତ ଲେଖକଙ୍କ ବ୍ୟକ୍ତିଗତ ଅନୁଭବ । ସଂପାଦକ ଅଥବା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ସହମତିର ଊର୍ଦ୍ଧ୍ୱରେ ସମସ୍ତ ମତକୁ ସଶ୍ରଦ୍ଧ ଏକତ୍ର କରି ପାଠକଙ୍କ ଦରବାରରେ ଉପସ୍ଥାପନ ନିମନ୍ତେ ଉଦ୍ୟମ କରିଛି । ସଂକଳନଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ଓ ବିଶ୍ୱାସ ।

**ସମରେନ୍ଦ୍ର ଭୂତିଆ**

# ସୂଚୀପତ୍ର


| କ୍ରମାଙ୍କ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସାନ୍ତାଳ ସମାଜର ପରମ୍ପରା: ପରିବର୍ତ୍ତନର ଧାରା | ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା | ୧ |
| ୨. | ଆଦିବାସୀ ପ୍ରକୃତି, ସଂସ୍କୃତି ଓ ପ୍ରଗତି | ଡ. ମହେନ୍ଦ୍ର କୁମାର ମିଶ୍ର | ୭ |
| ୩. | ଜନଜାତି ହାଟ: ବିବର୍ତ୍ତନର ସ୍ୱରୂପ | ଡ. ଦ୍ୱିତୀଚନ୍ଦ୍ର ସାହୁ | ୧୩ |
| ୪. | ଜନଜାତି ସାମାଜିକ ପରମ୍ପରାର ସମାଜତାତ୍ତ୍ୱିକ ଅନୁଶୀଳନ | ଡ. ରାଜେନ୍ଦ୍ର ପାଢୀ | ୨୧ |
| ୫. | ହୋ ଜନଜାତିଙ୍କ ଶ୍ରମ ସମବାୟ ଓ ଗ୍ରାମସଭା | ରାଜବଲ୍ଲଭ ପଣ୍ଡା<br>ସସ୍ମିତା ଓତା | ୨୭ |
| ୬. | ସାନ୍ତାଳ ଚିତ୍ରକଳା ପରମ୍ପରା | ଐଶ୍ୱର୍ଯ୍ୟା ରାଜଲକ୍ଷ୍ମୀ ଧୀର ସାମନ୍ତ | ୩୭ |
| ୭. | ଧାଙ୍ଗିଡ଼ିବସା | ଲିପିକା ଦାସ<br>କ୍ଷୀରୋଦ କୁମାର ଦାଶ | ୪୫ |
| ୮. | ପରିବର୍ତ୍ତନ ସୁଅରେ ଜୁଆଙ୍ଗ ଓ କନ୍ଧ ସମାଜ | ଡ. ରଞ୍ଜନ ପ୍ରଧାନ | ୫୧ |
| ୯. | ଜାତାପୁ ସମାଜରେ ନାରୀ | ରଞ୍ଜନ କୁମାର ମହାନ୍ତି<br>ରାଜେନ୍ଦ୍ର କୁମାର ବିଶ୍ୱାଳ | ୬୧ |

| | | | |
|---|---|---|---|
| ୧୦. | ଆଧୁନିକତାର ସ୍ରୋତରେ ସଉରା ଜନଜାତି | ଡ. ସୁରେନ୍ଦ୍ର ନାଥ ସାହୁ | ୭୫ |
| ୧୧. | ପରିବର୍ତ୍ତନ ଧାରାରେ ବାଥୁଡ଼ି ନୃତ୍ୟ ସଂଗୀତ | ଡ. ରାଜକିଶୋର ନାୟକ | ୮୧ |
| ୧୨. | ଅବିଭକ୍ତ କୋରାପୁଟ ଜିଲ୍ଲାର ଜନଜାତି | ବିଜୟ ଉପାଧ୍ୟାୟ | ୮୫ |
| ୧୩. | ଜନଜାତିଙ୍କ ଖାଦ୍ୟ ଅଭ୍ୟାସ | ଡ. ସଞ୍ଜୁକ୍ତା ମହାରଣା | ୯୩ |
| ୧୪. | ଜନଜାତିଙ୍କ ପାରମ୍ପରିକ ବାସଗୃହ | ପାଞ୍ଚାଲୀ ସାହୁ | ୧୦୫ |
| ୧୫. | ପରମ୍ପରାର ପରିବର୍ତ୍ତିତ ରୂପ | ଡ. ପରମାନନ୍ଦ ପଟେଲ | ୧୧୫ |

# ସାନ୍ତାଳ ସମାଜର ପରମ୍ପରା: ପରିବର୍ତ୍ତନର ଧାରା

**ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା**

ଜଗତ ପରିବର୍ତ୍ତନଶୀଳ। ପରିବର୍ତ୍ତନ ନୂତନ ଆଲୋକ ବିକିରଣ କରେ। ନୂତନ ଆଲୋକର ସ୍ପର୍ଶରେ ସ୍ଥାବର ଜଙ୍ଗମ ଉଦ୍‌ଭାସିତ ହୁଅନ୍ତି। ନୂଆ ଆଶା, ଆକାଂକ୍ଷା, ଅଭୀପ୍‌ସାର ପରିପୂର୍ତ୍ତି ନିମନ୍ତେ ମନରେ ଉଦ୍‌ବେଳନ ସୃଷ୍ଟି ହୁଏ। ନୂତନ ଚିନ୍ତା, ଚେତନା, ନୂତନ ଜ୍ଞାନକୌଶଳରେ ଅଭିବୃଦ୍ଧି ଘଟେ। ପରିବର୍ତ୍ତନ ଆପଣାଛାଏଁ ପ୍ରସରିଯାଏ ସାରା ବିଶ୍ୱରେ। ମାତ୍ର ଅଧୁନା ପୃଥିବୀରେ ଯେକୌଣସି ନୂତନ ଉଦ୍‌ଭାବନ ଅବା ଆବିଷ୍କାରରେ ମନୁଷ୍ୟ ଆଶ୍ଚର୍ଯ୍ୟଚକିତ ହୋଇ 'ଇଉରେକା' ବୋଲି ଉଚ୍ଚାରଣ କରୁନାହିଁ; ଚକିତ ସତେ ଯେପରି ତାହା ହେବାର ଥିଲା, ହେଲା। ଘଟିବାର ଥିଲା, ଘଟିଲା।

ପରମ୍ପରା ଏକ ବିଶ୍ୱାସ, ଏକ ଆସ୍ଥା। ଯେଉଁ ବିଶ୍ୱାସରେ ଆମେ ଆବହମାନ ସମୟରୁ ଆଜି ପର୍ଯ୍ୟନ୍ତ ଚଳି ଆସୁଛୁ, ତାହାକୁ ଆମେ ଅଣଦେଖା କରିପାରିବା ନାହିଁ। ନିପଟ ମଫସଲରେ ଘର ତିଆରି ପାଇଁ ଭୂମି ପୂଜାରେ ଯେଉଁ ପରମ୍ପରା ଅଛି, ଆଧୁନିକ ଯୁଗରେ ମେଟ୍ରୋପଲିଟାନ୍ ସିଟିର ନଭଶ୍ଚୁମ୍ବୀ ଆପାର୍ଟମେଣ୍ଟ ହେଉ ଅଥବା ନୂତନ ଜ୍ଞାନକୌଶଳର ପ୍ରୟୋଗଶାଳାର ଭିତ୍ତିପ୍ରସ୍ତର ପଡୁ, ସବୁଠାରେ ପୂଜାହେବ; ପୁରୋହିତ ମନ୍ତ୍ର ପଢିବେ, ନଡ଼ିଆ ଫଟା ଯିବ। ଏହି ପରମ୍ପରା ବଳବତ୍ତର ରହିଛି। ଜନ୍ମ, ବିବାହ, ମୃତ୍ୟୁରେ ଯେଉଁ ସଂସ୍କାରମାନ ରହିଛି, ତାହା ପରମ୍ପରା। ଶିଶୁର ନାମକରଣ, ବିବାହରେ ହାତଗଣ୍ଠି, ମୃତ୍ୟୁରେ ଅସ୍ଥି ବିସର୍ଜନ, ପିତୃପୁରୁଷଙ୍କୁ ପିଣ୍ଡଦାନ ଏ ସମସ୍ତ କାର୍ଯ୍ୟକୁ ଆମେ ଏଡ଼ାଇ ପାରିବା ନାହିଁ। ଏହା ଆମ ସଂସ୍କୃତି ଓ ପରମ୍ପରାର ବୈଶିଷ୍ଟ୍ୟ। ନିଜକୁ ଯେତେ ଆଧୁନିକ ବୋଲାଉଥିଲେ ମଧ୍ୟ ଆମେ ପରମ୍ପରାର ପୂଜାରୀ। ଏହି ପରମ୍ପରା ଭିତରେ ଅଛି ଆମର ପୂର୍ବଜନ୍ମ ଓ କର୍ମ ଫଳର ବିଶ୍ୱାସ। ଏହି ଚିନ୍ତନ ଆଜି ବି ଆମ ରକ୍ତରେ ପ୍ରବାହିତ।

ଆଧୁନିକତା ଏକ ସ୍ରୋତ। ଏହା ପ୍ରତ୍ୟେକ କାଳଖଣ୍ଡରେ ପ୍ରବାହିତ। ଏହି ଧାରାରେ ଜୀବନର କାର୍ଯ୍ୟକଳାପ, ପୋଷାକପରିଚ୍ଛଦ, ଭାଷାସାହିତ୍ୟ, ଖାଦ୍ୟପେୟ, ସାମାଜିକ, ସାଂସ୍କୃତିକ, ଧାର୍ମିକ ଭାବଧାରାର ପରିବର୍ତ୍ତନ ହୁଏ। ଆମେ ଆଧୁନିକତା କହିଲେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବକୁ ବୁଝିଥାଉ। ଯେପରି ସହରୀ ସଭ୍ୟତାରେ ଶିଶୁର

ନାମକରଣ ଉତ୍ସବ, ବ୍ରତଘର, ବ୍ୟକ୍ତିର ଜନ୍ମଦିନ, ବିବାହ ବାର୍ଷିକୀ ପାଳନ କରିବା ଫେସନ ଦିନକୁ ଦିନ ବଢ଼ିବଢ଼ି ଚାଲିଛି। ଆମ ବିବାହର ହାତଗଣ୍ଠି ହୃଦୟର ଗଣ୍ଠି ଥିଲା। ଏଥିରେ ଛାଡ଼ପତ୍ର ନ ଥିଲା, କିନ୍ତୁ ବର୍ତ୍ତମାନ ତାହାର କୌଣସି ମୂଲ୍ୟ ନାହିଁ। ବିବାହରେ ହାତଗଣ୍ଠି ପଡୁଛି ସତ, ତାହା କେବଳ ଔପଚାରିକତା। ଆଜିର ବିବାହରେ ଜାତି, କୁଳ, ଗୋତ୍ରର କିଛି ମହତ୍ତ୍ୱ ନାହିଁ। ପସନ୍ଦର ଯୁଗ। ଯିଏ ଯାହା ପସନ୍ଦ କଲା, ଯାହାକୁ ପସନ୍ଦ କଲା; ଯେତେଦିନ ସାଥିରେ ରହିବାକୁ ଇଚ୍ଛାକଲା ରହୁଛି, ନଚେତ୍ ଛାଡ଼ପତ୍ର ଦେଉଛି। ଛାଡପତ୍ର ଏକ ସାଧାରଣ କଥା ହୋଇଗଲାଣି। ଏହା ଆଧୁନିକତା ରୂପେ ବିବେଚିତ। ସାମାଜିକ କ୍ଷେତ୍ରରେ ଆଧୁନିକତା ମଣିଷର ସଂଯମର ଅଭାବରେ ପ୍ରବେଶ କରେ। ତାହା କେବଳ ବାହ୍ୟ ଚାକଚକ୍ୟ ମାତ୍ର। ଏହା ମଧ୍ୟ ସତ୍ୟ, ଆମ ପରମ୍ପରା ସଂସ୍କୃତି ଓ ମୂଲ୍ୟବୋଧରେ ଆଧାତ୍ମିକତାର ପ୍ରଭାବ ଅଧିକ ରହିଥିବାରୁ ଆଧୁନିକତା ଆମକୁ ଗ୍ରାସ କରିପାରୁ ନାହିଁ। ସମୟ ସ୍ରୋତରେ ସେ ସବୁ ପୁଣି ଭାସିଭାସି ଚାଲିଯାଏ ଦୂରକୁ ଦୂରକୁ। 'ଓଲ୍ଡ ଇଜ୍ ଗୋଲ୍ଡ' କହି ଆମେ ପରୁଣାକୁ ଫେରିଯାଉ। ଏହାହିଁ ଆମ ପରମ୍ପରା।

ଶିଳ୍ପର ବିକାଶ, ଯାନବାହନ ସୁବିଧାରେ ଆତଯାତ ନିମନ୍ତେ ରାସ୍ତା ତିଆରି ତଥା ସହରାଞ୍ଚଳରେ ସୁଉଚ୍ଚ କୋଠା ଠିଆ କରାଇବାରେ ଗ୍ରାମାଞ୍ଚଳର ଦିନ ମଜୁରିଆମାନଙ୍କର ଯଥେଷ୍ଟ ଶ୍ରମ ବିନିଯୋଗ ହୁଏ। ପାଠୁଆ ଡିଗ୍ରୀଧାରୀମାନେ ଚାକିରି ନିମନ୍ତେ ଏବଂ ଦରପାଠୁଆ, ଅପାଠୁଆମାନେ ଦାଦନ ଖଟିବାକୁ ସହରକୁ ଯାଆନ୍ତି। କିଛିଦିନ ରହିଲା ପରେ ସେମାନେ ସହରର ମାୟାଜାଲରେ ଛନ୍ଦି ହୋଇ ଗାଆଁ ରାସ୍ତା ଭୁଲି ଯାଆନ୍ତି। ଚାକିରିଆମାନେ ସରକାରୀ କ୍ୱାଟର ବା ଭଡ଼ାଘରେ ରହି ଜୀବନ ଜୀବିକା ନିର୍ବାହ କଲାବେଳେ ଖଟିଖିଆ ଦିନ ମଜୁରିଆମାନେ ସହରତଳି ଅଞ୍ଚଳରେ ପଲିଥିନ ଛାତତଳେ ଦଳବଦ୍ଧ ଭାବେ ରହି ପ୍ରଥମେ ସାହି ପରେ ତାହାକୁ ଗ୍ରାମରେ ରୂପାନ୍ତରିତ କରି ସେଠାକାର ବାସିନ୍ଦା ହୋଇଯାଆନ୍ତି। ମାତ୍ର ନିଜ ଜନ୍ମମାଟିକୁ କେବେ ଭୁଲି ପାରନ୍ତି ନାହିଁ। ବିଶେଷତଃ ଆଦିବାସୀ ସମ୍ପ୍ରଦାୟ ସମାଜ ସଂସ୍କାର ନିମନ୍ତେ ଗ୍ରାମ ମୁଖିଆ ଏବଂ ଗ୍ରାମ ପାଞ୍ଚଭାଇଙ୍କର ସ୍ୱୀକୃତି ଏକାନ୍ତ ଭାବେ ଲୋଡ଼େ। ସେ ଆପଣା ଦେଶ ଭିତରେ ରହୁ ବା ବିଦେଶରେ ଜନ୍ମ, ବିବାହ, ମୃତ୍ୟୁ ସଂସ୍କାର ନିମନ୍ତେ ସମ୍ମାନ ଦିଏ ଗ୍ରାମର ପରମ୍ପରାକୁ, ରୀତିନୀତିକୁ, ସଂସ୍କୃତିକୁ। ଏଭଳି ସ୍ଥିତିରେ ଆଦିବାସୀ ସମାଜରେ ପରିବର୍ତ୍ତନର ଆକାଙ୍‌କ୍ଷା କିପରି ରହିଛି ତାହା ଆଲୋଚନା ସାପେକ୍ଷ।

ସାନ୍ତାଳ ଗ୍ରାମରେ ଶିଶୁଟିଏ ଜନ୍ମହେଲେ ଗ୍ରାମ ଅଶୁଚି ହୁଏ। କୌଣସି ପ୍ରକାର ପୂଜା ଅଥବା ମାଙ୍ଗଳିକ କାର୍ଯ୍ୟ ହୋଇପାରେ ନାହିଁ। ଏଣୁ ଗ୍ରାମମୁଖ୍ୟଙ୍କ ସହାୟତାରେ ଗୃହକର୍ତ୍ତା ତିନିଦିନ ମଧ୍ୟରେ 'ଛୁତ୍‌ଫେଲାଓ'(ଶୁଚିକର୍ମ)ସମ୍ପାଦନ କରେ। ଏଥିରେ ଘାସିବୁଢ଼ୀର ଭୂମିକା ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ। ସାଧାରଣତଃ ବୟସ୍କ ପୁରୁଷ ଓ ସ୍ତ୍ରୀ ଲୋକମାନେ

ଏକତ୍ର ହୋଇ ଘାସିବୁଢ଼ୀର ସହାୟତାରେ ଶୁଚିକାର୍ଯ୍ୟ କରିଥାନ୍ତି। ବିଧିବଦ୍ଧ ପୂଜାକରି ଶିଶୁଟିକୁ ଗୃହର ଏବଂ ଗ୍ରାମର ସଦସ୍ୟ ଭାବରେ ଗ୍ରହଣ କରାଯାଏ। ଘାସିବୁଢ଼ୀ ପୋଖରୀ ବା ନଦୀତୁଠରେ ପୂଜାକରି ପ୍ରସୂତୀ ବ୍ୟବହାର କରିଥିବା ଲୁଗାପଟାକୁ ସଫାକରେ। ସ୍ତ୍ରୀଲୋକମାନଙ୍କୁ ଚିକିଟାମାଟି ମିଶା ପିଡ଼ିଆରେ ମୁଣ୍ଡ ଧୋଇ ଗାଧୋଇବାକୁ କହେ। ଗାଧୋଇ ସାରି ତେଲ ଲଗାଇ ଘରକୁ ଫେରନ୍ତି। କିଛିଦିନ ପରେ ନାମକରଣ ସଂସ୍କାର କରାଯାଏ। ପରମ୍ପରାକୁ ବଜାୟ ରଖି ଶିଶୁଟି ଯଦି ପୁଅ ହୋଇଥାଏ, ତାକୁ ଜେଜେବାପାର ନାମ ଏବଂ ଝିଅ ହୋଇଥିଲେ ଜେଜେମାଆର ନାମ ଦିଆଯାଏ। ନାମକରଣ ଉତ୍ସବ ନିମନ୍ତେ ଗୃହକର୍ତ୍ତା ଗ୍ରାମବାସୀଙ୍କୁ ହାଣ୍ଡିଆ ପିଇବାକୁ ଦିଏ। ନିମନ୍ତ୍ରିତ ଅତିଥି ଓ ଗ୍ରାମର ଛୋଟପିଲାଙ୍କ ପାଇଁ ଖାଇବାର ବ୍ୟବସ୍ଥା କରେ। ଏହା ହେଉଛି ଜନ୍ମସଂସ୍କାର ପାଇଁ ସାନ୍ତାଳ ସମାଜର ବ୍ୟବସ୍ଥା। କିନ୍ତୁ ସହରମାନଙ୍କରେ ରହୁଥିବା ସାନ୍ତାଳମାନେ ଉପର୍ଯ୍ୟୁକ୍ତ କର୍ମ ସବୁ ନ କରି ସିଧା ସଳଖ ଏକୋଇଶା ବା ନାମକରଣ ସଂସ୍କାରକୁ ଆପଣାର କଲେଣି। ଏଥିରେ ଘାସିବୁଢ଼ୀର ଆବଶ୍ୟକତା ପଡୁନାହିଁ। ନାମକରଣରେ ମଧ୍ୟ ବିଧିବଦ୍ଧ ରୂପେ ପରମ୍ପରାକୁ ପାଳନ କରୁ ନାହାନ୍ତି। ପିତାମାତା ନାମ ଚୟନ କରି ପିଲାଙ୍କୁ ନାମ ଦେଉଛନ୍ତି । ସହରବାସୀ ଚାକିରିଆ ସାନ୍ତାଳମାନେ ନାମକରଣ ଉତ୍ସବକୁ ସହର ଏବଂ ଗ୍ରାମ ଉଭୟ ଗୃହରେ ପାଳନ କରୁଛନ୍ତି। ସହରରେ ସହର ଢାଞ୍ଚାରେ ଗ୍ରାମରେ ଗ୍ରାମ୍ୟ ପରମ୍ପରାରେ। କିନ୍ତୁ ଗ୍ରାମ ଘରକୁ ମଧ୍ୟ ରଙ୍ଗୀନ କାଗଜ, ବେଲୁନ, ଆଲୋକମାଳାରେ ସଜାଇବାର ଦେଖାଯାଉଛି। ତା ସହିତ ବିଭିନ୍ନ ଉତ୍ସବମାନଙ୍କରେ ମାଇକ ବଜାଇବା ଏକ ସାଧାରଣ କଥା ହେଲାଣି।

ବିବାହରେ ଯୌତୁକ ପ୍ରଚଳନ ନାହିଁ। ପରମ୍ପରା ଅନୁଯାୟୀ ପୁଅଘର ଝିଅ ଘରକୁ ଗାଈ ବଦଳ ଦେଉଥିଲା। ବର୍ତ୍ତମାନ ତାହା ପରିବର୍ତ୍ତନ କରି ଟଙ୍କା ଆକାରରେ ଦିଆଯାଉଛି। ସାନ୍ତାଳ ଆଦିବାସୀ ଶିକ୍ଷା ଏବଂ ଚାକିରି କ୍ଷେତ୍ରରେ ଅନ୍ୟ ଆଦିବାସୀଙ୍କଠାରୁ ଆଗରେ ରହିଛନ୍ତି। ଭାରତର ବିଭିନ୍ନ ସହରରେ ଘରଦ୍ୱାର କରି ରହିଲେଣି। ପୁଅଝିଅଙ୍କ ବାହାଘର ବିଭିନ୍ନ ସହରରେ କଲେ ମଧ୍ୟ ପରମ୍ପରାକୁ ବଜାୟ ରଖି ଆଧୁନିକ ଶୈଳୀରେ ହଳଦୀ ପାଇଁ ଗୋଟିଏ ଦିନ ରଖୁଛନ୍ତି। ଏହା ସାନ୍ତାଳ ପରମ୍ପରାରେ ଆଗରୁ ରହି ଆସିଛି। ବାହାଘର ଦିନ ଧାର୍ଯ୍ୟ ହେବାର ସାତ, ପାଞ୍ଚ ଅବା ତିନିଦିନ ଆଗରୁ ପୁଅଝିଅଙ୍କୁ ହଳଦୀ ମଖାଯାଏ। ବର୍ତ୍ତମାନ ତାହା ବାହାଘର ପୂର୍ବ ଦିନ ରଖି ସ୍ୱତନ୍ତ୍ର ରୂପେ ହଳଦୀ ଦିନ ବୋଲି କୁହାଯାଉଛି ଆଧୁନିକତାକୁ ଅନୁସରଣ କରି। ବାହାଘର ସାଜସଜ୍ଜା, ବରକନ୍ୟାର ପୋଷାକ, କନ୍ୟାର ଅଳଙ୍କାର ଆଦି ଆଧୁନିକ ଶୈଳୀରେ ହେଲେ ମଧ୍ୟ ବିବାହର ମୁଖ୍ୟ ଅଧ୍ୟାୟ 'ସିନ୍ଦୂରଦାନ' ସମୟରେ ପାରମ୍ପରିକ ଶାଢ଼ୀ ଓ ଧୋତିର ବ୍ୟବହାର ଏ ପର୍ଯ୍ୟନ୍ତ ରହିଛି। ନାମକରଣ ଉତ୍ସବ ପରି ବିବାହର ରିସେପସନ୍ ସହର ଓ ଗ୍ରାମ ଉଭୟ ସ୍ଥାନରେ କରାଯାଉଛି। ଏଥିପାଇଁ ଲୋକେ ଖର୍ଚ୍ଚାନ୍ତ ହେଲେ ମଧ୍ୟ ପରମ୍ପରାକୁ ଛାଡ଼ି ପାରୁନାହାନ୍ତି।

ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଅନେକ ସାନ୍ତାଳ ପିତାମାତା ନିଜ ପୈତୃକ ଗ୍ରାମରେ ପୁଅ ଝିଅଙ୍କର ବାହାଘର କରିବାକୁ ପସନ୍ଦ କରୁଛନ୍ତି। ଆଧୁନିକ ଯୁବପିଢ଼ି ପରମ୍ପରା ଓ ଆଧୁନିକତାର ମଧ୍ୟସ୍ଥଳରେ ଦଣ୍ଡାୟମାନ। ଆଉ ଯୁବପିଢ଼ି ପରମ୍ପରାର ଲକ୍ଷ୍ମଣରେଖା ଡେଇଁ ଅଣଆଦିବାସୀ ପୁଅଝିଅଙ୍କୁ ମନ୍ଦିରରେ ବିବାହ କରି ଅଭିଭାବକ ତଥା ଗ୍ରାମଠାରୁ ଦୂରେଇ ରହିବାର ଦେଖାଯାଉଛି। ସେମାନେ ନିଜକୁ ଆଧୁନିକ ବୋଲି ଦେଖେଇ ହେଉଥିଲେ ମଧ୍ୟେ ସମାଜଚ୍ୟୁତ ଜୀବନ ଅତିବାହିତ କରୁଛନ୍ତି। ଏପରି କାର୍ଯ୍ୟରେ ସମାଜ ଓ ସମ୍ପ୍ରଦାୟରେ ବିଶୃଙ୍ଖଳା ପ୍ରବେଶ କରୁଛି। ରାଷ୍ଟ୍ରର ବିକାଶରେ ମଧ୍ୟ ଏ ପ୍ରକାର ପଦକ୍ଷେପ ବାଧା ସୃଷ୍ଟି କରୁଛି।

ସାନ୍ତାଳମାନଙ୍କର ମୃତ୍ୟୁ ସଂସ୍କାରରେ ଆଧୁନିକତା ପ୍ରାୟ ପ୍ରବେଶ କରିନାହିଁ। ବରଂ ପରମ୍ପରାର ଅବକ୍ଷୟ ପରିଲକ୍ଷିତ। ସାନ୍ତାଳସମାଜରେ ବ୍ୟକ୍ତି ମରିଗଲା ପରେ ତାର ଗୁଣାବଳୀକୁ ବାହୁନି କାନ୍ଦିବା ପରମ୍ପରା ଅଛି। ବ୍ୟକ୍ତିକୁ ହରାଇବା ଦୁଃଖରେ କାନ୍ଦିବା ସମୟରେ ମୃତବ୍ୟକ୍ତି ପ୍ରତି ଆନ୍ତରିକତା, ମମତ୍ୱବୋଧ ପ୍ରକାଶ ପାଏ। ତା ସହିତ ମୃତ ବ୍ୟକ୍ତିକୁ ପ୍ରତୀକାତ୍ମକ ଭାବେ ସମ୍ବୋଧନ କରିବାରେ ଯେଉଁ ଶବ୍ଦ ଗାମ୍ଭୀର୍ଯ୍ୟ ଥାଏ, ତାହା ଶୁଣୁଥିବା ବ୍ୟକ୍ତିକୁ ମଧ୍ୟ ଶୋକାଭିଭୂତ କରିଦିଏ। କିନ୍ତୁ ବର୍ତ୍ତମାନର ପିଢ଼ି ନିକଟରେ ବାହୁନି କାନ୍ଦିବା ପ୍ରାୟ ଦେଖାଯାଉ ନାହିଁ। ବ୍ୟକ୍ତିଟିଏ ସହରରେ ମୃତ୍ୟୁବରଣ କଲେ କାଁଭାଁ ଲୋକ ସ୍ୱର୍ଗଦ୍ୱାରରେ ଶବଦାହ କରିବାର ଦେଖାଯାଉଛି। ମାତ୍ର ଶୁଦ୍ଧିକ୍ରିୟା ଗ୍ରାମରେ ହିଁ କରୁଛନ୍ତି।

ସାନ୍ତାଳ ସମାଜରେ ବିଭିନ୍ନ କ୍ରିୟାକର୍ମ, ବିବାହ ଉତ୍ସବ ଏବଂ ପର୍ବପର୍ବାଣିରେ ସମସ୍ତେ ତଳେ ବସିଲା ପରେ ଖାଦ୍ୟ ପରସା ଯାଏ। । ମାତ୍ର ବର୍ତ୍ତମାନ ବଫେ ପ୍ରଣାଳୀ ପ୍ରବେଶ କଲାଣି। ଲୁଣ, ଲଙ୍କା, ହଳଦୀ ଲଗାଇ ଅଳ୍ପ ତେଲରେ ରନ୍ଧା ଖାଦ୍ୟକୁ ବର୍ଜନ କରି ତେଲ ମସଲାଯୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରୁଛନ୍ତି। ଜନ୍ମଦିନ, ବିବାହ ବାର୍ଷିକୀ, ଶ୍ରାଦ୍ଧ ବାର୍ଷିକୀ ପାଳନ ସାନ୍ତାଳ ମାନଙ୍କର ନ ଥିଲା। ବର୍ତ୍ତମାନ ତାହା ଆସ୍ତେ ଆସ୍ତେ ପ୍ରବେଶ କଲାଣି। ଭୋଜିଭାତରେ ସାନ୍ତାଳ ଖାଦ୍ୟ ଭାତ ଛଡ଼ା ଅନ୍ୟ ସମସ୍ତ ଦ୍ରବ୍ୟ ସହରୀ ଖାଇବା ଢଙ୍ଗରେ କରୁଛନ୍ତି।

ସାନ୍ତାଳ ଯୁବପିଢ଼ି ପାରମ୍ପରିକ ବସ୍ତ୍ର ଅଳଙ୍କାର ପିନ୍ଧିବାରେ ଖୁବ୍ ଆଗ୍ରହୀ। ସାନ୍ତାଳୀ ଭାଷା ସମ୍ବିଧାନରେ ସ୍ୱୀକୃତି ଲାଭ କଲାପରେ ସାହିତ୍ୟ ସଭା, ପର୍ବପର୍ବାଣି, ନୃତ୍ୟଗୀତ ବିଶେଷ ଭାବେ ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ଭାରତର ବିଭିନ୍ନ ସହରରେ ରହୁଥିବା ଯୁବପିଢ଼ି ଯେତେବେଳେ ଏକତ୍ର ହୋଇ ଭୋଜିର ଆୟୋଜନ କରୁଛନ୍ତି, ସେଥିରେ ନିଜର ସ୍ୱତନ୍ତ୍ର ପରିଚୟ ରୂପେ ପାରମ୍ପରିକ ବସ୍ତ୍ର ଏବଂ ଆଭୂଷଣ ପିନ୍ଧିବାର ଦେଖାଯାଉଛି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଅଟେ। ନିଜର ପରମ୍ପରା ଓ ଐତିହ୍ୟକୁ ଭଲ ପାଇବା ହିଁ ହେଉଛି ନିଜ ଜାତିକୁ ଭଲପାଇବା। ସେଥିରେ ଅସ୍ମିତା ବିଦ୍ୟମାନ। କୌଣସି ଜାତି ଯେତେ ନୂତନ ହେଉ ପଛେ, ସେ ବରାବର

ପଛକୁ ଚାହେଁ । ନିଜକୁ ବର୍ତ୍ତମାନର ବଡ଼କରି ଗଣିବା ପାଇଁ ଅତୀତର ମର୍ଯ୍ୟାଦା ସେ ଖୋଜେ । କଥା ହେଉଛି ପୁରୁଣା ଜିନିଷ ହିଁ ଦେଖାଇବା ଜିନିଷ । ଯାହାର ପୁରୁଣା ଜିନିଷ ନାହିଁ, ତାର ବୁନିୟାଦି ନାହିଁ ।

ନୃତ୍ୟଗୀତରେ ବାଦ୍ୟଯନ୍ତ୍ରର ବ୍ୟବହାର, ଗୀତରେ ରାଗ, ତାଳ, ଲୟ, ଛନ୍ଦରେ ଆଧୁନିକତାକୁ ଯଥେଷ୍ଟ ଗ୍ରହଣ କରି ନେଇଛନ୍ତି କଳାପ୍ରିୟ ସାନ୍ତାଳ କଳାକାରମାନେ । ପାରମ୍ପରିକ ଗୀତ ନାଚର ଶୈଳୀରେ ବର୍ତ୍ତମାନର ନୂତନ ଶୈଳୀକୁ ପ୍ରୟୋଗ କରି ଦର୍ଶକ ସମ୍ମୁଖରେ ପରିବେଷଣ କରୁଛନ୍ତି । ଏସବୁ ଯୁବପିଢ଼ିକୁ ଖୁବ୍ ଆକର୍ଷିତ କରୁଛି । ସାନ୍ତାଳୀ ଆଲବମ୍, ଭିଡ଼ିଓ, ସିନେମା, ଯାତ୍ରା ସମ୍ପ୍ରତି ଖୁବ୍ ଆଦରଲାଭ କରିଛି ।

ସାନ୍ତାଳ ପୂଜାପାଠ ଏକଦା ଜାହିରାପୀଠ ମଧ୍ୟରେ ସୀମିତ ଥିଲା । ଶକ୍ତିକୁ ସେମାନେ ଅତି ମାତ୍ରାରେ ଉପାସନା କରୁଥିଲେ । ସମସ୍ତ ପ୍ରକାର ପୂଜାରେ ବଳି ପଡୁଥିଲା । ତାଙ୍କର ଜାହିରା ଚାଳିଆ ଛଣ ଘାସରେ ଅବା ନଡ଼ାରେ ଛାଉଣି କରାଯାଉଥିଲା । ମାତ୍ର ଅଧୁନା ଛଣ ଆଉ ନଡ଼ାର ସ୍ଥାନ ଖପର ଓ ଟାଇଲ ଆଦରି ନେଲାଣି । ଯେଉଁ ସହର ବା ଶିଳ୍ପାଞ୍ଚଳ ଗୁଡ଼ିକରେ ସଂଖ୍ୟାଧିକ ସାନ୍ତାଳ ବସବାସ କଲେଣି, ସେଠାରେ ଜାହିରା ଚାଳିଆକୁ ଛାତ କରି ଦିଆଯାଇଛି । ଜାହିରା ଚାଳିଆ ତଳେ ମାରାଂବୁରୁ, ଜାହେରଆୟ, ମଣେକତୁରୁୟକ ଅବସ୍ଥାନ କରନ୍ତି । ତାଙ୍କପାଇଁ ତାହାହିଁ ମନ୍ଦିର; ପରନ୍ତୁ ଏବେ ମାରାଂବୁରୁଙ୍କ ପାଇଁ ସ୍ୱତନ୍ତ୍ର ମନ୍ଦିର ମଧ୍ୟ ନିର୍ମାଣ ହେଲାଣି । ଭୋଗରାଗ ଅର୍ପଣ କରିବାରେ ମଧ୍ୟ ପରିବର୍ତ୍ତନ ଆସିଲାଣି । ବଳି ଓ ହାଣ୍ଡିଆ ପରିବର୍ତ୍ତେ କ୍ଷୀର, କଦଳୀ, ନଡ଼ିଆ, ଲଡୁ ଅର୍ପଣ କରିବାର ପ୍ରଚଳନ କଲେଣି । ହିନ୍ଦୁ ଦେବଦେବୀଙ୍କ ମନ୍ଦିରରେ ମଧ୍ୟ ପୂଜାର୍ଚ୍ଚନା କରୁଛନ୍ତି ।

ଆଦିବାସୀମାନେ ଅଲଗା ଗ୍ରହର ମଣିଷ ନୁହନ୍ତି । ସେମାନେ ମଧ୍ୟ ଏଇ ପୃଥିବୀର । ତାଙ୍କ ରକ୍ତର ସ୍ୱତନ୍ତ୍ର ଗ୍ରୁପ ନାହିଁ । ବର୍ତ୍ତମାନ 'ତୁ ଓ ମୁଁ ଗୋଟିଏ ରକ୍ତ'ର ସ୍ଲୋଗାନ ଚାଲିଛି । ଆମେ ସମସ୍ତେ ଗୋଟିଏ ରକ୍ତର । ଅନେକ ଝଡ଼ ବାତ୍ୟା ସୁନାମୀକୁ ଅତିକ୍ରମ କଲାପରେ ଆଦିବାସୀ ମହିଳା ଆଜି ଦେଶର ପ୍ରଥମ ନାଗରିକ ରୂପେ ସର୍ବୋଚ୍ଚ ଆସନରେ ଅଧିଷ୍ଠିତା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ । ଅନେକ ଆଦିବାସୀ ବିଭିନ୍ନ ପଦପଦବୀରେ ଆଜି ଆସୀନ । ତଥାକଥିତ ସମାଜ ସମସ୍ତ ଆଦିବାସୀଙ୍କଠାରୁ ଅନୁନ୍ନତ ସମ୍ପ୍ରଦାୟ ବିବେଚନା କରୁଥିବା ବଣ୍ଡା ଆଦିବାସୀ ଝିଅ ବିନି ମଦୁଲୀ ଆଜି ଓଡ଼ିଶା ପ୍ରାଶାସନିକ ସେବାର ଜଣେ ଅଧିକାରୀ । ତେଣୁ ଆଦିବାସୀ ପରମ୍ପରାରେ ଛିଡ଼ା ହୋଇ ପରିବର୍ତ୍ତନକୁ ସ୍ୱାଗତ କରୁଛି । ଆଧୁନିକତା ଆଦିବାସୀ ପାଇଁ ବାହାର ଚାକଚକ୍ୟ ନୁହେଁ, ଏହା ତା'ର ବୌଦ୍ଧିକ, ନୈତିକ ଓ ଆତ୍ମିକ ବିକାଶ ଅଟେ ।

**ସହାୟକ ଗ୍ରନ୍ଥ -**

୧. ଆଦିବାସୀ ସମାଜ ଓ ସଂସ୍କୃତି, କିତାବ ଭବନ, ଭୁବନେଶ୍ୱର।

୨. ଗଦ୍ୟଧାରା, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା,ଭୁନନେଶ୍ୱର।

ୱାର୍ଡ ନମ୍ବର-୯, ମଧୁବନ ରାଣୀସତୀ ମନ୍ଦିର ପଛ
ବାରିପଦା, ଜିଲ୍ଲା-ମୟୂରଭଞ୍ଜ-୭୫୭୦୦୧
ଇମେଲ - damayantibeshra@gmail.com

❖❖❖

# ଆଦିବାସୀ ପ୍ରକୃତି, ସଂସ୍କୃତି ଓ ପ୍ରଗତି

ଡ. ମହେନ୍ଦ୍ର କୁମାର ମିଶ୍ର

ଦିନଥିଲା ସମଗ୍ର ବିଶ୍ୱର ମାନବସଭ୍ୟତାର ଆରମ୍ଭ ପ୍ରକୃତି ଓ ପରିବେଶରୁ ବୃଦ୍ଧି ପାଇ ସମାଜ ଓ ସଂସ୍କୃତିର ନିର୍ମାଣ ହେଲା। ଅଭିଜ୍ଞତାରୁ ଜନ୍ମ ନେଇଥିବା ଜ୍ଞାନ ଉତ୍ପାଦକ ଥିଲା। ଲୋକେ ଜୀବନ ଧାରଣ ପାଇଁ ପ୍ରକୃତିଠାରୁ ପାଉଥିବା ସମ୍ପଦକୁ ଈଶ୍ୱରଙ୍କ ଅବଦାନ ବୋଲି ଭାବୁଥିଲେ। ତେଣୁ ଶସ୍ୟକୁ ଦେବୀରୂପେ ପୂଜା କରୁଥିଲେ। ଅରଣ୍ୟ ସଭ୍ୟତାରୁ ଶିକାର, ଖାଦ୍ୟ ସଂଗ୍ରହ, ଗୋପାଳନ ଓ କୃଷିସଭ୍ୟତାର ବିକାଶ ହେଲା, ସେଇଠୁ ଶିଳ୍ପସଭ୍ୟତା ବି ବଢ଼ିଲା। ବିଶ୍ୱର ଜ୍ଞାନ ଦୁଇଭାଗ ହୋଇଗଲା । କୃଷିସଭ୍ୟତା ଓ ଶିଳ୍ପସଭ୍ୟତା । ଏ ଦୁଇ ସଭ୍ୟତାରେ ଯେଉଁମାନେ ତାଳ ନ ଦେଇ ନିଜ ଭୂମି ଓ ପ୍ରକୃତିରେ ରହି ଜୀବନାଦର୍ଶକୁ ନେଇ ବଞ୍ଚିଲେ, ସେମାନଙ୍କୁ ୟୁରୋପୀୟମାନେ ଅସଭ୍ୟ ଓ ଅଶିକ୍ଷିତ କହିଲେ । ଯେଉଁ ସ୍ଥାନୀୟ ଆଦିବାସୀମାନେ ଯୁଗ ଯୁଗଧରି ପ୍ରକୃତିର ରହସ୍ୟକୁ ବୁଝି ପ୍ରକୃତିର ନିୟମକୁ ମାନି ସାରା ବିଶ୍ୱର ସବୁଜିମାକୁ ରକ୍ଷାକଲେ, ସେମାନଙ୍କୁ ଅସଭ୍ୟ କୁହାଗଲା, ଯେଉଁମାନେ ପ୍ରକୃତିକୁ ଧ୍ୱଂସ କଲେ ସେମାନେ ହେଲେ ସଭ୍ୟ । ହେଲେ ସଭ୍ୟତାର ଧ୍ୱଂସଲୀଳାକୁ ଦେଖି ବିଶ୍ୱର ପରିବେଶବିତ୍‌ମାନେ ସେହି ନିରକ୍ଷର ଆଦିବାସୀଙ୍କ ଉତ୍ପାଦନଶୀଳ ଅଭିଜ୍ଞତାର ଜ୍ଞାନକୁ ଏବେ ବେଶ୍ ଗୁରୁତ୍ୱ ଦେଉଛନ୍ତି । ପଶ୍ଚିମୀ ବିକାଶର ପଦ୍ଧତିରେ ଆଦିବାସୀଙ୍କୁ ଆଧୁନିକ କରିବାର ପ୍ରୟାସ ଯୋଗୁଁ, ବିଶ୍ୱର ସ୍ଥାୟୀ ଜ୍ଞାନ ବ୍ୟବସ୍ଥା ଏବେ ସଂକଟରେ । ନିଜେ ଆଦିବାସୀ ମଧ୍ୟ ଶିକ୍ଷା ଓ ଆଧୁନିକ ସଭ୍ୟତାର ସୁବିଧା ପାଇ, ନିଜ ପାରମ୍ପରିକ ଜ୍ଞାନକୁ ହରାଇ ବସିଛି । ଏବେ ଯେଉଁ ଅଳ୍ପ ଜାଗାରେ ଆଦିବାସୀଙ୍କ ବସତି (habitat) ରହିଛି, ତାହା ଏବେ ବିଶ୍ୱ ପରିବେଶକୁ ବଞ୍ଚାଇ ରଖିବାର ଜ୍ଞାନ କୌଶଳ ରୂପେ ନବ-ବିଜ୍ଞାନ (neo-science) ରୂପେ ମାନ୍ୟତା ପାଇଛି ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଆଦିବାସୀଙ୍କ ପରମ୍ପରା ଓ ପରିବର୍ତ୍ତନର ମଧ୍ୟାନ୍ତରରେ କିପରି ଆଦିବାସୀ ସଂସ୍କୃତି ଓଡ଼ିଶାର ପ୍ରକୃତି, ସମାଜ ଓ ସଂସ୍କୃତିକୁ ସଂରକ୍ଷଣ କରିବା ସହିତ ଆଧୁନିକତାର ବିକାଶରେ ଭାଗନେଇ ଏକ ସମନ୍ୱିତ ଦୃଷ୍ଟି ରକ୍ଷାକରି ପାରିବେ, ଏହି ପ୍ରବନ୍ଧରେ ତାହା ଆଲୋଚିତ । ଆଦିବାସୀ ସମାଜର ଏକ ବିଶିଷ୍ଟ ସଂସ୍କୃତି ଓ ମୂଲ୍ୟବୋଧ ଅଛି ଯାହାର ଦର୍ଶନ ପ୍ରକୃତି ଆଧାରିତ । ମଣିଷର ବଞ୍ଚିବାର ଅବଲମ୍ବନ ପ୍ରକୃତି ଆଧାରିତ । ପ୍ରକୃତିରୁ ସଂସ୍କୃତିର ଜନ୍ମ । ମଣିଷର ବୃକ୍ଷଲତା, ପଶୁପକ୍ଷୀ, ନଦନଦୀ, ପର୍ବତ ଓ ଅରଣ୍ୟ ପ୍ରତି ଦୃଷ୍ଟିଭଙ୍ଗୀରୁ ତାର ମୂଲ୍ୟବୋଧ ନିର୍ମିତ । ଏଣୁ ଏକ ସମନ୍ୱିତ ଦୃଷ୍ଟି ନେଇ ଆଦିବାସୀ ଜୀବନକୁ ବଞ୍ଚେ । ଉଦାହରଣ ସ୍ୱରୂପ ଆଦିବାସୀ ଗାଁରେ ଯଦି ଆମ୍ବ ନୂଆଖାଇ କିମ୍ବା ମାଣ୍ଡିଆରାଣୀ ପର୍ବ ପାଳନ ହୁଏ, ତେବେ ଏହାର ଉଦ୍ଦେଶ୍ୟ ଏକ ସମନ୍ୱିତ ଦୃଷ୍ଟି ଭଙ୍ଗୀର

ପରିଚୟ ଦିଏ । କିଣା ଆମ୍ବରେ ଆମ୍ବ ନୂଆଖାଇ ପାଳନ ହୁଏ ନାହିଁ । ଗଛର କଷି ଧରିଥିବା ଆମ୍ବ ତୋଳି ପ୍ରଥମେ ଧରଣୀମାତାଙ୍କୁ ପ୍ରସାଦ ଦେଲା ପରେ ଆଦିବାସୀ ଆମ୍ବ ଖାଏ। ଆମ୍ଭମାନଙ୍କ ପାଇଁ ମାଣ୍ଡିଆ ଗୋଟିଏ ଶସ୍ୟ । ଆଦିବାସୀ ପାଇଁ ମାଣ୍ଡିଆରାଣୀ ଜଣେ ଦେବୀ । ଶସ୍ୟଦେବୀ । ତେଣୁ ତା'ର ପୂଜା ହୁଏ । ଏହିପରି ଅନେକ ଶସ୍ୟ ଓ ଫଳର ମହତ୍ତ୍ୱ ପୂଜା ପାଠ ସହିତ ଯୋଡା । ତା ସହିତ ନାଚ-ଗୀତ, ଖାଦ୍ୟପେୟ, ବେଶ-ପୋଷାକ, ବାଦ୍ୟ ଓ ସମବେତ ଭୋଜି ଆଦିବାସୀ ସମାଜରେ ଚଳେ । ଚଇତ ପରବ ହେଉ କି ଛେରଛେରା, ଅରଣ୍ୟ ଓ କୃଷିକୁ ନେଇ ନାନା ଉପଚାର ।

ଏହି ପରମ୍ପରାର ଆଦର୍ଶ ହେଉଛି, ମଣିଷ ନିଜକୁ ବି ପ୍ରକୃତିର ଅଂଗ ବୋଲି ଭାବେ । ଆଦିବାସୀ କେବେ ବି ପ୍ରକୃତିକୁ ନିଜ ଅଧୀନରେ ରଖି ମାଟିକୁ ଧ୍ୱଂସ କରିବା, ପାହାଡକୁ ଧ୍ୱଂସ କରିବା ଭାବିପାରେ ନାହିଁ। ବର୍ଷକୁ ଥରେ ଡଂଗର ପୂଜା କରେ । ବଣକୁ ପୂଜାକରେ । କାରଣ ବଣ ହିଁ ତା'ର ଅନ୍ନଦାତ୍ରୀ । ପର୍ବତ ତା'ର ଧରମ ଦୁଆର । ତେଣୁ ବଣର ପଶୁପକ୍ଷୀ ବି ତା'ର ଭାଇ । ଏହି ପରମ୍ପରାରେ ମନୁଷ୍ୟର ବ୍ୟକ୍ତିଗତ ଓ ସାମାଜିକ ମୂଲ୍ୟବୋଧର ଯଥେଷ୍ଟ ସମ୍ମାନ ଅଛି, ସମତା ଅଛି । ଏଠି ମଣିଷକୁ କେହି ତା'ର ଅବସ୍ଥା ଦେଖି ହତାଦର କରନ୍ତି ନାହିଁ, ବରଂ ବ୍ୟକ୍ତି ସ୍ୱାଧୀନତା ପାଇଁ ସାମାଜିକ ନିୟମ କୋହଳ । ଦୋଷ କଲେ ସାମାନ୍ୟ ଦଣ୍ଡ ଦେଇ ପୁଣି ସମାଜରେ ଜଣେ ହୋଇ ଚଳିବା ପ୍ରଥା ରହିଛି । ଏପରିକି ଶିଶୁ ଓ ବାଳକ ବାଳିକାଙ୍କୁ ଦଣ୍ଡ ଦେବା ପ୍ରଥା ନାହିଁ। କାମ ଜରିଆରେ ପିଲାଏ ଶିକ୍ଷା ପାଇଥାନ୍ତି । କାମ ବି ଉତ୍ପାଦକଶକ୍ତି ରଖେ । ପିଲାମାନେ ପିଲାବେଳୁ ବଡ଼ଙ୍କ ଠାରୁ କାମ ଶିଖି ଉତ୍ପାଦନ କରିଥାନ୍ତି । ଆମ ସମାଜରେ କଥା ଜରିଆରେ ପିଲାଙ୍କୁ ସବୁ ଶିଖାନ୍ତି । ତଫାତ୍ ଏହା ଯେ, ଆଦିବାସୀ ପିଲା କାମରୁ କଥା ଶିଖେ, ଯାହା ପ୍ରତ୍ୟକ୍ଷ ଜ୍ଞାନ ଓ ଅନୁଭୂତିରୁ ଜନ୍ମ । ଆମ ସମାଜରେ କାମ ଜାଣୁ ବା ନଜାଣୁ, କଥାରେ କାମର କଥା କହେ, କାମ ଜାଣି ନ ଥାଉ ପଛେ । ଅଭିଜ୍ଞତାରୁ ମିଳିଥିବା ଜ୍ଞାନର ଭାଷା ଓ ଭାଷାରୁ ଶିଖିଥିବା ଅଭିଜ୍ଞତାରେ ଫରକ ଅଛି ।

ସମୟ ଓ ସ୍ଥାନ - ଏ ଦୁଇଟି କଥା ଆଦିବାସୀ ସମାଜର ଜୀବନାଦର୍ଶ । ସ୍ଥାନ ସ୍ଥିର ଓ ସମୟ ଗତିଶୀଳ। ସମୟର ଗତିରେ ସ୍ଥାନର ରୂପ ପରିବର୍ତ୍ତନ ହୁଏ । କାନ୍ଦୁଲ ଗଛରେ ବର୍ଷକୁ ଥରେ ଫଳ ଧରିଲା ପରି ଜୀବନ ବୃକ୍ଷରେ ଥରେ ହିଁ ମଣିଷ ଜନମ ମିଳେ । ଆଦିବାସୀର ସ୍ଥାନୀୟ ଅର୍ଥନୀତିରେ ଧାର୍ମିକ ଉପଚାର ଯୋଡ଼ି ହୋଇ ରହିଥାଏ । ତା ସହିତ ସାମାଜିକ - ପର୍ବ ପର୍ବାଣୀ । ଅନେକଙ୍କ ଦୃଷ୍ଟିରେ ଯାହା ଉତ୍ସବ, ଆଦିବାସୀ ଦୃଷ୍ଟିରେ ତାହା ଧର୍ମ । ଆଚରଣର ଧର୍ମ । ଧର୍ମ ପାଳନ ନକଲେ ପ୍ରକୃତି ମଣିଷ ଉପରେ ଦାଉ ସାଧିବ । ପ୍ରକୃତି ଶାନ୍ତ ଥିଲେ ମଣିଷର ଶାନ୍ତି । ପ୍ରକୃତି ରାଗିଲେ ଗାଁରେ ରୋଗ ଦୁଃଖ ଓ ଶୋକ ଆସିବ । ତେଣୁ ପ୍ରକୃତିର ପୂଜା ଏକ ନିୟମ।

ପାରମ୍ପରିକ ଜ୍ଞାନବଳରେ ଆଦିବାସୀ ଦୀର୍ଘକାଳରୁ ଏ ପୃଥିବୀର ସନ୍ତାନ ବୋଲି ନିଜକୁ ପରିଚିତି ଦେଇଛି । ସେ ପ୍ରକୃତିଛଡା ନୁହେଁ । ତା'ର ଶିକ୍ଷା ପ୍ରାୟୋଗିକ ଶିକ୍ଷା, ବ୍ୟାବହାରିକ ଶିକ୍ଷା । ଯେଉଁ ଶିକ୍ଷା ଜୀବନ ପ୍ରଣାଳୀରୁ ଶିଖା ଯାଏ ନାହିଁ ତାହା ସ୍କୁଲର ଶିକ୍ଷା । ସ୍କୁଲଶିକ୍ଷାରେ ପଢ଼ାଲେଖା ଜରିଆରେ ବୃକ୍ଷବିଜ୍ଞାନ କି କୃଷିବିଜ୍ଞାନ ପଢି ଉତ୍ତର ଦେଇ ପାସ ହୋଇପାରୁ, ହେଲେ ଅସଲ ବୃକ୍ଷ କି କୃଷି ସହିତ ପରୀକ୍ଷାର୍ଥୀର ସଂପର୍କ ନଥାଏ। ଆଦିବାସୀର ଜ୍ଞାନକୁ ପାରମ୍ପରିକ ଜ୍ଞାନ ବୋଲି ବିଶ୍ୱର ପରିବେଶବିତ୍‌ମାନେ କହୁଛନ୍ତି । ଏହି ପାରମ୍ପରିକ ଜ୍ଞାନରେ ରହିଛି ପୃଥିବୀକୁ ଚିର ସବୁଜ କରି

ଶସ୍ୟ ଶ୍ୟାମଳା କରି ରଖିବାର ରହସ୍ୟ । ଆଦିବାସୀ ପ୍ରତ୍ୟେକ ପର୍ବ ପର୍ବାଣି ଶେଷରେ 'ମାଟି ଶୀତଳା' କରେ । ମାଟି ଶୀତଳ କରିବା ପ୍ରକ୍ରିୟାଟି ଅନ୍ୟମାନଙ୍କ ବୁଝିବା ବାହାରେ। କ'ଣ କଲେ ମାଟି ଶୀତଳ ରହିବ, ତାହା ଆଦିବାସୀ ଜାନି ଓ ଝାଙ୍କରଙ୍କୁ ପଚାରିଲେ କହିପାରିବେ, କଲେଜ ପଢୁଆ ପିଲା ଏହାର ଉତ୍ତର ଦେଇ ପାରିବେ ନାହିଁ ।

ଖାଦ୍ୟ ଓ ଔଷଧ – ଏ ଦୁଇଟି ପରମ୍ପରା ଆଦିବାସୀ ପରମ୍ପରାରେ ଏତେ ଶୃଙ୍ଖଳିତ ଯେ, ଆଦିବାସୀ ମଣିଷର ରୋଗ ପ୍ରତିରୋଧକ ଶକ୍ତି ବେଶି । ବିନା କାରଣରେ ଆଦିବାସୀ ଡାକ୍ତର ଖୋଜେ ନାହିଁ । ରୋଗ ହେଲେ ନିଜ ପରିବେଶରୁ ଔଷଧ ତିଆରି କରି ରୋଗ ଭଲ କରେ । ତା'ର କାରଣ ତା'ର ଖାଦ୍ୟ କି ଔଷଧ-ଭେଜାଲ ନୁହେଁ। ଆଦିବାସୀ ସମାଜରେ ଉଚ୍ଚ ରକ୍ତଚାପ କିମ୍ବା ମଧୁମେହ ରୋଗ ନଥିଲା । ମାଣ୍ଡିଆ, ସୁଆଁ, ଗୁରଜୀ, କୋଦୋ, କାଙ୍ଗୁ, କଶଲା ପ୍ରଭୃତି ମିଲେଟ ଜାତୀୟ ଶସ୍ୟ କେବଳ ମାଳ ଅଞ୍ଚଳରେ ୨-୩ ମାସରେ ଫଳେ । ତାହା ବି ହଳ ଲଙ୍ଗଳ ନଥିବା ପାହାଡରେ ଢାଲୁ ଜାଗାରେ କୋଡିରେ ମାଟି ହାଣି ଏପ୍ରକାର ଶସ୍ୟ ଫଳାଏ ଆଦିବାସୀ । ଏହି ଶସ୍ୟର ପ୍ରୋଟିନ ଓ ରୋଗ ପ୍ରତିରୋଧକ ଶକ୍ତି ଅଧିକ । ମଧୁମେହର ପ୍ରଶ୍ନ ହିଁ ନାହିଁ । ଅପର ପକ୍ଷରେ ଧାନଚାଷ କରି ଅଧିକ ଫସଲ ଉତ୍ପାଦନ କରି ଅର୍ଥ ଉପାର୍ଜନ କରିବା ପ୍ରଲୋଭନରେ ଏବର ମଣିଷ ଧାନକୁ ବି ବିଷ କରି ସାରିଲାଣି । ଧାନ ବି ମଣିଷକୁ ରୋଗାଗ୍ରସ୍ତ କଲାଣି ।

କୋରାପୁଟର ୪୫୦ ପ୍ରକାର ପାରମ୍ପରିକ ଧାନର ଔଷଧୀୟ ଗୁଣ ସମସ୍ତେ ଜାଣିଥିଲେ । ଏବେ ବି ଏହାର ପୁନରୁଦ୍ଧାର ପାଇଁ ଲୋକେ ପାରମ୍ପରିକ ଧାନଚାଷ କରୁଛନ୍ତି । ହେଲେ ଏହା ସାର୍ବଜନୀନ ନହୋଇ ନମୁନା ପାଇଁ କିମ୍ବା ଗବେଷଣା ପାଇଁ ଉଦ୍ଦିଷ୍ଟ । କଳାହାଣ୍ଡିର ସଦନ ଧରୁଆ ନାମକ ଜଣେ ଗଣ୍ଡ ଗାୟକ ତିନୋଟି ମାଳିକା ଲେଖିଛନ୍ତି । ପ୍ରଥମଟି 'ଧାନ ମାଳିକା' ଯେଉଁ ଗୀତରେ ତିନିଶହ ପ୍ରକାର ଧାନର ଦୁର୍ଲଭ ନାମ ରହିଛି ଓ ପ୍ରତ୍ୟେକ ଧାନର ବାସନା, ଔଷଧୀୟ ଗୁଣ ଓ ସ୍ୱାଦ ଉପରେ ବର୍ଣ୍ଣନା ରହିଛି । ସେହିପରି ତାଙ୍କ 'ବୃକ୍ଷମାଳିକା' ଗୀତରେ ୧୫୦ ପ୍ରକାର ଶୁଣି ନଥିବା ଗଛମାନଙ୍କର ନାମ ଓ ଗୁଣ ବର୍ଣ୍ଣିତ । 'ପକ୍ଷୀ ମାଳିକା' ଗୀତରେ ପ୍ରାୟ ଶହେରୁ ଅଧିକ ପକ୍ଷୀଙ୍କ ରୂପ, ଗୁଣ ଓ ସ୍ୱରର ବର୍ଣ୍ଣନା ରହିଛି । ୧୯୮୦ ବେଳକୁ ସଦନ ଧରୁଆ ଲେଖିଥିବା ଏହି ଗୀତ ସିନା ଆମେ ରଖିଛୁ, ହେଲେ ତାଙ୍କ ଅନୁଭବରୁ ଜାଣିଥିବା ଧାନ, ଗଛ ଓ ପକ୍ଷୀ ଉପରେ ଆମେ ଜାଣିବା କାହୁଁ ? ବସ୍ତୁତଃ ଆଦିବାସୀ ସଂସ୍କୃତି କହିଲେ, ଏବେ ଆମେ ଜାଣିଲେଣି ଯେ, ଯାହା ଧୀରେ ଧୀରେ ହଜି ଯାଉଛି, ତାହା ହିଁ ଆଦିବାସୀ ସଂସ୍କୃତି । ଏହା ଖାଲି ଗବେଷଣାର ବିଷୟ ହୋଇ କ'ଣ ରହିଯିବ ? ଏବେ ସମଗ୍ର ବିଶ୍ୱରେ ଆଦିବାସୀ ଦଶକ ପାଳିତ ହେଉଛି । ୟୁନେସ୍କୋ ତରଫରୁ ୧୯୮୯ ରୁ ପ୍ରତି ଦଶବର୍ଷରେ ଥରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଦିବାସୀ ଦଶକ ପାଳିତ ହେଉଛି । ପ୍ରତି ଦଶ ବର୍ଷରେ ପାରମ୍ପରିକ ସଂସ୍କୃତି, ଭାଷା, ମୌଖିକ ପରମ୍ପରା, ଶିକ୍ଷା, ଭାଷା, ଜ୍ଞାନ କୌଶଳ, ପ୍ରଭୃତି ପ୍ରସଙ୍ଗକୁ ନେଇ ଆଦିବାସୀ ସଂସ୍କୃତିର ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ ବିଶ୍ୱବ୍ୟାପୀ ଆଲୋଚନା ହେଉଛି । ଗତ ୫୦ ବର୍ଷରେ ଆଦିବାସୀ ବିଦ୍ୱାନମାନେ ନିଜ ନିଜ ସଂସ୍କୃତିର ବହୁ ପ୍ରସଙ୍ଗକୁ ନେଇ ବିଶ୍ୱରେ ଏକ ନୂତନ ଜ୍ଞାନ ନିର୍ମାଣ କଲେଣି । ଆଫ୍ରିକା, ଲାଟିନ ଆମେରିକା, ନିଉଜିଲାଣ୍ଡ, ଅଷ୍ଟ୍ରେଲିଆ ପ୍ରଭୃତି ଦେଶରେ ବିଶ୍ୱ ବିଦ୍ୟାଳୟରେ ଆଦିବାସୀ ଅଧ୍ୟୟନ କେନ୍ଦ୍ର ସବୁ ଖୋଲିଲେଣି। ଏହି କେନ୍ଦ୍ରମାନଙ୍କରେ ଆଦିବାସୀଙ୍କ ପାରମ୍ପରିକ ଜ୍ଞାନ କୌଶଳ କିପରି ଆଧୁନିକ ମଣିଷର ପ୍ରକୃତି ସମ୍ପର୍କରେ ଥିବା ପ୍ରତିକୂଳ ମନୋଭାବର ପ୍ରତିରୋଧ କରିବ ଓ ପୃଥିବୀର ମାନବିକତାକୁ ବଞ୍ଚାଇ ରଖିବ, ସେଥିପାଇଁ

ପ୍ରୟାସ ଜାରି ରହିଛି । ଅନେକ ଆଧୁନିକ ମଣିଷ ସଂପ୍ରତି ଆଦିବାସୀ ସଂସ୍କୃତିର ମୂଲ୍ୟବୋଧକୁ ନେଇ ପାଠ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି ।

ଏହି ପରିପ୍ରେକ୍ଷୀରେ ଆମେ ଭାରତର ଆଦିବାସୀଙ୍କ ସ୍ଥିତିକୁ ମାପିବା, ତେବେ ବେଶି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ । ଅବଶ୍ୟ ଭାରତ ସମ୍ବିଧାନରେ ଆଦିବାସୀ ଓ ଅନୁସୂଚିତ ଜାତି ପାଇଁ ଯଥା ସମ୍ଭବ ନିୟମ ମାନ ଓ ଅନୁଚ୍ଛେଦମାନ ଲେଖା ଯାଇଥିଲେ ହେଁ, ଏକ ଉପନିବେଶବାଦୀ ବିକାଶର ଢାଞ୍ଚାରେ ପାଶ୍ଚାତ୍ୟ ବିକାଶର ନିୟମକୁ ଆଦିବାସୀର ସ୍ୱକୀୟ ବିକାଶ ସ୍ଥାନରେ ସ୍ଥାପନ କରାଯାଉଛି । ଆଦିବାସୀର ସାଂସ୍କୃତିକ ଜୈବ ବିବିଧତା (Cultural Bio-Diversity) ର ସୁରକ୍ଷା କରାଯାଇ ପାରୁନାହିଁ । ୧୯୫୦ ତଳକୁ ଓଡ଼ିଶାର ଯେତେ ଜଙ୍ଗଲ ଥିଲା, ୨୦୨୦ ବେଳକୁ ଏହାର ପରିମାଣ କେତେ କମିଛି ତାହା ପରିସଂଖ୍ୟାନରୁ ମିଳି ପାରିବ। ସେହିପରି ଶିକ୍ଷା ଓ ସାକ୍ଷରତାରେ ତୁଳନାତ୍ମକ ଭାବେ ଆଦିବାସୀଙ୍କ ସଂଖ୍ୟା କିଛିଟା ବୃଦ୍ଧିପାଇ ଥିଲେ ହେଁ, ଏହା ଯେ ଆଦିବାସୀର ସଂସ୍କୃତି ଓ ମୂଲ୍ୟବୋଧର ସମାବେଶୀ ବିଦ୍ୟା, ଏହା କହିବା ସମ୍ଭବ ନୁହେଁ।

୧୯୬୦ ରୁ ୨୦୦୯ ଯାଏ ଦେଶର ଯେତିକି ଆଦିବାସୀ ବିକାଶ ରିପୋର୍ଟ ଓ ପଲିସି ଲେଖାଯାଇଛି, ସେହି ଅନୁସାରେ ଆଦିବାସୀଙ୍କ ସ୍ଥାନୀୟ ବିକାଶ ସାଧନ ହୋଇ ପାରିନାହିଁ । ଖାଲି ଆର୍ଥିକ ବିକାଶ ମାନବ ବିକାଶର ନିୟାମକ କି ନିର୍ଣ୍ଣାୟକ ବି ନୁହେଁ । ଅବଶ୍ୟ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୋଜନା ଜରିଆରେ ସରକାର ସବାତଳର ଲୋକଙ୍କ ପାଇଁ ସୁବିଧା କଲାପରେ ଆଦିବାସୀ ଶିକ୍ଷିତମାନେ ବାହାରି ଅନେକ ସହରାଭିମୁଖୀ ହେଲେଣି । ସେମାନେ ଏବେ (Indigenous Cosmopolitan) ଅର୍ଥାତ୍ ପୌରାଞ୍ଚଳର ଆଦିବାସୀ ବୋଲି ଚିହ୍ନିତ ହେଲେଣି । ଆଦିବାସୀ କଳା ଓ ଶିଳ୍ପ ତଥା ଜନ କର୍ମ ବିଶ୍ୱସ୍ତରରେ ପରିଚିତ ହେଲାଣି । ଉତ୍ପାଦନ ଓ ଏହାର ଚାହିଦା ବିଶ୍ୱ ବଜାରରେ ସ୍ଥାନ ପାଇଲାଣି । ତେଣୁ ପାରମ୍ପରିକ ଭାବେ ଆଦିବାସୀଙ୍କୁ ଦେଖିବାର ଏକ ଭାବପ୍ରବଣତାର ଆଉ ଆବଶ୍ୟକତା ନାହିଁ । ଆଦିବାସୀ ନିଜ ଅଧିକାର ବଳରେ ଲୋକତନ୍ତ୍ରରେ ସର୍ବୋଚ୍ଚ ସ୍ଥାନରେ ଦେଶ ଓ ରାଜ୍ୟରେ ବସିଲା ବେଳେ, ତାଙ୍କୁ ପଶ୍ଚିମୀ ବିକାଶର ସ୍ୱପ୍ନ ନଦେଖାଇ ବରଂ ତାଙ୍କୁ ସ୍ୱକୀୟ ଜ୍ଞାନ କୌଶଳରେ ଶିକ୍ଷିତ କରିବା ଦରକାର । ଏଥି ପାଇଁ ପ୍ରଥମ କଥା ହେଲା-

୧. ଆଦିବାସୀଙ୍କ ଭାଷା ଓ ସଂସ୍କୃତିର ଯଥାଯଥଭାବେ ଅଧ୍ୟୟନ ଓ ଏହାର ସ୍କୁଲ କଲେଜରେ ପାଠ୍ୟକ୍ରମ ରୂପେ ସ୍ଥାନ ଦେବା ।

୨. ଦେଶର / ରାଜ୍ୟର ବିଭିନ୍ନ ଆଦିବାସୀ ଅଞ୍ଚଳରେ ଆଦିବାସୀ ସଂସାଧନ କେନ୍ଦ୍ର ଖୋଲିବା, ଯହିଁରେ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଆଦିବାସୀ କିପରି ନିଜ ନିଜ ଜ୍ଞାନ କୌଶଳକୁ ଉତ୍ପାଦକ କାର୍ଯ୍ୟରେ ଲଗାଇ ଉପାର୍ଜନ କରିପାରିବେ।

୩. ଆଦିବାସୀର ପାରମ୍ପରିକ ଜ୍ଞାନକୌଶଳକୁ ଉପଯୁକ୍ତ ଅବସର ଯୋଗାଇ, ତହିଁରୁ ଭବିଷ୍ୟତର କୃଷି, ଔଷଧି, ଖାଦ୍ୟ ସଂରକ୍ଷଣ ଓ ଆର୍ଥିକ ସାମାଜିକ ସଂହତି ରକ୍ଷା କରିବା ।

୪. ଆଦିବାସୀ ଯୁବକମାନେ ଉଚ୍ଚ ଶିକ୍ଷିତ ହେବା ସହ ନିଜ ପାରମ୍ପରିକ ଜ୍ଞାନକୁ ବିଜ୍ଞାନ ସମ୍ମତ ଜ୍ଞାନ ରୂପେ ପ୍ରୟୋଗ କରିବା ।

୫. ଯେଉଁ ସବୁ ମୂଲ୍ୟବୋଧ ମାନବ ବିକାଶରେ ଉତ୍କର୍ଷ ରୂପେ ପରିଚିତ, ସେହି ମୂଲ୍ୟବୋଧକୁ ଆଧାର କରି ଯୁବ ବିକାଶ, ବାଳିକା ଓ ନାରୀ ବିକାଶର କ୍ଷେତ୍ର ପ୍ରସ୍ତୁତ କରିବା ।

୬. ଶିଳ୍ପାୟନ ସହିତ ପରିବେଶ ସୁରକ୍ଷା ଓ ସମ୍ବର୍ଦ୍ଧନ କରିବା ।

୭. ଆଦିବାସୀ ଐତିହ୍ୟ ଓ ପରମ୍ପରାର ସ୍ଥାନ ଗୁଡିକୁ ଚିହ୍ନିତ କରି ସେଠାରେ ସ୍ମାରକୀ ସ୍ଥାପନ କରିବା ସହିତ ପର୍ଯ୍ୟଟନର ଗୁରୁତ୍ୱ ବୃଦ୍ଧି କରିବା ।

ପରମ୍ପରା ବିହୀନ ଓ ମୂଲ୍ୟବୋଧ ବିହୀନ ବିକାଶ ଆଦିବାସୀ ସଂସ୍କୃତିର ପ୍ରଧାନ ଶତ୍ରୁ । ଆଜିବି ଯେଉଁ ଶିକ୍ଷିତ ସଂସ୍କୃତି ଆଦିବାସୀଙ୍କୁ କେବଳ ଆର୍ଥିକ ବିକାଶ କରି ତାଙ୍କୁ ଉନ୍ନତ କରିବା ପ୍ରୟାସରେ ରହିଛନ୍ତି, ସେମାନେ ବୁଝି ପାରୁନାହାନ୍ତି ଯେ, ମଣିଷ ସଭ୍ୟତାର କେଉଁ ଆଦର୍ଶ ଓ ମୂଲ୍ୟକୁ ସେମାନେ ହଜାଇ ଦେଉଛନ୍ତି କିମ୍ୱା ହରାଇ ବସୁଛନ୍ତି ।

ଏବେ ସାରା ଓଡ଼ିଶାରେ 'ଅସ୍ମିତା' ଶବ୍ଦର ବେଶ୍ ପ୍ରଚଳନ ହେଉଛି । ଏ 'ଅସ୍ମିତା' ର ପରିଭାଷା କ'ଣ ? ଓଡ଼ିଶାର ସଭ୍ୟତାର ମୂଳ ଶବର ଓ ଦ୍ରାବିଡ । ଓଡ଼ିଶାର 'ଅସ୍ମିତା' ଆକଳନରେ ଏହି ଶବର ଓ ଦ୍ରାବିଡ଼ ମାନଙ୍କ ସ୍ଥାନ କେଉଁଠି ? ଦିନଥିଲା ଓଡ଼ିଶାର ୬୩ଟି ଆଦିବାସୀଙ୍କ ନିଜ ନିଜ ଭାଷା ବଞ୍ଚି ରହିଥିଲା । ସେମାନଙ୍କ ଭାଷାରେ ସେମାନଙ୍କ ସଂସ୍କୃତି ଓ ଜ୍ଞାନ ବି ବଞ୍ଚି ରହିଥିଲା । ଏବେ ଭାରତୀୟ ଲୋକଭାଷା ସର୍ବେକ୍ଷଣ କଲାବେଳେ ଦେଖାଯାଇଛି ଯେ, ଓଡ଼ିଶାର ୬୪ଟି ଆଦିବାସୀଙ୍କ ମଧ୍ୟରୁ ପ୍ରାୟ ୧୨ଟି ଭାଷା ଜୀବନ୍ତ ଆଉ ପ୍ରାୟ ୨୦ଟି ଭାଷା ମିଶ୍ରିତ ଓ ୩୧ଟି ଆଦିବାସୀ ଭାଷା ମୃତ । ସେମାନେ ନିଜ ଭାଷା ଭୁଲି ସାରିଛନ୍ତି । ଭାଷାର ମୃତ୍ୟୁ ହେଲେ, ଭାଷାରେ ଥିବା ଜ୍ଞାନର ମୃତ୍ୟୁ ହୁଏ । ଜ୍ଞାନର ମୃତ୍ୟୁ ହେଲେ ସେହି ସମାଜର ସ୍ମୃତି ଓ କଳ୍ପନାର ବି ମୃତ୍ୟୁ ହୁଏ । ଏହା ସମାଜର ସାମୂହିକ ବିବେକକୁ ବି କ୍ଷତି କରିଥାଏ । ମଣିଷର ସ୍ମୃତି ବିଲୋପ ହୁଏ । ଆଦିବାସୀ ସେହି ସ୍ମୃତି ବିଲୋପର ଅବସ୍ଥାରେ ଉପନୀତ ।

ଆଦିବାସୀ ସମୂହରେ ବିଶ୍ୱାସ କରେ । ସମୂହରେ ଜନ୍ମ, କର୍ମ ଓ ଜୀବନଯାତ୍ରା । ଏହି ସାମୂହିକତା କୌଣସି ବିଶ୍ୱ ବିଦ୍ୟାଳୟର ପାଠ୍ୟକ୍ରମରୁ ଆଦିବାସୀ ସମାଜ ପଢ଼ି, ନାହିଁ କିନ୍ତୁ ପରମ୍ପରାରୁ ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧକୁ ସର୍ବୋଚ୍ଚ ସ୍ଥାନ ଦେଇ ରଖିଛି । ପବିତ୍ର ଜଙ୍ଗଲକୁ ପବିତ୍ର ରଖିଛି । ଉତ୍ତର ପୂର୍ବ ଭାରତର ଶହ ଶହ ଏକର ବ୍ୟାପୀ ପବିତ୍ର ଜଙ୍ଗଲର ପତ୍ରଟିଏ ବି ଛିଣ୍ଡାଇବା, ଚପଲ ପିନ୍ଧି ଜଙ୍ଗଲ ଭିତରକୁ ପଶିବା, ଅକଳ୍ପନୀୟ । ଅଥଚ ସାମାଜିକ ବନୀକରଣ ପରେ ବି ଜଙ୍ଗଲ ଉଜୁଡି ଯାଉଛି । ଏଇଠି ଆଦିବାସୀର ସେହି ସାମୂହିକ ଶୃଙ୍ଖଳା ମନେପଡେ । ଜଙ୍ଗଲରେ ମାରାଂ ବୁରୁ ପୂଜା ପାଆନ୍ତି । ବନରେ ବନଦେବୀ । ଜଙ୍ଗଲ ଧର୍ମ ସାପେକ୍ଷ ହେଲେ ତାହା ମଣିଷର ମୂଲ୍ୟବୋଧ ସହିତ ଚିରଦିନ ରହିଥାଏ । ଜଙ୍ଗଲ ଧର୍ମ ନିରପେକ୍ଷ ହେଲେ, ମଣିଷ ବି ବିଧର୍ମୀ ହୋଇଯାଏ । ପ୍ରକୃତି, ମଣିଷ ଓ ଈଶ୍ୱରଙ୍କ ମିଳନରେ ଆଦିବାସୀର ଦର୍ଶନ ନିର୍ମିତ । ଏ ଭିତରୁ ଆଧୁନିକ ମଣିଷ ଈଶ୍ୱର ଓ ପ୍ରକୃତିକୁ ଖାଇ ସାରିଲାଣି । ତେଣୁ ଏବେ ମଣିଷକୁ ମଣିଷ ଖାଇ ଚାଲିଛି ।

ପୃଥିବୀର ଅନେକ ଆଦିବାସୀ ସ୍ଥାନୀୟତାରୁ ବଢ଼ିଛନ୍ତି । ସ୍ଥାନୀୟତାର ସୁରକ୍ଷା, ଭୂମିକୁ ମାତାର ସମ୍ମାନ ଦେଇ ଭୂମି ପାଇଁ ବଳିଦାନ ଦେଇଛନ୍ତି । ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମହାନାୟକ ଆଦିବାସୀମାନେ। ସ୍ଥାନୀୟ ସ୍ୱାଧୀନତାର ସମବାୟରେ ରାଷ୍ଟ୍ରୀୟ ସ୍ୱାଧୀନତା । ତେଣୁ ସ୍ଥାନ-ସ୍ୱରାଜ, ଗ୍ରାମ ସ୍ୱରାଜ ଓ ଆଦିବାସୀ ସ୍ୱରାଜ ସ୍ଥାପିତ ହେଲେ, ପରିବେଶ ଓ ମଣିଷର ଏକ ସମତା ରକ୍ଷା ହେବ ।

ବିକାଶର ଏହି ଯାତ୍ରାରେ ଆଦିବାସୀଙ୍କ ଜ୍ଞାନର ପୁନରୁଦ୍ଧାର ଓ ସମାଜରେ ଏହାର ପୁନରୁତ୍ପାଦନ  ବଡ଼ କଠିନ ଆହ୍ୱାନ । ବିଜ୍ଞାନ ଓ ଟେକନୋଲୋଜିର ଯୁଗରେ ଆଦିବାସୀଙ୍କ ଜ୍ଞାନକୁ ବୁଝିବା ପାଇଁ କାହାର ବା ବେଳ ଅଛି । ଅଥଚ ଏହି ପାରମ୍ପରିକ ଜ୍ଞାନ ହିଁ ମାନବତାର ବୀଜମନ୍ତ୍ର ହୋଇ ବାହାରିବ ।

ବିଜ୍ଞାନ ଓ ଟେକନୋଲୋଜିର ସହାୟତାରେ ଆଦିବାସୀର ଜ୍ଞାନର ସୁରକ୍ଷା କରି ଏହି ଜ୍ଞାନର ପୁନର୍ବ୍ୟାଖ୍ୟା ଓ ପରିଭାଷା ନିର୍ମିତ କରାଯାଇ ପାରିବ । ଟେକନୋଲଜି ବିକାଶର ଶତ୍ରୁ ନୁହେଁ । ଆଜି ସାରା ପୃଥିବୀରେ ଖାଲି ଶିକ୍ଷିତ ସଂସ୍କୃତିର ଜ୍ଞାନ ନୁହେଁ, ବରଂ ଏହି ଟେକନୋଲଜି ଦ୍ୱାରା ଅଲିଖିତ ଆଦିବାସୀ ସମାଜ ଓ ସଂସ୍କୃତିକୁ ସଂରକ୍ଷଣ କରାଯାଇ ପାରିଛି । ଏଥିପାଇଁ ଏକ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ଆଦିବାସୀ ଭାଷା, ଶିକ୍ଷା ଓ ସଂସ୍କୃତିର ସଂରକ୍ଷଣ ଓ ବିକାଶ ସହିତ ସ୍ଥାନୀୟ ପରିବେଶରେ ଆଦିବାସୀଙ୍କ ପ୍ରତ୍ୟକ୍ଷ ଯୋଗଦାନ, ଶିକ୍ଷିତ ଓ ନିରକ୍ଷରଙ୍କୁ ଏକାଠି କାମ କରିବାର ସୁଯୋଗ ଦେବ। ପ୍ରଥମେ ଶିକ୍ଷିତ ଲୋକ ଆଦିବାସୀଙ୍କ ମୂଲ୍ୟବୋଧକୁ ବୁଝିବେ, ଜ୍ଞାନକୁ ବୁଝିବେ ଓ ନିରକ୍ଷରଙ୍କୁ ସାଙ୍ଗରେ ନେଇ ପରମ୍ପରା ଓ ଆଧୁନିକତାର ସହ ସମ୍ବନ୍ଧ ସ୍ଥାପନ କରିବେ । ତେବେ ଯାଇ ଆଦିବାସୀଙ୍କର ଅଧିକାର ସାବ୍ୟସ୍ତ ହେବ ।

ଓଡ଼ିଶା ଦେଶର ଏକ ଆଦିବାସୀ ବହୁଳ ରାଜ୍ୟ ଭାବରେ ପରିଚିତ । ଆଦିବାସୀଙ୍କ ରାଜନୈତିକ ନେତୃତ୍ୱ, ଓଡ଼ିଶାର ଆଦିବାସୀଙ୍କ ଭାଷା, ସଂସ୍କୃତି, ଶିକ୍ଷା ଓ ପରିବେଶର ସୁରକ୍ଷା ପାଇଁ ଅବଶ୍ୟ ପ୍ରୟାସ କରିବେ ଓ ପରମ୍ପରା ଏବଂ ପ୍ରଗତିର ଏକ ସୁସ୍ଥ ସମନ୍ୱୟ ସ୍ଥାପନ କରି ଏ ରାଜ୍ୟର ସାଂସ୍କୃତିକ ଜୈବ ବିବିଧତାକୁ ରକ୍ଷା କରି ମାନବ ବିକାଶର ଏକ ଦୀର୍ଘସ୍ଥାୟୀ ବିକଳ୍ପ ପ୍ରସ୍ତୁତ କରି ରାଜ୍ୟ ଓ ରାଷ୍ଟ୍ରର ବିକାଶରେ ଆଦିବାସୀଙ୍କୁ ସମୁଚିତ ସାମାଜିକ ଓ ସାଂସ୍କୃତିକ ନ୍ୟାୟ ପ୍ରଦାନ କରିବେ ବୋଲି ଆଶା ।

ୟୁନିସ୍କୋ ପୁରସ୍କାର ପ୍ରାପ୍ତ ଭାଷାବିତ୍
୨୩୯, ଗୀତାଞ୍ଜଳି ନଗର,
ସେକ୍ଟର ୧, ରାୟପୁର, ଛତିଶଗଡ଼ – ୭୯୨୦୦୪
Email Id – mkmfolk@gmail.com

❖❖❖

# ଜନଜାତି ହାଟ : ବିବର୍ତ୍ତନର ସ୍ୱରୂପ

ଡ. ଦ୍ୱିତୀଚନ୍ଦ୍ର ସାହୁ

ଆଜିର ଜଗତୀକରଣ ଯୁଗରେ ଚାକଚକ୍ୟ ସୋ ରୁମ୍ ମଧ୍ୟରେ ଜିନିଷ କିଣିବାକୁ ଗ୍ରାହକ ବେଶ୍ ପସନ୍ଦ କରନ୍ତି । ସହର ଭଳି ଗାଁଗୁଡିକରେ ବି ଏବେ ଅନେକ ଦୋକାନର ଭିଡ । କିନ୍ତୁ ଆଦିବାସୀ ଅଞ୍ଚଳରେ ଲୋକଙ୍କ ଭରସା କେବଳ ହାଟ । ଏସବୁ ଅଞ୍ଚଳରେ ସାପ୍ତାହିକୀ ହାଟ ହିଁ ସବୁକିଛି । ଜୀବନର ସବୁକିଛି ଆବଶ୍ୟକତା ଏହିଠାରୁ ହିଁ ମିଳିଥାଏ । ହାଟ ଯେମିତି ପାଲଟିଯାଇଛି ସେମାନଙ୍କ ଜନଜୀବନର ଏକ ଅବିଚ୍ଛେଦ୍ୟ ଅଂଗ । ହାଟ ସଂସ୍କୃତି ଓ ତାର ପରିବର୍ତ୍ତିତ ସ୍ୱରୂପକୁ ନେଇ ଏଇ ଆଲୋଚନା ।

ସୋ ରୁମ୍ ମଧ୍ୟରୁ ଜିନିଷଟିଏ ଖରିଦ କରି ନ ଆଣିଲେ ସମ୍ଭବତଃ ସେହି ଜିନିଷର ସ୍ଥାୟିତ୍ୱ ନେଇ ମନରେ ହଜାରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ । କେବଳ ସେତିକି ନୁହେଁ, ଜିନିଷର ଗୁଣବତ୍ତା ନେଇ ମଧ୍ୟ ସନ୍ଦେହ ପ୍ରକଟ ହୁଏ । କିନ୍ତୁ ଆଦିବାସୀ ଅଞ୍ଚଳରେ ହାଟ ହିଁ ସବୁକିଛି । ହାଟରୁ ଯାହା ମିଳେ, ତାହା ହିଁ ସେମାନଙ୍କ ଜୀବନ ଧାରଣ ପାଇଁ ଯଥେଷ୍ଟ । ଛୁଞ୍ଚିଠାରୁ ଆରମ୍ଭ କରି ଶାବଳ, ପନିପରିବା ଠାରୁ ରାସନ ସାମଗ୍ରୀ ଯାଏ ,ଏମିତିକି ପୋଷାକ, ହାଣ୍ଡି, ଗୋରୁ, କୁକୁଡା, ମଦ, ଶୁଖୁଆ ପର୍ଯ୍ୟନ୍ତ ହାଟରେ ସବୁକିଛି ମିଳେ । ଏମିତି ସାପ୍ତାହିକୀ ହାଟର ଦିନକୁ ଅପେକ୍ଷା କରି ବସିଥାନ୍ତି ସଭିଏଁ ।

ଏବେ ଯୁଗ ଅନେକ ଆଗେଇ ଗଲାଣି । ସମସ୍ତ ଆରାମ ଓ ସୁଖକୁ ହାତ ପାଆନ୍ତାରେ ପାଇବା ଲାଗି ଅର୍ଥ ଖର୍ଚ୍ଚ କରିବାକୁ କୁଣ୍ଠିତ ନୁହଁନ୍ତି କେହି । ଅଥଚ ପାହାଡପର୍ବତଘେରା ଆଦିବାସୀ ଅଞ୍ଚଳ ଗୁଡିକରେ ଗମନାଗମନର ବିଶେଷ ସୁବିଧା ନ ଥିବାରୁ ସହରକୁ ଯାଇ ଜିନିଷ କିଣି ଆଣିବା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ । ତେବେ ପୂର୍ବରୁ ଗଢି ଉଠିଥିବା ହାଟ ସଂସ୍କୃତି ଏବେ ବି ଆଦିବାସୀଙ୍କ ପାଇଁ ଜୀବନର ପ୍ରାଣକେନ୍ଦ୍ର ହୋଇ ରହିଛି । ଉତ୍ପାଦିତ ଦରବକୁ ବିକିବା ହେଉ କିମ୍ବା କିଛି ଖରିଦ କରିବାକୁ ହେଲେ ଆଜି ବି ଆଦିବାସୀମାନେ ବର୍ଷ ବର୍ଷ ଧରି ପରିଚିତ ହୋଇ ଆସିଥିବା ହାଟ ବେପାରୀକୁ ହିଁ ବିଶ୍ୱାସ କରୁଛନ୍ତି । ଖାସ୍ ଏଥିପାଇଁ ଆଦିବାସୀହାଟ ଉପରେ ଆସ୍ଥା ପ୍ରକଟ କରି ତେଲ, ଲୁଣ ଠାରୁ ଆରମ୍ଭ କରି ପୋଷାକ, ଖାଦ୍ୟ, ସୌଖୀନ ସାମଗ୍ରୀ ସବୁ ହାଟରୁ କିଣିବାକୁ ପସନ୍ଦ କରୁଛନ୍ତି । ସେହିପରି ଆଦିବାସୀଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ପାଇବାକୁ ଆଧୁନିକ ମଣିଷକୁ ସୋରୁମ୍ ଛାଡି ହାଟକୁ ଯିବାକୁ ପଡୁଛି । କାନ୍ଦୁଲ, ତେନ୍ତୁଳି, ହଳଦୀ,

ସୋରିଷ, ଝାଡୁ, ମହୁଲ, ପାଳୁଅ, କାଙ୍ଗୁ, କୋସଲା, ବାଜରା, ମାଣ୍ଡିଆ, ଝୁଣା, ମହୁ ଭଳି ଦ୍ରବ୍ୟ ମୁଖ୍ୟତଃ ହାଟରୁ ମିଳିଥାଏ । ହାଟରେ ପ୍ରବଳ ଜନସମାଗମ ହେଉଥିବା ଦୃଷ୍ଟିରୁ ପ୍ରଶାସନ ବିଭିନ୍ନ ସମୟରେ ଜନ ସଚେତନତା ଅଥବା ସୂଚନା ପ୍ରଦାନ ଲାଗି ହାଟକୁ ବ୍ୟବହାର କରିଥାନ୍ତି । ଏପରିକି ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ହାଟକୁ ଯାଇ ପ୍ରଚାର କରିଥିବା ଦେଖିବାକୁ ମିଳିଥିଲା । ବିଶେଷକରି ହାଟରେ ଜିନିଷ ଖରିଦ କଲାବେଳେ ଦର କଷିବାର ସ୍ୱାଧୀନତା ଥାଏ ଏବଂ ବଜାରଠାରୁ କମ୍ ଦରରେ ଜିନିଷ ମିଳେ ବୋଲି ଏକ ଧାରଣା ସମସ୍ତଙ୍କର ରହିଛି । ଏଠାରେ ଅନେକ ସମୟରେ ତଉଲିବା ଅପେକ୍ଷା ଭାଗ କିମ୍ବା ମୂଳଚାଲର କାରବାର ବେଶି ହୋଇଥାଏ । ଏମିତି ଅନେକ ସ୍ଥାନରେ ଏବେ ବି ଜିନିଷ ବିନିମୟ ପ୍ରଥା ରହିଛି । ଜିନିଷ ବଦଳରେ ଅଲଗା ଜିନିଷ ଦିଆନିଆ କରାଯାଏ । ସୁନାରି ସମ୍ପ୍ରଦାୟର ଲୋକେ ହାଟରେ ନିଜର ଅସ୍ଥାୟୀ ଦୋକାନ ଜରିଆରେ  ଅଳଙ୍କାର ମରାମତି ସହ ସହରରେ ନୂଆ ସୁନା ଗହଣା କାରବାର ଲାଗି ସମ୍ପର୍କ ଯୋଡନ୍ତି । ଆଦିବାସୀ ଅଞ୍ଚଳରେ ହାଟରେ ଭଲ କାରବାର ହେଉଥିବାରୁ ଉତ୍ତର ପ୍ରଦେଶ, ବିହାର, ଦିଲ୍ଲୀ, କୋଲକତା ଆଦି ଅଞ୍ଚଳର ବହୁ ବୁଲା ବିକାଳି ହାଟକୁ ହାଟ ବୁଲି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି ।

**ଜନଜାତି ହାଟ**

ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏମିତି କିଛି ହାଟ ଅଛି, ଯାହାକି ସଦାସର୍ବଦା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଆସିଛି । ଏପରିକି ଏସବୁ ହାଟରେ ବିଦେଶ ପର୍ଯ୍ୟଟକମାନେ ବୁଲିବାକୁ ବେଶ୍ ପସନ୍ଦ କରନ୍ତି । ଏହି ହାଟଗୁଡିକ ପ୍ରତି ବିଦେଶୀ ପର୍ଯ୍ୟଟକଙ୍କ ଆଗ୍ରହ ବେଶ୍ ରହିଥିବାରୁ ଟୁରିଜିମ୍ ପ୍ୟାକେଜ୍‌ରେ ଟୁର୍ ଗାଇଡ୍‌ମାନେ ସାମିଲ କରିଛନ୍ତି । ରାୟଗଡ ଜିଲ୍ଲାର ଚାଟିକଣା ଏବଂ କୋରାପୁଟ ଜିଲ୍ଲାର ଅନକାଡଲି ଏବଂ କୁନ୍ଦୁଲି ହାଟର ବେଶ୍ ମର୍ଯ୍ୟାଦା ରହିଛି । ଆଦିବାସୀଙ୍କ ଜୀବନଶୈଳୀ, ବେପାରବଣିଜ ବିଶେଷକରି ସରଳମନା କାରବାର ପର୍ଯ୍ୟଟକଙ୍କୁ ଏସବୁ ହାଟକୁ ଟାଣି ଆଣେ । ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ୍‌ର ଚାଟିକଣା ହେଉଛି ଅନ୍ୟତମ ପ୍ରମୁଖ ହାଟ । ନିୟମଗିରି ପାଦଦେଶରେ ଥିବା ଏଇ ହାଟକୁ ବହୁ ସଂଖ୍ୟାରେ ବିରଳ ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଲୋକ ଆସନ୍ତି । ସେମାନଙ୍କ ଦ୍ୱାରା ଉତ୍ପାଦିତ ଫଳ ଏବଂ ଲଘୁବନଜାତ ଦ୍ରବ୍ୟକୁ ବିକ୍ରି କରି ନିଜ ପାଇଁ ହାଟରୁ ଜିନିଷ ଖରିଦ କରନ୍ତି । ଏହାସହ ଡଙ୍ଗରିଆ କନ୍ଧଙ୍କ ହସ୍ତକଳା ସାମଗ୍ରୀ, ହାତ ତିଆରି ବିଶେଷ ଧରଣର ବସ୍ତ୍ର ଏଇ ହାଟରେ ସେମାନେ ବିକ୍ରି କରିଥାନ୍ତି । ଏସବୁ ବିଦେଶୀ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ରହିଆସିଛି । ଏହାଛଡା ସେମାନଙ୍କ ବିଭିନ୍ନ ଭଙ୍ଗୀର ଫଟୋ ଏଠି ଅତି ସହଜରେ କ୍ୟାମେରାରେ ବାନ୍ଧି ରଖିବାର ସୁବିଧା ଥାଏ ।

ସେହିପରି ଅନ୍ୟ ଏକ ହାଟ ହେଲା  ଅନକାଡଲି । ଏଠାରେ ବଣ୍ଡା, ଡିଡାଇ, ମାଳି ସମ୍ପ୍ରଦାୟର ଆଦିବାସୀଙ୍କ ସମାଗମ ହୁଏ । ସେମାନେ ନିଜର ଉତ୍ପାଦିତ ସାମଗ୍ରୀ ସହ ବନଜାତ ଦ୍ରବ୍ୟକୁ  ବିକ୍ରି କରିଥାନ୍ତି । ଏଠାରେ

ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ମଦ ଲନ୍ଦା ବିକ୍ରି ହୋଇଥାଏ । ଭିନ୍ନ ସ୍ଥାନରେ ଲମ୍ବା ଧାଡିରେ ହାଣ୍ଡି ଧରି ଆଦିବାସୀମାନେ ଲନ୍ଦାକୁ ବିକ୍ରୀ କରନ୍ତି । ଏଥିପାଇଁ କିଛି ବାଧକ ନଥାଏ । ଏଠାରେ ଖୁବ୍ ନିକଟରୁ ଆଦିବାସୀ ଜୀବନଶୈଳୀକୁ  ଅନୁଭବ କରିହୁଏ । ଏହାଛଡା ଅନକାଡଲି ନିକଟରେ ଥିବା ପର୍ଯ୍ୟଟନସ୍ଥଳ ମାଛକୁଣ୍ଡ ଏବଂ ଡୁଡୁମା ଜଳପ୍ରପାତ ବୁଲିବାର ସୁଯୋଗ ମଧ୍ୟ ଥାଏ ।

ଅବିଭକ୍ତ କୋରାପୁଟ ଜିଲ୍ଲାର ଆଉ ଏକ ପ୍ରସିଦ୍ଧ ହାଟ ହେଲା କୁନ୍ଦୁଲି । କୋରାପୁଟ-ଆନ୍ଧ୍ର ଦେଇ ଜାତୀୟ ରାଜପଥର କଡରେ ବସେ ଏଇ ହାଟ । ଏଠାକୁ ପରଜା ଓ ମାଳି ସମ୍ପ୍ରଦାୟର ଆଦିବାସୀଙ୍କ ସମାଗମ ହେଉଥିଲେ ହେଁ ପରିବା ଲାଗି ଏଇ ହାଟ ବେଶ୍ ପ୍ରସିଦ୍ଧ । ଓଡିଶା କାହିଁକି ପଡୋଶୀ ଆନ୍ଧ୍ର ଏବଂ ଛତିଶଗଡର ବେପାରୀମାନେ ଆସି ଏଠାରେ ସୁଲଭ ମୂଲ୍ୟରେ ବିଭିନ୍ନ କିସମର ପରିବା, ଅଦା, ପିଆଜ, ରସୁଣ ଭଳି ବହୁ ସାମଗ୍ରୀ ଖରିଦ କରିଥାନ୍ତି । ଏଇ ହାଟରେ ବସୁଥିବା ପରିବା ମଣ୍ଡି ଓଡିଶାର ବୃହତ ପରିବା ବଜାର ଭାବେ ବିବେଚିତ । ସେହିପରି ଲକ୍ଷ୍ମୀପୁର, କାକିରଗୁମ୍ମା, ଟିକିରି, କାଶୀପୁର, କୈଳାସପୁର, କେନ୍ଦୁଗୁଡା, ବୋରିଗୁମ୍ମା, ବୈପାରିଗୁଡା ଭଳି ପ୍ରମୁଖ ହାଟର ଚାହିଦା ଏବେ ବି ରହିଛି । ତେବେ ଗତକିଛି ବର୍ଷ ପୂର୍ବେ ମାଓବାଦୀଙ୍କ ଦ୍ୱାରା ଦୁଇ ବିଦେଶୀ ପର୍ଯ୍ୟଟକ ଅପହୃତ ହେବା  ପରେ ହାଟ ଗୁଡିକରେ ବିଦେଶୀ ପର୍ଯ୍ୟଟକଙ୍କ ଅବାଧ ବିଚରଣ ନେଇ କଟକଣା କରାଯାଇଛି । ଜିଲ୍ଲା ପ୍ରଶାସନର ବିନା ଅନୁମତିରେ ଆଦିବାସୀ ଜିଲ୍ଲା ଗୁଡିକରେ ବିଦେଶୀ ପର୍ଯ୍ୟଟକଙ୍କ ପ୍ରବେଶକୁ ନିଷେଧ କରାଯାଇଛି । ଫଳରେ ପୂର୍ବପରି ସବୁ ହାଟରେ ଆଉ ବିଦେଶୀ ପର୍ଯ୍ୟଟକଙ୍କ ଭିଡ ରହୁନାହିଁ ।

**ଜନଜାତି ଓ ହାଟ**

ଜନଜାତି ଓ ହାଟ ଭିତରେ ଗଭୀର ସମ୍ପର୍କ । ହାଟ ସେମାନଙ୍କ ଜୀବନରେଖା । ସାପ୍ତାହିକୀ ହାଟର ଅପେକ୍ଷା ସମସ୍ତଙ୍କୁ ଥାଏ । ହାଟ କେବଳ କିଣାବିକାର ପେଣ୍ଠସ୍ଥଳ ନଥିଲା । ବରଂ ଜନଜାତିଙ୍କ ପାଇଁ ଜୀବନ ଜିଇଁବାର ଏକ ଅବଲମ୍ବନ । ଜନଜାତି ଅଞ୍ଚଳର ହାଟର ଗୁରୁତ୍ୱ ବେଶି । ହାଟ କେବଳ ବିକ୍ରିବଟା ମଧ୍ୟରେ ସୀମିତ ରହିନାହିଁ । ଜନଜାତି ସବୁବେଳେ ହାଟ ଓ ବାଟକୁ ଦେଖେ । ହାଟକୁ ଗଲାବେଳେ ବାଟ ତାର ପରିଚିତ ଭୌଗୋଳିକ ରୂପରେଖ । ଜନଜାତି ନିଜର ଉତ୍ପାଦିତ ଦ୍ରବ୍ୟକୁ ହାଟରେ ନହେଲେ ବାଟରେ ବିକ୍ରି କରେ । ହାଟକୁ ଯିବା ପୂର୍ବରୁ ତାର ଚିରାଚରିତ ପରିଚିତ ବାଟରେ ଗରାଖ ମିଳିଲେ ସେହିଠି ସେ ଜିନିଷ ବିକ୍ରି କରିଦିଏ । ଖାଲି ଟୋକେଇ ଧରି ହାଟକୁ ଯାଇ ନିଜ ଘର ପାଇଁ ଜିନିଷ କିଣେ । ବାଟରୁ ବଳିଲେ ଯାଇ ସେ ହାଟକୁ ଯାଏ ଓ ନିଜ ଜିନିଷ ବିକେ ।

ଜନଜାତି ଲୋକ ସପ୍ତାହକ ମଧ୍ୟରେ ସଂଗୃହୀତ କରିଥିବା ବନଜାତ ଦ୍ରବ୍ୟ, ଡଙ୍ଗର କୁପୁଲିରୁ ଉତ୍ପାଦନ କରିଥିବା ଶସ୍ୟ, ମଞ୍ଜି ଆଦିକୁ ସଜେଇଦିଏ ରାତିରୁ । ପାହାନ୍ତି କୁକୁଡାର ପ୍ରଥମ ଡାକରେ ଟୋକେଇକୁ ମୁଣ୍ଡେଇ

ଚାଲେ ଆଦିବାସୀ ରମଣୀ । ପଛରେ ତାର ସ୍ୱାମୀ ବାହୁଙ୍ଗିରେ ଧରିଥାଏ ଅନେକ ଦ୍ରବ୍ୟ । ଅନ୍ଧାରକୁ ଚିରି ନିଜ ପରିଚିତ ସରୁ ପାଦ ଚଲା ରାସ୍ତାରେ ଚାଲେ ଆଗକୁ ଆଗକୁ । ବେଳ ଫିଟିଲା ବେଳକୁ ହାଟରେ ପହଞ୍ଚିବା ଆବଶ୍ୟକ । ବାଟରେ ଦାନ୍ତକାଠି ଭାଙ୍ଗି ଘଷେ କୋଉ ଝୋଲାଝରଣା ମୂଳରେ । ସାଥୀରେ ଆଣିଥିବା ମାଣ୍ଡିଆ ଜାଉକୁ ପିଇଦିଏ । ପୁଣି ଆଗେଇ ଚାଲେ । ହାଟ ତା ସ୍ୱପ୍ନର ରାଇଜ । ନାନା ଜାତିର ଜିନିଷ ଏବଂ ନାନା ଜାତିର ଲୋକଙ୍କୁ ଭେଟିବାକୁ ବ୍ୟାକୁଳ ମନ । କେବେ ଦେଖି ନଥିବା ଜିନିଷ ସବୁ ଦେଖିବାର ସୁଯୋଗ ପାଇବ । ଶୀଘ୍ର ଖେଟିଲେ ତାର ଜିନିଷ ଶୀଘ୍ର ବିକ୍ରି ହେବ । ଘର ପାଇଁ ଜିନିଷ କିଣି ପୁଣି ବେଳ ବୁଡିଲା ଆଗରୁ ଗାଁରେ ପହଁଚିବାକୁ ହେବ । ହାଟ ପାଇଁ ଏକତ୍ର ଦଳବଦ୍ଧ ଭାବେ ଗାଁରୁ ଲୋକେ ହାଟମୁହାଁ ହୁଅନ୍ତି ଏବଂ ପୁଣି ଫେରନ୍ତି । ସେତେବେଳେ ଅଗନାଅଗିନି ବଣ, ପାହାଡ, ଝୋଲାଝରଣା ଦେଇ ସରୁ ପାଦଚଲା ରାସ୍ତାରେ ଯିବାକୁ ହେଉଥିଲା । ସେମିତି ଯିବାରେ ଜୀବନ ପ୍ରତି ଭୟ ରହୁଥିଲା । ବନ୍ୟଜନ୍ତୁ, ଡୁମା, ଫରେଷ୍ଟ ଗାର୍ଡ, ପୋଲିସ, ସାଉକାରଙ୍କ ଭୟ ଭିତରେ ସେ ହାଟକୁ ଯାଏ ଓ ଫେରେ । ହାଟରେ ପହଁଚିବା ପୂର୍ବରୁ କିଛି ଦୂରରୁ ବେପାରୀମାନେ ଜୋରକରି ମୁଣ୍ଡରୁ ଓହ୍ଲାଇ ଦିଅନ୍ତି ଟୋକେଇ । ଦର କହିବା ପୂର୍ବରୁ ବେପାରୀ ଦରକଷି ହାତକୁ ଗୁଞ୍ଜିଦିଏ ପଇସା । ହାତକୁ ଟଙ୍କା ଆସିଗଲେ ସେତେବେଳେ ଜନଜାତି ବେଶି ଖୁସି ହେଉଥିଲା । ଲାଭକ୍ଷତିର ହିସାବ ରଖୁ ନଥିଲା । ଅବଶ୍ୟେ ଏଦିଗରେ ଜନଜାତି ରମଣୀମାନେ ଟିକେ ଅଲଗା । ସେମାନେ ବେପାରୀଙ୍କ ସହ ମୂଲଚାଲ କରନ୍ତି । ଠିକ୍ ଦାମ୍ ମାଗନ୍ତି । ଅଧିକାଂଶ ସମୟରେ ଅବଶ୍ୟ ଠକି ହୋଇଯାନ୍ତି । ଓଜନ କରିବାର ଅବକାଶ ନଥିଲା । ଟୋକେଇ ମୂଲ ହେଉଥିଲା । ନହେଲେ ଖେଜା ବା ବଣ୍ଟା ପକାଇ କିଣା ଯାଉଥିଲା । ଆଉ କିଛି ଦ୍ରବ୍ୟକୁ ଗୋଟା ହିସାବରେ ଦର ଧାର୍ଯ୍ୟ ହେଉଥିଲା । ଆଦିବାସୀ ସେମିତି ଅଜାଡି ଦେଉଥିଲେ ବେପାରୀ ନିକଟରେ । ଦିନଥିଲା ଜିନିଷ ବଦଳରେ ଜିନିଷ ଆଣୁଥିଲେ ଆଦିବାସୀ । ଜିନିଷ ଦେଇ ଲୁଣ, ମରିଚ, ଶୁଖୁଆ ବଦଳ କରି ଆଣୁଥିଲେ ଘରକୁ । ଜୀବନରେ ବଞ୍ଚିବା ପାଇଁ ଲୁଣ, ମରିଚ ପ୍ରମୁଖ ଉପାଦାନ ଥିଲା । ବାକି ଜିନିଷ ଜନଜାତି ଲୋକେ ନିଜେ ଯୋଗାଡ କରିବାରେ ସକ୍ଷମ ଥିଲେ । ପୂଜାପରବ ଦିନରେ ନୂଆ ହାଣ୍ଡି, ଲୁଗା, ପଘା, ପଲପ, ପୂଜା ଲାଗି ପିଠା ପଣା ପାଇଁ ସାମଗ୍ରୀ କିଣୁଥିଲେ । ଘରେ କିଛି ସାମଗ୍ରୀ ନଥିଲେ ବି ଜନଜାତି ଲୋକେ ହାଟକୁ ଆସିଲାବେଳେ ଖାଲି ହାତରେ ଆସିବାକୁ ମଙ୍ଗୁ ନଥିଲେ । ସେଥିପାଇଁ ବାଡିର ବୋଇତାଳୁ, ଲାଉ, ଭଣ୍ଡା, କଦଳୀ ଏମିତି କିଛି ଧରି ଆସୁଥିଲେ । ସେସବୁ ନଥିଲେ ଘରେ ପୋଷିଥିବା କୁକୁଡା ଗୋଟେ ଧରି ଆସୁଥିଲେ । ତାକୁ ବିକିଲା ପରେ ଘର ପାଇଁ ଜିନିଷ କିଣୁଥିଲେ ଆଦିବାସୀ । ଧାଙ୍ଗିଡୀମାନେ ବାସ୍ନା ତେଲ, ବାଳଛପା, ରିବିନ, ଆଇନା କିଣୁଥିଲେ । ହାଟରୁ ଫେରିବାବେଳେ ପିଲାଙ୍କ ପାଇଁ ଖଜା, ପକୁଡି, ଜିଲାପି ଭଳି ଜିନିଷ କିଣୁଥିଲେ ବୟସ୍କ ଲୋକେ । ହାଟଠାରୁ ଟିକେ ଦୂରରେ ଗଛ ଛାଇରେ ବିକିବାକୁ ବସିଥିବା ଲନ୍ଦା ପିଇବା ଏକ ରକମ ପ୍ରଥା ଭଳି ଥିଲା । ଲନ୍ଦା ପିଇବା ପାଇଁ କିଛି ଲେବୁ ବଳଉଥିଲେ । କାମ ସରିଲେ ଲନ୍ଦା ପିଆ ହୋଇ ଘରକୁ ଫେରିବା ଅବଧାରିତ । ସମସ୍ତେ

ଅଳ୍ପ ବହୁତ ପିଇବେ ହିଁ ପିଇବେ । ଗାଈଗୋରୁ, ଛେଳି ମେଣ୍ଢା, କୁକୁଡା ଠାରୁ ଆରମ୍ଭ କରି ମାଟି ହାଣ୍ଡି, ଶୁଖୁଆ, ଲୁଣ, ମରିଚ, ପିଆଜ, କପଡା ଭଳି ଜିନିଷ ବିକ୍ରି ହେଉଥିଲା ହାଟରେ । ବେପାରୀମାନେ ହାଟର ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିଜର ଆସ୍ଥାନ ଜମାଇ ଜିନିଷ କିଣନ୍ତି । ମାଣ୍ଡିଆ, ତେନ୍ତୁଳି, ଝାଡୁ, ମୁଗ, ବିରି, କାନ୍ଦୁଲ, ଭାଲିଆ, ହଳଦୀ, ପାଳୁଅ, ଆମ୍ବସଢା, ଚମ୍ପେଇତ, ସୋରିଷ, ଝୁଡୁଙ୍ଗ ଆଦି କିଣିବା ପାଇଁ ଅଲଗା ବେପାରୀ ଥାଆନ୍ତି। କଞ୍ଚା ପରିବା କିଣିବା ଲାଗି ଅଲଗା ବେପାରୀ । ହାଟରେ ସୁନାରୀର ଅସ୍ଥାୟୀ  ସୁନା ଦୋକାନ । ସୁନା କିଣାବିକା ହୁଏ ସେଠି । କୁମୁଟି, ଶୁଣ୍ଢି ସାଉକାର ଋଣ ଆଦାୟ ପାଇଁ ମଧ୍ୟ ବସିଥାନ୍ତି । ସାଉକାରମାନେ ଋଣ ଦିଅନ୍ତି ଓ ଋଣର ସୁଧମୂଳ ଆଦାୟ କରନ୍ତି । ଋଣ ବଦଳରେ ଉତ୍ପାଦିତ ଜିନିଷକୁ ବି କେହି କେହି ଢାଳି ଦିଅନ୍ତି । ବର୍ଷ ଆରମ୍ଭରୁ କେତେକ ସାଉକାର ଅଗ୍ରିମ ଋଣ ଦେଇଥାନ୍ତି । ଫସଲ ଉତ୍ପାଦନ ହେଲେ ତାକୁ ଶାଗମାଛ ଦରରେ ଜନଜାତି ଲୋକଙ୍କ ଠାରୁ ହଡପ କରି ନିଅନ୍ତି । ଆଉ କେତେକ ସ୍ଥାନରେ ଋଣର ପରିମାଣ ବଢିଲେ ଛେଳି, ମେଣ୍ଢା, ବଳଦ ଏପରିକି ଜମି ମଧ୍ୟ ନେଉଥିଲେ ସାଉକାରମାନେ । ବେଳ ମୁଣ୍ଡ ଉପରକୁ ଆସିଲାବେଳକୁ ମଦ ନିଶାରେ ଝିମିରିଝିମା ହୋଇ ଧୀର ପାଦରେ ଫେରିବା ବାଟ ଧରନ୍ତି ହାଟ ଫେରନ୍ତା ଆଦିବାସୀ । ଧାଙ୍ଗଡା ଧାଙ୍ଗଡୀ ହାଟରେ ମନ ଦିଆନିଆ କରନ୍ତି । ପ୍ରେମର ଭାବ ବଢେ । ଧାଙ୍ଗଡୀ ପାଇଁ ମନ ପସନ୍ଦର ଜିନିଷ କିଣେ ଧାଙ୍ଗଡା । ତାକୁ ଉପହାର ଦିଏ । ଧାଙ୍ଗଡୀ ଖୁସି ହୋଇ ଆର ପାଳିକୁ ଆସିବାର ପ୍ରତିଶ୍ରୁତି ଦେଇ ନିଜ ଗାଁକୁ ଫେରେ । ତେବେ ହାଟ ସେତେବେଳେ ଜନଜାତି ଶୋଷଣର ପ୍ରମୁଖ କେନ୍ଦ୍ର ଥିଲା କହିଲେ ଅତ୍ୟୁକ୍ତି ହେବନି ।

**ହାଟ ସଂସ୍କୃତି ଓ ଜନଜାତି ଜୀବନାଦର୍ଶ**

ହାଟ ସଂସ୍କୃତିରେ ଜନଜାତିଙ୍କ ଜୀବନ ଆଦର୍ଶ ସ୍ୱୟଂ ପ୍ରତିଫଳିତ ହୁଏ । ଏହା କେବଳ ଏକ କିଣା ବିକାର ସ୍ଥାନ ନୁହେଁ । ଏହାର ସ୍ଥାନ ଜନଜାତି ସଂସ୍କୃତିରେ ଅସୀମ । ଆଦିବାସୀ ଅଞ୍ଚଳର ହାଟରେ ସମ୍ପର୍କର ପରିସର ପରିବ୍ୟାପ୍ତ । ସୁଖ, ଦୁଃଖ, ଆବେଗ, ଅଭୀପ୍ସା, ଅନୁଭବକୁ ବାଣ୍ଟିହୁଏ । ଦୂର ଗାଁରେ ଥିବା ସମ୍ପର୍କୀୟ ଆଦିବାସୀମାନେ ହାଟରେ ଦେଖା ସାକ୍ଷାତ ହେବାର ସମ୍ଭାବନା ଥିବାରୁ ହାଟପାଳିକୁ ଅପେକ୍ଷା କରିଥାନ୍ତି । ହାଟପାଳିରେ ବନ୍ଧୁ ନିମନ୍ତ୍ରଣ, ଖବର ଆଦାନପ୍ରଦାନ ହୁଏ । ବିଭିନ୍ନ ଗ୍ରାମରେ ଆୟୋଜିତ ପର୍ବପର୍ବାଣୀ ଆଦିର ଖବର ପ୍ରଚାର ପ୍ରସାର ଦିଗରେ ହାଟ ବଡ ଭୂମିକା ଗ୍ରହଣ କରି ଆସିଛି । ହାଟ ଆଦିବାସୀ ଯୁବକ ଯୁବତୀଙ୍କ ଭାବ ଦିଆନିଆ, ବର କନ୍ୟା ଚୟନର ପ୍ରମୁଖ ପେଣ୍ଠସ୍ଥଳୀ । ଘରର ଆବଶ୍ୟକ ସାମଗ୍ରୀ ଲାଗି ଆସିଥିବା ଆଦିବାସୀ ରମଣୀଙ୍କୁ ଚୟନ ଲାଗି ଅବସର ଯୋଗାଇଥାଏ । ଏମିତିକି ବେଳେବେଳେ ହାଟରୁ କନ୍ୟାକୁ ଝିଙ୍କି ନେଇ ବାହା ହୁଅନ୍ତି । ମାଟି ହାଣ୍ଡି, ପଘା, ଶୁଖୁଆ, ଆଦିବାସୀଙ୍କ ପାରମ୍ପରିକ ଅଳଙ୍କାର, ସ୍ୱତନ୍ତ୍ର ବସ୍ତ୍ର, ଲନ୍ଦା, ପାରମ୍ପରିକ କୃଷି ଉପକରଣ, ତଲାରୀ ଭଳି ବହୁ ପଦାର୍ଥ ଆଜି ବି ହାଟରୁ ହିଁ ମିଳିଥାଏ । ପ୍ରଶାସକମାନେ ସରକାରୀ ଖବର

ପହଞ୍ଚାଇବାକୁ ହାଟକୁ ଚୟନ କରୁଥିଲେ । ନେତାମାନେ ନିର୍ବାଚନବେଳେ ଜନଜାତି ହାଟକୁ ନିର୍ବାଚନର ପ୍ରମୁଖ ସ୍ଥାନ ଭାବେ ଚୟନ କରନ୍ତି । ଟିମିଟିମା ବା ଡେଙ୍ଗୁରା ପିଟି ଖବର ସମସ୍ତଙ୍କ ନିକଟରେ ପହଁଚାଇବା ସହଜ ହେଉଥିଲା । ହାଟ ପାଳିରେ ଖବର ଦେଲେ ସହଜରେ ଗାଁକୁ ଗାଁ ଖବର ପରିବ୍ୟାପ୍ତ ହୋଇଯାଉଥିଲା । ଶିକ୍ଷା ଓ ସଚେତନତାର ଅଭାବ ହେତୁ ହାଟକୁ ଆସୁଥିବା ପ୍ୟାଣ୍ଟ୍‌ଶାର୍ଟ୍ ପିନ୍ଧା ଲୋକଙ୍କୁ ଏକ ଭିନ୍ନ ରାଇଜର ଲୋକେ ବୋଲି ଜନଜାତି ଲୋକେ ଭାବୁଥିଲେ । ବାହାର ଦେଶର ଲୋକଙ୍କ ପ୍ରତି ଭୟ ଓ ଭକ୍ତି ରଖୁଥିଲେ । ସେମାନେ ଯାହା କହୁଥିଲେ ଜନଜାତିର ଲୋକେ ତାହା ନିର୍ବିଘ୍ନରେ କରୁଥିଲେ ।

ହାଟ ସଂସ୍କୃତିରୁ ଅନେକ ପ୍ରଥା ଓ ପରମ୍ପରା ସୃଷ୍ଟି । ଉଦଲିଆ, ଝିଙ୍କା ବିବାହ ଏଠାରେ ସୁରୁଖୁରୁରେ ହୋଇପାରେ । ହାଟକୁ ଗଲାବେଳେ ପଥଶ୍ରମ ଲାଘବ ପାଇଁ ଜନଜାତି ଗୀତ ଗାଏ । ଏଥିରେ ଜଣେ ଗୀତ ବୋଲିଲେ ଅନ୍ୟମାନେ ପାଳି ଧରି ଗୀତ ବୋଲନ୍ତି । ଦୂର ବାଟକୁ ଏମିତି ଗୀତ ଗାଇ ଗାଇ ସହଜରେ ଅତିକ୍ରମ କରିପାରନ୍ତି । ଥଟ୍ଟାମଜା, ଦୁଃଖ ସୁଖକୁ ଗୀତରେ ସଜେଇ ତତ୍‌କାଳ ଗାଇଥାନ୍ତି । ଜନଜାତି ଜୀବନର ଆବେଗ ଏହି ଗୀତରେ ପ୍ରତିଫଳିତ ହୋଇଥାଏ । ହାଟକୁ ଗଲାବେଳେ ସହଭାଗିତା ଓ ସହଚାର୍ଯ୍ୟର ଗୁଣ ଜନଜାତିଙ୍କ ଭିତରେ ଅଲକ୍ଷ୍ୟରେ ବିକଶିତ ହୋଇଥାଏ । ପାହାଡ଼ି ରାସ୍ତାର ଉଠାଣି ଗଡ଼ାଣିରେ ଗତି କଲାବେଳେ ସେମାନେ ପରସ୍ପର ହାତକୁ ହାତ ଛନ୍ଦି ଅନ୍ୟକୁ ଜୀବାକୁ ସହାୟତା କରିଥାନ୍ତି । ଜୀବନର ଏହି ଶୈଳୀ ଜନଜାତି ନୃତ୍ୟରେ ପରିଦୃଶ୍ୟ ହୁଏ। ଢେମ୍‌ସା ନୃତ୍ୟରେ ହାତକୁ ହାତ ଓ ଅଣ୍ଟାରେ ହାତ ଛନ୍ଦି ଆଗପଛ, ବାମଡାହାଣ ହୋଇ ଏକା ଶୈଳୀରେ ଦଳବନ୍ଧ ଭାବେ ପାଦକୁ ଉଞ୍ଚେଇ ଏବଂ ହାତକୁ ହଲେଇ ନୃତ୍ୟ କରାଯାଏ । ଏହା ମୁଖ୍ୟତଃ ହାଟକୁ ଯିବା ଅଭ୍ୟାସ ଏବଂ ଡଙ୍ଗର ପାହାଡ଼ରେ ଶ୍ରମଦାନରୁ ଆସିଥିବା ଜଣାଯାଏ । ପାରସ୍ପରିକ ସହ ଭାଗିତାର ମୂଲ୍ୟବୋଧକୁ ଜନଜାତି ହାଟ ସଂସ୍କୃତି ଏବେ ବି ବଞ୍ଚେଇ ରଖିଛି ।

### ପରିବର୍ତ୍ତନଶୀଳ ହାଟ ଓ ଜନଜାତି

ଏବେ ସମୟ ବଦଳିଗଲା । ବଜାରୀକରଣର ପ୍ରଭାବ ଜନଜାତି ଗାଁରେ ଦେଖିବାକୁ ମିଳୁଛି । ଜନଜାତି ଗାଁକୁ ଲମ୍ବିଛି ପିଚୁ ରାସ୍ତା । ସହଜରେ ଗାଡି ଯାଇପାରୁଛି । ଗାଁରେ ଏକାଧିକ ଅଟୋ । ଘରେ ଘରେ ମୋଟର ସାଇକେଲ । ପ୍ରତିଦ୍ୱନ୍ଦ୍ୱିତାମୟ ଦୁନିଆରେ ବେପାରୀମାନେ ଆଉ ହାଟପାଳିକୁ ଅପେକ୍ଷା ନକରି ସିଧା ଗାଁକୁ ଯାଉଛନ୍ତି । ଦୁଆର ମୁହଁରୁ ଜିନିଷ କିଣିବା ଆରମ୍ଭ ହୋଇଛି । ତାହା ବି ନିକିତିରେ । ବଦଳ ପ୍ରଥା ନାହିଁ । ଜନଜାତିର ପରବର୍ତ୍ତୀ ପିଢ଼ିମାନେ ବିଭିନ୍ନ ହଷ୍ଟେଲ୍ ସ୍କୁଲ୍‌ରେ ପଢି ସଚେତନ ହେଲେଣି । ଅନେକ ପିଲା ଶିକ୍ଷିତ ହୋଇ ଚାକିରି କଲେଣି। ତାର ପ୍ରଭାବ ଗାଁ ଉପରେ ପଡିଲାଣି । ଗାଁର ଅଭିଭାବକମାନେ ବି ସଚେତନ ହେଲେଣି । ଆଉ ଟୋକେଇରେ କିମ୍ବା

ଗୋଟା ହିସାବରେ କିଣାବିକା ହେଉନି ଜନଜାତି ଗାଁରେ । ବେପାରୀ ନିଜ ଗାଡି ସହ ଇଲୋକ୍ଟ୍ରନିକ ନିକିତି ଆଣୁଛି । ଗାଁ ଦାଣ୍ଡରେ ରଖୁଛି । ପ୍ରତି ଘରୁ ଜିନିଷ ଆସି ମାପ ହେଉଛି । ଓଜନ ହିସାବରେ ସରକାରୀ ଦରରେ ଜିନିଷ କିଣିବାକୁ ବାଧ୍ୟ ହେଉଛି ବେପାରୀ । ଗାଁ ଗାଁରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠିତ ହୋଇଛି । ନିଜେ ସଚେତନ ହେଲେଣି ମହିଳାମାନେ । ବେପାରର ଧାରା ବୁଝିଲେଣି । ବେପାରୀଙ୍କୁ ସାଧ୍ୟ ମତେ ପରିଚାଳନା କରିପାରୁଛନ୍ତି । ଜନଜାତିଙ୍କ ହସ୍ତକଳା ସାମଗ୍ରୀର ଦର ଆକାଶ ଛୁଆଁ । ଆଗ ଭଳି ସହଜରେ ବିକିବାକୁ ପସନ୍ଦ କରୁ ନାହାଁନ୍ତି ଆଦିବାସୀ । ତିଆରି କରିଥିବା ଜିନିଷ ସରକାରୀ ଏଜେନ୍ସି କିମ୍ବା ବିଦେଶୀ ପର୍ଯ୍ୟଟକଙ୍କୁ ଉଚିତ ମୂଲ୍ୟରେ ବିକ୍ରି କରିପାରୁଛନ୍ତି । ଏହାଛଡା ସରକାରଙ୍କଠାରୁ ଆର୍ଥିକ ସହାୟତା ମିଳୁଛି । ନୂଆ ଶୈଳୀରେ ହସ୍ତକଳା ସାମଗ୍ରୀ ତିଆରି ପାଇଁ ନିରନ୍ତର ତାଲିମ ସହ ବଜାର ଯୋଗାଇ ଦେଉଛନ୍ତି ସରକାର ଓ ପ୍ରଶାସନ । ବିକ୍ରିବଟାର ସମସ୍ୟା ନାହିଁ । ବ୍ୟାଙ୍କ୍ ଏକାଉଣ୍ଟ୍‌କୁ ସିଧା ଅର୍ଥ ଆସିଯାଉଛି । ଗାଁରେ ମୋବାଇଲ୍ ଟାଓ୍ୱାର ହେଲାଣି । ବିଜୁଳି ଆଲୁଅ ହେତୁ ଘରେ ଘରେ ଟିଭି ସଂଯୋଗ ହେଲାଣି । ଦୁନିଆ ଛୋଟ ଲାଗିଲାଣି । ବୈଷୟିକ ଯୁଗରେ ଘରେ ବସି ଅନଲାଇନରେ ଜିନିଷ କିଣିବା ସହଜ ହୋଇଯାଇଛି । ଆଦିବାସୀ ବି ପଛରେ ନାହାନ୍ତି । ବହୁ ଆଦିବାସୀ ଇଲାକାରେ ଏବେ ଯୋଗାଯୋଗର ସୁବିଧା ସହଜ ହୋଇଯାଇଛି । ଜନଜାତିର ପରବର୍ତ୍ତୀ ପିଢି ସହରକୁ ଯାଇ ଜିନିଷ କିଣି ଆଣୁଛନ୍ତି । ବେପାରୀଙ୍କ କୁଚକ୍ରୀ ଦାଉରୁ ପରିବାରକୁ ରକ୍ଷା କରିପାରୁଛନ୍ତି । ଶିକ୍ଷା ହାସଲ ହେତୁ ଅନ୍‌ଲାଇନ୍‌ରେ ବି ଘର ପାଇଁ ସାମଗ୍ରୀ ଖରିଦ କରୁଛନ୍ତି । ବଡ଼ ବଡ଼ ଅନ୍‌ଲାଇନ୍ ସପିଂ କମ୍ପାନୀମାନେ ନିଜ ଏଜେନ୍ସି ଦ୍ୱାରା ଛୋଟ ଛୋଟ ଗାଁକୁ ଜିନିଷ ପଠେଇବା ଦ୍ୱାରା ଜନଜାତି ଇଲାକାରେ କିଣାବିକା ସହଜ ହୋଇପାରିଛି । ପସନ୍ଦ ହେଉ ନଥିବା ଜିନିଷକୁ ଗୋଟିଏ କ୍ଲିକରେ ଫେରାଇ ପାରୁଛି । ଜନଜାତିର ଲୋକେ ସରକାରଙ୍କ ଦ୍ୱାରା ଆୟୋଜିତ ପ୍ରଦର୍ଶନୀ ମେଳାକୁ ନିଜର ବିଶୁଦ୍ଧ ଜିନିଷ ନେଇ ବିକ୍ରି କରୁଛି । ଆଦିବାସୀ ମେଳା, ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ, ରାଜ୍ୟ ତଥା ଜାତୀୟ ହସ୍ତତନ୍ତ ଶିଳ୍ପ ପ୍ରଦର୍ଶନୀକୁ ଯାଇ ନିଜର ସାମଗ୍ରୀକୁ ବିକ୍ରି କରିବାର ସୁଯୋଗ ପାଇପାରିଛି ଜନଜାତି । ଆଦିବାସୀ ବ୍ୟାଙ୍କ୍‌ରୁ ଋଣ ସହଜରେ ପାଇପାରୁଛି । ସାଉକାର ଉପରେ ନିର୍ଭର କମିଯାଇଛି । ହାଟରେ ସାଉକାରଙ୍କ ପ୍ରାର୍ଦୁଭାବ କମିଯାଇଛି । ଏବେ ବି ହାଟ ଚାଲିଛି । କିନ୍ତୁ ଆଗ ଭଳି ହାଟରେ ଆଉ ଶୋଷଣ ହୋଇପାରୁନି । ବେପାରୀ ଜୋର କରି ଟୋକେଇ ଛଡେଇ ନିଜ ହିସାବରେ ଟଙ୍କା ଦେଇ ପାରୁନି । ଜନଜାତି ଲୋକେ ନିଜ ସାମଗ୍ରୀ ସହିତ ନିକିତି ରଖୁଛିନ୍ତି । ନିକିତିରେ ତଉଲି ଗ୍ରାହକଙ୍କୁ ଅସଲି ଦରରେ ବିକୁଛି । ହଲଗ୍ରାମ ସୁନା ଏବେ ସୋରୁମ୍‌ରୁ କିଣୁଛି । ହାଟରୁ ସୁନା କିଣିବା ବନ୍ଦ କରିଦେବାରୁ ହାଟରେ ଆଉ ସୁନା ବେପାରୀଙ୍କ ଦେଖା ମିଳୁନି। ହାଟକୁ ଆଗ ଭଳି ପ୍ରଚୁର ଜିନିଷ ଆସୁନି । ହାଟର ବିକଳ୍ପ ଭାବେ ପାଖ ସହରର ଦୈନିକ ବଜାର ମିଳିଯାଇଛି । ସେଠି ରାତିର ଜିନିଷକୁ ସକାଳେ ବିକି ଫଟାଫଟ୍ ପଇସା ପାଇପାରୁଛନ୍ତି ଜନଜାତି । ଏମିତିକି ଅନେକ ଯୁବ ଆଦିବାସୀ ବେପାରୀ ନିଜ ବାଇକ୍‌ରେ ସକାଳୁ ସକାଳୁ ଜିନିଷ ଲଦି ସହରକୁ ବିକ୍ରି ପାଇଁ ଆଣୁଛନ୍ତି । ଦୈନିକ ବଜାରରେ ନିଜର ପସରା ମେଲେଇ ବିକୁଛନ୍ତି । ଏମାନେ ଆବଶ୍ୟକସ୍ଥଳେ ଡିଜିଟାଲରେ ଅର୍ଥ ନେବା ବି ଶିଖିଗଲେଣି । ବିକିବା ସହଜ ହୋଇଗଲାଣି।

ଆଧୁନିକତାର ସ୍ପର୍ଶ ସତ୍ତ୍ୱେ ଅନେକ ଆଦିବାସୀ ଅଞ୍ଚଳରେ ହାଟର ଚାହିଦା କମିନାହିଁ । ଏଇ କାରଣରୁ ବହୁରାଷ୍ଟ୍ରୀୟ କମ୍ପାନୀମାନେ ନିଜର ଉତ୍ପାଦର ବିକ୍ରି ଓ ପ୍ରଚାର ପ୍ରସାର ଲାଗି ହାଟଗୁଡିକରେ ନିଜର ଅସ୍ଥାୟୀ ତଥା ଭ୍ରାମ୍ୟମାଣ ଆଉଟ୍‌ଲେଟ୍ ଜରିଆରେ ନିଜ ବ୍ୟାବସାୟିକ ବୃଦ୍ଧି ଲାଗି ଉଦ୍ୟମ କରୁଛନ୍ତି । ଆଦିବାସୀଙ୍କ ଅତୁଟ ବିଶ୍ୱାସ ଓ ଆସ୍ଥା ହିଁ କେଉଁ ଅନାଦି କାଳରୁ ଚାଲି ଆସିଥିବା ହାଟ ସଂସ୍କୃତିକୁ ବଜାରୀକରଣ ଯୁଗରେ ବି ବଞ୍ଚିବାକୁ ସୁଯୋଗ ଦେଇଛି । ହାଟସଂସ୍କୃତି ଏବେ ବି ବଞ୍ଚିଛି ଭିନ୍ନ ରୂପରେ । ଶୋଷଣ ନାହିଁ । ଅଛି ତ ବିକ୍ରିବଟା ପାଇଁ ପ୍ରଶସ୍ତ ମାର୍ଗ ।

ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ
ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା-୭୬୫୦୦୧,
Email- dwitisahu@gmail.com

❖❖❖

# ଜନଜାତି ସାମାଜିକ ପରମ୍ପରାର ସମାଜତାତ୍ତ୍ୱିକ ଅନୁଶୀଳନ

**ଡ. ରାଜେନ୍ଦ୍ର ପାଢୀ**

ପରିବର୍ତ୍ତନ ସୃଷ୍ଟିର ନିୟମ । ପରିବର୍ତ୍ତନକୁ କେହି ଅଟକାଇବା ସମ୍ଭବପର ନୁହେଁ । ଆଦିମ ମଣିଷର ଶିକାର ସଭ୍ୟତା ଯୁଗରୁ ଆଜିର ଅତ୍ୟାଧୁନିକ ଯୁଗ ପର୍ଯ୍ୟନ୍ତ ମଣିଷ ନିରନ୍ତର ନୂତନତାକୁ ଗ୍ରହଣ କରିବାର ଆକାଂକ୍ଷା ପୋଷଣ କରି ଆସିଛି । ପୁରାତନକୁ ପରିହାର କରି ଆଧୁନିକତାକୁ ଗ୍ରହଣ କରିବା ପ୍ରୟାସ ମଣିଷର ସହଜାତ ଅଭିଳାଷ ଓ ଆକାଂକ୍ଷା । ଆଧୁନିକତାର ପ୍ରଭାବରେ ମଣିଷର ଜୀବନଚର୍ଯ୍ୟା ଦିନକୁ ଦିନ ପରିବର୍ତ୍ତନ ପଥରେ ଅଗ୍ରସର ହେବା ଏକ ସ୍ୱାଭାବିକ ପ୍ରକ୍ରିୟା । ଇତିହାସର ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ ଭାରତରେ ବହୁ ଧର୍ମ ଦର୍ଶନ, ଜାତି ସମ୍ପ୍ରଦାୟ, ଭାଷା, ସଂସ୍କୃତିର ଝଡ ବୋହିଯାଇଛି । ବିଭିନ୍ନ ବୈଦେଶିକ ଶାସକଙ୍କ ଦ୍ୱାରା ଶାସିତ ହୋଇ ମଧ୍ୟ ଭାରତୀୟ ସମାଜ ଓ ସଂସ୍କୃତିର ଆଙ୍ଗିକ ପରିବର୍ତ୍ତନ ଘଟି ଥିଲେ ହେଁ ଅଧିକାଂଶ କ୍ଷେତ୍ରରେ ଏହାର ଆତ୍ମିକ ଦିଗଟି ରହିଛି ଅପରିବର୍ତ୍ତିତ । ଆଜି ଆଧୁନିକ ଶିକ୍ଷାର ପ୍ରସାର ଓ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ବିକାଶ ଫଳରେ ଭାରତୀୟ ସମାଜରେ ବିଭିନ୍ନ ଜାତି ଓ ଜନଜାତିଙ୍କ ରୀତିନୀତି, ପ୍ରଥାପରମ୍ପରା, ଚାଲି ଚଳଣି, ଜୀବନ ଜୀବିକାରେ ବହୁ ପରିବର୍ତ୍ତନ ଘଟି ଚାଲିଛି । ବିଶେଷତଃ ଏହି ପରିବର୍ତ୍ତନ ଊନବିଂଶ ଶତାବ୍ଦୀରେ ଇଂରେଜୀମାନଙ୍କ ଶାସନରେ ପାଶ୍ଚାତ୍ୟ ଶିକ୍ଷାର ପ୍ରଚଳନ ଫଳରେ ଭାରତୀୟ ସମାଜରେ ଆଧୁନିକତାର ସୂତ୍ରପାତ ଘଟିଥିଲା । ଭାରତୀୟ ସମାଜ, ସଂସ୍କୃତି, ଭାଷା ସାହିତ୍ୟ, ଧର୍ମଧାରା, ଆଦିରେ ପାଶ୍ଚାତ୍ୟର ପ୍ରଭାବରେ ଆଧୁନିକତାର ଛାପ ବିଶେଷ ଭାବେ ପରିଲକ୍ଷିତ ହୋଇଅଛି । ଦୂର ଅତୀତରୁ ଗଡି ଆସିଥିବା ବିଭିନ୍ନ ସାମାଜିକ ଓ ଧର୍ମୀୟ ପ୍ରଥା ଓ ପରମ୍ପରାକୁ ନେଇ ପରିଚାଳିତ ହୋଇ ଆସିଥିବା ଆଦିବାସୀ ସମାଜରେ ଆଧୁନିକତାର ପ୍ରଭାବ ପଡିବା ସ୍ୱାଭାବସିଦ୍ଧ । ଏପରିକି ରକ୍ଷଣଶୀଳ ଆଦିମ ବଣ୍ଡା ଜନଜାତିଙ୍କ ସମାଜରେ ଆଧୁନିକତାକୁ ଆପଣେଇବାର ପ୍ରବଳ ଆକାଂକ୍ଷା ସୃଷ୍ଟି ହେବା କିଛି ଅସ୍ୱାଭାବିକ ନୁହେଁ । ପ୍ରସ୍ତୁତ ଆଲେଖ୍ୟରେ ଆଦିବାସୀ ସମାଜରେ ବହୁ କାଳରୁ ପ୍ରଚଳିତ ପରମ୍ପରା ଓ ଆଧୁନିକତାର ପ୍ରଭାବର ବିଭିନ୍ନ ଦିଗ ସମ୍ପର୍କରେ ସମାଜତାତ୍ତ୍ୱିକ ଦୃଷ୍ଟିରୁ ଅନୁଶୀଳନ କରିବାର କିଞ୍ଚିତ ପ୍ରୟାସ କରାଯାଇଛି ।

ଭାରତର ସମ୍ବିଧାନର ଧାରା ୩୪୨ ଅନୁଯାୟୀ ସ୍ୱୟଂ ଶାସିତ ସାମାଜିକ ବ୍ୟବସ୍ଥା, ସ୍ୱତନ୍ତ୍ର ଭାଷା, ସଂସ୍କୃତି, ଶିକ୍ଷା ଓ ଆର୍ଥିକ କ୍ଷେତ୍ରରେ ଅନଗ୍ରସରତା ପ୍ରଭୃତି ମାନଦଣ୍ଡକୁ ଭିତ୍ତି କରି ୭୩୦ ଗୋଟି ତଫସିଲଭୁକ୍ତ ଉପଜାତିଙ୍କୁ

'ଆଦିବାସୀ' ଭାବେ ମାନ୍ୟତା ପ୍ରଦାନ କରାଯାଇଛି । ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ସର୍ବମୋଟ ୧୦,୪୨,୮୧,୦୩୪ ଜଣ ଆଦିବାସୀ ରହିଛନ୍ତି । ଯାହାକି, ସମୁଦାୟ ଜନସଂଖ୍ୟାର ୮.୬ ପ୍ରତିଶତ । ଆମ ଦେଶରେ ୭୫ଟି ଜନଗୋଷ୍ଠୀଙ୍କୁ ବିଶେଷ ଭାବରେ ଅନୁନ୍ନତ ଜନଜାତି ଗୋଷ୍ଠୀ (PVTG) ଭାବେ ଚିହ୍ନିତ କରାଯାଇଛି। ଆମ ଓଡ଼ିଶାରେ ସମୁଦାୟ ୬୪ ପ୍ରକାରର ଆଦିବାସୀ ସଂପ୍ରଦାୟ ବାସ କରନ୍ତି । ଏମାନେ ହେଲେ କନ୍ଧ, କୋୟା, ଭୂମିଜ, ଭତରା, ସଉରା, ସାନ୍ତାଳ, ଭୁଞ୍ଜିଆ, ଲୋଧା, ହୋ ପ୍ରମୁଖ ଆଦିବାସୀ ସଂପ୍ରଦାୟ । ଏମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ସରକାର ସ୍ୱତନ୍ତ୍ର ଯୋଜନାମାନ ପ୍ରଣୟନ କରିଛନ୍ତି । ଓଡ଼ିଶାରେ ସର୍ବ ମୋଟ ଆଦିବାସୀ ଜନ ସଂଖ୍ୟା ୯୫,୯୦,୭୫୬ ଜଣ ଓ ରାଜ୍ୟର ମୋଟ ଜନ ସଂଖ୍ୟାର ୨୨.୮୪ ପ୍ରତିଶତ ହେଉଛନ୍ତି ଆଦିବାସୀ । ଶିକ୍ଷା ଓ ଆର୍ଥିକ କ୍ଷେତ୍ରରେ ବହୁତ ପଛୁଆ ଓ ପ୍ରଜାତିଗତ ଆଦିମତାକୁ ଆଧାର କରି ଓଡ଼ିଶାର ସଉରା, ଲାଞ୍ଜିଆ ସଉରା, ଡଙ୍ଗରିଆ କନ୍ଧ, କୁଟିଆ କନ୍ଧ, ବଣ୍ଡା, ପାଉଡି ଭୂୟାଁ, ମାଙ୍କଡିଆ, ଜୁଆଙ୍ଗ, ଡିଡାୟୀ, ଖଡିଆ, ଛୁଟୁକିଆ ଭୁଞ୍ଜିଆ, ବିରହୋର, ପ୍ରମୁଖ ୧୩ ଗୋଟି ଜନଜାତିଙ୍କୁ ଆଦିମ ଦୁର୍ବଳ ଜନ ଗୋଷ୍ଠୀ ଭାବେ ଗ୍ରହଣ କରାଯାଇଛି । (୧) ଏମାନଙ୍କ ସାମାଜିକ ଓ ଧର୍ମୀୟ ରୀତିନୀତି, ପ୍ରଥା ପରମ୍ପରା ଆଦିରେ ଆଦିମ ସଭ୍ୟତାର ସଙ୍କେତ ବିଦ୍ୟମାନ ।

**ଜନଜାତି ପରମ୍ପରା :**

ଐତିହ୍ୟ ଓ ସଂସ୍କୃତିର ବିଭିନ୍ନ ଧାରାକୁ ପିଢି ପରେ ପିଢି ପୁରୁଷାନୁକ୍ରମେ ନିଜ ଆଚରଣ ଓ ଅଭ୍ୟାସରେ ସାଇତି ରଖିବାର ପ୍ରୟାସ ହେଉଛି ପରମ୍ପରା । ଏହା ଗୋଷ୍ଠୀ ବା ଜାତିର ସ୍ୱପରିଚୟ ଓ ସ୍ୱାଭିମାନ । ଅଧିକାଂଶ ଆଦିବାସୀଙ୍କ ଲିପି ନଥିବାରୁ ଏମାନଙ୍କ ସମାଜରେ ଏକ ମାନବୀୟ ଆବଶ୍ୟକତା ଭାବେ ବ୍ୟକ୍ତିଗତ ଓ ସାମାଜିକ ବ୍ୟବହାର ଦ୍ୱାରା ଏହା ମୌଖିକ ଭାବେ ପୁରୁଷାନୁକ୍ରମେ ସଂଜୀବିତ ଓ ଗତିଶୀଳ । ମଣିଷ, ପ୍ରକୃତି, ତା'ର ପରିଦୃଶ୍ୟମାନ ପରିବେଶ ଓ ଜୀବନ ଚର୍ଯ୍ୟା ଏମାନଙ୍କ ମୌଖିକ ପରମ୍ପରାର ପୃଷ୍ଠ ଭୂମି । ନିଜ ଦୈନନ୍ଦିନ କର୍ମ ପ୍ରବଣତା, ପ୍ରକୃତି ସହିତ ମଣିଷର ନିବିଡ ସମ୍ପର୍କରୁ ସୃଷ୍ଟ ଓ ପାରମ୍ପରିକ ଜ୍ଞାନ କୌଶଳରେ ପରିପୁଷ୍ଟ ହୋଇଥାଏ ଆଦିବାସୀ ମୌଖିକ ପରମ୍ପରା । ଆଦିବାସୀ ମଣିଷର ଜନ୍ମ ଠାରୁ ମୃତ୍ୟୁ ଓ କୃଷି କାର୍ଯ୍ୟର ବିଭିନ୍ନ ପର୍ଯ୍ୟାୟରେ ପାଳିତ ବିଭିନ୍ନ ଉତ୍ସବାନୁଷ୍ଠାନ ଆଦିର ଆଚରିତ ଧାରା ମୌଖିକ ପରମ୍ପରା ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ । ମୌଖିକ ପରମ୍ପରାର ଭୂମିକା ସମ୍ପର୍କରେ ଡ.ମହେନ୍ଦ୍ର କୁମାର ମିଶ୍ର କହନ୍ତି,- "ମୌଖିକ ପରମ୍ପରାର ସାମାଜିକ ଭୂମିକା, ସାମୂହିକ ମନର ନିୟନ୍ତ୍ରଣ, ବ୍ୟକ୍ତି ମନରେ କଳାତ୍ମକ ଆତ୍ମପ୍ରକାଶ, ସାମାଜିକ ଶୃଙ୍ଖଳା, ଲୋକ ଶିକ୍ଷା, ବ୍ୟକ୍ତିତ୍ୱର ନିର୍ମାଣ ତଥା ପରିବେଶକୁ ଅନ୍ତରଙ୍ଗ ଭାବେ ବୁଝିବାର ପ୍ରକ୍ରିୟାକୁ ସକ୍ରିୟ ରଖେ । (୨) ମୌଖିକ ପରମ୍ପରା ସାମାଜିକ ଉଦ୍ଦେଶ୍ୟ ବହନ କରି ଆଦିମ କାଳରୁ ମଣିଷର ଜୀବନଚର୍ଯ୍ୟା ସହ ଅଙ୍ଗାଙ୍ଗୀ ଭାବେ ଜଡିତ। ଏହା ମଣିଷର ଜ୍ଞାନ ଓ ଅନୁଭୂତିରେ ପରିପୁଷ୍ଟ ଓ ସମୃଦ୍ଧ । ଆଦିବାସୀଙ୍କ ଜୀବନକୁ ସରସ, ସୁନ୍ଦର ଓ ଅର୍ଥ ପୂର୍ଣ୍ଣ କରି ଜୀବନକୁ ଭଲ ପାଇବାର ବଡ ଉପଲବ୍ଧି ହେଉଛି ମୌଖିକ ପରମ୍ପରା ।"

ସଂସ୍କୃତିର ଉପଲବ୍ଧି ଓ ଆଚରଣକୁ ବଞ୍ଚାଇ ରଖି ସ୍ମୃତିରେ ସାଇତି ରଖିବା ପାଇଁ ମୌଖିକ ପରମ୍ପରାର ସଂରକ୍ଷଣ ଓ ପ୍ରଚଳନ ଆଦିବାସୀ ସମାଜରେ ସ୍ୱଭାବସିଦ୍ଧ ଧାରା ଭାବେ ପିଢି ପରେ ପିଢି ଗଡି ଆସିଥାଏ । ମୌଖିକ ପରମ୍ପରାରେ ଯୁଗ ଯୁଗର ମାନବୀୟ ଚିନ୍ତା ଚେତନା, ସୌନ୍ଦର୍ଯ୍ୟ ବିଳାସ ଆଦି କଳା ଓ ଶିଳ୍ପ ମାଧ୍ୟମରେ ସଂରକ୍ଷିତ ରହିଥାଏ । ଆମୋଦ ପ୍ରମୋଦ କଳାର ପୁନଃ ଉତ୍ପାଦନ ପ୍ରକ୍ରିୟାରେ ଏହା ପୁରୁଷାନୁ କ୍ରମେ ସଂରକ୍ଷିତ ରହିଥାଏ । ଏଥିରେ ଆଦିବାସୀ ମଣିଷଙ୍କ ଆର୍ଥିକ, ସାମାଜିକ ଓ ଧର୍ମୀୟ ରୀତିନୀତି, ସର୍ବୋପରି ସେମାନଙ୍କ ଜୀବନର ପ୍ରତ୍ୟେକଟି କ୍ରିୟା କଳାପ ସହ ଯୋଗସୂତ୍ର ରଖି ଅଲିଖିତ ଭାବେ ମୌଖିକ ପରମ୍ପରା ଭାବେ ସଂଜୀବିତ ରହିଥାଏ । (୩) ଅତୀତର କୌଣସି ଲିଖିତ ପ୍ରାମାଣିକ ଦଲିଲର ଅଭାବ ସତ୍ତ୍ୱେ ଆଦିବାସୀଙ୍କ ନିଜସ୍ୱ ବ୍ୟାବହାରିକ ଓ ଅଭ୍ୟାସଗତ ପ୍ରଚଳିତ ପରମ୍ପରାର, ଯାହାକୁ ମୌଖିକ ଇତିହାସ ବୋଲି କୁହାଯାଇ ପାରେ । ଚାଲିଚଳଣି, ଆଚାର ବ୍ୟବହାର, ଅନୁଷ୍ଠାନ ପାଳନ, ପ୍ରଥା ପରମ୍ପରା, ଲୋକ ବିଶ୍ୱାସ, ଲୋକଗୀତ, କାହାଣୀ, ମିଥ୍, ନୃତ୍ୟ ଗୀତ, କାଥାନି, ପ୍ରବାଦ ପ୍ରବଚନ, ନାଁ ଦିଆ, (ପହଲି) ଆଦି ମୌଖିକ ପରମ୍ପରାର ବଳିଷ୍ଠ ବିଭବ। କୌଣସି ଲିଖିତ ରୂପ ନ ଥାଇ ବି ଏହି ମୌଖିକ ପରମ୍ପରା ଶହ ଶହ ବର୍ଷ ଧରି ବଞ୍ଚି ରହିବା ମୂଳରେ ଏହାର ସାମାଜିକ ଉପାଦେୟତା ଦାୟୀ ବୋଲି କୁହାଯାଇ ପାରେ । ଅତୀତରେ ସାହିତ୍ୟ ଥିଲା ମୌଖିକ । ବେଦ, ଉପନିଷଦ, ରାମାୟଣ, ମହାଭାରତ ଆଦି ପୁରାଣ ମୌଖିକ ପରମ୍ପରାରେ ପ୍ରଚଳିତ ଥିଲା । ଲିପିର ସୃଷ୍ଟି ପରେ ଏହି ମୌଖିକ ପରମ୍ପରାରୁ ଲିଖିତ ସାହିତ୍ୟର ସୃଷ୍ଟି । ସୁତରାଂ, ମଣିଷର ଯୁଗ ଯୁଗର ଅନୁଭୂତି ଓ ଜ୍ଞାନ ବ୍ୟବସ୍ଥାରୁ ସୃଷ୍ଟି ଏହି ମୌଖିକ ପରମ୍ପରା ସାମୂହିକ ମାନବିକ ମୂଲ୍ୟବୋଧର ପ୍ରତୀକ ଓ ବିଶ୍ୱ ଦୃଷ୍ଟିର ସମ୍ବାହକ ବୋଲି କୁହାଯାଇ ପାରେ । (୪)

**ଆଧୁନିକତା ଓ ବିକାଶ :** ପୂର୍ବେ ସୂଚିତ ଯେ ଇଂରେଜୀମାନଙ୍କ ଆଗମନ ଫଳରେ ତାଙ୍କ ଦ୍ୱାରା ପ୍ରଣିତ ଶିକ୍ଷା ପ୍ରଣାଳୀ ଫଳରେ ଭାରତରେ ପାରମ୍ପରିକ ଶିକ୍ଷାବ୍ୟବସ୍ଥା ଲୋପ ପାଇ ପାଶ୍ଚାତ୍ୟ ଶିକ୍ଷା ପ୍ରଚଳିତ ହୋଇଥିଲା । ଯାହା ଫଳରେ ବହୁ ସାମାଜିକ ଓ ଧର୍ମୀୟ ପରମ୍ପରାରେ ଆଧୁନିକତାର ପ୍ରଭାବ ପରିଲକ୍ଷିତ ହୋଇଥିଲା । ବିଂଶ ଶତାବ୍ଦୀର ନବେ ଦଶକରେ ଉଦାରୀକରଣ ଅର୍ଥନୀତିରେ ମୁକ୍ତବଜାର ଫଳରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରବେଶ ଦ୍ୱାର ଉନ୍ମୁକ୍ତ ହୋଇଗଲା । ବିଶ୍ୱ ଏକ ଗ୍ରାମ ଭାବେ ଲୋକେ ସ୍ଥାନୀୟ ଅପେକ୍ଷା ବୈଶ୍ୱିକ (Global) ହେବାକୁ ପ୍ରବଳ ଆକାଂକ୍ଷା ପୋଷଣ କରିବାକୁ ଲାଗିଲେ । ଜନଜାତି କ୍ଷେତ୍ରରେ ଯୋଗାଯୋଗ ଓ ପ୍ରଯୁକ୍ତି ବିଦ୍ୟା ଅପହଞ୍ଚ ହେତୁ ଆଧୁନିକତାର ଗତି ମନ୍ଥର ହୋଇଛି । କିନ୍ତୁ, ଜନଜାତି ଅଞ୍ଚଳରେ କ୍ରମଶଃ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପ୍ରଯୁକ୍ତି ବିଦ୍ୟା ଉପଲବ୍ଧ ହୋଇ ଯେଉଁ ନବ ଜାଗରଣ ହେଲା, ସେଥିରେ ଜନଜାତିଙ୍କ ସାମାଜିକ ଚଳଣି ଓ ପରମ୍ପରାରେ ବ୍ୟାପକ ପରିବର୍ତ୍ତନ ଘଟିଲା । ଜନଜାତିଙ୍କ ଅର୍ଥନୀତି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଯେଉଁ ବହୁ ପୁରାତନ ପରମ୍ପରା ଓ ଅନ୍ଧବିଶ୍ୱାସ ସବୁ ରହିଥିଲା, ତାହା କ୍ରମଶଃ ପରିତ୍ୟାଗ କରି ଆଧୁନିକ କୌଶଳକୁ ଆପଣେଇବା ପାଇଁ ଆଗେଇ ଆସିଲେ । ଯଥା : ନିଜ ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟାରେ ଥିବା ବିନିମୟ ପଦ୍ଧତି (Bartersystem) ବଦଳରେ ଆଧୁନିକ ମାପ ଓ ଓଜନର ସହାୟତା, ସାହୁକାରୀ ଋଣ ଓ ମଧ୍ୟସ୍ଥିଙ୍କ ଶୋଷଣ ଜାଲରୁ ମୁକ୍ତି ପାଇ ବିଭିନ୍ନ ସରକାରୀ ଯୋଜନାର ଲାଭ ନେବା ପାଇଁ ସୁଯୋଗ ପାଇବା ସମ୍ଭବ ହେଲା ।

ଭାରତ ସ୍ୱାଧୀନ ହେବା ପରେ ସରକାର ବିଭିନ୍ନ ପଞ୍ଚ ବାର୍ଷିକ ଯୋଜନାରେ ଜନଜାତିଙ୍କ ଶୈକ୍ଷିକ ଓ ଆର୍ଥିକ ବିକାଶ ନିମନ୍ତେ ପ୍ରକଳ୍ପମାନ କାର୍ଯ୍ୟକାରୀ କରିଛନ୍ତି । ଏମାନଙ୍କ ଜୀବନ ଜୀବିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା, ଦୁର୍ବଳ ବର୍ଗ ଜନଜାତିଙ୍କ ନିମନ୍ତେ ସ୍ୱତନ୍ତ୍ର ଉନ୍ନୟନ ସଂସ୍ଥା, ମହିଳା ସଶକ୍ତୀକରଣ ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ ସହ ବିଭିନ୍ନ ଦକ୍ଷତା ବିକାଶ ତାଲିମ ହାତକୁ ନେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଉଦ୍ୟମ କରାଯାଇଛି । ପୁନଶ୍ଚ, ଜନଜାତି ପିଲାଙ୍କ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଓ ଅଧାରୁ ପାଠ ଛାଡିବା (Dropout) ହାର ଶୂନ କରିବା ପାଇଁ ଦ୍ୱାର ମୁହଁରେ ଶିକ୍ଷା ପହଞ୍ଚାଇବା ନିମନ୍ତେ ଏକଲବ୍ୟ ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ, କନ୍ୟାଶ୍ରମ, ଆବାସିକ ବିଦ୍ୟାଳୟ, ସହଛାତ୍ରାବାସମାନ ପ୍ରତିଷ୍ଠା ସହ ଷ୍ଟାଇପେଣ୍ଡ ଓ ଅନ୍ୟାନ୍ୟ ଆର୍ଥିକ ସୁବିଧାର ବ୍ୟବସ୍ଥା ଫଳରେ ବହୁ ଜନଜାତି ବାଳକବାଳିକା ଶିକ୍ଷାଲାଭ କରି ସ୍ୱାବଲମ୍ବୀ ହେବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବାର ସୁଯୋଗ ପାଇଛନ୍ତି । ଜନଜାତି ସମାଜରେ ଶିକ୍ଷାର ବିକାଶ ଫଳରେ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ଆଧୁନିକତା ପାଇଁ ଅଧିକରୁ ଅଧିକ ଆକାଂକ୍ଷା ବଢିବାରେ ଲାଗିଲା । ଏହି ସବୁ ହେଉଛି ଭାରତର ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ କାଳରେ ଜନଜାତିଙ୍କ ଆର୍ଥିକ, ଶୈକ୍ଷିକ ଓ ପ୍ରଯୁକ୍ତି ବିଦ୍ୟାରେ ଅଗ୍ରଗତି ।

**ଆଧୁନିକତାର ପ୍ରଭାବରେ ସାମାଜିକ ମୂଲ୍ୟବୋଧରେ ଅବକ୍ଷୟ :**

ସମ୍ପ୍ରତି ଦେଖାଯାଉଛି ଯେ ଆଧୁନିକ ଚଳଣି, ଅର୍ଥନୀତି ଓ ଶିକ୍ଷାବ୍ୟବସ୍ଥା ଜନଜାତିଙ୍କୁ ଯେତିକି ସ୍ୱାବଲମ୍ବୀ କରିଛି, ସମପରିମାଣରେ ସମାଜରେ ବହୁ କାଳରୁ ପ୍ରଚଳିତ ଥିବା ମୂଲ୍ୟବୋଧ ଭିତ୍ତିକ ପରମ୍ପରା ଠାରୁ ଅଧିକାଂଶ ଦୂରେଇ ଯାଇଛନ୍ତି । ଏଠାରେ କିଛି ଉଦାହରଣ ଦିଆଯାଇପାରେ । ଜନଜାତି ସମାଜରେ ଯୌତୁକ ବିହୀନ ବିବାହ ଓ ନାରୀ ପ୍ରତି ସମ୍ମାନବୋଧ ଏକ ଉଲ୍ଲେଖଯୋଗ୍ୟ ପ୍ରସଙ୍ଗ । ଏମାନଙ୍କ ସମାଜରେ କନ୍ୟାଟିଏ ରତ୍ନ ଭାବେ ବିବେଚନା କରି ବିବାହ ସମୟରେ ବରପକ୍ଷ କନ୍ୟା ପିତାଙ୍କୁ 'ଜଲାଡାବୁ' ବା କନ୍ୟା ସୁନା ଦେଇ ବିବାହ କରିବା ପରମ୍ପରା ବହୁ କାଳରୁ ପ୍ରଚଳିତ । ସମ୍ପ୍ରତି ଅନ୍ୟମାନଙ୍କ ପରମ୍ପରା ଓ ସଂସ୍କୃତିର ପ୍ରଭାବରେ ଆଧୁନିକତା ନାମରେ ବରପକ୍ଷ ଯୌତୁକ ଦାବୀ କରିବା ଦେଖାଗଲାଣି । ଯୌତୁକ ବିହୀନ ବିବାହ ପରି ନାରୀ ସ୍ୱାଧୀନତା ଓ ନାରୀକୁ ଉଚ୍ଚ ସମ୍ମାନ ଦେବାରେ ଜନଜାତି ସମାଜ ଅନ୍ୟ ମାନଙ୍କ ପାଇଁ ଆଦର୍ଶ । ଏବେ ଘରୋଇ ହିଂସା, ନାରୀନିର୍ଯ୍ୟାତନା ଓ ଛାଡପତ୍ର ଜନଜାତି ସମାଜକୁ ସଂକ୍ରମିତ କଲାଣି । ଏବେ ଘରୋଇ ହିଂସା, ନାରୀନିର୍ଯ୍ୟାତନା ଓ ଛାଡପତ୍ର ଜନଜାତି ସମାଜକୁ ସଂକ୍ରମିତ କଲାଣି । 'ଉଦଲିଆ' (ପୁଅ ଝିଅ ମନ ଦିଆନିଆ ପରେ ପ୍ରେମ ବିବାହ କରିବା) ପରମ୍ପରା କ୍ରମଶଃ ହ୍ରାସ ପାଇଲାଣି । ଉକ୍ତ ବିବାହରେ ପରସ୍ପରଙ୍କ ସମ୍ମତି, ବୁଝାମଣା ଓ ନିବିଡ଼ ପ୍ରେମ ରହିଥିଲା । ଆଜି ଅଧିକାଂଶ ଉଦଲିଆ ଅପରାଧ ଭାବେ ବିବେଚିତ ହୋଇ କନ୍ୟା ପକ୍ଷ ଥାନା, କୋର୍ଟ କଚେରୀ ପର୍ଯ୍ୟନ୍ତ ଯିବା ଦେଖାଗଲାଣି ।

ଜନଜାତି ସଂସ୍କୃତିରେ ଅନ୍ୟ ସଂସ୍କୃତିର ପ୍ରଭାବ ଓ ଚାପ ଫଳରେ ଜନଜାତି ସମ୍ପ୍ରଦାୟଙ୍କ ଗ୍ରାମରେ ରହିଥିବା କିଶୋର କିଶୋରୀଙ୍କ ପାରମ୍ପରିକ ନୀତି ଶିକ୍ଷା ଓ ଜ୍ଞାନର କେନ୍ଦ୍ର-ଧାଙ୍ଗଡା ଧାଙ୍ଗିଡୀ ବସାମାନ ଲୋପ ପାଇ ଗଲାଣି । ଜନଜାତି ଯୁବ ଶିକ୍ଷା କେନ୍ଦ୍ରର ବିଲୀନ ଫଳରେ ଏମାନଙ୍କ ମଧ୍ୟରେ ପାରମ୍ପରିକ ଜ୍ଞାନର ବିକାଶ ଓ ସାମାଜିକ ଶୃଙ୍ଖଳା ଶିକ୍ଷାରେ ବ୍ୟାହତ ହୋଇଛି ଓ ସମାଜରେ ଅପରାଧ ବୋଧ ଦେଖା ଦେଇଛି । ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ପ୍ରଣୟନ ଫଳରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣର ସୁବିଧା ପ୍ରଦାନ ହେତୁ ଜନଜାତି ମହିଳାମାନେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ସହଭାଗୀ ହୋଇ ପାରିଛନ୍ତି । ତଥାପି, ବହୁ ଲୋକ ପ୍ରତିନିଧିଙ୍କ ଶିକ୍ଷାର ଅଭାବ ହେତୁ ଏହା ଯଥାର୍ଥ ଭାବେ କାର୍ଯ୍ୟକାରୀ ହୋଇ ପାରୁନାହିଁ । ଅନ୍ୟମାନେ ଏହି କ୍ଷମତାର ଫାଇଦା ଉଠାଇବାରେ ଲାଗିଛନ୍ତି । ପୂର୍ବେ ଜନଜାତି ଗ୍ରାମର ପାରମ୍ପରିକ ଶାସନ ବ୍ୟବସ୍ଥା ଥିଲା ଶୃଙ୍ଖଳିତ ଓ ସୁସଂହତ । ଗ୍ରାମର ନାୟକ (ଗ୍ରାମର ମୁଖ୍ୟ) ମାନେ ଗ୍ରାମର ଭଲ ମନ୍ଦ, କଳିଝଗଡ଼ା, ଛାଡପତ୍ର, ଆଦିର ସମାଧାନ କରୁଥିଲେ । ଏବେ ଲୋକେ ସାମାନ୍ୟ କଥାରେ ଥାନା, କୋର୍ଟ କଚେରୀ, ଦଉଡି ସର୍ବସ୍ୱାନ୍ତ ହେଲେଣି ।

ଜନଜାତି ସଂସ୍କୃତିର ଦୟା, କ୍ଷମା, ଏକତା, ସହଯୋଗିତା, ସହଭାଗିତା, ପରୋପକାର, ଦୟା ନିଷ୍କକପଟତା ଆଦି ମୂଲ୍ୟବୋଧ ଭିତ୍ତିକ ମହନୀୟ ଗୁଣାବଳୀରେ ଅବକ୍ଷୟର ଅଳନ୍ଧୁ ଲାଗିଲାଣି । ରାଜନୀତିର ପଶାପାଲିରେ ନିଜ ପରିବାର ଓ ଗ୍ରାମରେ ଏକତା ଓ ଭ୍ରାତୃଭାବ ପୂର୍ବ ଭଳି ରହି ନାହିଁ । ଶିଳ୍ପାୟନ, ବିଭିନ୍ନ ନଦୀବନ୍ଧ ଯୋଜନା ହେତୁ ବିସ୍ଥାପନ, ଉଦାରୀକରଣର ପ୍ରଭାବ, ବଜାର ସଂସ୍କୃତି ଓ ଆଧୁନିକତାର ଚାପରେ ଜନଜାତିଙ୍କ ସଂସ୍କୃତି ଓ ପରମ୍ପରାରେ ବହୁ ପରିବର୍ତ୍ତନ ଘଟିଛି । ଆଦିବାସୀ ଗାଁରେ ଆଉ ଶୁଭୁନି ପୌଷ, ଚଇତି ଓ ବିଭିନ୍ନ ପର୍ବ ପର୍ବାଣୀରେ ପାରମ୍ପରିକ ନୃତ୍ୟସଙ୍ଗୀତର ମଧୁର ମୂର୍ଚ୍ଛନା । ବିଭିନ୍ନ ପର୍ବ ପର୍ବାଣୀ ଜାନି ଯାତରାରେ ଟିଭି, ଭିଡିଓ, ଡିଜେ ପ୍ରଭୃତି ଆସନ ଜମେଇଲେଣି । ଆଧୁନିକତା ନାମରେ ନିଜ ମୂଲ୍ୟବୋଧ ଭିତ୍ତିକ ପରମ୍ପରାକୁ ହରାଇ ଜନଜାତିର ଜୀବନରେ ଥିବା ସୁଆଦ ଟିକକ ହଜି ଯାଇଛି ।

ଆଜି ନୂଆ ପିଢିର ଯୁବକ ଯୁବତୀ ନିଜ ଭାଷା, ଚଳଣି, ପରମ୍ପରା ନୃତ୍ୟଗୀତ ପ୍ରତି ବିମୁଖ । କ୍ଷେତ୍ର ଅନୁଧ୍ୟାନରୁ ଏହାର କାରଣ ସମ୍ପର୍କରେ କିଛି ଆଦିବାସୀ ବୟସ୍କ ଓ ଯୁବକ କହନ୍ତି "ଆମର ଭାଷା ଓ ସଂସ୍କୃତି ଜାଣିଲେ ଓ କହିଲେ କଣ ହେବ ? ଏସବୁ ତ ଆମ ବହିରେ ନାହିଁ, କି ଆମ ପାଇଁ ଭବିଷ୍ୟତରେ କିଛି କାମରେ ଆସିବନି । ଆମ ଭାଷାରେ ପିଲାଙ୍କୁ ସବୁ ସ୍କୁଲ କଲେଜରେ ଶିକ୍ଷା ଦିଆ ଯାଉନି ।" ସେମାନଙ୍କ ଠାରୁ ଏହି ନୈରାଶ୍ୟ ଭରା ବାଣୀ ଶୁଣିବା ପରେ ମୋର ବୋଧ ହେଲା ଯେ ଆମେ ଜନଜାତିଙ୍କ ଭାଷା ଓ ସାହିତ୍ୟକୁ କେତେ ଗୁରୁତ୍ୱ ଦେଇଛୁ । ଶିକ୍ଷା କ୍ଷେତ୍ରରେ ଆମେ ମୂଲ୍ୟବୋଧ ଭିତ୍ତିକ ସାଂସ୍କୃତିକ ବିଷୟକୁ ପାଠ୍ୟକ୍ରମରେ ଗୁରୁତ୍ୱ ଦେଇ ସେମାନଙ୍କୁ ନିଜ ଭାଷା ଓ ସଂସ୍କୃତି ପ୍ରତି ସଚେତନ କରିବାର ବେଳ ଆସିଛି ।

**ସହାୟକ ଗ୍ରନ୍ଥ ଓ ପାଦଟୀକା :**


୧. Ota AB, Sahu SC, 2015, Particularly Vulnerable Tribal Groups PTGs of Odisha, Vol-1 (Ethnography), SCSTRTI, Bhubaneswar.

୨. ମିଶ୍ର ମହେନ୍ଦ୍ର କୁମାର, ୧୯୯୨, ପଶ୍ଚିମ ଓଡ଼ିଶାର ଲୋକ ସାହିତ୍ୟ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର ।

୩. ପାଢ଼ୀ ରାଜେନ୍ଦ୍ର ୨୦୨୪, ଆଦିବାସୀଙ୍କ ସାମାଜିକ ଓ ଧର୍ମୀୟ ପରମ୍ପରା, ସାଥୀ ବୁକ୍ସ, କଟକ ।

୪. ଏଜନ -୨୦୨୩, କୋରାପୁଟର ମୌଖିକ ପରମ୍ପରା, ସୁବର୍ଣ୍ଣ ଶ୍ରୀ ପ୍ରକାଶିନୀ, ବାଲେଶ୍ୱର ।


(ଅବିଭକ୍ତ କୋରାପୁଟ ଜିଲ୍ଲାର ସର୍ବଶ୍ରୀ ଲକ୍ଷଣ କେନ୍ଦୁ, ଜୟ ସାନ୍ତା, ବାଲ ରାଜୁ ଗେମେଲ, ଅର୍ଜୁନ ସିଶା, ଶ୍ରୀମତୀ ଚନ୍ଦ୍ରମା ବାଲିଆ ପ୍ରମୁଖ ତଥ୍ୟ ପ୍ରଦାନ କରିଥିବାରୁ ସେମାନଙ୍କୁ ବିଶେଷ କୃତଜ୍ଞତା ଜଣାଉଛି)

ଆଦିବାସୀ ଗବେଷଣା ମଞ୍ଚ
ସୋ/ପୋଷ୍ଟ - କୁନ୍ଦୁରା, ଭାୟା - ଜୟପୁର,
ଜିଲ୍ଲା - କୋରାପୁଟ-୭୬୪୦୦୨
Email : rajendapadhy777@gmail.com,

❖❖❖

# ହୋ ଜନଜାତିଙ୍କ ଶ୍ରମ ସମବାୟ ଓ ଗ୍ରାମସଭା

**ରାଜବଲ୍ଲଭ ପଣ୍ଡା** [୧]
**ସସ୍ମିତା ଓତା** [୨]

କାଳର ପ୍ରବାହରେ ମୂଳ ମଣିଷ ଗୋଷ୍ଠୀର ବିଭାଜନ ଘଟି ପାରିପାର୍ଶ୍ୱିକ ତଥା ଭୌଗୋଳିକ କାରଣବଶତଃ ଭିନ୍ନ ଭିନ୍ନ ସଂପ୍ରଦାୟର ଉପାଧି ଧାରଣ କରିଥିବାର ପ୍ରମାଣ ବିଦ୍ୟମାନ; ତଜ୍ଜନିତ ଜାତି, ଧର୍ମ, ବର୍ଣ୍ଣ ଭାଷା ଓ ସଂସ୍କୃତି ମଧ୍ୟ ପୃଥକ୍ ରୂପ ଗ୍ରହଣ କରିଥିବା ଅନୁମେୟ । ଏହି କ୍ରମରେ 'ହୋ' ସଂପ୍ରଦାୟ ମୂଳତଃ ଏକ ମହାଜାତି, ଯାହାର ଅର୍ଥ ମଣିଷ। କିନ୍ତୁ ସମୟାନୁକ୍ରମେ ଏମାନେ ବ୍ୟାଘ୍ର (ଅର୍ଥାତ୍ 'ହୋ' ଭାଷାରେ କୁଲେ)ମାନଙ୍କୁ ବଶ କରି ପ୍ରଭୁତ୍ୱ ଜାହିର କରିଥିବାରୁ କୋଲ୍ ନାମରେ ପରିଚିତ ହୋଇଥିବା ଜଣାଯାଏ। ପୁଣି 'ହୋ' ସଂପ୍ରଦାୟ ସ୍ଥାନ ବିଶେଷରେ କୋଲ, କୋହ୍ଲ, ହୋ, କୋର୍କୁ ଓ ମୁଣ୍ଡା ଆଦି ନାମରେ ଅଭିହିତ । ତେବେ ଏହି 'ହୋ' ମହାଜାତିରୁ ସାନ୍ତାଳ, କନ୍ଧ, ସଉରା, ମୁଣ୍ଡା, ଓରାଂ, ବିର୍ହୋର ପ୍ରଭୃତି ଜନଜାତିଙ୍କର ଉଦ୍ଭବ ଘଟିଥିବାର କୋହ୍ଲ ପଣ୍ଡିତମାନେ ଅନୁମାନ କରନ୍ତି, ଯଦ୍ୟପି ଏହାର ସତ୍ୟତା ପ୍ରତିଷ୍ଠିତ ହୋଇନାହିଁ ।

କୋହ୍ଲ ସଂପ୍ରଦାୟ ସ୍ଥାନ ଏବଂ ସମୟକୁ ନେଇ ପରିବର୍ତ୍ତନର ସ୍ରୋତ ମଧ୍ୟରେ ଗତି କରିଆସିଛି । ପାରିପାର୍ଶ୍ୱିକ ଓ ଭୌଗୋଳିକ କାରଣ ଯୋଗୁଁ ତା'ର ଭାଷା, ସଂସ୍କୃତି, ପରମ୍ପରା ଓ ଚଳଣିରେ ଭିନ୍ନତା ପରିଲକ୍ଷିତ ହେଉଛି । ଏପରିକି ଗୋଷ୍ଠୀ ପରିଚିତିରେ ମଧ୍ୟ ପାର୍ଥକ୍ୟ ବିଦ୍ୟମାନ । ଏମାନେ ମୟୂରଭଞ୍ଜ ଓ ସିଂହଭୂମରେ ହୋ ଏବଂ କୋହ୍ଲ, କେଉଁଝର ଜିଲ୍ଲାରେ ମୁଣ୍ଡା, ଝାରଖଣ୍ଡ ପ୍ରଦେଶରେ ହୋ, ଛତିଶଗଡ଼ରେ କୋଲ ଏବଂ ମହାରାଷ୍ଟ୍ରରେ କୋର୍କୁ ଆଦି ନାମରେ ପରିଚିତ । କିନ୍ତୁ ମୂଳତଃ ଏମାନେ ସଭିଏଁ ହୋ ସଂପ୍ରଦାୟର ବୋଲି ବିଶ୍ୱାସ ରହିଛି ।

ମୟୂରଭଞ୍ଜ ଜିଲ୍ଲାର ଶରତ, କରଞ୍ଜିଆ ଓ କେଉଁଝର ଜିଲ୍ଲାର ହୋ (କୋହ୍ଲ) ବସତି ଅଞ୍ଚଳ ତଥା ସିଂହଭୂମର କୋହ୍ଲ ସଂପ୍ରଦାୟରେ ପାରମ୍ପରିକ ସଂସ୍କୃତି ବେଶ୍ ମଜଭୂତ୍ ଥିବା ସ୍ଥଳେ ମୟୂରଭଞ୍ଜ ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ କୁଣ୍ଡାବାଇ, ଶ୍ରୀରାମଚନ୍ଦ୍ରପୁର ଆଦି ଅଞ୍ଚଳ ତଥା ବାଲେଶ୍ୱର ଜିଲ୍ଲାରେ ହୋ (କୋହ୍ଲ) ମାନଙ୍କର ନିଜସ୍ୱ ପରମ୍ପରା ଅବଲୁପ୍ତ ପ୍ରାୟ । ଚଳଣି, ଆଚାର ବ୍ୟବହାର, ପୂଜାପାର୍ବଣର ବିଧି ଏପରିକି ଖାଦ୍ୟ ପାନୀୟ ସେବନରେ ମଧ୍ୟ ଯଥେଷ୍ଟ ଫରକ ଥିବାର ଜଣାଯାଏ। ପ୍ରାଦେଶିକ ତଥା ପରିବେଶଭିତ୍ତିକ ପଡ଼ୋଶୀ ଗୋଷ୍ଠୀ, ଜନଜାତି-ପ୍ରଜାତିମାନଙ୍କ ପ୍ରଭାବ ଯୋଗୁଁ ହିଁ ଏପରି ଲକ୍ଷଣ-ପରିବର୍ତ୍ତନ ସମ୍ଭବ ହୋଇଥିବା ଅନୁମିତ ହୁଏ । ତେବେ ପ୍ରାକ୍ ଐତିହାସିକ କାଳରୁ କୋହ୍ଲ ସଂପ୍ରଦାୟର ରୀତି ଓ ପ୍ରକୃତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କୋହ୍ଲ

ସମ୍ପ୍ରଦାୟ ସମୟର କଷଟି ପଥରରେ ଘଷିମାଜି ହୋଇ ଯଥେଷ୍ଟ ଉନ୍ନତ, ସଭ୍ୟ, ମାର୍ଜିତ ତଥା ସୁଦୃଢ଼ ପରମ୍ପରାନୁସାରୀଜାତି ଭାବରେ ପରିଚିତ ହୋଇଛନ୍ତି ।

**ହୋ ସମାଜରେ ଶ୍ରମ ସମବାୟ:**

ସହଯୋଗ ଭିତ୍ତିରେ ସମଗ୍ର ବିଶ୍ୱ ଏକତାର ସୂତ୍ରରେ ବାନ୍ଧି ହୋଇରହିଛି । ପ୍ରତ୍ୟେକ ଦେଶ, ଜାତି, ସଂପ୍ରଦାୟ, ଗୋଷ୍ଠୀ, ସମାଜ, ପରିବାର ଏହି ମନ୍ତ୍ରରେ ଅଭିମନ୍ତ୍ରିତ । ଶ୍ରମ ସହଯୋଗିତାର ଧାରା 'ହୋ' ସଂପ୍ରଦାୟରେ ବର୍ତ୍ତମାନ କାଳରେ ମଧ୍ୟ ବଳିଷ୍ଠ ରହିଛି ।

ହୋ/ କୋହ୍ଲ ସଂପ୍ରଦାୟରେ ଏହି ସହଯୋଗୀ ଶ୍ରମ ପରମ୍ପରା ବେଶ୍ ଲୋକପ୍ରିୟ । ସମସ୍ତ କର୍ମାନୁଷ୍ଠାନ, ପର୍ବପର୍ବାଣୀ, ବିବାହୋତ୍ସବ ଆଦିରେ ମିଳିତ ଶ୍ରମଦାନ କରି ସେମାନେ କାର୍ଯ୍ୟ ସଂପାଦନ କରିଥାଆନ୍ତି । ଏବେ ସାପ୍ତାହିକ ଶ୍ରମ ସହଯୋଗ ଦିବସମାନ ଅନୁଷ୍ଠିତ ହେଉଛି । ଅର୍ଥାତ୍ ସପ୍ତାହକୁ ସପ୍ତାହ ଚାଷ କାମରେ ଜଣେ ଜଣକୁ ସାହାଯ୍ୟ କରନ୍ତି । ପର୍ଯ୍ୟାୟକ୍ରମେ  ପ୍ରତ୍ୟେକ ସପ୍ତାହରେ ଜଣେ ଚାଷକାମ ଉଠାଇଥାନ୍ତି । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ଏକତା ବଜାୟ ରହିବା ସହିତ ସମାଜ, ଗ୍ରାମ ତଥା ବ୍ୟକ୍ତିଗତ କ୍ଷେତ୍ରରେ ମଙ୍ଗଳପ୍ରଦ ହୋଇଥାଏ । ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବା ସହିତ ଶୀଘ୍ର, ସହଜ ତଥା ସୁଚାରୁ  ରୂପେ କର୍ମ ସଂପାଦିତ ହୋଇପାରେ । ଆବଶ୍ୟକ ସମୟ ଭିତରେ କାର୍ଯ୍ୟ ଶେଷ ହୋଇଥାଏ ।

ହୋ/ କୋହ୍ଲ ସମାଜରେ ଅଣପାରମ୍ପରିକ ଶ୍ରମଦାନ କ୍ଷେତ୍ରରେ ଏହି ଧାରା ଲାଗୁ ହୋଇଥାଏ । ଚାଷକାର୍ଯ୍ୟ, ଗୃହନିର୍ମାଣ ଓ ପତିତଜମିର ପୁନରୁଦ୍ଧାର ଇତ୍ୟାଦି ସମୟରେ ପ୍ରାୟତଃ ଏହି ପ୍ରକ୍ରିୟା ଦୃଷ୍ଟିଗୋଚର ହୁଏ । ଚାଷ ସମୟରେ ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ପୁରୁଷ କିମ୍ବା ସ୍ତ୍ରୀ ଜଣକ ପାଇଁ ଚାଷକାମ କରନ୍ତି । ସମସ୍ତଙ୍କ ଚାଷକାର୍ଯ୍ୟ ଶେଷ ହେବା ପାଇଁ ଏହି ପ୍ରକ୍ରିୟାରେ କାମ ହୁଏ ଓ ସୁରୁଖୁରୁରେ ସମୟ ଅନୁଯାୟୀ ସମସ୍ତଙ୍କର ଚାଷକାର୍ଯ୍ୟ ସଂପାଦିତ ହୋଇପାରେ । ଗୃହନିର୍ମାଣ ସମୟରେ ସେହିପରି ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ସଦସ୍ୟ/ସଦସ୍ୟା ଗୃହକର୍ତ୍ତାଙ୍କୁ କାମରେ ସହଯୋଗ କରିଥାଆନ୍ତି । ଅନୁରୂପ ଭାବେ ପତିତ ଜମିର ପୁନରୁଦ୍ଧାର ପାଇଁ ସଭିଏଁ ଉତ୍ସାହର ସହ ସହଯୋଗ କରିବାକୁ ଆଗେଇ ଆସିଥାଆନ୍ତି । ଏହାଦ୍ୱାରା ଶୀଘ୍ର ତଥା ସହଜରେ ଜମି ଚାଷୋପଯୋଗୀ ହୋଇପାରେ ।

ହୋ/କୋହ୍ଲ ସଂପ୍ରଦାୟରେ ସହଯୋଗୀ ଶ୍ରମର ଗୁରୁତ୍ୱ ବେଶ୍ ଉପଲବ୍ଧ । ପାରମ୍ପରିକ ପର୍ବପର୍ବାଣୀ, ବିବାହୋତ୍ସବ, ଶୁଦ୍ଧିକ୍ରିୟା, ଶବସତ୍କାର ଆଦି ପ୍ରତ୍ୟେକ କାମରେ ପରିବାରର ଦୁଇଜଣ ଲେଖାଏଁ (ପୁରୁଷ ଓ ସ୍ତ୍ରୀ) ସଦସ୍ୟ-ସଦସ୍ୟା ଶ୍ରମ ପ୍ରଦାନ କରିଥାଆନ୍ତି । ପରିବାରର ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ତାଙ୍କର ସାବାଳକ ପୁତ୍ର ଏଥିରେ ଯୋଗ ଦେଇପାରେ । ବିବାହୋତ୍ସବରେ ପୁରୁଷମାନେ ପୁରୁଷ ଅତିଥିମାନଙ୍କ ସହିତ ବାର୍ତ୍ତାଳାପ ଓ  ପାରମ୍ପରିକ ଉପଚାର ପାଳନ କରୁଥିବା ସ୍ଥଳେ ସ୍ତ୍ରୀ ଲୋକମାନେ ଖାଦ୍ୟପେୟ ପରିବେଷଣ ଓ ମହିଳା ଅତିଥିଙ୍କୁ ସତ୍କାର କରିବାରେ

ଗୃହକର୍ତ୍ତାଙ୍କୁ ସହାୟତା ପ୍ରଦାନ କରନ୍ତି । ସେହିପରି ଶବସତ୍କାର ସମୟରେ ଶବ ବୋହିବା ଏବଂ ଶବ ପାଇଁ ଗାତ ଖୋଳିବାରେ ପୁରୁଷ ଲୋକମାନେ ସହଯୋଗ କରୁଥିବା ବେଳେ ସ୍ତ୍ରୀ ଲୋକମାନେ କାବ୍ୟିକ ଶୈଳୀରେ ମୃତଲୋକର ଗୁଣ ବାହୁନି କ୍ରନ୍ଦନ ପୂର୍ବକ ସମବେଦନା ଜ୍ଞାପନ କରିବାକୁ ସମବେତ ହୁଅନ୍ତି । ପର୍ବପର୍ବାଣୀମାନଙ୍କରେ ପୁରୁଷ ଲୋକ ପୂଜାସ୍ଥଳୀ ପରିଷ୍କାର ପରିଚ୍ଛନ୍ନ କରିବା, ପୂଜା ଉପକରଣ ଯୋଗାଡ଼ କରିଆଣିବା, ବଳି ଦେବାର ଆୟୋଜନ କରିବା ଆଦି କର୍ମଦ୍ୱାରା ଗ୍ରାମ ପୁରୋହିତ (ଦିହୁରୀ)ଙ୍କୁ ସହାୟତା ପ୍ରଦାନ କରନ୍ତି । ମହିଳାମାନେ ପୂଜାସ୍ଥଳୀରେ ପୂଜା ସଜାଡ଼ିବା, ଭୋଗ ପ୍ରସ୍ତୁତ କରିବା ଓ ଖାଦ୍ୟ-ପାନୀୟ ଆୟୋଜନରେ ସହଯୋଗ କର୍ମ ପାଇଁ ଉପସ୍ଥିତ ରହିଥାଆନ୍ତି ।

ଗ୍ରାମର କୌଣସି ସାମୂହିକ କାର୍ଯ୍ୟ, ଯେପରି ପରିତ୍ୟକ୍ତ କୂପର ପୁନରୁଦ୍ଧାର, ପୋଖରୀରୁ ପଙ୍କ ଉଦ୍ଧାର, ରାସ୍ତା ମରାମତି ବା ନିର୍ମାଣ, ଗ୍ରାମ ସଫେଇ ଇତ୍ୟାଦିରେ ଗ୍ରାମର ଯୁବଗୋଷ୍ଠୀଙ୍କ ସହାୟତା ଲୋଡ଼ାଯାଇଥାଏ । ସେମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଏଥିରେ ବିନା ପାରିଶ୍ରମିକରେ ଉତ୍ସାହର ସହିତ ଶ୍ରମଦାନ କରିଥାଆନ୍ତି । ଗ୍ରାମରେ କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ, ଶତ୍ରୁ ପ୍ରବେଶ କଲେ, କୌଣସି ଗ୍ରାମବାସୀ ବିପଦରେ ପଡ଼ିଲେ, ରୋଗୀକୁ ଡ଼ାକ୍ତରଖାନା ନେବାର ଆବଶ୍ୟକତା ଆସିଲେ କିମ୍ବା ଚାଷ ହେଉ ବା ଯେକୌଣସି କାମ ପାଇଁ କେହି ଯୁବକମାନଙ୍କର ସହାୟତା ଲୋଡ଼ିଲେ, ପରିବାରର ପ୍ରତ୍ୟେକ ଯୁବକ ସ୍ୱେଚ୍ଛାରେ ଶ୍ରମଦାନ କରିବାକୁ ଆଗେଇ ଆସିଥାଆନ୍ତି ।

ସାମୂହିକ କାର୍ଯ୍ୟଗୁଡ଼ିକରେ ସହଯୋଗୀ ଶ୍ରମ ପାଇଁ କୌଣସି ପାରିଶ୍ରମିକ ଦିଆଯାଏ ନାହିଁ । କେବେକେବେ ଖୁସିରେ ସଭିଏଁ ମିଳିମିଶି ହାଣ୍ଡିଆ ସଂଗ୍ରହ କରି ପିଅନ୍ତି କିମ୍ବା ଗ୍ରାମଲୋକେ ଖୁସିରେ ସହଯୋଗୀମାନଙ୍କୁ ହାଣ୍ଡିଆ ସେବନ ପାଇଁ ଦେଇଥାଆନ୍ତି । ଚାଷକାର୍ଯ୍ୟରେ ମଧ୍ୟ ସେହିପରି ସାଥୀ ଶ୍ରମିକଙ୍କୁ ଆନନ୍ଦରେ ହାଣ୍ଡିଆ ଦିଆଯାଏ । ଏତଦ୍‌ଭିନ୍ନ କେତେକ ପରିବାରର ଶ୍ରମଭାବାପନ୍ନ ବ୍ୟକ୍ତିମାନେ ସ୍ୱେଚ୍ଛାକୃତ ଭାବେ ଶ୍ରମଦାନ କରିଥାଆନ୍ତି । ଅଳ୍ପ କେତୋଟି କ୍ଷେତ୍ରରେ ହୋ / କୋହ୍ଲମାନେ ଗରିବଶ୍ରେଣୀୟ ବ୍ୟକ୍ତିଙ୍କଠାରୁ ଶ୍ରମ ଆଦାୟ କରି ପାରିଶ୍ରମିକ ଭାବରେ ଧାନ, ଚାଉଳ ବା ଟଙ୍କା ଦେଇଥାଆନ୍ତି।

ହୋ / କୋହ୍ଲ ସମାଜରେ ପ୍ରାରମ୍ଭରୁ ଗଢ଼ି ଆସିଥିବା ଶ୍ରମ ସହଯୋଗୀ ମନୋବୃତ୍ତି ଏବେ ମଧ୍ୟ ସୁଦୃଢ଼ ରହିଥିବାର ଜଣାଯାଏ। ଅବଶ୍ୟ ଏହାର ଧାର ଯତ୍ କିଞ୍ଚିତ ପରିବର୍ତ୍ତିତ ହେବାର ଦେଖାଯାଇଥାଏ । ବର୍ତ୍ତମାନ ସାପ୍ତାହିକ ଶ୍ରମ ସହଯୋଗ ଦିବସମାନ ଅନୁଷ୍ଠିତ ହୋଇ ପର୍ଯ୍ୟାୟକ୍ରମେ ଶ୍ରମ ସହଯୋଗ କରାହେଉଛି । ଚାଷକାର୍ଯ୍ୟ ସମୟରେ ପାଳି କରି ସମସ୍ତେ ସପ୍ତାହକୁ ସପ୍ତାହ ଜଣଙ୍କ ଚାଷ ଜମିରେ ଶ୍ରମଦାନ କରନ୍ତି । ପର୍ଯ୍ୟାୟ କ୍ରମେ ସମସ୍ତଙ୍କ ଚାଷକାର୍ଯ୍ୟ ସମାପ୍ତ ହେବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହେ । ଏବେ କୋହ୍ଲମାନେ ଅପରଠାରୁ ସହଯୋଗ ଆଶାରେ ସ୍ୱେଚ୍ଛାକୃତ ଭାବରେ ଶ୍ରମ ଦାନ କରୁଥିବାର ଦେଖାଯାଉଛି । ଏତଦ୍ ଭିନ୍ନ ବର୍ତ୍ତମାନ ଅଧିକାଂଶ ଗ୍ରାମର ସାମୂହିକ କାର୍ଯ୍ୟ ସରକାରୀ ସହାୟତାରେ ହେଉଛି । ଫଳରେ ଗ୍ରାମବାସୀମାନେ ସେଥିରେ ସହଯୋଗୀ ଶ୍ରମ ଯୋଗାଇ ଦେଇ

ପ୍ରତି ବଦଳରେ ପାରିଶ୍ରମିକ ପାଉଛନ୍ତି ।

**ପାରମ୍ପରିକ ଗ୍ରାମସଭା (ହାତୁ ଦରବାର)**

ହୋ / କୋହ୍ଲ ସଂପ୍ରଦାୟର ସଂସ୍କୃତିରେ ପାରମ୍ପରିକ ଗ୍ରାମସଭା ପ୍ରଥା ବହୁ ପ୍ରାଚୀନ। ଇଂରେଜ ଶାସନକାଳରେ ମଧ୍ୟ ବର୍ତ୍ତମାନର ଝାଡ଼ଖଣ୍ଡ ପ୍ରଦେଶ ଅନ୍ତର୍ଗତ ଛୋଟନାଗପୁର ମାଳଅଞ୍ଚଳ, ଛତିଶଗଡ଼ର ପୂର୍ବାଞ୍ଚଳ, ମହାରାଷ୍ଟ୍ରର ଦକ୍ଷିଣ ପଶ୍ଚିମାଞ୍ଚଳରେ ହୋ/କୋହ୍ଲମାନଙ୍କ ଏହି ପ୍ରକାର ପାରମ୍ପରିକ ଗ୍ରାମସଭା ପ୍ରାୟତଃ ୧୮୩୭ ମସିହା ପର୍ଯ୍ୟନ୍ତ ସୁଦୃଢ ଥିବା ଜଣାଯାଏ । ଏହି ସମୟରେ ସିଂହଭୂମ୍ ଜିଲ୍ଲାରେ ବୀର ଗଙ୍ଗା ନାରାୟଣ ସିଂହଙ୍କ ନେତୃତ୍ୱରେ କୋହ୍ଲ ଜନତା ବ୍ରିଟିଶ ଶାସନକୁ ବିରୋଧ କରି ବିଦ୍ରୋହ ଘୋଷଣା କରିଥିଲେ। ଜନଜାତି ପ୍ରଜାଙ୍କୁ ସଙ୍ଗଠିତ କରାଇବାରେ ପ୍ରଚଳିତ ଗ୍ରାମସଭା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲା । ଏଣୁ କ୍ୟାପ୍ଟେନ୍ ଉଇଲ୍‌କିନ୍‌ସନ୍ ଗ୍ରାମସଭାଗୁଡ଼ିକୁ ନିଷିଦ୍ଧ ଘୋଷଣା କରିବା ସହ ଗ୍ରାମସଭା ହେବାର ସୂଚନା ପାଇଲେ ଗ୍ରାମର ସମସ୍ତ ଗୃହରେ ନିଆଁ ଲଗେଇ ଦେଲେ । ଏହିପରି ଅତ୍ୟାଚାରର ଶିକାର ହୋଇ ଗ୍ରାମସଭାଗୁଡ଼ିକ ବନ୍ଦ ହୋଇଗଲା ।

ପରବର୍ତ୍ତୀ କାଳରେ ଊନବିଂଶ ଶତାବ୍ଦୀର ଶେଷ ଦଶକରେ ପାରମ୍ପରିକ ଗ୍ରାମସଭା ପ୍ରଥାକୁ ପୁନର୍ଜୀବିତ କରାଯାଇଥିଲା। ଅଦ୍ୟାବଧି ସେହି ପ୍ରଣାଳୀରେ ଗ୍ରାମସଭା ଝାଡ଼ଖଣ୍ଡ ସିଂହଭୂମ ଜିଲ୍ଲାରେ ସକ୍ରିୟ ଥିବାର ଦେଖାଯାଏ । ଅନୁରୂପ ଭାବେ ଓଡ଼ିଶାର କୋହ୍ଲ ବସତିଗୁଡ଼ିକରେ ମଧ୍ୟ ଜିଲ୍ଲାମାନଙ୍କରେ ଗ୍ରାମସଭା ପରମ୍ପରା ଉଜ୍ଜୀବିତ। ସମାଜକୁ ଶୃଙ୍ଖଳିତ ସୁସଂଗଠିତ ଏବଂ ସୁଦୃଢ଼ କରି ଗଢ଼ିତୋଳିବା ପାଇଁ ଗ୍ରାମସଭାର ଆବଶ୍ୟକତା ଯେ ଅପରିହାର୍ଯ୍ୟ-ଏହା କୋହ୍ଲମାନଙ୍କ ବିଶ୍ୱାସ। ଏହି ଧାରଣା ସତ ବୋଲି ମଧ୍ୟ ପ୍ରମାଣିତ ହେଉଛି ।

ହୋ / କୋହ୍ଲ ସଂପ୍ରଦାୟରେ ଆଗରୁ ଗ୍ରାମସଭାର ପରମ୍ପରା ତିନୋଟି ସ୍ତରରେ ଥିଲା । ୧– ନିମ୍ନ ଗ୍ରାମସଭା, ୨– ମଧ୍ୟ ଗ୍ରାମସଭା, ୩- ଉଚ୍ଚ ଗ୍ରାମସଭା ।

**ନିମ୍ନ ଗ୍ରାମସଭା –** ଏହା ଗ୍ରାମର ପ୍ରତ୍ୟେକ ପରିବାରରୁ ମୁଖ୍ୟମାନଙ୍କୁ ନେଇ ଗଠନ କରାଯାଉଥିଲା। ସମସ୍ତ ପରିବାର ମୁଖ୍ୟ ନିମ୍ନ ଗ୍ରାମସଭାର ସଦସ୍ୟ ଥିଲେ। ସଦସ୍ୟମାନଙ୍କ ଦ୍ୱାରା ମନୋନୀତ ବ୍ୟକ୍ତି ଗ୍ରାମସଭାର ମୁଖିଆ (ମୁଣ୍ଡା) ହେଉଥିଲେ । ନିମ୍ନଗ୍ରାମ ସଭାର ଅନ୍ୟାନ୍ୟ ପ୍ରମୁଖ ସଦସ୍ୟମାନେ ହେଲେ ଧର୍ମ ନିୟନ୍ତ୍ରକ (ପୂଜକ/ଦିଉରୀ), ତାଙ୍କର ଉପକାର୍ଯ୍ୟ ନିର୍ବାହୀ ଅଧିକାରୀ 'ଜମସିମ୍' ଏବଂ ଗ୍ରାମସଭା ମୁଖ୍ୟ ତଥା ଧର୍ମନିୟନ୍ତ୍ରକଙ୍କୁ ସହଯୋଗ କରିବା ପାଇଁ ଜଣେ ଡ଼ାକୁଆ ।

**ମଧ୍ୟ ଗ୍ରାମସଭା –** କିଛି ଗ୍ରାମର ସମ୍ମିଶ୍ରଣରେ ମଧ୍ୟ ଗ୍ରାମସଭା ଗଠିତ ହେଉଥିଲା । କୋହ୍ଲ ଭାଷାରେ ଏହା 'ପିଳି' ଭାବରେ ପରିଚିତ। ଏହାକୁ ବର୍ତ୍ତମାନର 'ପଞ୍ଚାୟତ' କହିଲେ ଅତ୍ୟୁକ୍ତି ହେବନାହିଁ । 'ପିଳି'ରେ ସଂପୃକ୍ତ

ଗ୍ରାମର ମୁଖ୍ୟ ବା ମୁଣ୍ଡାମାନେ ସଦସ୍ୟ ଥିଲେ । ତନ୍ମଧ୍ୟରୁ ଜଣେ ଅଭିଜ୍ଞ ତଥା ନ୍ୟାୟବାନ ସଦସ୍ୟଙ୍କୁ ମଧ୍ୟ ଗ୍ରାମସଭାର ମୁଖ୍ୟ ହିସାବରେ ସଦସ୍ୟମାନେ ଚୟନ କରୁଥିଲେ । ତାହାଙ୍କୁ 'ମାଣାକି' କୁହାଯାଉଥିଲା । ନିମ୍ନ ଗ୍ରାମସଭାରେ ଯେଉଁ ମାମଲା ଫଇସଲା ହୋଇପାରୁ ନ ଥିଲା, ସେଗୁଡ଼ିକ ବିଚାର ପାଇଁ 'ପିଳି'କୁ ଯାଉଥିଲା । ଏହି ସଭାକୁ ମଧ୍ୟ ରାଜସ୍ୱ ରାଶିରୁ କିଛି ଅଂଶ ପ୍ରଦାନ କରାଯାଉଥିଲା ।

**ଉଚ୍ଚ ଗ୍ରାମସଭା-** ଗ୍ରାମସଭାର ତୃତୀୟ ସ୍ତରକୁ 'ପାଳା' କୁହାଯାଉଥିଲା । ପ୍ରାଶାସନିକ ଦୃଷ୍ଟିକୋଣରୁ ରାଜ୍ୟଶାସକମାନେ ପ୍ରଜାବତ୍ସଳତା ପରିଚୟ ଦେଇ ତାଙ୍କ ରାଜ୍ୟକୁ କେତେକ ଭାଗରେ ବିଭକ୍ତ କରି ଏ ପ୍ରକାର ଅନୁଶାସନ ପ୍ରକ୍ରିୟା ସୃଷ୍ଟି କରିଥିଲେ । ପ୍ରତ୍ୟେକ 'ପିଳି' (ଗ୍ରାମସଭାର ଦ୍ୱିତୀୟସ୍ତର)ର ମୁଖ୍ୟ (ମାଣାକି)ମାନେ ଏଥିରେ ସଦସ୍ୟତା କରୁଥିଲେ । 'ପାଳା' ର ସୁପରିଚାଳନା ନିମନ୍ତେ 'ମାଣାକି'ମାନଙ୍କ ମଧ୍ୟରୁ ଜଣଙ୍କୁ ମୁଖ୍ୟ ହିସାବରେ ମନୋନୀତ କରାଯାଉଥିଲା । ତାହାଙ୍କୁ 'ବିଶୋଇ' କୁହାଯାଉଥିଲା । ବର୍ତ୍ତମାନ ଗଣତାନ୍ତ୍ରିକ ଧାରା ପରି ସେସବୁ ପରିଚାଳିତ ହେଉଥିଲା ।

ଇଂରେଜମାନଙ୍କର ବିଭାଜିତ ଅନୁଶାସନ ସମୟରେ ଇଂରେଜମାନେ କୋହ୍ଲାନ୍ ବିଦ୍ରୋହ ଭୟରେ (ଗ୍ରାମସଭାରେ ସୁଦୃଢ଼ତା) ଏହି ଗ୍ରାମ ସଭାମାନଙ୍କୁ ସ୍ୱତନ୍ତ୍ର କ୍ଷମତା ଦେଇଥିଲେ । ଗ୍ରାମସଭା ମାଧ୍ୟମରେ ଗ୍ରାମର ରାଜସ୍ୱ ଆଦାୟ କରାଯାଉଥିଲା । ଏହି ରାଜସ୍ୱ ରାଶିରୁ ଗ୍ରାମର ମୁଖ୍ୟ 'ମୁଣ୍ଡା'ଙ୍କୁ ଅଧା ଦିଆଯାଉଥିଲା । ଗ୍ରାମର ଉନ୍ନତି ପାଇଁ ଆଉ ଅଧା ଇଂରେଜମାନେ ନେଇଥିଲେ । ବିଚାର କ୍ଷେତ୍ରରେ କେବଳ ହତ୍ୟା ଓ ଧର୍ଷଣ - ଏହି ଦୁଇଟି ମାମଲାକୁ ବାଦ୍ ଦେଲେ ଆଉ ସବୁପ୍ରକାର ମାମଲା ଗ୍ରାମସଭାରେ ବିଚାର ହୋଇପାରୁଥିଲା ।

ହୋ/କୋହ୍ଲ ସଂପ୍ରଦାୟରେ ପ୍ରଚଳିତ ଥିବା ତିନୋଟି ସ୍ତରରେ ଗ୍ରାମସଭାର ମୁଖ୍ୟମାନେ ସଂପୃକ୍ତ ଗ୍ରାମସଭାର ସଦସ୍ୟମାନଙ୍କ ଦ୍ୱାରା ସର୍ବସମ୍ମତିକ୍ରମେ ମନୋନୀତ ହୋଇଥାଆନ୍ତି । ଏଥିରେ ପ୍ରତିଦ୍ୱନ୍ଦ୍ୱିତା ହୁଏ ନାହିଁ । ନିମ୍ନ ଗ୍ରାମସଭାରେ 'ମୁଣ୍ଡା'ଙ୍କୁ ଗ୍ରାମର ସମସ୍ତ ପରିବାରର ମୁଖ୍ୟ/ ନିମ୍ନ ଗ୍ରାମସଭାର ସଦସ୍ୟମାନେ ମନୋନୟନ କରୁଥିବା ସ୍ଥଳେ 'ମାଣାକି'ଙ୍କ ମନୋନୟନ ପ୍ରତ୍ୟେକ ଗ୍ରାମସଭାର ମୁଖ୍ୟ/ମୁଣ୍ଡାମାନଙ୍କ ଦ୍ୱାରା ସଂପାଦିତ ହୋଇଥାଏ । ଅନୁରୂପ ଭାବେ ଉଚ୍ଚ ଗ୍ରାମସଭାର ମୁଖ୍ୟ 'ବିଶୋଇ' ସମସ୍ତ ମଧ୍ୟ ଗ୍ରାମସଭାର ମୁଖ୍ୟ 'ମାଣାକି'ମାନଙ୍କ ଦ୍ୱାରା ସର୍ବସମ୍ମତି କ୍ରମେ ମନୋନୀତ ହୋଇ ଥାଆନ୍ତି । ସେହିପରି ପୂଜା (ଦିଉଣୀ) ପଦବୀରେ ଗୁଣିଆ (ଦେଓ୍ୱାଁ) ମାନଙ୍କ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଦୈବ ଆଶୀର୍ବାଦଯୁକ୍ତ ବ୍ୟକ୍ତିବିଶେଷମାନଙ୍କୁ ବଂଶାନୁକ୍ରମିକ ରୀତିରେ ଅବସ୍ଥାପିତ କରାଯାଇଥାଏ ।

ପରବର୍ତ୍ତୀ ସମୟରେ ଗ୍ରାମସଭାର ତ୍ରିସ୍ତରୀୟ ଧାରା ଉଚ୍ଛେଦ ହୋଇଥିବା ଦେଖାଯାଇଥାଏ । ମଧ୍ୟ ଗ୍ରାମସଭା ଏବଂ ଉଚ୍ଚ ଗ୍ରାମସଭା ପ୍ରଥାକୁ ଉଠାଇ କେବଳ ନିମ୍ନ ଗ୍ରାମସଭା କୋହ୍ଲବସତି ଗ୍ରାମଗୁଡ଼ିକରେ ପ୍ରଚଳିତ ହୋଇଥାଏ । ଏପରି ହ୍ରାସ ପ୍ରକ୍ରିୟା ହୁଏତ ୧୮୯୧-୯୨ ପରେ ପ୍ରଚଳନ ହୋଇଥିବା ଅନୁମାନ କରାଯାଇଥାଏ । ଏହି ନିମ୍ନ ଗ୍ରାମସଭା ଆଉ ନିମ୍ନ ଗ୍ରାମସଭା ନାମରେ ନାମିତ ନ ହୋଇ କୋହ୍ଲ ସମାଜରେ କେବଳ ଗ୍ରାମସଭାର ଆଖ୍ୟ ଦିଆଯାଏ । ଯେଉଁମାନେ ଯେପରି ଭାବରେ ନିମ୍ନ ଗ୍ରାମସଭାରେ ସଦସ୍ୟ ରହୁଥିଲେ,

ଠିକ୍ ସେହିପରି ଏହି ଗ୍ରାମସଭାରେ ପରିବାରର ମୁଖ୍ୟମାନେ ସଦସ୍ୟତା କରିବା ସହିତ ଅନୁରୂପ ଧାରାରେ ଗ୍ରାମମୁଖ୍ୟ ମନୋନୟନ ଗ୍ରାମ ମୁଖ୍ୟ ପୂଜକଙ୍କ ଆଧାତ୍ମିକ ପ୍ରକ୍ରିୟାରେ ନିଯୁକ୍ତି ସହ ପୂଜକ ବା ମୁଖ୍ୟ ପୂଜକଙ୍କ ସହାୟତା ପ୍ରଦାନ କରୁଥିବା ଜମ୍‌ସିମ୍ ଦିହୁରୀ ଭଳି ଦୈବୀ ଆଶୀର୍ବାଦଯୁକ୍ତ ହୋଇ ଦେଓ୍ୱାଁଙ୍କ ଆଧ୍ୟାତ୍ମିକ ଶକ୍ତି (ଦାସୀ) ଦ୍ୱାରା ଅବସ୍ଥାପିତ ହୁଅନ୍ତି; କିନ୍ତୁ ଏହା ବଂଶାନୁକ୍ରମିକ ନୁହେଁ, ବରଂ ବାର୍ଷିକ ଅଟେ ।

ପ୍ରାୟତଃ ଗ୍ରାମସଭାର ସମସ୍ତ ସଦସ୍ୟ ଗମ୍ଭୀର, ଦାୟିତ୍ୱସଂପନ୍ନ, ବିଚାରବନ୍ତ, ଧୈର୍ଯ୍ୟଶୀଳତା ତଥା କ୍ଷମାଗୁଣର ଅଧିକାରୀ ହୋଇଥାଆନ୍ତି କିମ୍ବା ସେମାନଙ୍କ ନିକଟରୁ ସମସ୍ତ ମହତ୍ ଗୁଣ ଆଶା କରାଯାଇଥାଏ । ସର୍ବସମ୍ମତିକ୍ରମେ ସଫଳତା ମୁଖ୍ୟତଃ ନିର୍ଭର କରେ ସଭାପତି/ମୁଣ୍ଡା/ମାଣାକି/ବିଶୋଇମାନଙ୍କ ଉପରେ । ଏମାନେ ସମସ୍ତେ ନିର୍ଦ୍ୱନ୍ଦ୍ୱ ସର୍ବସମ୍ମତି କ୍ରମେ ମନୋନୀତ ହୋଉଥିବାରୁ ସଭାକାର୍ଯ୍ୟରେ କୌଣସି ବାଧା ଉପୁଜେ ନାହିଁ । ସଭାପତି ମଧ୍ୟ ଉଚ୍ଚ ବ୍ୟକ୍ତିତ୍ୱସଂପନ୍ନ ବ୍ୟକ୍ତିବିଶେଷ ହୋଇଥାଆନ୍ତି । ସେମାନଙ୍କର ସ୍ୱଭାବ ଶାନ୍ତ, ବ୍ୟବହାର ଅମାୟିକ, ପ୍ରଖରବୁଦ୍ଧି, ଭାଷାରେ ଶାଳୀନତା, ପରିପକ୍ୱ ଅବସ୍ଥା, ବେଶ୍ ଅଭିଜ୍ଞତାପୂର୍ଣ୍ଣ ପ୍ରଜାବତ୍ସଳ ବ୍ୟକ୍ତିତ୍ୱ ରହିଥାଏ । ବିଚାର କ୍ଷମତା ରହିଥିବାରୁ ସଭାପତିଙ୍କ ମନସ୍ତାତ୍ତ୍ୱିକ ଚିନ୍ତାଧାରା ନିରପେକ୍ଷ ହେବା ଏକାନ୍ତ ଅପରିହାର୍ଯ୍ୟ ।

ଗ୍ରାମସଭାରେ ସଦସ୍ୟ ବା ପ୍ରତ୍ୟେକ ପରିବାରର ଦାୟିତ୍ୱସଂପନ୍ନ ମୁଖିଆମାନେ ଗ୍ରାମସଭାର ମର୍ଯ୍ୟାଦା, ଶୃଙ୍ଖଳା, ଆସ୍ଥା, ଏକତା ତଥା ଗୋପନୀୟତା ସହ ତାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ପ୍ରଦାନ ପୂର୍ବକ ଗ୍ରାମସଭାର ସଭାପତି ମୁଣ୍ଡାଙ୍କୁ ବିଚାର ପ୍ରକ୍ରିୟାରେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରି ଗ୍ରାମସଭାର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବାକୁ ସର୍ବଦା ଚେଷ୍ଟିତ ଥାଆନ୍ତି ।

ଗ୍ରାମସଭାର ମୁଖ୍ୟ ଲକ୍ଷ୍ୟ ଗ୍ରାମରେ ଶାନ୍ତି ଏବଂ ଶୃଙ୍ଖଳାର ସହାବସ୍ଥାନ ପାଇଁ ସମସ୍ତ ପ୍ରକାର ମାମାଲାର ସୁବିଚାର/ ନିରପେକ୍ଷ ବିଚାର କରି ଦୋଷୀକୁ ଦଣ୍ଡ ତଥା ନିର୍ଦ୍ଦୋଷକୁ ଯଥୋଚିତ ନ୍ୟାୟ ପ୍ରଦାନ କରିବା ଏହାର ସଦସ୍ୟମାନେ ପ୍ରତିଟି ମାମଲା ବିଷୟରେ ଆଲୋଚନା କରନ୍ତି, ମତାମତ ଦିଅନ୍ତି କିନ୍ତୁ ନିଷ୍ପତ୍ତି ବା ନ୍ୟାୟ ଘୋଷଣା କରିଥାଆନ୍ତି ସଭାପତି ମୁଣ୍ଡା। ସେ ହୋ/କୋହ୍ଲ ସମାଜର ପ୍ରଥା ଅନୁଯାୟୀ ମାମଲାର ପ୍ରତ୍ୟେକ ଦିଗକୁ ତର୍ଜମା ପୂର୍ବକ ନିରପେକ୍ଷ ନିଷ୍ପତ୍ତି ଗ୍ରହଣ କରୁଥିବାର ଦେଖାଯାଇଥାଏ । ପ୍ରାଚୀନ କାଳରେ ଗ୍ରାମସଭାରେ ହତ୍ୟା ଓ ଧର୍ଷଣ ମାମଲାଗୁଡ଼ିକ ବ୍ୟତୀତ ଅନ୍ୟ ସମସ୍ତ ମାମଲା ବିଚାର ହୋଇପାରୁଥିବା ବେଳେ ପରବର୍ତ୍ତୀ ସମୟରେ ପ୍ରତ୍ୟେକ ମାମଲା ବିଚାର ହେବା ସହିତ ଏବେକୁ ହତ୍ୟା ଓ ଧର୍ଷଣ ପ୍ରାୟତଃ କୋର୍ଟକଚେରୀକୁ ଯାଇଥାଏ । ତେବେ କୋହ୍ଲମାନର ଗ୍ରାମସଭାଗୁଡ଼ିକ ଚୋରି, ବିବାହ ବିଚ୍ଛେଦ, କନ୍ୟାସୁନା ଫେରସ୍ତ, ଗ୍ରାମସଭାର ନିଷ୍ପତ୍ତିକୁ ଅବମାନନା, ଦୁର୍ବ୍ୟବହାର ଆଦି ସମସ୍ତ ପ୍ରକାର ମାମଲା ବିଚାରଯୋଗ୍ୟ ହୋଇଥାଏ। ଏତଦ୍‌ବ୍ୟତୀତ ଗ୍ରାମରେ ଦୈବୀ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଆଦିରେ ସାମାଜିକ, ନୈତିକ କର୍ତ୍ତବ୍ୟ ସ୍ୱରୂପ ଗ୍ରାମସଭାର ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବରେ ସହାୟତା ପ୍ରଦାନ କରିଥାଆନ୍ତି । ବିବାହୋତ୍ସବ, ମରଣ ସଂସ୍କାର ପ୍ରଭୃତି ଅନୁଷ୍ଠାନରେ ମଧ୍ୟ ଅନୁରୂପ କାର୍ଯ୍ୟ କରିବା ସହିତ ଶୃଙ୍ଖଳାଗତ ଏବଂ ପରଂପରାସଙ୍ଗତ କାର୍ଯ୍ୟ ସଂପାଦନ ପ୍ରତି ଦୃଷ୍ଟି ଦେଇଥାଆନ୍ତି । ଗ୍ରାମସଭାର ମୁଖ୍ୟ ମୁଣ୍ଡା ଗ୍ରାମସଭାର ଏକ ପାଣ୍ଠି ଗଠନ କରିପାରନ୍ତି ।

ଗ୍ରାମସଭାରେ ମୁଣ୍ଡାଙ୍କର ବିଚାରଗତ କ୍ଷମତା ବଳିଷ୍ଠ । ସେ ପ୍ରତ୍ୟେକ ମାମଲା ପାଇଁ ସିଦ୍ଧାନ୍ତ, ଦଣ୍ଡବିଧାନ କରୁଥିବା ସଙ୍ଗେ ସଙ୍ଗେ ଗ୍ରାମରେ କୌଣସି ପ୍ରକାର ଅସୁବିଧା କିମ୍ବା ବିପଦ ସମୟରେ ମଧ୍ୟ ଆଶୁ ସମାଧାନ/ ସିଦ୍ଧାନ୍ତ/କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥାଆନ୍ତି । ଗ୍ରାମକୁ ଶତ୍ରୁ ଆକ୍ରମଣର ଆଶଙ୍କା କିମ୍ବା କୌଣସି ଦୁରାରୋଗ୍ୟ ବ୍ୟାଧି ପ୍ରବେଶ କଲେ ମୁଣ୍ଡା ସଦସ୍ୟମାନଙ୍କ ସହିତ ଆଲୋଚନା କରି/ନକରି ମଧ୍ୟ ସିଦ୍ଧାନ୍ତ ନେଇପାରିଥାଆନ୍ତି କିମ୍ବା ଦିହୁରୀଙ୍କ ସହିତ ଆଲୋଚନା ପୂର୍ବକ ବ୍ୟାଧିରୁ ମୁକ୍ତି ପାଇଁ ପୂଜାପାଠର ଆୟୋଜନ ପାଇଁ ଦିହୁରୀଙ୍କୁ ନିର୍ଦ୍ଦେଶ ଦିଅନ୍ତି ।

ହୋ/କୋହ୍ଲମାନଙ୍କର ପାରମ୍ପରିକ ଗ୍ରାମସଭାର ଅନ୍ୟତମ ବିଭାଗର ମୁଖ୍ୟ ଦିହୁରୀ ଗ୍ରାମରେ ଧର୍ମ / ପୂଜା ସମ୍ବନ୍ଧୀୟ ସମସ୍ତ ମାମଲାର ସିଦ୍ଧାନ୍ତ ଗ୍ରହଣ କରନ୍ତି । ପୂଜାଭିତ୍ତିକ ମାମଲାର ସର୍ବୋଚ୍ଚ ବିଚାରପତି ଦିହୁରୀ । ତାଙ୍କର ନିଷ୍ପତ୍ତି ଗ୍ରାମବାସୀ ସମସ୍ତେ ଅନାୟାସରେ ଗ୍ରହଣ କରିଥାଆନ୍ତି । ପୂଜାପର୍ବ କେବେ କେମିତି ପାଳନ କରାଯିବ, ସେ ସଂପର୍କରେ ପୂଜକ ଗ୍ରାମବାସୀଙ୍କୁ ସୂଚାଇବା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତି । ପ୍ରାକୃତିକ ବିପର୍ଯ୍ୟୟ, ରୋଗବ୍ୟାଧି ତଥା କଳୁଷତାରୁ ଗ୍ରାମକୁ ରକ୍ଷା କରିବାକୁ ଏହି ମୁଖ୍ୟ ପୂଜକ ଦିହୁରୀ ଦେବଦେବୀମାନଙ୍କୁ ସନ୍ତୁଷ୍ଟ କରି ଗ୍ରାମର ମଙ୍ଗଳ ସାଧନ କରିଥାଆନ୍ତି ।

ଗ୍ରାମସଭାର ବୈଠକ ସଭାପତିଙ୍କ ଗୃହପରିସରରେ ଥିବା କୌଣସି ବସିବା ଉପଯୋଗୀ ସ୍ଥାନ ବା ସଭାପତି ଘରେ ବୈଠକ ହୋଇପାରିବା ଭଳି କୋଠରୀ ଥିଲେ କିମ୍ବା ଗ୍ରାମସଭା ପାଇଁ ସ୍ୱତନ୍ତ୍ର ଗୃହ ନିର୍ମିତ ହୋଇଥିଲେ ଆହୂତ ହୋଇଥାଏ । ସ୍ଥଳ ବିଶେଷରେ ଖୋଲା ପଡ଼ିଆ (ଅନ୍ୟଗ୍ରାମ ସହିତ ବିବାଦର ବିଚାର ପାଇଁ ଉଭୟ ଗ୍ରାମର ମଧ୍ୟବର୍ତ୍ତୀ ସ୍ଥାନ)ରେ ମଧ୍ୟ ବୈଠକ ବସିପାରେ । ସାଧାରଣତଃ ସଭା ପାଇଁ ଖଟିଆର ବନ୍ଦୋବସ୍ତ ହୁଏ । ଧର୍ମ/ପୂଜା ସମ୍ବନ୍ଧୀୟ ବୈଠକରେ ପୂଜାରୀଙ୍କ ଉପସ୍ଥିତି ଅନିବାର୍ଯ୍ୟ ।

ସଭାପତି ବିଷୟବସ୍ତୁ କହିବା ସହିତ ସଭାକାର୍ଯ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ କରନ୍ତି । ଅଭିଯୋଗ ଦାଖଲ କରିଥିବା ପକ୍ଷକୁ ସଭାପତି ପଚାରନ୍ତି ଯେ କାହିଁକି, କେଉଁ ପରିସ୍ଥିତିରେ ଏପରି ଅଭିଯୋଗ ଆଗତ କରାଗଲା । ଅଭିଯୋଗକାରୀ ସର୍ବସମକ୍ଷରେ ଅଭିଯୋଗର ବିଶଦ୍ ବିବରଣୀ ଶୁଣାଇଥାଆନ୍ତି । ବିପରୀତ ପ୍ରଶ୍ନଚ୍ଛଳରେ ସଭାପତି ତାଙ୍କଠାରୁ ସମସ୍ତ ବିଷୟ ଅବଗତ ହେବା ପରେ ପ୍ରତିପକ୍ଷଙ୍କୁ ତାହାର ଉତ୍ତର ଦେଇ ନିଜର ନିର୍ଦ୍ଦୋଷତା ପ୍ରମାଣ କରିବାକୁ ସୁଯୋଗ/ନିର୍ଦ୍ଦେଶ ଦିଅନ୍ତି । ଉଭୟ ପକ୍ଷରୁ ସମସ୍ତ ଜବାବ ସୁଆଲ ଶୁଣିସାରିବା ପରେ ଗ୍ରାମସଭାର ସଦସ୍ୟମାନେ ତତ୍ ସଂପର୍କରେ ଦୋଷତ୍ରୁଟି ତର୍ଜମା କରି ସଭାପତିଙ୍କୁ ଅବଗତ କରାଇଥାଆନ୍ତି । ଶେଷରେ ସଭାପତି ସମସ୍ତ ତର୍ଜମାର ଫଳାଫଳକୁ ବିଚାରକୁ ନେଇ ନିଜର ଧୀଶକ୍ତି ପ୍ରୟୋଗପୂର୍ବକ ମାମଲାର ନିଷ୍ପତ୍ତି ଶୁଣାନ୍ତି । ଦଣ୍ଡ ଦିଅନ୍ତି କିମ୍ବା କ୍ଷମା ପ୍ରଦାନ କରିପାରନ୍ତି ।

ନିମ୍ନ ଗ୍ରାମସଭାରେ ଯେଉଁ ମାମଲାଗୁଡ଼ିକ ବିଚାର ହୋଇପାରେ ନାହିଁ କିମ୍ବା ଜଟିଳ ହୋଇପଡ଼େ ସେଗୁଡ଼ିକ ମଧ୍ୟ ଗ୍ରମାସଭା ବା ଦ୍ୱିତୀୟ ସ୍ତରର ଗ୍ରାମସଭାରେ ବିଚାର ପାଇଁ ପଠାଯାଇଥାଏ । ଅନୁରୂପ ଭାବେ ମଧ୍ୟଭାଗ

ଗ୍ରାମସଭାରେ କୌଣସି ମାମଲା ଫଇସଲା ହୋଇ ନପାରିଲେ ତାହା ଉଚ୍ଚ ଗ୍ରାମସଭା ବା ତୃତୀୟ ସ୍ତରର ଗ୍ରାମସଭାରେ ବିଚାର ପାଇଁ ଯାଏ ଏବଂ ଉଚ୍ଚ ଗ୍ରାମସଭାରେ ଯେଉଁ ମାମଲାକୁ ବିଚାର କରିବାକୁ ଅସୁବିଧା/ ଅସମ୍ଭବ ହୁଏ ତାହା ରାଜ୍ୟସ୍ତର (ଶାସକଙ୍କ ନିକଟକୁ)ରେ ବିଚାର ପାଇଁ ପଠାଯାଇଥାଏ । ଅବଶ୍ୟ ଗ୍ରାମସଭାରୁ ରାଜ୍ୟସ୍ତରକୁ କୌଣସି ମାମଲା ଅମୀମାଂସିତ ଭାବରେ ପଠାଯାଉଥିବାର ଦୃଷ୍ଟାନ୍ତ ନାହିଁ । କାରଣ କୋହ୍ଲ ସଂପ୍ରଦାୟ ନିଜ ମାମଲା ନିଜର ଗ୍ରାମସଭା ଭିତରେ ବିଚାର ହୋଇନପାରିବା ଭଳି ଏତେ ଉଚ୍ଛୃଙ୍ଖଳ ନଥିଲେ କିମ୍ୱା ନୁହଁନ୍ତି । କେବଳ ହତ୍ୟା ଓ ଧର୍ଷଣ ମାମଲାଗୁଡ଼ିକ ରାଜ୍ୟସ୍ତରକୁ ଯାଇଥାଏ, କାରଣ ସେ ସବୁ ଧରଣର ମାମଲା ବିଚାର କ୍ଷମତା ପାରମ୍ପରିକ ଗ୍ରାମସଭାଗୁଡ଼ିକରେ ନଥାଏ ।

ପାରମ୍ପରିକ ଗ୍ରାମସଭାରେ ବିଚାରରେ ଦଣ୍ଡିତ ବା ଦୋଷୀ ସାବ୍ୟସ୍ତ ବ୍ୟକ୍ତି ବିଶେଷଙ୍କ ପାଇଁ ଆର୍ଥିକ, ଶାରୀରିକ ଓ ସାମାଜିକ ପ୍ରଭୃତି ଦଣ୍ଡବିଧାନ କରାଯାଇଥାଏ । ଦଣ୍ଡର ସମୟସୀମା ପୂରଣ ହେଲେ କିମ୍ୱା ଦଣ୍ଡରାଶି ପୈଠ ପରେ ଗ୍ରାମସଭାର ସଦସ୍ୟମାନଙ୍କ ଉପସ୍ଥିତିରେ ଦୋଷୀ ବା ଦଣ୍ଡିତ ବ୍ୟକ୍ତି ଅନୁରୂପ ଦୋଷ/ମୂଲ/ଅପରାଧର ପୁନରାବୃତ୍ତି ନ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୁଏ । ଅନେକ ସ୍ଥଳରେ ସାମାନ୍ୟ ଦୋଷ (ଗାଳିଗୁଲଜ/ଗଣ୍ଡଗୋଳ ସୃଷ୍ଟି) ପାଇଁ ପୁଣି ସେପରି ନ କରିବାକୁ ତାଗିଦ୍ କରିବାକୁ ଯାଇ ଦୋଷୀକୁ ଗ୍ରାମସଭାରେ ପ୍ରତିଜ୍ଞା କରାଇ ନେଇଥାଆନ୍ତି । ହୋ/କୋହ୍ଲ ସଂପ୍ରଦାୟରେ କୌଣସି ଅପରାଧ ପାଇଁ କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ  ପଡ଼ି ନ ଥାଏ ।

ହୋ/କୋହ୍ଲ ସଂପ୍ରଦାୟରେ ପ୍ରଚଳିତ ଅତୀତର ପାରମ୍ପରିକ ତ୍ରିସ୍ତରୀୟ ଗ୍ରାମସଭାର ପରିବର୍ତ୍ତିତ ରୂପ ବର୍ତ୍ତମାନର ଏକ ସ୍ତରୀୟ ଗ୍ରାମସଭା । ପ୍ରତ୍ୟେକ କୋହ୍ଲବସତି ଗ୍ରାମଗୁଡ଼ିକରେ ନିଜସ୍ୱ ଗୋଟିଏ ଗୋଟିଏ ଗ୍ରାମସଭାମାନ ରହିଥିବାର ଦେଖାଯାଏ। ଅର୍ଥାତ୍ ପୂର୍ବରୁ ଯାହା ନିମ୍ନଗ୍ରାମସଭା କୁହାଯାଉଥିଲା, ଏବେ ସେଇ ଗୋଟିକର ସ୍ଥିତି ଅନୁଭୂତ ହୁଏ । ଏହାର ଗଠନ ଓ କାର୍ଯ୍ୟଧାରାରେ କୌଣସି ପରିବର୍ତ୍ତନ ହୋଇନାହିଁ । ସେହିପରି ଗ୍ରାମର ସମସ୍ତ ପରିବାରର ମୁଖିଆମାନେ ଏହାର ସଦସ୍ୟତା କରନ୍ତି । ସେହି ସଦସ୍ୟମାନଙ୍କ ମଧ୍ୟରୁ ପୁଣି ସଭାପତି/ଗ୍ରାମମୁଖ୍ୟ/ମୁଣ୍ଡା ସର୍ବସମ୍ମତି କ୍ରମେ ମନୋନୀତ ହୋଇଥାଆନ୍ତି । ଜଣେ ଧର୍ମ ନିୟନ୍ତ୍ରକ/ପୂଜାରୀ/ଦିଉରୀ ଗୁଣିଆର ଆଧ୍ୟାତ୍ମିକ ଶକ୍ତି (ଦାସୀ) ଦ୍ୱାରା ଦୈବ ଆଶୀର୍ବାଦଯୁକ୍ତ ହୋଇ ବଂଶାନୁକ୍ରମିକ ରୀତିରେ ଗ୍ରାମସଭାର ସଦସ୍ୟ ରହନ୍ତି । ଗ୍ରାମସଭାର ସଭାପତି ଗ୍ରାମର ମୁଖ୍ୟ ପୂଜକ (ଦିହୁରୀ)ଙ୍କ ପରାମର୍ଶକ୍ରମେ ଉପ/ସହାୟକ ପୂଜା (ଜମ୍‌ସିମ୍)  ଚୟନ କରିଥାଆନ୍ତି। ଗ୍ରାମସଭାର ସଦସ୍ୟମାନଙ୍କ ମତାମତ ଅନୁଯାୟୀ ସଭାପତି ଡ଼ାକୁଆକୁ  ବାର୍ଷିକଭିତ୍ତିରେ ନିଯୁକ୍ତି ଦିଅନ୍ତି ।

ଉପଯୁକ୍ତ ସମସ୍ତ କାର୍ଯ୍ୟକଳାପ ପୁରାତନ ନିମ୍ନଗ୍ରାମ ସଭାର ଅନୁରୂପ । ସଭାପତି (ମୁଣ୍ଡା)ଙ୍କ ତତ୍ତ୍ୱାବଧାନର ଗ୍ରାମସଭାର ବୈଠକ ପରିଚାଳିତ ହୋଇଥାଏ । ସଦସ୍ୟମାନଙ୍କ ସହିତ ଆଲୋଚନା କରି କିମ୍ୱା ମତାମତ ଗ୍ରହଣ କରି ସଭାପତି ସବୁ ମାମଲାର ବିଚାର କରନ୍ତି ଏବଂ ଶେଷ ସିଦ୍ଧାନ୍ତ ନେଇ ନିଷ୍ପତ୍ତି ବା ନ୍ୟାୟ ଘୋଷଣା କରନ୍ତି । ନ୍ୟାୟ ପ୍ରଦାନରେ ସଦସ୍ୟମାନେ ସଭାପତିଙ୍କୁ ଉଚିତ ମାର୍ଗରେ ସହଯୋଗ କରିଥାଆନ୍ତି । ଗ୍ରାମରେ ଚୋରି, ଡ଼କାୟତି, ଜମିଜମା ଗଣ୍ଡଗୋଳ, ପାରିବାରିକ କଳହ, ବିବାହ ବିଚ୍ଛେଦ (ଛାଡ଼ପତ୍ର), ମାଡ଼ପିଟ୍, କନ୍ୟା ଅପହରଣ, ବଧୂନିର୍ଯ୍ୟାତନା,

ଗ୍ରାମସଭାର ନିଷ୍ପତ୍ତିକୁ ଅବମାନନା, ଗୁଣିଗାରେଡ଼ି କ୍ଷତି ଘଟାଇବା, କନ୍ୟାସୁନା ଫେରସ୍ତ, ଗ୍ରାମସଭାରେ ପାଟିତୁଣ୍ଡ, ପୂଜାପାଠ ସଂପର୍କିତ ବିବାଦ, ଗ୍ରାମ ସଂପତ୍ତି ହଡ଼ପ, ପର ଝିଅ ବୋହୂଙ୍କ ପ୍ରତି ଅଶ୍ଳୀଳ ଇଙ୍ଗିତ, କୌଣସି ଅସାମାଜିକ କର୍ମରେ ଲିପ୍ତ, ଦୁର୍ବ୍ୟବହାର ଆଦି ପ୍ରତ୍ୟେକ ମାମଲା ଗ୍ରାମସଭାରେ ବିଚାର ମଧ୍ୟ କରିପାରିଥାଏ । ଗ୍ରାମସଭାରେ ଦୋଷୀ ସାବ୍ୟସ୍ତ ହେଉଥିବା ବ୍ୟକ୍ତିବିଶେଷ କିମ୍ବା ପରିବାର ଶାରୀରିକ, ଆର୍ଥିକ ଏବଂ ନୈତିକ ଦଣ୍ଡରେ ଦଣ୍ଡିତ ହୋଇଥାଆନ୍ତି । ଏହି ଗ୍ରାମସଭାରେ ଦୋଷୀକୁ ଅନୁରୂପ ଦୋଷର ପୁନରାବୃତ୍ତି ନ କରିବାକୁ ମଧ୍ୟ ପ୍ରତିଜ୍ଞାବଦ୍ଧ କରାଯାଇଥାଏ ।

ସମ୍ବିଧାନ, ସ୍ୱାଧୀନତା, ଜଗତୀକରଣ ଓ ଆଧୁନିକତାର ପ୍ରଭାବରେ ସମଗ୍ର ଦେଶରେ ଆସିଛି ଅଭୂତପୂର୍ବ ପରିବର୍ତ୍ତନ । ପୂର୍ବେ ବ୍ୟକ୍ତିଗତ ସମ୍ପତ୍ତି ଭିନ୍ନ କିଛି ଗୋଷ୍ଠୀଗତ ସମ୍ପତ୍ତି ଥିବାବେଳେ ଏହା ସାଜିଛି ସରକାରୀ ଦ୍ରବ୍ୟ । ଗୋଷ୍ଠୀଗତ ସମ୍ପତ୍ତିର ରକ୍ଷଣାବେକ୍ଷଣ ସ୍ଥାନୀୟ ସମାଜର ଥିଲା । ଏବେ ଏହାର ସଂରକ୍ଷଣ ଓ ପରିଚାଳନା ସରକାରୀ କଳ ପାଖରେ । ତେବେ ସାମୂହିକ ଭାବରେ ଗୋଷ୍ଠୀଗତ ପରିଚାଳନାରେ ଯେଉଁ ସବୁ ସୁବିଧା ଥିଲା, ଏହା ସହଜ ଓ ସୁଲଭ ହେଉନାହିଁ । ସେହି କ୍ରମରେ ହୋ ସମାଜ ସ୍ଥାନୀୟ ଅଞ୍ଚଳର ପ୍ରଗତି ପାଇଁ ଶ୍ରମ ସମବାୟର ବ୍ୟବସ୍ଥା କରିଥିଲେ । ତାହା ସାମୂହିକ (ସରକାରୀ) କାମ କ୍ଷେତ୍ରରେ ଲାଗୁ ହେଉନାହିଁ। ରାସ୍ତା ନିର୍ମାଣ, ପୋଖରୀ ଖନନ, ବିଦ୍ୟାଳୟ କୋଠା ନିର୍ମାଣ, ବନୀକରଣ ଆଦି କ୍ଷେତ୍ରରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ କରି ସରକାରୀ ମଜୁରୀକୁ ଅପେକ୍ଷା ରଖୁଛନ୍ତି ସ୍ଥାନୀୟ ଅଧିବାସୀ। ସେହିପରି ବିଭିନ୍ନ ନିର୍ମାଣ ଓ ଉନ୍ନୟନ କାର୍ଯ୍ୟରେ ସରକାରୀ ଧାର୍ଯ୍ୟ ମତେ ମଜୁରୀ ଭିତ୍ତିରେ କାମ ଚାଲିଛି । ତଥାପି କୃଷି ଓ ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରେ ଶ୍ରମ ସମବାୟର ଉପସ୍ଥିତି ଏବେ ବି ରହିଛି ।

ସମ୍ବିଧାନର ପ୍ରଚଳନଠାରୁ ଦେଶରେ ଏକ ଆଇନ ପ୍ରଚଳିତ ହୋଇଛି । ପୋଲିସ, ଓକିଲ, ନ୍ୟାୟାଳୟ ହାତରେ ଭୁଲ-ଠିକ୍, ଦୋଷୀ-ନିର୍ଦ୍ଦୋଷର ବିଚାର ହେଉଛି । ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ୱାର୍ଡ ସଭ୍ୟ, ସରପଞ୍ଚ ଆଦି ସରକାରୀ ଭାବେ ଗ୍ରାମ ମୁରବି ସାଜୁଛନ୍ତି । ପାରମ୍ପରିକ ନ୍ୟାୟ ଅନୁଷ୍ଠାନର ଆଦର କମିଛି । ନ୍ୟାୟ ବିଚାରର କ୍ଷମତା ସଙ୍କୁଚିତ ହୋଇଛି । ଅନେକ କ୍ଷେତ୍ରରେ ଅବଲୁପ୍ତ ହେଲାଣି । ତ୍ୱରିତ ନ୍ୟାୟବିଚାର ବଦଳରେ ପୋଲିସ ଥାନା, କୋର୍ଟ କଚେରୀକୁ ବର୍ଷବର୍ଷ ଦଉଡି ଅଯଥା ଖର୍ଚ୍ଚାନ୍ତ ହେବାକୁ ଆଗ୍ରହୀ ହେଉଛନ୍ତି ଜନତା । ବରଂ ନୂତନ ବ୍ୟବସ୍ଥାକୁ ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି ।

ଅତୀତର ନିମ୍ନଗ୍ରାମ ସଭାର ଗଠନ ଶୈଳୀ ତଥା କାର୍ଯ୍ୟଧାରା ଅନୁରୂପ ବର୍ତ୍ତମାନର କୋହ୍ଲମାନଙ୍କର ଗ୍ରାମସଭା କେବଳ ମଧ୍ୟ ଗ୍ରାମସଭା ଓ ଉଚ୍ଚ ଗ୍ରାମସଭାଗୁଡ଼ିକ ଅନୁସୃତ ହେଉନାହିଁ । ସେଗୁଡ଼ିକର ଅସ୍ତିତ୍ୱ ବିଲୋପପ୍ରାୟ । କାରଣ ବର୍ତ୍ତମାନର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କୋହ୍ଲମାନଙ୍କର ଆବଶ୍ୟକତା ପୂର୍ବୋକ୍ତ ଦୁଇଟି ଗ୍ରାମସଭାର ମୂଲ୍ୟବୋଧ / ଆବଶ୍ୟକତା ଥିବାର ଅନୁମେୟ ହୁଏ ନାହିଁ ।

ଏହି ଦୃଷ୍ଟିକୋଣରୁ ଦେଖିଲେ ହୋ/କୋହ୍ଲ ସଂପ୍ରଦାୟର ବର୍ତ୍ତମାନର ପାରମ୍ପରିକ ଗ୍ରାମସଭାର ଗୁରୁତ୍ୱ ମଧ୍ୟ

ହ୍ରାସ ପାଇଥିବାର କୁହାଯାଇପାରେ । ସମୟାନୁକ୍ରମେ ଏହା ପରିବର୍ତ୍ତନର ଏକ ଅବସ୍ଥା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତବର୍ଷରେ ସାମ୍ବିଧାନିକ ବ୍ୟବସ୍ଥାର ପ୍ରଚଳନ, ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ଓ ପଞ୍ଚାୟତିରାଜ ଧାରାକୁ ଆଦିବାସୀମାନଙ୍କ ଉପରେ ଲଦି ଦିଆଯିବା ଫଳରେ ହୋ/କୋହ୍ଳମାନଙ୍କର ପାରମ୍ପରିକ ଗ୍ରାମସଭାର କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ । ତଥାପି ପଞ୍ଚାୟତସ୍ତରରେ ଆୟୋଜିତ ଗ୍ରାମସଭା ଓ ପଲ୍ଲୀସଭାଗୁଡ଼ିକୁ ଅନୁମେୟ କଲେ ହୋମାନଙ୍କ ଗ୍ରାମସଭାର ଝଲକ ଦେଖିବାକୁ ମିଳେ । ଏସବୁ ସେମାନଙ୍କ ସମାଜରେ ଅହରହ ଚାଲି ଆସୁଥିବାରୁ ପ୍ରଗତି ତଥା ବିକାଶ କ୍ଷେତ୍ରରେ ଗ୍ରାମ ସଭା/ପଲ୍ଲୀ ସଭାର ନିଷ୍ପତିକୁ ଅଗ୍ରାଧିକାର ଭାବେ ପ୍ରଶାସନ ବିବେଚନା କରାଯାଇଥିବାରୁ ହୋମାନେ ନିଜ ପ୍ରଥା ଓ ପରମ୍ପରାକୁ ନେଇ ଗର୍ବ କରନ୍ତି । ଏବେ ଅବଶ୍ୟ ସୁନିଶ୍ଚିତ ଫଳସ୍ୱରୂପ କୌଣସି ମାମଲାର ବିଚାର ନିମନ୍ତେ ଗ୍ରାମବାସୀମାନେ ନିଜସ୍ୱ ମୁଖିଆ ବା ଗ୍ରାମସଭାର ଦୃଷ୍ଟି ଆକର୍ଷଣ ନ କରି ଅନେକ ସମୟରେ ଓ୍ୱାର୍ଡ଼ମେମ୍ବର ଓ ତା'ପରେ ସରପଞ୍ଚ ଏବଂ ସର୍ବୋପରି ଥାନା-କୋର୍ଟ ଇତ୍ୟାଦିର ଆଶ୍ରୟ ଲୋଡୁଥିବା ଦେଖାଯାଏ ।

ହୋ ସମାଜର ଏହି ପାରମ୍ପରିକ ଅନୁଷ୍ଠାନ ଦ୍ୱୟ ଅତ୍ୟନ୍ତ ଦକ୍ଷତାର ସହ କାର୍ଯ୍ୟ କରି ଜନଜାତିଙ୍କ ସାମାଜିକ, ରାଜନୀତିକ ଓ ଆର୍ଥିକ ଜୀବନଧାରାକୁ ବିକାଶୋନ୍ମୁଖୀ କରାଇବାରେ ବହୁ ମାତ୍ରାରେ ସଫଳ ହୋଇଥିଲା । ତେବେ ସଭ୍ୟତାର ବିକାଶ ଆର୍ଥିକ ପ୍ରଗତି, ସାମ୍ବିଧାନିକ ଅଧିକାର ନାମରେ ଏହି ଅନୁଷ୍ଠାନର ନାମକରଣ ଓ ପରିଚାଳନାଗତ ପରିବର୍ତ୍ତନ ପୂର୍ବକ ପଞ୍ଚାୟତ ବ୍ୟବସ୍ଥାରେ ଗ୍ରାମସଭା ତଥାପି କାର୍ଯ୍ୟକାରୀ ହେବା ବାସ୍ତବିକ ଉଲ୍ଲେଖନୀୟ କଥା । ଏହା ହୋ ସମାଜ ପାଇଁ ଗର୍ବ ଓ ଗୌରବର କଥା ।

**ସହାୟକ ଗ୍ରନ୍ଥସୂଚୀ :**


୧. ଓତା ଅଖିଳ ବିହାରୀ, କେ.କେ. ମହାନ୍ତି, ଏ.ସି.ସାହୁ, ଶରତ ଚନ୍ଦ୍ର ମହାନ୍ତି ଏବଂ ତ୍ରିଲୋଚନ ସାହୁ ୨୦୧୨) : ଓଡିଶାର ପ୍ରାଚୀନତମ ଜନଜାତି : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ, ଓଡ଼ିଶା ।

୨. ଭୂତିଆ ସମରେନ୍ଦ୍ର, ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଜନଜାତି (୨୦୨୪) ଏସ୍‌ସି.ଏସ୍‌ଟି ଆର ଟି ଆଇ, ଭୁବନେଶ୍ୱର ।

୩. ସେନାପତି ରବିନ୍ଦ୍ର ମୋହନ; ଓଡ଼ିଶାର ଆଦିବାସୀ, ବିଦ୍ୟାଭାରତୀ ।

୪. ହୋ ଜୀବନଧାରା, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର



[୧] ଶୋଧାର୍ଥୀ, ଶିକ୍ଷା ସଂକାୟ, କାଶୀ ହିନ୍ଦୁ ବିଶ୍ୱ ବିଦ୍ୟାଳୟ, ବାରାଣାସୀ, ଉତ୍ତର ପ୍ରଦେଶ

[୨] ଶୋଧାର୍ଥୀ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର


❖❖❖

# ଓଡିଶାର ଜନଜାତି



ବଗତା



ବାଇଗା



ବନଜାରା



ବାଥୁଡି

# ଓଡିଶାର ଜନଜାତି



ଭୋତଡା



ଭୂମିଆ



ଭୂମିଜ



ଭୁଞ୍ଜିଆ

# ଓଡିଶାର ଜନଜାତି



ବିଞ୍ଝାଲ



ବିଞ୍ଝିଆ



ବିର୍‌ହୋର



ବଣ୍ଡା

# ଓଡିଶାର ଜନଜାତି



ଚୁକଟିଆ ଭୁଞ୍ଜିଆ



ଡାଲ୍



ଦେଶିଆ ଭୂମିଜ



ଧାରୁଆ

# ଓଡିଶାର ଜନଜାତି



ଡିଡାୟୀ



ଡଙ୍ଗରିଆ କନ୍ଧ



ଭୂୟାଁ



ଗଦବା

# ଓଡିଶାର ଜନଜାତି



ଗଣ୍ଡିଆ



ଘରା



ଗଣ୍ଡ



ହିଲ୍ ଖରିଆ

# ଓଡିଶାର ଜନଜାତି



ହୋ



ହୋଲ୍‌ବା



ଜାତାପୁ



ଜୁଆଙ୍ଗ

# ଓଡିଶାର ଜନଜାତି



କନ୍ଧ ଗଉଡ



କଓ୍ୱାର



ଖଡିଆ



ଖରଓ୍ୱାର

# ସାନ୍ତାଳ ଚିତ୍ରକଳା ପରମ୍ପରା

**ଐଶ୍ୱର୍ଯ୍ୟା ରାଜଲକ୍ଷ୍ମୀ ଧୀର ସାମନ୍ତ**

ଯେକୌଣସି ଜାତିର ପ୍ରଜାତିକ ବୈଚିତ୍ର୍ୟ ଓ ସାଂସ୍କୃତିକ ଐତିହ୍ୟ ଆକଳନରେ ସେମାନଙ୍କ ମୌଖିକ ପରମ୍ପରା ଯେପରି ଚିତ୍ରକଳା, ପୋଷାକ ପତ୍ର, ଖାଦ୍ୟରୁଚି ଓ ପର୍ବପର୍ବାଣୀ ପ୍ରମୁଖ ଉପାଦାନ । ଏହି ମୌଖିକ କଥାକୁ ଲୋକପରମ୍ପରା କୁହାଯାଇଥାଏ । ଲୋକ ପରମ୍ପରା ସେମାନଙ୍କର ବଂଶର କଥା କହେ, ବିଶ୍ୱାସର କଥା କହେ ଓ ଜୀବନ ଜୀବିକାର କଥା କହେ । ଜୀବନାନୁଭୂତିରେ ବିବିଧ ପରିଚିତିରେ ବନ୍ଧା ସେମାନଙ୍କ ଦିନଚର୍ଯ୍ୟାର ଅଭିବ୍ୟକ୍ତିକୁ ସମୃଦ୍ଧ ରୂପ ଦେଇଥାଏ । ତେଣୁ ସଭ୍ୟତାର ବିକାଶଧାରା, ସଂସ୍କୃତିର ଅନନ୍ୟତାର ରୂପଚିତ୍ର, ବ୍ୟକ୍ତି ଓ ସମାଜର ଆଧାରରେ ସେମାନଙ୍କର କଳା ଚିତ୍ରକଳା ଓ ଏହାର ରୂପରେଖ ଉପରେ ଆଲୋକପାତ ହୋଇଥାଏ ।

ଭାରତ ବହୁବିଧ ଆଦିବାସୀଙ୍କ ପୀଠସ୍ଥଳୀ । ପ୍ରତ୍ୟେକ ଆଦିବାସୀଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀଠାରୁ ଭିନ୍ନ । ପ୍ରତ୍ୟେକ ଜନଜାତି ନିଜସ୍ୱ ଭାଷା, ସଂସ୍କୃତି ଓ ପରମ୍ପରାର ଅଧିକାରୀ । ୨୦୧୧ ମସିହା ଜନଗଣନା ଅନୁସାରେ ଭାରତରେ ୭୩୦ରୁ ଅଧିକ ଅନୁସୂଚିତ ଜନଜାତି (ST) ଅଛନ୍ତି । ଯାହା ଭାରତୀୟ ସମ୍ବିଧାନର ଧାରା ୩୪୨ ଅନୁଯାୟୀ ସରକାରୀ ମାନ୍ୟତାପ୍ରାପ୍ତ । ଏହି ଜନଜାତିମାନେ ଭାରତରେ ଜନସଂଖ୍ୟାର ପ୍ରାୟ ୮.୬% ପ୍ରତିଶତ ଅଟନ୍ତି ।

ଭାରତୀୟ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରେ ଓଡ଼ିଶା ଏକ ସମୃଦ୍ଧ ଏବଂ ବର୍ଣ୍ଣାଢ୍ୟ ଆଦିବାସୀ ଦୃଶ୍ୟପଟ ଥିବା ଅନନ୍ୟ ସ୍ଥଳୀ । ଅନୁସୂଚିତ ଜନଜାତିର ଅଧିକାଂଶ ଲୋକ ପାହାଡିଆ ଓ ଜଙ୍ଗଲିଆ ଅଞ୍ଚଳରେ ବସବାସ କରନ୍ତି । ସେମାନଙ୍କର ଅର୍ଥନୀତି ମୁଖ୍ୟତଃ ଜୀବିକା ଭିତ୍ତିକ ଅଣ ସ୍ଥିରୀକୃତ ଏବଂ ଅଣ ବିଶେଷୀକୃତ। ସେମାନଙ୍କର ସାମାଜିକ ବ୍ୟବସ୍ଥା ସରଳ ଏବଂ ସେମାନେ ନିଜସ୍ୱ ସ୍ୱତନ୍ତ୍ରତା ଓ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିପାରିଛନ୍ତି। ଓଡ଼ିଶାରେ ସମନ୍ୱିତ ୬୪ ପ୍ରକାରର ଜନଜାତିମାନେ ବାସ କରିଥାନ୍ତି ଯେଉଁମାନେ ୭୪ ପ୍ରକାରର ଭାଷା କହିଥାନ୍ତି । ଏହି ଜନଜାତିମାନଙ୍କର ଲୋକାଚାର ବିଚାରାଧାରା, ବିଶ୍ୱଦୃଷ୍ଟି, ମୂଲ୍ୟବୋଧ ସାଂସ୍କୃତିକ ଐତିହ୍ୟ ସମୃଦ୍ଧ ଏବଂ ବିବିଧତାପୂର୍ଣ୍ଣ । ମାପକାଠିର ଗୋଟିଏ ପଟେ ଯାଯାବର ଖାଦ୍ୟ ସଂଗ୍ରହକାରୀ ଓ ଶିକାରୀ ଏବଂ ଅନ୍ୟପଟେ କୁଶଳୀ ବସତି ସ୍ଥାପନ କରିଥିବା କୃଷି ଓ ଉଦ୍ୟାନବିତ୍ । ଭାଷା ଭିତ୍ତିରେ ଭାରତରେ ଆଦିବାସୀ

ଗୋଷ୍ଠୀଙ୍କୁ ଚାରିଗୋଟି ବୃହତ ଭାଷା ପରିବାରରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଭାଷା ପରିବାର ମଧ୍ୟରେ ଭାରତୀୟ ଆର୍ଯ୍ୟ, ଦ୍ରାବିଡ, Austroasiatic (ମୁଣ୍ଡା) ଏବଂ Tibeto-burmon ଅନ୍ତର୍ଭୁକ୍ତ । ଓଡିଶାରେ ଭାରତୀୟ ଆର୍ଯ୍ୟ, ଦ୍ରାବିଡ଼ ଓ ମୁଣ୍ଡା, Austroasiatic ଭାଷା ପରିବାର ଅନ୍ତର୍ଭୁକ୍ତ ଜନଜାତି ବସତି ସ୍ଥାପନ କରି ରହିଛନ୍ତି। ଭାଷା ଓ ସଂସ୍କୃତିର ବିବିଧତା ସତ୍ତ୍ୱେ ଓଡ଼ିଶାରେ ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ଏକ ସାମାଜିକ ସାଂସ୍କୃତିକ ସାମ୍ୟ ପରିଲକ୍ଷିତ ହୋଇଥାଏ । ଏହି ସମାନତା ଯୋଗୁଁ ସେମାନେ ଭିନ୍ନ ଭିନ୍ନ ଆଦିବାସୀ ଗୋଷ୍ଠୀରେ ପରିଚିତ ହୋଇ ସୁଦ୍ଧା ଅନ୍ୟାନ୍ୟ ସାଧାରଣ ବର୍ଗ ଠାରୁ ସ୍ୱତନ୍ତ୍ର ମନେ ହୋଇଥାନ୍ତି।

**ଓଡ଼ିଶାରେ ସାନ୍ତାଳ :**

ଆମ ଓଡ଼ିଶାରେ ବାସ କରୁଥିବା ୬୪ ପ୍ରକାର ପ୍ରକାର ଜନଜାତି ମଧ୍ୟରୁ ସାନ୍ତାଳ ଏକ ସଂଖ୍ୟା ଗରିଷ୍ଠ ଓ ବହୁଚର୍ଚ୍ଚିତ ଜନଜାତି । ବିବିଧ ଭୌଗୋଳିକ ରେଖା ମଧ୍ୟରେ ବସବାସ କରୁଥିଲେ ମଧ୍ୟ ସାନ୍ତାଳ ଜନଜାତି ନିଜର ମୌଳିକତା ଅଦ୍ୟାବଧି ବଜାୟ ରଖିପାରିଛନ୍ତି । ସମଗ୍ର ଓଡ଼ିଶାରେ ଏମାନେ ବିକ୍ଷିପ୍ତ ଭାବରେ ବସବାସ କରୁଥିଲେ ସୁଦ୍ଧା ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଏମାନେ ସଂଖ୍ୟା ଗରିଷ୍ଠ ଅଟନ୍ତି । ଓଡ଼ିଶାର ପଡୋଶୀ ରାଜ୍ୟ ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ବିହାର ଓ ଆସାମ ଅଞ୍ଚଳରେ ଏମାନେ ମଧ୍ୟ ବହୁଳ ଭାବରେ ବାସ କରିଥାନ୍ତି । ଓଡ଼ିଶାର ବିଭିନ୍ନ ଜିଲ୍ଲା ଯେପରିକି ମୟୂରଭଞ୍ଜ, ବାଲେଶ୍ୱର ଓ କେଉଁଝରରେ ପ୍ରାୟ ୮,୯୪, ୭୬୪ ସାନ୍ତାଳ ସମ୍ପ୍ରଦାୟର ଲୋକ ବସବାସ କରିଥାନ୍ତି ।

ସାନ୍ତାଳ ଶବ୍ଦ ଦୁଇଟି ଶବ୍ଦ ଯଥା ଶାନ୍ତ (ଶାନ୍ତ) ଓ ହଲ୍ (ଲୋକ)ରୁ ଆସିଅଛି, ଯାହାର ଓଡ଼ିଆ ଆକ୍ଷରିକ ଅର୍ଥ ଶାନ୍ତିପ୍ରିୟ ଲୋକ । ଇତିହାସରୁ ଜଣାଯାଏ ଯେ ସାନ୍ତାଳମାନେ ସରଳ, ଶାନ୍ତିପ୍ରିୟ, ନିରୀହ, ସତ୍ୟବାଦୀ, ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଯାହାର ପ୍ରମାଣ ବା ମୂକ ସାକ୍ଷୀ ଇତିହାସ ନିଜେ ।

ସାନ୍ତାଳମାନଙ୍କ ଇତିହାସରୁ ଜଣାଯାଏ ଯେ ସେମାନେ ଯେତେବେଳେ ବଣ ଜଙ୍ଗଲରେ ରହି ଶିକାର କରି ଜୀବିକା ନିର୍ବାହ କରୁଥିଲେ, ସେତେବେଳେ ସେମାନେ "ଖେରୱାଳ" ଜାତି ବୋଲି ପରିଚୟ ଦେଉଥିଲେ। ନିଜକୁ ଖେରୱାଲ ଜାତି କହିବାର ତାପର୍ଯ୍ୟ ହେଉଛି 'ଖେର୍-ଲା' ନାମକ ଏକ ପ୍ରକାର ଚଢେଇ କେବଳ ଶିକାର କରି ବଞ୍ଚେ। ସାନ୍ତାଳମାନେ ମଧ୍ୟ ଦିନେ ବଣ ଜଙ୍ଗଲରେ ସେହି ଖେରଲା ପରମ୍ପରା ଶିକାରରେ ବେଶ୍ ଧୁରନ୍ଧର ଥିଲେ ଓ ଶିକାର ହିଁ ସେମାନଙ୍କର ମୁଖ୍ୟ ଜୀବିକା ଥିଲା । ନିଜର ଶିକାର ପଣିଆକୁ ଉପର୍ଯ୍ୟୁକ୍ତ ଖେରଲା ପକ୍ଷୀର ଶିକାର ସହିତ ତୁଳନା କରି ନିଜକୁ ସେତେବେଳେ ନିଜକୁ ଖେର-ୱାଲ ବୋଲି ପରିଚୟ ଦେଉଥିଲେ ।

ସମୟ କ୍ରମେ ପ୍ରାଚୀନ ପ୍ରସ୍ତର ଯୁଗର ଏହି ଖେର-ୱାଲ୍ ଜାତି ବଣ ଜଙ୍ଗଲରେ ଶିକାରକୁ ପରିତ୍ୟାଗ କଲେ ଓ ନୂତନ ପ୍ରସ୍ତର ଯୁଗରେ ନଦୀକୂଳରେ ସ୍ଥାୟୀ ଭାବରେ ବସବାସ କରି କୃଷିକୁ ନିଜର ଜୀବିକା ରୂପେ ଆପଣେଇ

ନେଇଥିଲେ । କୃଷିକୁ ନିଜର ଜୀବିକା ରୂପରେ ଗ୍ରହଣ କଲାପରେ, ସେମାନଙ୍କ ମଧ୍ୟରେ ଦେଖାଯାଉ ଥିବା ଦୈନନ୍ଦିନ ଖାଦ୍ୟ ଅଭାବ ଦୂର ହେଲା। କୃଷି ସେମାନଙ୍କୁ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିବାକୁ ସୁଯୋଗ ସୃଷ୍ଟି କରିପାରିଛି ଓ ସେହି ସମୟରେ ନିଜକୁ ଖେରୱାଲ ପରିବର୍ତ୍ତେ ସାନ୍ତାଳ ବୋଲି ପରିଚିତ କଲେ। ଏଥିରେ କୌଣସି ସନ୍ଦେହ ନାହିଁ । ଆର୍ଯ୍ୟମାନେ ଯେତେବେଳେ ଭାରତକୁ ଆସିଲେ, ସେତେବେଳେ ଏହି ଖେରୱାଲ ଜାତିର ଚାଲିଚଳନ, କଥାବାର୍ତ୍ତା, ସରଳତା, କାର୍ଯ୍ୟ ଆଦିକୁ ଦେଖି ସେମାନଙ୍କୁ ସାନ୍ତାଳ ବୋଲି କହି ବିଶ୍ୱ ଦରବାର ସେହି ନାମରେ ପରିଚିତ କଲେ । ଆଜି ମଧ୍ୟ ସେମାନଙ୍କର ଚାଲିଚଳନ, କଥାବାର୍ତ୍ତା କାର୍ଯ୍ୟ ଆଦିରେ ଉପର୍ଯ୍ୟୁକ୍ତ ପ୍ରାକ୍ ଗୁଣ ସବୁ ବହୁଳ ଭାବରେ ଦେଖିବାକୁ ମିଳେ । ତେଣୁ ସାନ୍ତାଳ ନାମଟି ତାଙ୍କ ପାଇଁ ଯଥାର୍ଥ ଅଟେ ।

**ସାନ୍ତାଳର ଜୀବନଯାପନ ପ୍ରଣାଳୀ**

ସାନ୍ତାଳୀ ଅଧିବାସୀମାନେ ସ୍ଥାୟୀ ବସବାସ କରିଆସୁଛନ୍ତି । କୃଷିଜମି ଓ ଗୋଚରଭୂମି ପରିବେଷ୍ଟିତ କେତେକ ପରିବାରକୁ ନେଇ ଗୋଟିଏ ସାନ୍ତାଳ ଗ୍ରାମ ଗଢି ଉଠିଥାଏ । ସାନ୍ତାଳ ଗ୍ରାମର ରାସ୍ତାର ଦୁଇପାର୍ଶ୍ୱରେ ସରଳ ଭାବରେ ଧାଡି ହୋଇ ବିଭିନ୍ନ ରଙ୍ଗ ଓ ଚିତ୍ର ଦ୍ୱାରା ସୁସଜ୍ଜିତ ଘର ଗୁଡିକ ରହିଥାଏ । ଗ୍ରାମର ଏକ ପାର୍ଶ୍ୱରେ ଗ୍ରାମଦେବତୀଙ୍କ ପୀଠସ୍ଥଳୀ ଜାହେର ରହିଥାଏ । ଏହା ମୁଖ୍ୟତଃ ଶାଳ, ଅସନ, ନିମ୍ବଗଛ ପ୍ରଭୃତିରେ ପରିବେଷ୍ଟିତ ଗ୍ରାମଦେବୀଙ୍କର ଏକ ପବିତ୍ର ପାଠସ୍ଥଳୀ ଓ ସାନ୍ତାଳ ସଂସ୍କୃତିର ପ୍ରତୀକ । ଅନ୍ୟ ଏକ ପୂଜାସ୍ଥଳୀ ଫାଟୀଥାନ ଗ୍ରାମର ଧର୍ମୀୟ ମୁଖ୍ୟ ମାଟୀହାଳାମଙ୍କ ଘରର ସମ୍ମୁଖରେ ଅବସ୍ଥାପିତ, ଏହାକୁ ସାନ୍ତାଳ ଭାଷାରେ 'ଗଷାଣେ' ବୋଲି କୁହାଯାଇଥାଏ । ଏହିଠାରେ ଗ୍ରାମର ପ୍ରଥମ ପ୍ରତିଷ୍ଠାତା / ମୁଖିଆଙ୍କ ଆତ୍ମାକୁ ପୂଜା କରାଯାଇଥାଏ ଏବଂ ତା ସହିତ ଏଠାରେ ଗ୍ରାମ ପ୍ରତିଷ୍ଠା ହେବାଠୁ ଏଯାବତ୍ ଯେତିକି ମୁଖିଆ ଗ୍ରାମରେ ଅଛନ୍ତି, ସେମାନଙ୍କ ଆତ୍ମାକୁ ପୂଜା କରାଯାଇଥାଏ । ପରିବାରର ନ୍ୟୁନତମ ଆବଶ୍ୟକତାକୁ ନେଇ ଏବଂ ଆର୍ଥିକ ଅବସ୍ଥାନୁସାରେ ଗୋଟିଏ ସାନ୍ତାଳ ଘର ଅନ୍ୟୂନ୍ୟ ଏକ କୋଠରୀ ବିଶିଷ୍ଟ ହୋଇଥାଏ। ସ୍ୱତନ୍ତ୍ର ଭାବରେ ସେମାନଙ୍କର ରୋଷେଇଶାଳ ନଥାଏ । ଘରର ଏକ ଅଂଶକୁ ରୋଷେଇଶାଳ ହିସାବରେ ଭାଗକରି ବ୍ୟବହାର କରାଯାଇଥାଏ । ପୂର୍ବ ପୁରୁଷମାନଙ୍କର ଆତ୍ମାର ଅବସ୍ଥାନ ପାଇଁ କୋଣରେ ଏକ ପବିତ୍ର ସ୍ଥାନ ରଖାଯାଇଥାଏ । ଘରର ପ୍ରତ୍ୟେକ ପାର୍ଶ୍ୱରେ ବାରଣ୍ଡା, ବାରଣ୍ଡାର ଏକ ପାର୍ଶ୍ୱରେ ଢିଙ୍କି ଓ ବସା ଉଠା ପାଇଁ ବାରଣ୍ଡାର ଅନ୍ୟ ପାର୍ଶ୍ୱଟି ଉଦ୍ଦିଷ୍ଟଥାଏ । ମୁଖ୍ୟ ଘରକୁ ଲାଗି ଗୋରୁ ଗାଈଙ୍କ ପାଇଁ ସ୍ୱତନ୍ତ୍ର ଗୁହାଳ ନିର୍ମିତ ହୋଇଥାଏ । ପୁରୁଣା ଚାଳିଆ ଘରର କାନ୍ଥ ଗୁଡିକ କାଠଗଣ୍ଡି ଦ୍ୱାରା ଆଚ୍ଛାଦିତ ହୋଇଥାଏ । ତାହା ଉପରେ କାଦୁଅ ଲେସି ସମାନ କରାଯାଇଥାଏ । ଘରର କାନ୍ଥ ଉପରେ ବିଭିନ୍ନ ରଙ୍ଗର ପ୍ରଲେପ ଦିଆଯାଇଥାଏ। ଏଥିରେ ମଣିଷ, ଫୁଲ, ଫଳ, ପଶୁ ଓ ପକ୍ଷୀର ଚିତ୍ର ଅଙ୍କନ କରାଯାଇଥାଏ । ଏକ ପ୍ରକାର ଘାସ କିମ୍ବା ନଡାକୁଟା ଏବଂ ଘର ବିଶେଷରେ ଟାଇଲ୍ ଦ୍ୱାରା ଘର ଛପର ହୋଇଥାଏ ।

ସାନ୍ତାଳମାନେ ମାଟିର ଗୃହ ଉପକରଣ ଏବଂ ପତ୍ର ସାହାଯ୍ୟରେ ଖଲି ଚଉପତି ଇତ୍ୟାଦି ତିଆରି କରିଥାନ୍ତି । ଅପରପକ୍ଷରେ ସେମାନେ ରସ ଏବଂ କଂସାରେ ବାସନକୁସନ, ରୋଷେଇ ହାଣ୍ଡି ଏବଂ ରେଡିଓ, ସାଇକେଲ୍, ଘଣ୍ଟା ଇତ୍ୟାଦି ବ୍ୟବହାର କରିଥାନ୍ତି । ଅନ୍ୟାନ୍ୟ ଉପକରଣ ମଧ୍ୟରେ କୃଷି, ଶିକାର ଏବଂ ମାଛମାରିବା ଉପକରଣ, ବାଦ୍ୟଯନ୍ତ୍ର, ଦଉଡିଖଟ, ଦଉଡି ଟେବୁଲ ଇତ୍ୟାଦି ନିଜେ ତିଆରି କରିଥାନ୍ତି କିମ୍ବା ସାପ୍ତାହିକ ହାଟରୁ କ୍ରୟ କରିଥାନ୍ତି ।

ସାନ୍ତାଳ ଆଦିବାସୀମାନଙ୍କ ପୋଷାକ ପତ୍ରରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ସ୍ଥାନୀୟ ବୁଣାକାରମାନଙ୍କ ଦ୍ୱାରା ତିଆରି ପୁରୁଷ ପୋଷାକ ମଧ୍ୟରେ ଧୋତି କିମ୍ବା ଗାମୁଛା ଏବଂ ମହିଳା ପୋଷାକ ମଧ୍ୟରେ ସବୁଜ ଓ ନୀଳ ରଙ୍ଗର ଛାପା ଶାଢୀ ଅନ୍ତର୍ଭୁକ୍ତ । ପାରମ୍ପରିକ ଅଳଙ୍କାର ମଧ୍ୟରେ ପିତ୍ତଳର ଓଜନିଆ ବଳା, ଖଡୁ, ଚାପୁଡି, ମୁଣ୍ଡରେ କଣ୍ଟା ପାଦରେ ବାଜୁ ଏବଂ ମାଳି ପରିବର୍ତ୍ତେ ପ୍ଲାଷ୍ଟିକ, କାଚ ଏବଂ ହାଲକା ରୂପାର ଅଳଙ୍କାର ପିନ୍ଧିବାକୁ ପସନ୍ଦ କରିଥାନ୍ତି । ପ୍ରତ୍ୟେକ ସାନ୍ତାଳୀ ମହିଳାମାନେ ନିଜ ହାତ ଓ ଗୋଡରେ ଚିତା କୁଟାଇଥାନ୍ତି ।

**ସାନ୍ତାଳୀ ଚିତ୍ରକଳା**

କଳା ଓ ହସ୍ତ ଶିଳ୍ପ ପ୍ରିୟତା ମଣିଷର ସହଜାତ ଗୁଣ । ବିଭିନ୍ନ ଉଦାହରଣରୁ ମଧ୍ୟ ଜଣାଯାଏ ଯେ ପାରମ୍ପରିକ ଶିକ୍ଷା ପ୍ରାୟ ମଣିଷର ବୃହତ୍ତର ପରିସର କଥା ଚିନ୍ତା କରି ଏଥିରେ ନୂତନତ୍ୱ ପୂରାଇ ଅଭ୍ୟାସ ଧାରା ଓ ଶିକ୍ଷା ଯୋଡୁଥିବା ବେଳେ ବନବାସୀ ଜନତା ସ୍ୱଭାବ ସୁଲଭ ଭାବେ ଏହାର ଚର୍ଚ୍ଚା କରି ଚାଲନ୍ତି । ଶିକ୍ଷା ଓ ଅଭ୍ୟାସର ଧାରା ଯୋଡିଲେ ଶିଳ୍ପ ଓ କଳା ଗଣକଳା ସ୍ତରରୁ ଦିଗ କଳା ସ୍ତରକୁ ଚାଲି ଆସିଥାଏ । ଏ କ୍ଷେତ୍ରରେ ଶିଳ୍ପ କଳା ଦୁଇ ଭାଗରେ ବିଭକ୍ତ ହୋଇପଡେ । ଗୋଟିକୁ ଲଳିତକଳା ଆଖ୍ୟା ଦିଆଯିବା ବେଳେ ଅନ୍ୟଟିକୁ ଉପଯୋଗ କଳା କୁହାଯାଇପାରେ । ଲଳିତକଳା ସାଧନାର କୁଷ୍ଟ ହୋଇଥିବାବେଳେ ଉପଯୋଗ କଳା ଗଣକଳା ହୋଇଥାଏ ।

ଆଦିବାସୀମାନେ କଳା ଅନୁରାଗୀ ହୋଇଥାନ୍ତି । ସାମାଜିକ ଜୀବନଚର୍ଯ୍ୟା ଭିତରେ ଗଣ ଜୀବନର ସାମୂହିକ ପରିପ୍ରକାଶ ଏଥିରେ ଦେଖିବାକୁ ମିଳିଥାଏ ।

ଓଡ଼ିଶାର ବନବାସୀମାନଙ୍କ କଳାକୁ ଆମେ ବିଭିନ୍ନ ଭାବେ ବିଭକ୍ତ କରିପାରୁ ।

ପର୍ବପର୍ବାଣୀ ଆଦିରେ ତିଆରି ହେଉଥିବା ଚିତ୍ରକଳା ତଥା ଝୋଟି, ମୁରୁଜ ବା ଅନ୍ୟାନ୍ୟ ଚିତ୍ର ଏହି ପର୍ଯ୍ୟାୟ ଅନ୍ତର୍ଭୁକ୍ତ । କେତେକ ଜନଜାତି ମଧ୍ୟରେ କଳାଭିତ୍ତିକ ଖେଳକୁ ନୃତ୍ୟ ରୂପାନ୍ତର କରିବାରେ ଦେଖାଯାଏ । ଉଦାହରଣ ସ୍ୱରୂପ – ଛଉନୃତ୍ୟ । ପୋଷାକ ପତ୍ର ଭିତ୍ତିକ କଳା ପ୍ରାୟତଃ ଆଦିବାସୀମାନେ ନିଜେ ନିଜର ପୋଷାକ ବୁଣି ପରିଧାନ କରନ୍ତି ଏବଂ ଏହା ସହ ବ୍ୟବହାର କରୁଥିବା ଆଭୂଷଣ ମଧ୍ୟ ନିଜେ ପ୍ରସ୍ତୁତ କରିଥାନ୍ତି । ଶରୀରକୁ ରୋଗ ବୈରାଗ୍ୟମୁକ୍ତ ରଖିବା ତଥା ଶାରୀରିକ ସୌନ୍ଦର୍ଯ୍ୟ ବୃଦ୍ଧି ସକାଶେ ଆଦିବାସୀମାନେ ବିଭିନ୍ନ ପ୍ରାକୃତିକ ପଦାର୍ଥରୁ ପ୍ରସାଧନ ସାମଗ୍ରୀ

ପ୍ରସ୍ତୁତ କରି ବ୍ୟବହାର କରିଥାନ୍ତି । ଆଦି ଅଧିବାସୀମାନେ ସେମାନଙ୍କ ଶରୀରରେ ଆଙ୍କୁଥିବା ଚିତା ବା ଖଦା ନେବାର କଳା କୌଶଳ ଅନନ୍ୟ । ମଲାପରେ ମଧ୍ୟ ସେମାନେ ସେହି ଚିତାକୁ ସାଙ୍ଗରେ ନେଇ ଯମପୁର ଯାଆନ୍ତି ବୋଲି ତାଙ୍କର ବିଶ୍ୱାସ ରହିଛି । କବାଟ, ଝରକା, ଦୁଆରବନ୍ଧ, ଅଗ୍ନିବନ୍ଧ, କାନ୍ଥ, ଛାତ, ଆଦିରେ ପାରମ୍ପରିକ, ଦେବଦେବୀ, ପୁରାଣର ଦେବଦେବୀ, ଡାହାଣୀ ଯୋଗିନୀ ଆଦି ଅପରଦେବତା ଲୌକିକ ତଥା କାଳ୍ପନିକ ଚିତ୍ର । କୌଳିକ ବୃତ୍ତି ସଂପର୍କିତ ଲୋକବିଶ୍ୱାସ ଆଧାରିତ ଚିତ୍ର, ଲୋକ କାହାଣୀ ମିଶ୍ରିତ ଚିତ୍ର, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଏବଂ ନିଜ ଚାରିପାର୍ଶ୍ୱରେ ସେ ଯାହା ଦେଖିଥାଏ, ତାହା ଭାବିଥାଏ ।

**କାନ୍ଥଚିତ୍ର ଓ ଘର ସାଜସଜ୍ଜା –** ସମସ୍ତ ଜନଜାତିର ଲୋକମାନେ ନିଜଘରର କାନ୍ଥକୁ ବିଭିନ୍ନ ରଙ୍ଗ ବିରଙ୍ଗ ଓ ବିଭିନ୍ନ ପ୍ରକାର ଚିତ୍ର ଆଙ୍କି ସଜେଇବାକୁ ପସନ୍ଦ କରିଥାନ୍ତି, କିନ୍ତୁ ଘର ନିର୍ମାଣ କ୍ଷେତ୍ରରେ ସାନ୍ତାଳ ମାନଙ୍କର ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ । ସାନ୍ତାଳମାନଙ୍କର ପସନ୍ଦଯୋଗ୍ୟ ଘର ହେଲା ଚାତମ୍ ଅଳାଃ ବା ଖପି ଅକଳାଃ । ଏହାର ପରିମାପ ୫/୧୫ ବା ୭/୧୭ ହୋଇଥାଏ ଅର୍ଥାତ୍ ଲମ୍ବା ୧୫ହାତ ହେଲେ ଚଉଡା ପାଞ୍ଚ ହାତ, ଲମ୍ବା ୧୭ହାତ ହେଲେ ଚଉଡା ୭ ହାତ । ତାହା ଥାଏ ନୂଆଣିଆ ସୁନ୍ଦର ଭାବରେ ଛଣ କିମ୍ବା ଖପରରେ ଛପର କରା କାନ୍ଥ ଗୁଡିକର ବାହ୍ୟ ରଙ୍ଗ ନାଲି ମାଟିରେ କରାଯାଇଥାଏ । ତାହାର ତଳେ, ଉପରେ କଳା, ହଳଦିଆ ବା ଧଳାମାଟି ରଙ୍ଗରେ ଧଡି ଦିଆଯାଇଥାଏ । କାନ୍ଥର ବାହ୍ୟ କଳେବରରେ ଦର୍ପଣର ଚିତ୍ର । କେଉଁଠି କେଉଁଠି ଫୁଲର ଚିତ୍ର ଓ କେଉଁଠି କେଉଁଠି ଶିକାରର ଚିତ୍ର ଶୋଭାପାଏ । କାନ୍ଥକୁ ଲାଗି ବସିବା ନିମନ୍ତେ ଦୁଇ ଅଢେଇ ଫୁଟ ଉଚ୍ଚ ଓ ପ୍ରାୟ ସେତିକି ଓସାରର ପିଣ୍ଡା । ତାହାକୁ ଚିକିଟା ମାଟିରେ ମସୃଣ କରାଯାଇ ଗୋବର ଦିଆଯାଇଥାଏ । ନହେଲେ ଗୋବରରେ ସାମାନ୍ୟ ନାଲିମାଟି ଗୁଡିକୁ ଈଷତ୍ ଧବଳ ରଙ୍ଗ ମାଟିରେ ରଙ୍ଗ ଦିଆଯାଇଥାଏ । ତାହାକୁ ଲେପିବାବେଳେ ନାନା ପ୍ରକାରର ଝୋଟି ଚିତ୍ର ଆଙ୍କି ଦିଆଯାଇଥାଏ । ଭିତର ପାଖର ଚଟାଣରେ ଘୋଡେଇ ଚିତ୍ରଟିକୁ ପିଟି ଠିକିରି ଚିତ୍ର ଚିଡିଆ ଚିତ୍ର କିମ୍ବା ଫୁଲ ଗଛଲତା ଚିତ୍ର କରି ଦିଆଯାଇଥାଏ ।

**କାନ୍ଥଚିତ୍ରର ପ୍ରଣାଳୀ –** କାନ୍ଥରେ ଚିତ୍ର ବନେଇବାର ବିଭିନ୍ନ ପ୍ରଣାଳୀ ରହିଅଛି । ପ୍ରଥମେ ଝାଟିମାଟି କିମ୍ବା ବାଉଁଶରେ ଘରର କାନ୍ଥ ବନାଯାଏ । ତା'ଉପରେ ମାଟି ଓ ଗୋବର ମିଶେଇ ଗୋଟେ ପରସ୍ତ ଦିଆଯାଏ । ଏହି କାନ୍ଥକୁ ଆଉଥରେ ମାଟି ଓ ଗୋବର ଲଗେଇ ଚିକ୍କଣ କରି ପୋଛାଯାଏ । ତାପରେ ଦରକାର ଅନୁଯାୟୀ ରଙ୍ଗ ଲଗାଯାଇଥାଏ । ପ୍ରଥମସ୍ତରରେ ଧଳାରଙ୍ଗ ଲଗାଯାଇଥାଏ, ଯାହାକି ତିଆରି ହୁଏ ଚୁନପଥର କିମ୍ବା ଶିପ ବା ଶାମୁକା ଦ୍ୱାରା । ନାଲି, ହଳଦିଆ ଓ କଳା ପାହାଡରୁ ସଂଗୃହୀତ ମାଟି ଦ୍ୱାରା ଚିତ୍ର ହୋଇଥାଏ । ବର୍ଷକୁ ଥରେ ମହିଳାମାନେ ନିକଟସ୍ଥ ପାହାଡ଼ ଓ ଜଙ୍ଗଲକୁ ଯାତ୍ରା କରି ଲାଲ୍, ହଳଦିଆ, କଳା ଆଦି ରଙ୍ଗର ମାଟି ସଂଗ୍ରହ କରିଥାନ୍ତି । ଏହି କାନ୍ଥଚିତ୍ର ଗୁଡିକରେ କଳା, ଧଳା ଓ ଲାଲ୍ ରଙ୍ଗର ବ୍ୟବହାର ଅଧିକ ହୋଇଥାଏ । ଲୁହାପଥର ଏବଂ କୋଇଲା ଭଳି ପ୍ରାକୃତିକ ଜମାରାଶି ଏବଂ ପର୍ବତ ଚାରିପାଖରେ ପ୍ରବାହିତ ବହୁବର୍ଷୀୟ ଝରଣା ଚାରିପାଖରେ ବୃଦ୍ଧି ପାଉଥିବା କବକ ବିବିଧ ରଙ୍ଗର ମୁଖ୍ୟ ଉତ୍ସ ।

ସେହିପରି ଭାବରେ ଖରାଦିନେ ନଦୀ ଶଯ୍ୟାରୁ ଧଳାମାଟି ସଂଗ୍ରହ କରାଯାଇଥାଏ ଏବଂ ଖଣି ଖଦାନରୁ ବିଭିନ୍ନ ରଙ୍ଗର ମାଟି କିଛି ମହିଳା ଏକ ହୋଇଯାଇ ସଂଗ୍ରହ କରିଆଣିଥାନ୍ତି । ବବେଇଯୋଡ଼ା ଗ୍ରାମର ମାଳତୀ ହାନସଦା ଏହି ରଙ୍ଗମାନଙ୍କର ସବୁ କେଉଁଠୁ ସଂଗ୍ରହ କରନ୍ତି ତା' ଉପରେ ଆଲୋକପାତ କରିଛନ୍ତି ଯେପରିକି "କଳା-ଟାୟାରକୁ, ଶୁଖିଲା ଗଛପତ୍ରର କିମ୍ବା ହାଣ୍ଡି କଳାରୁ ମିଳିଥାଏ । ନାଲି ରଙ୍ଗ ସଲେଇପାଟୁ ଓ ବାଦାମପାଟ ଆଦିରେ ଥିବା ଖଣି ମାନଙ୍କରୁ ମିଳିଥାଏ । ହଳଦୀ ରଙ୍ଗ କରଞ୍ଜିଆ ପାହାଡ, ଶାଗୁଆ ରଙ୍ଗ କଚିଆ ତଥା ଓ ଧଳାମାଟି ବିଶୋଇ ଠାରେ ମିଳିଥାଏ । ଏହି ରଙ୍ଗ ମାଟିକୁ ଆମେ ଆଣି ସେଥିରେ ପାଣି ମିଶେଇ ବିଭିନ୍ନ ପ୍ରକାର ରଙ୍ଗରେ କାନ୍ଥରେ ଲିପିଥାଉ ।"

ଏହି ରଙ୍ଗ ଗୁଡିକ କାନ୍ଥରେ ମୁଖ୍ୟତଃ ସହରାଇ ପର୍ବ ପୂର୍ବରୁ ଅଙ୍କା ଯାଇଥାଏ ଏବଂ ବର୍ଷସାରା ରହିଥାଏ, ସାନ୍ତାଳମାନେ ନିଜ ଘରକୁ ଏକ ନବବଧୂ ପରି ସଜେଇ ରଖିଥାନ୍ତି ।

## ଚିତ୍ରକଳା ଓ ସମାଜରେ ପରିବର୍ତ୍ତନ

ସମୟ ହେଉଛି ପରିବର୍ତ୍ତନଶୀଳ, ସମୟ ଅନୁସାରେ ଅନେକ ପରିବର୍ତ୍ତନ ସାନ୍ତାଳ ସମାଜରେ ଦେଖାଯାଇଅଛି । ଏହି ପରିବର୍ତ୍ତନ ସାନ୍ତାଳ ଜନଜାତିର ଘର କାନ୍ଥରେ ଅତି ସହଜରେ ପରିଲକ୍ଷିତ ହୁଏ । ଆଗରୁ ଲୋକମାନେ ପ୍ରାକୃତିକ ରଙ୍ଗର ବ୍ୟବହାର କରୁଥିଲେ । ଅତି ଅଳ୍ପ ରଙ୍ଗରେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କି ପାରୁଥିଲେ । ସେମାନେ ତାଙ୍କ ଚତୁଃପାର୍ଶ୍ୱରେ ଯାହା କିଛି ଦେଖିଥାନ୍ତି, ତାକୁ ନେଇ ଚିତ୍ର ଆଙ୍କିଥାନ୍ତି । ଆଗରୁ ମୁଖ୍ୟତଃ ନାଲି ଓ ଧଳା ରଙ୍ଗର ବ୍ୟବହାର କରିଥାନ୍ତି ଏବଂ କିଛି ମାତ୍ରାରେ ହଳଦିଆ ରଙ୍ଗର ବ୍ୟବହାର କରିଥାନ୍ତି । ବର୍ତ୍ତମାନ ସମୟରେ ସାନ୍ତାଳ ଚିତ୍ରକଳାରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୁଏ ।

## ରଙ୍ଗରେ ପରିବର୍ତ୍ତନ

ପୂର୍ବରୁ ଲୋକମାନେ ସାଧାରଣତଃ ପ୍ରାକୃତିକ ମାଟିରେ ପ୍ରସ୍ତୁତ ରଙ୍ଗକୁ ବ୍ୟବହାର କରି ଘରକୁ ସୁସଜ୍ଜିତ କରୁଥିଲେ । ପରନ୍ତୁ ଏବେ ଅନେକ ପ୍ରକାରର ରାସାୟନିକ ବା କୃତ୍ରିମ ରଙ୍ଗ ବଜାରରେ ଅତି ସହଜରେ ଉପଲବ୍ଧ ହେଉଛି ତେଣୁ ସାନ୍ତାଳୀ କଳାକାରମାନେ ମଧ୍ୟ ସେହି ଗୁଡିକୁ ଅତି ସହଜରେ ବଜାରରୁ ଆଣି ବ୍ୟବହାର କରୁଛନ୍ତି ।

## ଚିତ୍ରରେ ପରିବର୍ତ୍ତନ

ଚିତ୍ର ବା ନକ୍ସା / Motif ରେ ମଧ ପରିବର୍ତ୍ତନ ଦେଖିବାକୁ ମିଳିଛି । ଚିତ୍ରକାର ତାର ଚର୍ତୁପାର୍ଶ୍ୱରେ ଯାହା ଦେଖିଥାଏ ତାହାକୁ ଆଙ୍କିଥାଏ । ତେଣୁ ଆଗକାଳର ଚିତ୍ର ଓ ଏବେକାର ଚିତ୍ର ମଧରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏବେ ଗ୍ରାମର ବିଭିନ୍ନ କାନ୍ଥରେ ପରିବର୍ତ୍ତନ ସ୍ୱରୂପ Train, Bus, Aeroplane ଓ ଅନ୍ୟାନ୍ୟ ଆଧୁନିକ ଯନ୍ତ୍ରପାତି ମଧ ଦେଖିବାକୁ ମିଳୁଛି ।

## ଯନ୍ତ୍ରପାତିରେ ପରିବର୍ତ୍ତନ

ଚିତ୍ର ଅଙ୍କନ ପାଇଁ ବ୍ୟବହାର ହେଉଥିବା ଯନ୍ତ୍ରପାତି ଯେପରିକି ତୁଳି ବା Brush ରେ ପରିବର୍ତ୍ତନ ଦେଖାଦେଇଛି । ଆଗରୁ ଲୋକମାନେ କତା ତିଆରି Brush, କନାରେ ତିଆରିତୁଳି ଆଦି ତିଆରି କରି ବ୍ୟବହାର କରୁଥିଲେ । କିନ୍ତୁ ଏବେ ବଜାରରେ ଅନେକ ପ୍ରକାର Brush ଅତି ସୁଲଭ ମୂଲ୍ୟରେ ଉପଲବ୍ଧ ହେଇଛି, ତେଣୁ ଚିତ୍ରକାର ବା କାନ୍ଥରେ ଆଙ୍କୁଥିବା ମହିଳା ତାହାକୁ ସାପ୍ତାହିକ ହାଟରୁ କିଣି ଆଣି ବ୍ୟବହାର କରୁଛନ୍ତି, ଯେଉଁଥିରେ ଅତି ସହଜରେ ଚିତ୍ର ଆଙ୍କି ପାରୁଛନ୍ତି ।

## ବିଶ୍ୱାସର ପରିବର୍ତ୍ତନ

ପ୍ରତ୍ୟେକ ଜିନିଷର ଉତ୍ପତ୍ତିରେ କିଛି ବିଶ୍ୱାସ ରହିଥାଏ । ସେହିପରି ବିଭିନ୍ନ ପ୍ରକାରର ଚିତ୍ର ଅଙ୍କନରେ ମଧ୍ୟ କିଛି ବିଶ୍ୱାସ ରହିଥାଏ । ଯେପରିକି ସାନ୍ତାଳ ସମାଜରେ ମୟୂରକୁ ଶୁଭ ବୋଲି ଭାବି ଘରର ସମ୍ମୁଖରେ ଚିତ୍ର କରିଥାନ୍ତି । ଆଗରୁ ଘରେ କେବଳ ନାଲି, ଧଳା, ହଳଦିଆ ବା କଳା ରଙ୍ଗରେ ଆଙ୍କୁଥିଲେ । ନାଲି ଓ ହଳଦିଆ ହେଉଛି ଶୁଭର ପ୍ରତୀକ, ଧଳା ହେଉଛି ଶାନ୍ତିର ପ୍ରତୀକ ଓ କଳାରଙ୍ଗ ବିଶ୍ୱାସ ଅନୁସାରେ ଖରାପ ନଜରରୁ ରକ୍ଷା କରିଥାଏ । କିନ୍ତୁ ଏହି ରଙ୍ଗ ଛଡା ଅନ୍ୟ ରଙ୍ଗ ମଧ୍ୟ ବହୁଳ ଭାବରେ ବ୍ୟବହାର ହୋଇଥାଏ । ବର୍ତ୍ତମାନ କାଳର ଚିତ୍ରକାର ଅନୁସାରେ ଯେଉଁ ଚିତ୍ରଟି ସୁନ୍ଦର ଦେଖାଯାଏ ସେମାନେ ତାହାକୁ ଆଙ୍କୁଛନ୍ତି । ତାହା କେତେବେଳେ ପାଖାପାଖି ପରିବେଶ ଦ୍ୱାରା ପ୍ରେରିତ ହୋଇଥାଏ ତ କେତେବେଳେ ଇଣ୍ଟରନେଟ୍ ଦ୍ୱାରା ।

## ଉପସଂହାର

ସାନ୍ତାଳ ଜନଜାତିର ଲୋକମାନେ ଆଜି ଉନ୍ନତ । ଏହା ଦ୍ୱାରା ସାନ୍ତାଳ ସଂସ୍କୃତି ଓ ଚାଲିଚଳଣି କାହାକୁ ଅଛପା ହୋଇ ରହିନାହିଁ । ତେଣୁ ଏହି ଆଧୁନିକତା ସଂସ୍ପର୍ଶରେ ଏହି ସାନ୍ତାଳ ସମାଜ ଅନେକ ପରିବର୍ତ୍ତନର ସାମ୍ନା କରିଛି । ଅନେକ ପରିବର୍ତ୍ତନ ହେଲେ ମଧ୍ୟ ଆଜି ହିଁ ସାନ୍ତାଳ ଜନଜାତି ସେମାନଙ୍କ କାନ୍ଥଚିତ୍ର କଳା ମାଧ୍ୟମରେ ପୂରା ଦୁନିଆରେ ଆଦୃତ । ବିଭିନ୍ନ ରଙ୍ଗବେରଙ୍ଗ ଓ ବିଭିନ୍ନ ପ୍ରଣାଳୀରେ ପ୍ରସ୍ତୁତ ଏହି ଚିତ୍ର ଗୁଡିକ ଘର ଗୁଡିକର ଶୋଭା ବଢେଇବା ସହ ଗ୍ରାମସୁନ୍ଦରତାକୁ ସମୃଦ୍ଧ କରୁଛି । ଏହି ନୂତନ ଯୁଗର ପରିବର୍ତ୍ତନରେ ଅନେକ ପୁରୁଣା ସମୟର ଚିତ୍ର କଳା ଲୁପ୍ତପ୍ରାୟ । ତଥାପି ଆଜିବି ସ୍ଥାନେ ସ୍ଥାନେ ଏହି ସୁନ୍ଦର ଚିତ୍ର ଗୁଡିକ ଶୋଭା ପାଉଛି ଏବଂ ଆକାର ପରିବର୍ତ୍ତନ ହୋଇ ମଧ୍ୟ ସବୁବେଳେ ସେହିପରି ସାନ୍ତାଳୀ ପିଢି ପରେ ପିଢି ଦ୍ୱାରା ଆଦୃତ ହୋଇ ରହିଥିବ ।

**ସହାୟକ ଗ୍ରନ୍ଥାବଳୀ**


୧. ବେଶ୍ରା ଦମୟନ୍ତୀ (୨୦୧୦) ସମାଜ ଓ ସଂସ୍କୃତି ପୃଷ୍ଠପଟରେ ମୟୂରଭଞ୍ଜର ସାନ୍ତାଳ ଆଦିବାସୀ ଭାଷା ସଂସ୍କୃତି ଏକାଡେମୀ, ଭୁବନେଶ୍ୱର, ପୃଷ୍ଠା - ୭୫-୮୦ ।

୨. ସାହୁ ଅନନ୍ତ ଚରଣ (୨୦୦୬) ସାନ୍ତାଳ ଜ୍ଞାନକୌଶଳ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ପୃଷ୍ଠା - ୧-୧୫ ।

୩. ମହାନ୍ତ ଆଦିକନ୍ଦ (୨୦୦୯) ଉତ୍ତର ଓଡ଼ିଶାର ଆଦିବାସୀ ମାନବ ହସ୍ତକଳା ଓ ହସ୍ତଶିଳ୍ପ ବନଜା, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର

୪. ସାହୁ ରବୀନ୍ଦ୍ରନାଥ (୨୦୧୨) ଓଡିଶାର ଆଦିବାସୀ ଚିତ୍ରକଳା, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ପୃଷ୍ଠା - ୯୩

୫. Seth Nakul (2018), Traditional Object of the Santal & Display of Ant, JETIR, Nov.2018, Vol-5, PP-569-574



ଶୋଧାର୍ଥୀ, ନୃତତ୍ତ୍ୱ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର


❖❖❖

# ଧାଙ୍ଗିଡ଼ିବସା

**ଲିପିକା ଦାସ** [୧]
**କ୍ଷୀରୋଦ କୁମାର ଦାଶ** [୨]

ଓଡ଼ିଶାରେ ବସବାସ କରୁଥିବା ଚଉଷଠି ପ୍ରକାରର ସୂଚିତ ଜନଜାତିଙ୍କ ଜନସଂଖ୍ୟା ସମୁଦାୟ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ । ଏହି ଜନଜାତି ବର୍ଗଙ୍କ ସମାଜ, ସଭ୍ୟତା, ସଂସ୍କୃତି ଓ ପରମ୍ପରା ରାଜ୍ୟର ମୁଖ୍ୟସ୍ରୋତ ସହ ସମନ୍ୱୟ ରକ୍ଷା କରୁଥିଲେ ମଧ୍ୟ ଅନେକ ଦୃଷ୍ଟିରୁ ଅନନ୍ୟ ଓ ପ୍ରଗତିଶୀଳ । ସେମାନଙ୍କ ଅନନ୍ୟ ସଂସ୍କୃତି ଓ ପରମ୍ପରାର ଧାରକ ଓ ବାହକ ଭାବରେ ଧାଙ୍ଗିଡିବସା ଏକ ଅତୁଲ୍ୟ ଅନୁଷ୍ଠାନ ।

ଧାଙ୍ଗିଡ଼ିବସା ହେଉଛି ଏକ ଯୁବ ଛାତ୍ରାବାସ ବ୍ୟବସ୍ଥା ଯେଉଁଠାରେ ଆଦିବାସୀ ଯୁବକମାନେ ସାମାଜିକ, ସାଂସ୍କୃତିକ, ଧାର୍ମିକ, ରାଜନୀତିକ, କଳା ଏବଂ ହସ୍ତଶିଳ୍ପ କାର୍ଯ୍ୟକଳାପରେ ସାମାଜିକ ପ୍ରଥା ଏବଂ ପରମ୍ପରାରେ ଅଂଶଗ୍ରହଣ କରିବାକୁ ଏକତ୍ର ହୁଅନ୍ତି । ଏହା ସାଂସ୍କୃତିକ ଅଭ୍ୟାସ ପାଇଁ ଏକ ସମ୍ପ୍ରଦାୟକେନ୍ଦ୍ର ଏବଂ ଯୁବକମାନଙ୍କ ପାଇଁ ଏକ ପାରମ୍ପରିକ ବିଦ୍ୟାଳୟ ଭାବରେ କାର୍ଯ୍ୟ କରେ । ଏହି ଅନୁଷ୍ଠାନରୁ ଆଦିବାସୀ ସମ୍ପ୍ରଦାୟ ସେମାନଙ୍କର ଅନନ୍ୟ ସଂସ୍କୃତି ଏବଂ ପରିଚୟ ସଂରକ୍ଷଣ କରନ୍ତି ।

ବଣ୍ଡା, ପ୍ରଜା ଏବଂ ଭୂୟାଁମାନଙ୍କ ମଧ୍ୟରେ ଏହା ଧାଙ୍ଗିଡ଼ିବସା ଭାବରେ ଜଣାଶୁଣା । ଗୋଣ୍ଡ ଏବଂ ମୁରିଆ ମଧ୍ୟରେ ଏହା ଘୋଟୁଲ୍ ଭାବରେ ଜଣାଶୁଣା । ସଂସ୍କୃତୀକରଣ ପ୍ରକ୍ରିୟା, ଆଧୁନିକତାର ଅଗ୍ରଗତି ଏବଂ ଦ୍ରୁତ ଜଗତୀକରଣ ସହିତ ଏହି ଆନୁଷ୍ଠାନିକ ପ୍ରଣାଳୀ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବିପଦରେ ପଡିଛି । ସମ୍ପ୍ରତି ପୁରୁଣା ପରମ୍ପରାକୁ ଜାରି ରଖିବା ପାଇଁ ଯୁବ ଛାତ୍ରାବାସ ଗୁଡିକର ସାଙ୍କେତିକ ଭାବରେ ରକ୍ଷଣାବେକ୍ଷଣ କରାଯାଏ । ଏହି ପରିସ୍ଥିତିରେ, ବର୍ତ୍ତମାନର ଅଧ୍ୟୟନ ହେଉଛି ଭାରତର ଆଦିବାସୀମାନଙ୍କ ମଧ୍ୟରେ ପାରମ୍ପରିକ ଛାତ୍ରାବାସ ବ୍ୟବସ୍ଥାର ସ୍ଥିତି ଏବଂ ଏହି ବ୍ୟବସ୍ଥା କିପରି ଆଦିବାସୀ ସଂସ୍କୃତି ଏବଂ ପରିଚୟର ସଂରକ୍ଷଣକାରୀ ଭାବରେ କାର୍ଯ୍ୟ କରେ ତାହା ଅଧ୍ୟୟନ କରିବାକୁ ଲକ୍ଷ୍ୟ ରଖିଛୁ । ଏହି ଅଧ୍ୟୟନରେ ଆଦିବାସୀ ସମ୍ପ୍ରଦାୟର ଅସ୍ତିତ୍ୱ ସଂସ୍କୃତି ଏବଂ ପରିଚୟ ପାଇଁ ଧାଙ୍ଗିଡ଼ିବସା ପ୍ରଣାଳୀକୁ ସଂରକ୍ଷଣ କରିବାର ଆବଶ୍ୟକତା ଦର୍ଶାଯାଇଛି ।

## ଧାଙ୍ଗିଡ଼ିବସା

ପାରମ୍ପରିକ ଭାବରେ, ଧାଙ୍ଗିଡ଼ିବସା କାଠ କିମ୍ବା କାଦୁଅ କାନ୍ଥ ଏବଂ ଛାତ ଛାତ ସହିତ କୁଚା ହାଟ, ଆଦିବାସୀ ଯୁବକମାନଙ୍କର ଅବିବାହିତ ବାଳକ ଏବଂ ବାଳିକାମାନଙ୍କ ପାଇଁ ସାମ୍ପ୍ରଦାୟିକ ସମାବେଶ ସ୍ଥାନ ଭାବରେ କାର୍ଯ୍ୟ କରନ୍ତି । କେନ୍ଦ୍ରୀୟ ଭାରତର ମୁରିଆ ଏବଂ ଗୋଣ୍ଡ ଜନଜାତିଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏହି ଆଦିବାସୀ ଅନୁଷ୍ଠାନ ଗଭୀର ସାଂସ୍କୃତିକ ମହତ୍ତ୍ୱ ରଖେ ଏବଂ ସଂଳାପ, ଶିକ୍ଷା, ସାଂସ୍କୃତିକ ଶିକ୍ଷା ଏବଂ ବ୍ୟକ୍ତିତ୍ୱର ବିକାଶ ପାଇଁ ଏକ ସାମାଜିକ ହବ୍ ଭାବରେ କାର୍ଯ୍ୟ କରେ । ଏହା ଏକ ଅନ୍ତର୍ଭୁକ୍ତ ପରିବେଶ ପ୍ରଦାନ କରେ ଯେଉଁଠାରେ ଯୁବକମାନେ ବିଭିନ୍ନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥା'ନ୍ତି ଯେପରିକି ଗୀତ, ନୃତ୍ୟ, କାହାଣୀ କହିବା ଏବଂ ସାଂସ୍କୃତିକ ଐତିହ୍ୟ ବିଷୟରେ ଆଲୋଚନା କରିବା । Verrer Elwin ଧାଙ୍ଗିଡ଼ିବସା ଏକ ମାଧ୍ୟମ ଭାବରେ ଅଧ୍ୟୟନ କରିଛନ୍ତି ଯାହାକି ସ୍ୱଦେଶୀ ମୂଲ୍ୟବୋଧ, ରୀତିନୀତି, ଲୋକକଥା ଏବଂ ପାରମ୍ପରିକ ଜ୍ଞାନକୁ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ପଠାଇବା ପାଇଁ କାର୍ଯ୍ୟ କରେ । ଧାଙ୍ଗିଡ଼ିବସାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସମାନତା ଏବଂ ଲିଙ୍ଗଗତ ସମାନତା ଉପରେ ଏହାର ଗୁରୁତ୍ୱ । ବାଳକ ଏବଂ ବାଳିକାମାନଙ୍କୁ କାର୍ଯ୍ୟକଳାପ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସମାନ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଏ । ଏହି ଅନ୍ତର୍ଭୁକ୍ତତା ବୃହତ ସମାଜରେ ପାରମ୍ପରିକ ଲିଙ୍ଗଗତ ଭୂମିକାକୁ ଚ୍ୟାଲେଞ୍ଜ କରେ ଏବଂ ଯୁବକମାନଙ୍କୁ ସେମାନଙ୍କୁ ଏକ ସ୍ୱର ଯୋଗାଇଥାଏ ।

## ଧାଙ୍ଗିଡ଼ିବସା ଉତ୍ପତ୍ତି ବିଷୟରେ କାହାଣୀ :

ମୁରିଆ ଆଦିବାସୀର ମୁଖ୍ୟ କିମ୍ବଦନ୍ତୀ ହେଉଛି ସେମାନଙ୍କର ସଂସ୍କୃତି ହିରୋ ଲିଙ୍ଗୋ ବିଷୟରେ । ସେ ତାଙ୍କର ଛଅଟି ସୁନ୍ଦର ଭାଉଜ (ବୋହୂ)ଙ୍କ ପ୍ରତାରଣାକୁ ପ୍ରତିରୋଧ କରି ଏହି ପଦବୀରେ ଉଠିଥିଲେ । ସେ ସାତ ଭାଇଙ୍କ ମଧ୍ୟରୁ ସାନ ଥିଲେ ଏବଂ ସମସ୍ତ ଛଅ ଜଣ ଭାଉଜ ତାଙ୍କ ସ୍ନେହ ଜିତିବାକୁ ଯଥାସମ୍ଭବ ଚେଷ୍ଟା କରିଥିଲେ, କିନ୍ତୁ ସେ ଏଥିପ୍ରତି ଧ୍ୟାନ ଦେଲେ ନାହିଁ । ଶେଷରେ ସେମାନେ ତାଙ୍କ ସ୍ୱାମୀଙ୍କ ବିଷୟରେ ମିଥ୍ୟା କହି ପ୍ରତିଶୋଧ ନେବାକୁ ଚେଷ୍ଟା କଲେ, ଯିଏ ତାଙ୍କୁ ଜୀବନ୍ତ ଜାଳି ଦେଇଥିଲେ । ତଥାପି ସେ ଜୀବନ୍ତ ହୋଇଥିଲେ । ତାଙ୍କୁ ଜୀବନ୍ତ କବର ଦିଆଯାଇଥିଲା । କିନ୍ତୁ ଚମତ୍କାର ଭାବରେ ଉଦ୍ଧାର କରାଯାଇଥିଲା । ଶେଷରେ ସେ ଛଅ ଭାଇଙ୍କୁ ଛାଡି ମୁରିଆ ଛାତ୍ରାବାସ ପ୍ରତିଷ୍ଠା କଲେ ।

## ଘୋଟୁଲ ସଦସ୍ୟ ଏବଂ ସେମାନଙ୍କର କର୍ତ୍ତବ୍ୟ :

ଆଦିବାସୀ ସମ୍ପ୍ରଦାୟରେ, ଏକ ଶିଶୁ ସ୍ୱୟଂଚାଳିତ ଭାବରେ ପାଞ୍ଚରୁ ଦଶ ବର୍ଷ ବୟସରେ ଧାଙ୍ଗିଡ଼ିବସା ର ସଦସ୍ୟ ହୋଇଥାଏ । ଯେତେବେଳେ ଧାଙ୍ଗିଡ଼ିବସାରେ ଜଣେ ନୂତନ ସଦସ୍ୟ ପ୍ରବେଶ କରନ୍ତି, ଏହି ଅନୁଷ୍ଠାନର ସଦସ୍ୟ ଥିବା ଗାଁର ଅବିବାହିତ ବାଳକ ଏବଂ ବାଳିକାମାନଙ୍କୁ ଏକ ନୂତନ ନାମ ଦିଆଯାଏ । ଗୋଣ୍ଡ ଜନଜାତିର

ମହିଳାମାନଙ୍କୁ ମୋଟିୟାରିସ୍ ଏବଂ ପୁଅମାନଙ୍କୁ ଚେଲିକ୍ କୁହାଯାଏ । ଧାଙ୍ଗିଡ଼ିବସାର ମହିଳା ନେତାଙ୍କୁ ବେଲାସା ଏବଂ ପୁରୁଷ ମୁଖିଆଙ୍କୁ ସେରିଦାର କୁହାଯାଏ । ଧାଙ୍ଗିଡ଼ିବସାର ସଦସ୍ୟମାନଙ୍କ ମଧ୍ୟରେ ବିଭିନ୍ନ କର୍ତ୍ତବ୍ୟ ଏବଂ ଦାୟିତ୍ୱ ବଣ୍ଟନ କରାଯାଏ । ଘୋଟୁଲର ସାଜସଜ୍ଜା ମୁସାଓ୍ୱା ଦ୍ୱାରା କରାଯାଇଥାଏ। ଦିଓ୍ୱାନ୍ ଅନୁଷ୍ଠାନର ଅନୁଶାସନର ଯତ୍ନ ନିଏ । କୋଟୱେୟାର ଧାଙ୍ଗିଡ଼ିବସାର ସଦସ୍ୟମାନଙ୍କ ଉପସ୍ଥିତି କରେ। ଛାତ୍ରାବାସର ସଦସ୍ୟମାନେ ନିଜେ ଧାଙ୍ଗିଡ଼ିବସା ନିର୍ମାଣ କରନ୍ତି। ପାରମ୍ପରିକ ଭାବରେ ଧାଙ୍ଗିଡ଼ିବସା ଗୁଡ଼ିକ ଛୋଟ ଥିଲେ ଏବଂ ପ୍ଲାଷ୍ଟର କିମ୍ବା ପ୍ଲାଷ୍ଟର ହୋଇନଥିବା କାନ୍ଥଗୁଡ଼ିକ ଖାଲି ହାତରେ ନିର୍ମିତ ହୋଇଥିଲା । ଏକ ସ୍ତମ୍ଭ ଥିଲା ଯେଉଁଥିରେ ସେମାନେ ମୋଟିଆରି, ଟେଲିକ୍, ଘୋଡା ଇତ୍ୟାଦି ଚିତ୍ର ଖୋଦେଇ କରିଥିଲେ । ଅନେକ ମୋଟିଫ୍ ଏବଂ ଫିଗର୍ ମଧ୍ୟ କବାଟରେ ଡିଜାଇନ୍ କରାଯାଇଥିଲା ।

## ଆଦିବାସୀ ଜୀବନରେ ଯୁବ ଛାତ୍ରାବାସର ଗୁରୁତ୍ୱ :

ଯୁବ ଛାତ୍ରାବାସରେ ଶିକ୍ଷାର ଏକ ପାରମ୍ପରିକ ରୂପ ଭାବରେ ପିଲାମାନେ ସେମାନଙ୍କର ସାମାଜିକ ଜୀବନ, ସାଂସ୍କୃତିକ, ଅର୍ଥନୈତିକ ଏବଂ ରାଜନୈତିକ ଦିଗ ବିଷୟରେ ଜାଣନ୍ତି । ସାମାଜିକ ସ୍ତରରେ ଧାଙ୍ଗିଡ଼ିବସା (ଯୁବ ଛାତ୍ରାବାସ) ର କନିଷ୍ଠ ସଦସ୍ୟମାନେ ସହଯୋଗ ଏବଂ ଅନୁଶାସନର ଆତ୍ମା ବିଷୟରେ ଜାଣନ୍ତି ଯାହା କଠିନ ପରିବେଶରେ ବଞ୍ଚିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଦିଗ ଅଟେ । ସାଂସ୍କୃତିକ ସ୍ତରରେ ଆଦିବାସୀ ପିଲାମାନେ ସେମାନଙ୍କର ଦେବତା, ପର୍ବ, ସଙ୍ଗୀତ ଏବଂ ନୃତ୍ୟ ବିଷୟରେ ଜାଣନ୍ତି । ସେମାନେ ସେମାନଙ୍କର ବୟସ୍କମାନଙ୍କ ଠାରୁ ନୃତ୍ୟ ଏବଂ ସଙ୍ଗୀତ ଶିଖନ୍ତି ଯାହା ନିର୍ଦ୍ଦିଷ୍ଟ ଦେବତାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବ୍ୟବହୃତ ହୁଏ । ଏହିପରି, ଆଦିବାସୀ ସାଂସ୍କୃତିକ ଐତିହ୍ୟ ସ୍ଥାନାନ୍ତର ପାଇଁ ଯୁବ ଛାତ୍ରାବାସ ଏକ ଉପଯୁକ୍ତ ସ୍ଥାନ । ଅର୍ଥନୈତିକ ସ୍ତରରେ, ଡ୍ରମ୍ ବାଜିବା ପରି ପିଲାମାନେ ଶିକାର କରିବାର ଶିକ୍ଷା ଶିଖନ୍ତି, ଶିକାର ହୋଇଥିବା ପଶୁ ଉପରେ କେବେ ଆକ୍ରମଣ କରିବେ, କେତେବେଳେ ଘେରି ରହିବେ ଏବଂ ପଛକୁ ଫେରିବେ । ସେମାନେ ଛାତ୍ରାବାସରେ ଏହି ସମସ୍ତ କୌଶଳକୁ ଅତି ଖେଳାତ୍ମକ ବାଦ୍ୟରେ ଶିଖନ୍ତି, ଗୀତ, ନୃତ୍ୟ, ମାଣ୍ଡାର (ବାଦ୍ୟଯନ୍ତ୍ର) ବଜାଇ ସେମାନଙ୍କ ମନୋରଞ୍ଜନ କରନ୍ତି ଏବଂ ଜୀବନର ସର୍ବୋଚ୍ଚ ତଥ୍ୟରେ ସେମାନଙ୍କର ଆନନ୍ଦ ପ୍ରକାଶ କରନ୍ତି। ଯୁବ ଛାତ୍ରାବାସ ହେଉଛି ଆଦିବାସୀ ସମାଜର ଏକ ଯୁବ ଶକ୍ତି ଭିତ୍ତିକ ସ୍ଥାନ ଯାହାକି ଗାଁରେ ଯେତେବେଳେ ବଡ଼ ଶ୍ରମ ଆବଶ୍ୟକ ହୁଏ, ସାହାଯ୍ୟ କରିବାକୁ ଆସେ । ସେମାନେ ଏହି ସମସ୍ତ କାର୍ଯ୍ୟ ସ୍ୱଇଚ୍ଛାରେ ଏବଂ ଖୁସିରେ କରନ୍ତି । ଯୁବ ଛାତ୍ରାବାସ ଜୀବନରେ ଶିଖାଯାଇଥିବା ଶିକ୍ଷା, ଯେହେତୁ ଶିକ୍ଷକ ଭାବରେ ବରିଷ୍ଠ ବାଳକ ଏବଂ ବାଳିକାମାନଙ୍କ ଦ୍ୱାରା ସେମାନଙ୍କର ଏକ ଅନୌପଚାରିକ ଉପାୟ ଅଛି । ଆଦିବାସୀ ସମ୍ପ୍ରଦାୟର ଯୁବ ଛାତ୍ରାବାସ ବ୍ୟବସ୍ଥା ସେମାନଙ୍କର ପରମ୍ପରା, ସଂସ୍କୃତିକୁ ପ୍ରାଚୀନ କାଳରୁ ଅନୁସରଣ କରିଆସୁଛି । ଘୋଟୁଲ ପାଇଁ ବିଭିନ୍ନ ଦିଗ ଅଛି, ଯାହାକି ସମାଜର ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

## ଧାଙ୍ଗିଡ଼ିବସା ଏବଂ କିଶୋର ଶିକ୍ଷା :

ଆମ ଦେଶ ବିଭିନ୍ନ ସଂସ୍କୃତିରେ ପରିପୂର୍ଣ୍ଣ, ସମଗ୍ର ଦେଶରେ ପ୍ରଚଳିତ ଠାରୁ ଆରମ୍ଭ କରି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପର୍ଯ୍ୟନ୍ତ । ଏହି ନିର୍ଦ୍ଦିଷ୍ଟ ସଂସ୍କୃତି ମଧ୍ୟରୁ କେତେକଙ୍କର ଅଭ୍ୟାସ ଅଛି ଯାହା ବାହାର ଲୋକଙ୍କ ପାଇଁ ଆପତ୍ତିଜନକ

ମନେହୁଏ । କିନ୍ତୁ ସମ୍ପ୍ରଦାୟର ପ୍ରାଚୀନମାନେ ଏହାକୁ ଏକ ପବିତ୍ର ତଥା ସାଧାରଣ ପରମ୍ପରା ଭାବରେ ବିବେଚନା କରନ୍ତି । ଯାହା ସେମାନେ ଶତାବ୍ଦୀ ଧରି ଅନୁସରଣ କରିଆସୁଛନ୍ତି । ଏହିପରି ଗୋଟିଏ ଜନଜାତି ହେଉଛି ମୁରିଆ ଏବଂ ଗୋଣ୍ଡ ଜନଜାତି । ଯାହାଙ୍କ ପାଇଁ ଯୁବକମାନଙ୍କୁ ସେମାନଙ୍କର ସମ୍ପର୍କ ସହିତ ପରିଚିତ କରାଇବା ଏକ ପରମ୍ପରା ଏବଂ ଏହା ଏପରି କିଛି ଯାହା ବାହ୍ୟ ସମାଜର ନୀତି ସହ ମେଳ ଖାଇ ନପାରେ ।

**ପାରମ୍ପରିକ ବିଦ୍ୟାଳୟ ଘୋଟୁଲ୍ :**

ଏକ ସାମାଜିକ ଅନୁଷ୍ଠାନ ଭାବରେ ଧାଙ୍ଗିଡ଼ିବସା କେବଳ ଏକ ପାରମ୍ପରିକ ବିଦ୍ୟାଳୟ ନୁହେଁ ବରଂ ସମ୍ପ୍ରଦାୟର ଯୁବକମାନଙ୍କ ପାଇଁ ଏକ ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ । ଯେଉଁଠାରେ କେବଳ ମନୋରଞ୍ଜନ ନୁହେଁ, ଜୀବନ କୌଶଳ ମଧ୍ୟ ଶିଖାଯାଇଥାଏ । ଏହା ସଂସ୍କୃତି, ଶିକ୍ଷା ଏବଂ ରୀତିନୀତିର ଏକ ମିଳନ ସ୍ଥାନ, ଯାହା ଛାତ୍ରାବାସ ସ୍ତରରେ ସମାନତା ସୃଷ୍ଟି କରେ । ବାଳକ ଏବଂ ବାଳିକାମାନେ ଏଠାରେ ଏକତ୍ର ହୋଇ ଗୀତ ଗାଇ, ନାଚନ୍ତି, ଖେଳନ୍ତି, ପରସ୍ପରକୁ ଲୋକକଥା, ଲୋକଗୀତ କୁହନ୍ତି; ବିଶେଷକରି ବୟସ୍କ ବାଳକ ଏବଂ ବାଳିକା ଯେଉଁମାନେ ଆଦିବାସୀ ସଂସ୍କୃତି ଏବଂ ପରମ୍ପରାକୁ ଭଲଭାବେ ଜାଣିଛନ୍ତି, ଏହାକୁ ନିଜ ଛୋଟ ପିଲାମାନଙ୍କୁ ଶିକ୍ଷା ଦିଅନ୍ତି । ବୈଦିକ (Vedic) ପରମ୍ପରାରେ ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଏବଂ ସନ୍ନ୍ୟାସ ପରି ଉଦ୍ଦେଶ୍ୟ ବଜାୟ ରଖିବା ପାଇଁ 'ଚାତୁରଶ୍ରମ' ବା ଜୀବନର ଚାରୋଟି ପର୍ଯ୍ୟାୟ ରହିଛି । ଧାଙ୍ଗିଡ଼ିବସା ଗୁରୁକୁଳ ସହିତ ସମାନ; ଯେଉଁଠାରେ ପୁରୁଷ ଓ ମହିଳା ଝିଅମାନେ ଗୁରୁଙ୍କ ଆଶ୍ରମକୁ ଯାଇ ଶିକ୍ଷା, ଅନୁଶାସନ ଶିଖୁଥିଲେ ଏବଂ ସମାଜରେ ଉଦ୍ଦେଶ୍ୟମୂଳକ ତଥା ଉଦାର ଭାବରେ ଜୀବନଯାପନ କରିବାକୁ ଅନୁଶାସନ କରୁଥିଲେ । ଏକ ସୁସ୍ଥ ସମାଜ ଗଠନ ପାଇଁ ଉଭୟ ଧାଙ୍ଗିଡ଼ିବସା ଏବଂ ଆଶ୍ରମ ଜୀବନ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନର ସବୁଠାରୁ ଅତ୍ୟାବଶ୍ୟକ ଅଂଶ ।

ଧାଙ୍ଗିଡ଼ିବସା ଆଦିବାସୀ ମୂଲ୍ୟବୋଧ, ରୀତିନୀତି, ଲୋକନୃତ୍ୟ ଏବଂ ପାରମ୍ପରିକ ଜ୍ଞାନକୁ ଗୋଟିଏ ପିଢିରୁ ଅନ୍ୟ ପିଢିକୁ ପଠାଇବା ପାଇଁ ଏକ ମାଧ୍ୟମ । ଧାଙ୍ଗିଡ଼ିବସାର ଏକ ଉଲ୍ଲେଖନୀୟ ଦିଗ ହେଉଛି ସମାନତା ଏବଂ ଲିଙ୍ଗଗତ ସମାନତା ଉପରେ ଏହାର ଗୁରୁତ୍ୱ । ଉଭୟ ପୁଅ ଏବଂ ଝିଅଙ୍କୁ କାର୍ଯ୍ୟକଳାପ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସମାନ ଭାବରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଇଛି । ଯାହା ଲିଙ୍ଗ ମଧ୍ୟରେ ପାରସ୍ପରିକ ସମ୍ମାନ ଏବଂ ବୁଝାମଣାକୁ ପ୍ରୋତ୍ସାହିତ କରିଥାଏ । ଏହି ଅନ୍ତର୍ଭୁକ୍ତିର ବ୍ୟାପକ ସମାଜରେ ପ୍ରଚଳିତ ପାରମ୍ପରିକ ଲିଙ୍ଗଗତ ଭୂମିକାକୁ ବିରୋଧ କରେ ଏବଂ ନିଜକୁ ମୁକ୍ତ ଭାବରେ ପ୍ରକାଶ କରିବାକୁ ଏକ ସ୍ୱର ଏବଂ ପ୍ଲାଟଫର୍ମ ଦେଇ ଯୁବକମାନଙ୍କୁ ସଶକ୍ତ କରେ । ସଦସ୍ୟମାନେ କୃଷି କ୍ଷେତ୍ରରେ କାର୍ଯ୍ୟ କରିବା ଏବଂ ପରସ୍ପରକୁ ସାହାଯ୍ୟ କରିବାର ସାମାଜିକ ଦାୟିତ୍ୱ ମଧ୍ୟ ବାଣ୍ଟନ୍ତି । କମ୍ କିମ୍ବା କୌଣସି ସମ୍ବଳ ନଥିବା ଜନଜାତି ସଦସ୍ୟ ଅକ୍ଷମତା ଅନୁଭବ କରନ୍ତି ନାହିଁ ଏବଂ ଧାଙ୍ଗିଡ଼ିବସାର ସଦସ୍ୟମାନେ ଗ୍ରହଣ କରୁଥିବା ପାରସ୍ପରିକ ସହଯୋଗ ଏବଂ ସାମୂହିକ ଦାୟିତ୍ୱ ହେତୁ ତାଙ୍କ କାର୍ଯ୍ୟ ପ୍ରଭାବିତ ହୁଏ ନାହିଁ । ଆଦିବାସୀମାନେ ସରଳ, ନମ୍ର ଏବଂ

ସେମାନଙ୍କର ସହ-ଗ୍ରାମବାସୀ ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କର ଏକ ମହାନ ଭାବନା ଅଛି । ସେମାନେ ସେମାନଙ୍କର ସମ୍ପ୍ରଦାୟର ସାମାଜିକ ପରିବେଶର ଘନିଷ୍ଠତାରେ । ପ୍ରକୃତି ସହିତ ସେମାନଙ୍କର ଘନିଷ୍ଠ ସମ୍ପର୍କ ସେମାନଙ୍କୁ ଏକ ଅସାବଧାନ ଜୀବନଯାପନ କରିବାକୁ ପ୍ରେରଣା ଦିଏ, ସଂସ୍କୃତି ଏବଂ ପରମ୍ପରାର ସମୃଦ୍ଧତା ତଥା ଆଦିବାସୀ କଳା ଏବଂ ସଂସ୍କୃତି ଏକ ଜନଜାତିର ସାଂସ୍କୃତିକ ଐତିହ୍ୟର ପ୍ରତିଫଳନ ।

**ଧାଙ୍ଗିଡିବସାର ମହତ୍ତ୍ୱ ଓ ଆବଶ୍ୟକତା :**

ଘୋଟୁଲ ହେଉଛି ଏକ ସ୍ଥାନ; ଯେଉଁଠାରେ ଏକତା, ସ୍ୱାଧୀନତା ଏବଂ ଭାଇଚାରା ସମ୍ପୂର୍ଣ୍ଣ ରୂପେ ବିକଶିତ ହୁଏ ଏବଂ ନିରୀହ ପିଲାମାନଙ୍କ ମଧ୍ୟରେ ବି ଥାଏ ଯାହାର ସୁସ୍ଥ ଦୁନିଆ ରହିବ । ଏହା ହେଉଛି ଭାରତର ସବୁଠାରୁ ପ୍ରାଥମିକ ଆଦିବାସୀ ଅନୁଷ୍ଠାନ । ଅଧିକାଂଶ ସାହିତ୍ୟ ଧାଙ୍ଗିଡ଼ିବସା ଏବଂ ଏହାର ଆଖ ପାଖରେ ରଚନା କରାଯାଇଛି । ଏହି ଅନୁଷ୍ଠାନ ଅନେକ ସାଂସ୍କୃତିକ ଦିଗକୁ ସଂରକ୍ଷଣ କରି ସେମାନଙ୍କ ନୃତ୍ୟ, ଗୀତ ଏବଂ ସଙ୍ଗୀତର ବିକାଶ ତଥା ସଂରକ୍ଷଣ ପାଇଁ ଜନଜାତିଙ୍କୁ ପ୍ରେରଣା ଦେଇଥିଲା । ଆଦିବାସୀ ଜୀବନ ଅନ୍ୟ ସମ୍ପ୍ରଦାୟ ଅପେକ୍ଷା ଅଧିକ ସାମୂହିକ, ଅଧିକ ସଂଗଠିତ ଏବଂ ଅଧିକ ଶୃଙ୍ଖଳିତ ଦେଖାଯାଏ । ଭଲ ବିକଶିତ ତଥା ଶକ୍ତିଶାଳୀ ଧାଙ୍ଗିଡ଼ିବସା ପ୍ରଣାଳୀ ହେତୁ ଅନ୍ୟ ଜନଜାତିଙ୍କ ତୁଳନାରେ ମୁରିଆ ଏବଂ ଗୋଣ୍ଡରେ ଅପରାଧ ହାର ସର୍ବନିମ୍ନ ଅଟେ । ଧାଙ୍ଗିଡ଼ିବସା ଆଦିବାସୀମାନଙ୍କ ମଧ୍ୟରେ ସାମାଜିକ ଯୋଗାଯୋଗର ଏକ ସ୍ତର ପ୍ରତିଷ୍ଠା କରିଥିଲେ। ଉପର୍ଯ୍ୟୁକ୍ତ ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି ଯେ ଗାଁର ଗୋଣ୍ଡ ଜନଜାତିଙ୍କ ପାଇଁ ଧାଙ୍ଗିଡ଼ିବସା ସାମାଜିକ, ଅର୍ଥନୈତିକ, ରାଜନୈତିକ ଏବଂ ଧାର୍ମିକ ଜୀବନର ବିଭିନ୍ନ ଦିଗରେ ଅନେକ କାର୍ଯ୍ୟ କରି ଗ୍ରାମୀଣ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରିଛି । ଗାଁର କିଶୋର ବାଳକ ଏବଂ ବାଳିକାମାନଙ୍କ ଶୋଇବା ପାଇଁ ଛାତ୍ରାବାସ ବ୍ୟତୀତ ଧାଙ୍ଗିଡ଼ିବସା ସେମାନଙ୍କ ପାଇଁ ଏକ ଔପଚାରିକ ବିଦ୍ୟାଳୟ କିମ୍ବା ତାଲିମ କେନ୍ଦ୍ର ଭାବରେ ମଧ୍ୟ କାର୍ଯ୍ୟ କରିଥାଏ । ପିଲାଟି ଧାଙ୍ଗିଡ଼ିବସାରେ ଅନ୍ତର୍ଭୁକ୍ତ ହେବା ଦିନଠାରୁ ତାକୁ ପାରମ୍ପରିକ ତଥା ସ୍ଥାୟୀ ଜୀବନଶୈଳୀ ଶିକ୍ଷା ଦେଇ ଅନେକ ଜୀବନଶୈଳୀ ଶିକ୍ଷା ଦିଆଯାଏ । ବୃଦ୍ଧ ଗୋଣ୍ଡମାନେ ମଧ୍ୟ ସେମାନଙ୍କର ପୁରାଣ, ଲୋକକଥା, ଲୋକଗୀତ ଏବଂ ସେମାନଙ୍କର ଭୂମି ଏବଂ ଜୀବନ ବିଷୟରେ ସଚେତନତା ବର୍ଣ୍ଣନା କରନ୍ତି । ଧାଙ୍ଗିଡ଼ିବସାରେ ଶିକ୍ଷାର ଏହି ପ୍ରକ୍ରିୟା ବ୍ୟକ୍ତିର ସାଂସ୍କୃତିକ ତଥା ସାମାଜିକୀକରଣକୁ ନେଇଥାଏ, ଯାହା ତାଙ୍କୁ ତାଙ୍କ ସମାଜର ସାଂସ୍କୃତିକ ମୂଲ୍ୟବୋଧ, ରୀତିନୀତି ଏବଂ ପରମ୍ପରା ବିଷୟରେ ଅବଗତ କରାଇଥାଏ। ପରିବାର ମାଧ୍ୟମରେ, ବ୍ୟକ୍ତି ନିଜର ଉତ୍ତରାଧିକାର, ଦାୟିତ୍ୱ ଏବଂ ସାମାଜିକ ଦାୟିତ୍ୱ ପାଇଥାଏ ଏବଂ ଏହିପରି ଭାବରେ ତାଙ୍କର ପରିଚୟ ସୃଷ୍ଟି କରେ । ଧାଙ୍ଗିଡିବସାର ପ୍ରତିଷ୍ଠା ସମାଜର ଅନ୍ୟ ସଦସ୍ୟମାନଙ୍କ ସହିତ ବ୍ୟକ୍ତିର ସମ୍ପର୍କକୁ ବଜାୟ ରଖେ । ସଦସ୍ୟମାନଙ୍କ ମଧ୍ୟରେ ପ୍ରତିଯୋଗିତାକୁ ଉତ୍ସାହିତ କରି, ଗୋଣ୍ଡମାନେ ହଷ୍ଟେଲର ସଦସ୍ୟମାନଙ୍କ ମଧ୍ୟରେ ସାମାଜିକ ଏକତାର ଭାବନା, ଯାହା ସମଗ୍ର ଗାଁର କାର୍ଯ୍ୟକଳାପକୁ ଉତ୍ସାହିତ କରିଥାଏ, ଯାହାଦ୍ୱାରା ଏହାର ଆର୍ଥିକ ଏକତା ବଜାୟ ରହିଥାଏ ।

**ଶେଷକଥା :**

ଧାଙ୍ଗିଡ଼ିବସା ଲୋକମାନଙ୍କର ସାମାଜିକ-ସାଂସ୍କୃତିକ, ଅର୍ଥନୈତିକ ଏବଂ ଧାର୍ମିକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଧାଙ୍ଗିଡ଼ିବସା ଗୁଡିକ ଦ୍ରୁତ ଗତିରେ ସଂକୁଚିତ ହେଉଛି । ଆଜି କେବଳ ବସ୍ତରର ଏକ ସୀମିତ ଅଞ୍ଚଳରେ ବଞ୍ଚିଛି । ଖ୍ରୀଷ୍ଟିଆନ ଧର୍ମ, ଆଧୁନିକୀକରଣ, ପାଶ୍ଚାତ୍ୟକରଣ ଏବଂ ଜଗତୀକରଣର ଏକ୍ସପୋଜର ପ୍ରକ୍ରିୟା ଯୁବ ହଷ୍ଟେଲ ବ୍ୟବସ୍ଥାରେ ଏକ ମହତ୍ ପୂର୍ଣ୍ଣ ପ୍ରଭାବ ପକାଇଛି । ଅଧିକରୁ ଅଧିକ ବିଦ୍ୟାଳୟ ଯାଉଥିବା ପିଲାମାନେ ପାରମ୍ପରିକ ରୀତିନୀତି ଠାରୁ ଦୂରେଇ ଯାଉଥିବାରୁ ଏଗୁଡିକ ଶିକ୍ଷା କେନ୍ଦ୍ର ଦ୍ୱାରା ବଦଳା ଯାଉଛି । କଳା, କିମ୍ବଦନ୍ତୀ, ଗୀତ, ନୃତ୍ୟ ଏବଂ ଲୋକକଥା ସୃଷ୍ଟି ଏବଂ ସଂରକ୍ଷଣରେ ଘୋଟୁଲ ମଧ୍ୟ ଏକ ଉତ୍ତମ ଅନୁଷ୍ଠାନ । ସେଗୁଡିକ ଆଞ୍ଚଳିକ ଏବଂ ସଂସ୍କୃତିର ବହୁତ ଭଲ ଉଦାହରଣ । ଧାଙ୍ଗିଡ଼ିବସା କାରଣରୁ ସେମାନେ ସେମାନଙ୍କର ମୂଳ ରୂପରେ ବଞ୍ଚିଛନ୍ତି। ଆଜିକାଲି ଆଧୁନିକ ପ୍ରଭାବ ଯୋଗୁଁ ପରିବର୍ତ୍ତନ ସ୍ପଷ୍ଟ ହୋଇଛି । ଅନେକ ଧାଙ୍ଗିଡ଼ିବସାରେ ନିୟମିତ ପରିଦର୍ଶନ କରନ୍ତି ଏବଂ ଇଭେଣ୍ଟରେ ଅଂଶଗ୍ରହଣ କରୁ ନାହାନ୍ତି। ସ୍କୁଲ ଯାଉଥିବା ପିଲାମାନେ ମଧ୍ୟ ଘୋଟୁଲରେ ଯୋଗଦେବାକୁ ଆଗ୍ରହୀ ହେଉନାହାନ୍ତି । କ୍ରମେ ଏହାର ମହତ୍ତ୍ୱ ହ୍ରାସ ପାଉଛି । ଭବିଷ୍ୟତ ପାଇଁ ଧାଙ୍ଗିଡ଼ିବସାକୁ ସଂରକ୍ଷଣ କରିବାର ଆବଶ୍ୟକତା ରହିଛି । ଆଦିବାସୀ ସମ୍ପ୍ରଦାୟର ଏହି ପାରମ୍ପରିକ ଅନୁଷ୍ଠାନ ମାଧ୍ୟମରେ ଏହାର ସଂସ୍କୃତି ଏବଂ ପରିଚୟ ବଜାୟ ରଖିବାରେ ସଫଳ ହେବ ।

[୧]ଗବେଷିକା, ଜାକିର ହୁସେନ୍ ସେଣ୍ଟର୍ ଫର୍ ଏଜୁକେସ୍‌ନାଲ୍ ଷ୍ଟଡିଜ୍,
ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ,
ନୂଆଦିଲ୍ଲୀ-୧୧୦୦୬୭
[୨] ଓଡ଼ିଶା ପ୍ରାଶାସନିକ ସେବା ଅଧିକାରୀ

❖❖❖

# ପରିବର୍ତ୍ତନ ସୁଅରେ ଜୁଆଙ୍ଗ ଓ କନ୍ଧ ସମାଜ

**ଡ. ରଞ୍ଜନ ପ୍ରଧାନ**

ପରମ୍ପରା ଗୋଟିଏ ମାନବ ଗୋଷ୍ଠୀର ବିଶ୍ୱାସ, ମୂଲ୍ୟବୋଧ, ପ୍ରଥା, ରୀତିନୀତି, ଚାଲିଚଳଣ, ସାଧୁତା ଓ ଅଖଣ୍ଡତାକୁ ଦୀର୍ଘ ସମୟ ଧରି ଜାବୁଡ଼ି ଧରି ରଖିବାରେ ସକ୍ଷମ ହୋଇଥାଏ । ଆଧୁନିକତାର ପ୍ରଭାବରେ ନିୟମିତ ଭାବେ ପ୍ରାଚୀନ ପରମ୍ପରାରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ । ଶିକ୍ଷାର ପ୍ରସାର ଓ ଅର୍ଥନୈତିକ ଅଭିବୃଦ୍ଧି ସର୍ବଦା ପରିବର୍ତ୍ତନର ବାହକ ହୋଇ ଆସିଛି । ପରମ୍ପରା ଓ ଆଧୁନିକତା ମଧ୍ୟରେ ସବୁବେଳେ ଏକ ସୂକ୍ଷ୍ମ ଶୀତଳ ଯୁଦ୍ଧ ଲାଗି ରହିଛି । ଏ ଯୁଦ୍ଧରେ କେବେକେବେ ପରମ୍ପରାର ବିଜୟ ଘଟିଛି ତ କେବେକେବେ ଆଧୁନିକତା ନିଜର ପ୍ରଭାବ ବିସ୍ତାର କରିଛି ।

କୁହାଯାଏ, ଆଧୁନିକତାର 'ଗତକାଲି' ହେଉଛି ପରମ୍ପରାର 'ଆଜି' ଏବଂ ଆଧୁନିକତାର 'ଆଜି' ହିଁ ହେବ ପରମ୍ପରାର 'ଆସନ୍ତାକାଲି' । ଆମେ ଯାହାକୁ ଆଧୁନିକତାର ରୂପ ଦେଉଛୁ, ନିଶ୍ଚୟ ସେ ଦିନେ ପରମ୍ପରା ଥିଲା । ଏହା ନିଶ୍ଚୟ ଯେ, ପରମ୍ପରାର ମଞ୍ଜିରୁ ଆଧୁନିକତାର ଅଙ୍କୁରୋଦ୍‌ଗମ ହୋଇଥାଏ । ଏଣୁ ପରମ୍ପରାକୁ ଆଧୁନିକତାର ଜନନୀ ବୋଲି କହିଲେ ଭୁଲ୍ ହେବନି ।

ସାଧାରଣ ଅର୍ଥରେ ପରମ୍ପରା କହିଲେ ଆମେ ପୁରୁଣାକାଳିଆ, ଅତୀତ ସହ ଜଡ଼ିତ ଏବଂ ଅପରିବର୍ତ୍ତନଶୀଳ ଏକ ଧାରଣାକୁ ହିଁ ବୁଝିଥାଉ । କିନ୍ତୁ ଆଧୁନିକତା ସର୍ବଦା ପରିବର୍ତ୍ତନଶୀଳ ଏବଂ ନିୟମିତ ସମୟ ବ୍ୟବଧାନରେ ଏହାର ନବୀକରଣ ହୋଇ ଚାଲିଥାଏ । ଆଧୁନିକତାର ଅନେକ ନକରାତ୍ମକ ଦିଗ ରହିଛି । ମଣିଷ ଆଧୁନିକ ହୋଇ କରିଛି କ'ଣ ? ନିଜର ଅସୀମ ଆଶା ପୂରଣ ପାଇଁ ଜଙ୍ଗଲ ଧ୍ୱଂସ କରିଛି । ଶିଳ୍ପ କାରଖାନା ବସାଇ ପରିବେଶ ପ୍ରଦୂଷଣ କରିଛି । ଜଙ୍ଗଲ ସଫା କରି ଜନବସତି ବଢ଼ାଇଛି । ସହର ପ୍ରତିଷ୍ଠା କରିଚି । ଏହା ଫଳରେ ହୋଇଛି କ'ଣ ? ପାଣିପାଗ ଓ ଜଳବାୟୁରେ ପରିବର୍ତ୍ତନ ଦେଖା ଦେଇଛି । ପରିବେଶ ଅସନ୍ତୁଳିତ ହୋଇଛି ।

ପରମ୍ପରାକୁ ଛାଡ଼ି ମଣିଷ ଯେମିତି ଆଧୁନିକ ହେବାରେ ଲାଗିଛି, ଅନୁରୂପ ଭାବେ ଜନଜାତି ଗୋଷ୍ଠୀର ମଣିଷମାନେ ବି ତଥାକଥିତ ଆଧୁନିକତାକୁ ଆପଣେଇବାକୁ ବାଧ୍ୟ ହେଉଛନ୍ତି । ଓଡ଼ିଶାର ଜନଜାତି ସମାଜରେ ଆଧୁନିକତାର ଅନେକ ଭଲ ପ୍ରଭାବ ପଡ଼ିଥିବା ବେଳେ ଅନେକ ନକରାତ୍ମକ ପ୍ରଭାବ ମଧ୍ୟ ଦେଖିବାକୁ ମିଳିଥାଏ ।

## ଜୁଆଙ୍ଗ ଓ କନ୍ଧ ଜନଜାତି: ଏକ ସଂକ୍ଷିପ୍ତ ସୂଚନା

ଓଡ଼ିଶାରେ ବସବାସ କରୁଥିବା ଆଦିବାସୀଙ୍କ ମଧ୍ୟରେ ଜୁଆଙ୍ଗ ଏକ ସ୍ୱତନ୍ତ୍ର ପୁରାତନ ଜନଜାତି ଗୋଷ୍ଠୀ। କେନ୍ଦ୍ର ସରକାର ଓଡ଼ିଶାରେ ୬୪ ପ୍ରକାର ଜନଜାତିଙ୍କୁ ଚିହ୍ନଟ କରିଛନ୍ତି। ଅନ୍ୟ ସାଧାରଣ ଜନଜାତିଙ୍କ ତୁଳନାରେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଦୃଷ୍ଟିରୁ ଅପହଞ୍ଚ ଜଙ୍ଗଲ ଓ ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା କିଛି ସ୍ୱତନ୍ତ୍ର ଶ୍ରେଣୀର ଆଦିବାସୀଙ୍କୁ କେନ୍ଦ୍ର ସରକାର 'ବିଶେଷ ଭାବରେ ଅନୁନ୍ନତ ଜନଜାତି ଗୋଷ୍ଠୀ' (Particularly Vulnerable Tribal Group) ଭାବେ ଘୋଷଣା କରିଛନ୍ତି। ସମଗ୍ର ଦେଶରେ ମୋଟ ୭୫ ପ୍ରକାର ପିଭିଟିଜି ଜନଜାତି ଗୋଷ୍ଠୀ ଥିଲାବେଳେ ଓଡ଼ିଶାରେ ୧୩ଟି ଗୋଷ୍ଠୀଙ୍କୁ ପିଭିଟିଜି ଭାବେ ଚିହ୍ନିତ କରାଯାଇଛି। ସେମାନେ ହେଲେ- ବିରହର, ବଣ୍ଡା, ଚକୋଟିଆ ଭୁଞ୍ଜିଆ, ଡିଡାୟୀ, ଡଙ୍ଗରିଆ କନ୍ଧ, ଜୁଆଙ୍ଗ, ଖଡ଼ିଆ, କୁଟିଆ କନ୍ଧ, ଲାଞ୍ଜିଆ ସଉରା, ଲୋଧା, ମାଙ୍କିଡ଼ିଆ, ପାଉଡ଼ି ଭୂୟାଁ, ସଉରା। ରାଜ୍ୟରେ ବସବାସ କରୁଥିବା ୧୩ଟି ପିଭିଟିଜିମାନଙ୍କ ମଧ୍ୟରୁ ଜୁଆଙ୍ଗଙ୍କ ସ୍ଥିତି ଅଧିକ ସଂକଟାପନ୍ନ ବୋଲି ବିଚାର କରାଯାଏ।

ଜୁଆଙ୍ଗମାନେ କେନ୍ଦୁଝର ଜିଲ୍ଲାର ବାଂଶପାଳ, ହରିଚନ୍ଦନପୁର ଓ ଘଟଗାଁ ବ୍ଲକରେ ବସବାସ କରୁଥିବାବେଳେ ଆଉ କେତେକ ଜୁଆଙ୍ଗ ପଡ଼ୋଶୀ ଢେଙ୍କାନାଳ, ଅନୁଗୋଳ ଏମିତିକି ଯାଜପୁର (ନଗଡ଼ା) ଜିଲ୍ଲାର ପାର୍ବତ୍ୟାଞ୍ଚଳରେ ଦେଖାଯାଆନ୍ତି। 'ଜୁଆଙ୍ଗ' ଶବ୍ଦର ଅର୍ଥ ହେଉଛି 'ମଣିଷ'। ଲିପି ନଥିଲେ ମଧ୍ୟ ଜୁଆଙ୍ଗମାନଙ୍କର ନିଜସ୍ୱ ଭାଷା ରହିଛି। ଜୁଆଙ୍ଗମାନଙ୍କର ଭାଷା 'ଆଷ୍ଟ୍ରୋ ଏସିଆଟିକ୍ ଭାଷା' ଅନ୍ତର୍ଗତ 'ଉତ୍ତର ମୁଣ୍ଡାରି ଭାଷାଗୋଷ୍ଠୀ'ର ଅନ୍ତର୍ଭୁକ୍ତ।

ଓଡ଼ିଶାରେ ବସବାସ କରୁଥିବା ଜନଜାତିଙ୍କ ମଧ୍ୟରେ କନ୍ଧମାନେ ହେଉଛନ୍ତି ଏକ ସଂଖ୍ୟାଗରିଷ୍ଠ ଜନଜାତି ଗୋଷ୍ଠୀ। ଏମାନେ ଓଡ଼ିଶାର କନ୍ଧମାଳ ସମେତ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, ଗଞ୍ଜାମ ଜିଲ୍ଲାରେ ଦେଖିବାକୁ ମିଳନ୍ତି।

କନ୍ଧମାନଙ୍କୁ ବିଭିନ୍ନ ଉପ ଗୋଷ୍ଠୀରେ ବିଭକ୍ତ କରାଯାଇଛି। ସେମାନେ ହେଉଛନ୍ତି- କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, ମାଳିଆ (ମାଲୁଆ) କନ୍ଧ, ଦେଶିଆ କନ୍ଧ, ଧାରୁଆ କନ୍ଧ, ମାଟିଆ କନ୍ଧ, ସୀତା କନ୍ଧ, ବୋରିକିଆ କନ୍ଧ ଓ ଆହୁରି ଅନେକ। ଏମିତି ପ୍ରାୟ ୩୨ ପ୍ରକାର କନ୍ଧ ଉପ ଗୋଷ୍ଠୀ ଓଡ଼ିଶାରେ ବାସ କରନ୍ତି। ଏମାନଙ୍କ ମଧ୍ୟରୁ କୁଟିଆ କନ୍ଧ ଓ ଡଙ୍ଗରିଆ କନ୍ଧ ଉପ ଗୋଷ୍ଠୀଙ୍କୁ 'ପିଭିଟିଜି' ଶ୍ରେଣୀଭୁକ୍ତ କରାଯାଇଛି।

ବୃହତ୍ତର କନ୍ଧ ଜନଜାତି ଗୋଷ୍ଠୀ ମଧ୍ୟରୁ କୁଟିଆ କନ୍ଧ ହେଉଛନ୍ତି ଅନ୍ୟତମ ପ୍ରମୁଖ ଉପଗୋଷ୍ଠୀ। କୁଟିଆ କନ୍ଧମାନେ କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ଓ କୋଟଗଡ଼ ବ୍ଲକର କେତେକ ଅଞ୍ଚଳ ଏବଂ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ଠାରେ ବସବାସ କରୁଥିବାବେଳେ ଡଙ୍ଗରିଆ କନ୍ଧମାନେ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର, ବିଷମକଟକ, ମୁନିଗୁଡ଼ା ଏବଂ

କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼କୁ ଲାଗି ରହିଥିବା ନିୟମଗିରି ପାର୍ବତ୍ୟାଞ୍ଚଳରେ ବାସ କରନ୍ତି। ମାଳିଆ (ମାଲୁଆ) ଓ ଦେଶିଆ କନ୍ଧମାନେ କନ୍ଧମାଳ ଜିଲ୍ଲାର ଫୁଲବାଣୀ, ଖଜୁରୀପଡ଼ା, ଟିକାବାଲି, ଘୁ.ଉଦୟଗିରି, ଚକାପାଦ, ଫିରିଙ୍ଗିଆ, କ.ନୂଆଗାଁ, ବାଲିଗୁଡ଼ା ବ୍ଲକ ସମେତ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର, ଦଶମନ୍ତପୁର, ବନ୍ଧୁଗାଁ, ନାରାୟଣପାଟଣା, ନବରଙ୍ଗପୁର ଜିଲ୍ଲାର ଝରିଗାଁ, ଉମରକୋଟ, ଚନ୍ଦାହାଣ୍ଡି ବ୍ଲକ ଅଞ୍ଚଳ ସମେତ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରେ ବସବାସ କରିଥାନ୍ତି। ଏହା ବ୍ୟତୀତ ଦେଶିଆ କନ୍ଧମାନେ ଗଞ୍ଜାମ, ନୟାଗଡ଼, ବଲାଙ୍ଗୀର, ବୌଦ୍ଧ ଜିଲ୍ଲାରେ ମଧ୍ୟ ଦେଖିବାକୁ ମିଳନ୍ତି।

କନ୍ଧମାଳ ଜିଲ୍ଲାରେ ବସବାସ କରୁଥିବା ଦେଶିଆ କନ୍ଧମାନଙ୍କର  ସାଙ୍ଗିଆ କହଁର, ପ୍ରଧାନ, ମଲିକ, ମେଲେକା, ମ୍ନିଆକା, ମାଣ୍ଡିଂ, ମଲିକ ଥିବାବେଳେ କୁଟିଆ କନ୍ଧମାନଙ୍କର ସାଙ୍ଗିଆ ମାଝି, ଜାନି, ଗୁଞ୍ଜିକା ଆଦି ହୋଇଥାଏ। ସେହିଭଳି କୋରାପୁଟ ଓ ଝରିଗାଁ (ନବରଙ୍ଗପୁର) ଅଞ୍ଚଳର କନ୍ଧମାନଙ୍କର ସାଙ୍ଗିଆ ସାଆନ୍ତା (ସାଓନ୍ତା), ନାଏକ, ଜାନି ହୋଇଥାଏ।

ରାୟଗଡ଼ା ଓ କଳାହାଣ୍ଡି (ନିୟମଗିରି) ଅଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆ କନ୍ଧମାନେ କୁଭି ଭାଷା ବ୍ୟବହାର କରିଥାନ୍ତି। ଏମାନଙ୍କର ସାଙ୍ଗିଆ ଜାକେଶିକା, ୱାଡ଼ାକା, କାଡ୍ରାକା, ପୁସିକା, ନିସିକା, ସିକୋକା ହୋଇଥାଏ।

ବିକାଶ, ଆଧୁନିକତା ଏବଂ ଶିକ୍ଷାର ପ୍ରଚାର ପ୍ରସାର ଯୋଗୁଁ ଉଭୟ ଜୁଆଙ୍ଗ ଏବଂ କନ୍ଧ ସମାଜରେ ଅନେକ ପରିବର୍ତ୍ତନ ସମ୍ଭବ ହୋଇଛି। କେତେକ କ୍ଷେତ୍ରରେ ଏ ପରିବର୍ତ୍ତନ ସକରାତ୍ମକ ଥିବାବେଳେ ଆଉ କିଛି ପରିବର୍ତ୍ତନର ନକରାତ୍ମକ ଦିଗଟି ଲକ୍ଷ୍ୟ କରାଯାଏ। ବିଶେଷକରି ଶିକ୍ଷା, ଆଧୁନିକତା, ବିକାଶ, ଶିଳ୍ପାୟନ ଓ ଧର୍ମାନ୍ତରୀକରଣ ଯୋଗୁଁ ଜୁଆଙ୍ଗ ଏବଂ କନ୍ଧ ସମାଜରେ ଅନେକ ପରିବର୍ତ୍ତନ ସମ୍ଭବପର ହୋଇଛି।

**ଜୁଆଙ୍ଗ ସମାଜରେ ଶିଳ୍ପାୟନର ପ୍ରଭାବ**

ଜୁଆଙ୍ଗମାନେ ବିଶେଷକରି କେନ୍ଦୁଝର, ଢେଙ୍କାନାଳ ଓ ଯାଜପୁର ଜିଲ୍ଲାର କେତେକ ଅଞ୍ଚଳରେ ବାସ କରନ୍ତି। ଏହି ତିନିଗୋଟି ଜିଲ୍ଲା ଓଡ଼ିଶାର ସର୍ବାଧିକ ଶିଳ୍ପ ଓ ଖଣି ଖନନ ପ୍ରଭାବିତ ଜିଲ୍ଲା ଭାବେ ପରିଚିତ। ଏହି ତିନିଗୋଟି ଜିଲ୍ଲାରେ ଆଜିର ଦିନରେ ପାଖାପାଖି ଦୁଇ ଶହରୁ ଊର୍ଦ୍ଧ୍ୱ ଖଣି ଓ ଶିଳ୍ପ କାରଖାନା କାର୍ଯ୍ୟକ୍ଷମ ଅଛନ୍ତି। ଖଣି ଖନନ ଯୋଗୁଁ କେନ୍ଦୁଝରର ଆଉ କ'ଣ ବିକାଶ ହେଉ କି ନ ହେଉ, ଏଠାରେ ବସବାସ କରୁଥିବା ଜୁଆଙ୍ଗ, ଭୂୟାଁ, କୋହ୍ଲ, ମୁଣ୍ଡା, ସାନ୍ତାଳ, ବାଥୁଡ଼ି ଜନଜାତି ଗୋଷ୍ଠୀ, ପ୍ରକୃତି ଓ ପରିବେଶ ବିଶେଷ ପ୍ରଭାବିତ ହୋଇଛନ୍ତି। ଏ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଲୁହାପଥର, ମାଙ୍ଗାନିଜ୍, କ୍ରୋମାଇଟ୍, ଡୋଲାମାଇଟ୍, ଗ୍ରାନାଇଟ୍, ଚୂନପଥର ଓ ଅଭ୍ର ଖଣି ଖନନ ଚାଲିଛି। ଏବେ ସୁନା ଖଣିର ସନ୍ଧାନ ମିଳିଛି। ଏ ନେଇ ସରକାରଙ୍କ ପକ୍ଷରୁ ପ୍ରାକ୍ ଖନନ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ

ହୋଇଗଲାଣି । ଲୁହାପଥର ଓ ମାଙ୍ଗାନିଜ୍ ଖନନ ଯୋଗୁଁ ଜୁଆଙ୍ଗ ବସତି ଅଞ୍ଚଳରୁ ଅନେକ ପ୍ରାଚୀନ ଓ ପରିଚିତ ପାହାଡ଼ ଓ ପର୍ବତ ଧ୍ୱଂସ ପାଇଗଲେଣି । ଜୁଆଙ୍ଗମାନେ ଏକଦା ପୂଜା କରୁଥିବା ପାହାଡ଼ସବୁ ଖଣି ଖନନ ପ୍ରକ୍ରିୟାରେ ପୃଥିବୀ ପୃଷ୍ଠରୁ ଲୋପ ପାଇଗଲେଣି । ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ନିୟମିତ ପାହାଡ଼ ଭଙ୍ଗା ଚାଲିଛି । କେନ୍ଦୁଝର ଜିଲ୍ଲାର ଠାକୁରାଣୀ ପାହାଡ଼, ଜିଲିଂ, ଲଙ୍ଗଲଟା, ମାଙ୍କଡ଼ନଚା, ମାଲାଂଟୋଲି ଭଳି ପାହାଡ଼ ଆଜି ନିଜର ପରିଚୟ ହରାଇ ସାରିଲେଣି । ଖଣି ଖନନ ଯୋଗୁଁ ଅନେକ ପ୍ରାକୃତିକ ଝରଣା ସବୁଦିନ ପାଇଁ ପୃଥିବୀ ପୃଷ୍ଠରୁ ବିଲୁପ୍ତ ହୋଇଗଲେଣି ।

ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପ କରିଡର୍ ଯୋଗୁଁ ନଗଡ଼ାର ଜୁଆଙ୍ଗମାନେ ପ୍ରଭାବିତ ହୋଇଛନ୍ତି । ସେ ଅଞ୍ଚଳର ଜଙ୍ଗଲ ଧ୍ୱଂସ ହୋଇଛି ଏବଂ ବାୟୁମଣ୍ଡଳ ପ୍ରଦୂଷିତ ହୋଇଛି । ଶିଳ୍ପ କାରଖାନାରୁ ନିର୍ଗତ ରାସାୟନିକ ବର୍ଜ୍ୟ ଯୋଗୁଁ ଅନେକ ନଈ, ନାଳ ଓ ଝରଣା ପ୍ରଭାବିତ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାର ସୁନା, କାରୋ ଓ ବୈତରଣୀ ଭଳି ନଈଗୁଡ଼ିକ ଶିଳ୍ପାୟନ ଓ ଖଣି ଖନନ ଯୋଗୁଁ ବ୍ୟାପକ ମାତ୍ରାରେ ପ୍ରଦୂଷିତ ହୋଇଛନ୍ତି । ବୈତରଣୀ ନଦୀକୁ ଜୁଆଙ୍ଗ ଜନଜାତି ଗୋଷ୍ଠୀ ନିଜର ମା' ବୋଲି ବିଚାର କରିଥାନ୍ତି । କାରଣ ବୈତରଣୀ ନଦୀ ଜୁଆଙ୍ଗମାନଙ୍କ ଆଦିପୀଠ ଭାବେ ପରିଚିତ ଗୋନାସିକା ପାହାଡ଼ରୁ ନିର୍ଗତ ହୋଇଛି । ଆଜି ଗୋନାସିକା ପାହାଡ଼ରେ ସୁନା ଖଣିର ସନ୍ଧାନ ମିଳିବା ପରେ ଜୁଆଙ୍ଗ ଜନଜାତି ସଂକଟର ସାମ୍ନା କରୁଛନ୍ତି ।

ଜୁଆଙ୍ଗମାନେ ବିଶ୍ୱାସ କରନ୍ତି; ସେମାନଙ୍କ ଦେବଦେବୀ ଅରଣ୍ୟରେ, ପାହାଡ଼ରେ ଏବଂ ନଦୀ କିମ୍ବା ଝରଣାରେ ଅବସ୍ଥାନ କରନ୍ତି । ଆଜି ଏ ଅରଣ୍ୟ, ପାହାଡ଼, ନଦୀ ଓ ଝରଣା ଶିଳ୍ପାୟନର ପ୍ରଭାବରେ ଭୂଲୁଣ୍ଠିତ ହୋଇଛି । ଜୁଆଙ୍ଗମାନେ ଅତୀତରେ ସବୁଜିମାଭରା ଜଙ୍ଗଲରେ ରହି ସ୍ୱଚ୍ଛ ଅମ୍ଳଜାନ ଗ୍ରହଣ କରୁଥିଲେ । କିନ୍ତୁ ଶିଳ୍ପାୟନ ଯୋଗୁଁ ସେମାନେ ପ୍ରଦୂଷଣର ଶିକାର ହେଉଛନ୍ତି । ଏ ଶିଳ୍ପ ପ୍ରଦୂଷଣ ଯୋଗୁଁ ସେମାନେ ବିଭିନ୍ନ ଜଟିଳ ରୋଗବ୍ୟାଧିର ଶିକାର ହେଉଛନ୍ତି । ପଚାଶ ବର୍ଷ ତଳେ କେନ୍ଦୁଝରର ଜୁଆଙ୍ଗ ଏବଂ ଭୂୟାଁ ପିଢ଼ିରେ ଯକ୍ଷ୍ମା ରୋଗର ପ୍ରଭାବ ନଥିଲା । ଆଜିର ଦିନରେ ଏ ଅଞ୍ଚଳରେ ଅନେକ ଆଦିବାସୀ ଯକ୍ଷ୍ମା ରୋଗର ଶିକାର ହୋଇଥିବା କଥା କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରିପୋର୍ଟରୁ ପ୍ରକାଶ । ଶିଳ୍ପାୟନ ଯୋଗୁଁ ପ୍ରତ୍ୟକ୍ଷ ଭାବେ ଜୁଆଙ୍ଗ ଜନଜାତି ଗୋଷ୍ଠୀ ପ୍ରଭାବିତ ହୋଇଛନ୍ତି ବୋଲି ନିଃସନ୍ଦେହରେ କୁହାଯାଇ ପାରିବ । ଅନୁରୂପ ଭାବେ କନ୍ଧମାଳ ଜିଲ୍ଲାରେ କୋଇଲା ଏବଂ ଗ୍ରାଫାଇଟ୍ ବହୁ ପରିମାଣରେ ଗଚ୍ଛିତ ଥିବାର ପ୍ରାଥମିକ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି । ଅତୀତରେ ତୁମୁଡ଼ିବନ୍ଧ ଏବଂ କୋଟଗଡ଼ ଅଭୟାରଣ୍ୟ ଅଞ୍ଚଳରେ ଗ୍ରାଫାଇଟ୍ ଖଣି କାର୍ଯ୍ୟରତ ଥିଲା । ଗ୍ରାଫାଇଟ୍ ଖଣି ଖନନ ସମୟରେ ଏଠାକାର କନ୍ଧ ଜନଜାତି ଗୋଷ୍ଠୀ ବିଶେଷ ଭାବେ ପ୍ରଭାବିତ ହୋଇଥିଲା ।

## କନ୍ଧ ସମାଜରେ ଧର୍ମାନ୍ତରୀକରଣର ପ୍ରଭାବ

ଆଦିବାସୀମାନେ ପ୍ରକୃତିର ଉପାସକ । ଏମାନେ ପାହାଡ଼, ଗଛ, ନଈ, ଝରଣା, ସ୍ୱର୍ଗୀୟ ବସ୍ତୁ ଯଥା- ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର ଆଦିଙ୍କୁ ଉପାସନା କରିଥାନ୍ତି । ଆଦିବାସୀମାନେ କେଉଁ ଧର୍ମର; ତାହା ପ୍ରମାଣ କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ

ନୁହେଁ। କିନ୍ତୁ ଧର୍ମାନ୍ତରୀକରଣ ପରେ କନ୍ଧ ଜନଜାତି ଗୋଷ୍ଠୀରେ କି ପରିବର୍ତ୍ତନ ହୋଇଛି ତାହା ଆଲୋଚନା କରାଯାଇପାରେ। ଓଡ଼ିଶାରେ ଆଦିବାସୀମାନେ ବହୁ ସଂଖ୍ୟାରେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଛନ୍ତି। ଏହା ଫଳରେ ଆଦିବାସୀ ସମାଜରେ ସାଂସ୍କୃତିକ ଓ ସାମାଜିକ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି।

କନ୍ଧମାଳ ଜିଲ୍ଲାର ଅନେକ କନ୍ଧ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିବା ପରଠୁଁ ସେମାନେ ନିଜ ଧରଣୀପେନୁ, ସରୁପେନୁ, ଏଜୁପେନୁ ଭଳି ଠାକୁର, ଠାକୁରାଣୀଙ୍କୁ ଭୁଲି ଗଲେଣି। ପିଢ଼ି ପରେ ପିଢ଼ି ଚଳି ଆସୁଥିବା ପ୍ରାଚୀନ କିମ୍ବଦନ୍ତୀ, ଐତିହ୍ୟ, ସଂସ୍କୃତି ଓ ପ୍ରକୃତି ପୂଜନ ପରମ୍ପରାକୁ ଭୁଲିଯିବା ଫଳରେ କନ୍ଧ ସମାଜରେ ଏକ ସାଂସ୍କୃତିକ ବିଚାରଧାରାର ସଂକଟ ଦେଖା ଦେଇଛି।

ଖ୍ରୀଷ୍ଟ ଧର୍ମ ଗ୍ରହଣ କରିବା ପରେ ଆଜି କନ୍ଧମାଳ ଅଞ୍ଚଳରୁ ଏଭଳି ଅନେକ ମିଥ୍, ଲିଜେଣ୍ଡ୍, ପ୍ରଥା, ପରମ୍ପରା, ସଂସ୍କୃତି, ଲୋକବିଶ୍ୱାସ, ଲୋକସାହିତ୍ୟ, ଲୋକକଥା, ଲୋଗଗୀତ, ଢଗଢମାଳି କାଳର କରାଳ ଗର୍ଭରେ ଲୀନ ହେବାକୁ ବସିଛି। ପାରମ୍ପରିକ ଭାବେ ପାହାଡ଼, ଝରଣା, ନଦୀ, ଗଛକୁ ପୂଜା କରୁଥିବା ପ୍ରକୃତିର ଉପାସକ ଏହି କନ୍ଧମାନେ ଏବେ ପ୍ରତି ରବିବାର ପ୍ରଭୁ ଯୀଶୁଙ୍କୁ 'ପ୍ରେୟାର' କରୁଛନ୍ତି। ଫଳରେ ଆଦିମ ଜନଜାତିକୁ ନେଇ ରହିଥିବା ଅନେକ 'ମିଥ୍' ଜନମାନସରୁ ହଜିଯିବାକୁ ବସିଛି।

ଏହା ସତ୍ୟ, ଖ୍ରୀଷ୍ଟ ଧର୍ମ ଗ୍ରହଣ କରିବା ପରେ କନ୍ଧମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଅନେକ ଉନ୍ନତି ଆସିଛି। କନ୍ଧମାଳ ଜିଲ୍ଲାରେ ଅନେକ ଖ୍ରୀଷ୍ଟିଆନ୍ ହସ୍ପିଟାଲ୍ ଓ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଛି। ଏହାର ସୁଫଳ କନ୍ଧ ଜନଜାତିର ଲୋକେ ନେଇଛନ୍ତି। ଆଜି ଅନେକ ଧର୍ମାନ୍ତରିତ କନ୍ଧ ଶିକ୍ଷାଲାଭ କରି ସମାଜର ଉଚ୍ଚ ସ୍ଥାନରେ ସୁପ୍ରତିଷ୍ଠିତ ହୋଇପାରିଛନ୍ତି। ଧର୍ମାନ୍ତରିତ କନ୍ଧମାନେ ପାରମ୍ପରିକ ଅନ୍ଧବିଶ୍ୱାସ ଓ କୁ-ସଂସ୍କାର ତ୍ୟାଗ କରି ଡାକ୍ତରଖାନାକୁ ଆସୁଛନ୍ତି। ଏହା ଏକ ଶୁଭ ଲକ୍ଷଣ।

### ଶିକ୍ଷା ଓ ସଚେତନତାର ପ୍ରଭାବ

ଶିକ୍ଷାର ବ୍ୟାପକ ପ୍ରଚାର ଓ ପ୍ରସାର ଯୋଗୁଁ ଜୁଆଙ୍ଗ ସମାଜରେ ଅନେକ ପରିବର୍ତ୍ତନ ସମ୍ଭବ ହୋଇଛି। ଜୁଆଙ୍ଗ ଅଞ୍ଚଳରେ ସ୍କୁଲ୍ କଲେଜ ଭଳି ଶିକ୍ଷାନୁଷ୍ଠାନ ଖୋଲିଯିବା ଫଳରେ ସେମାନେ ଶିକ୍ଷିତ ହୋଇ ସମାଜର ମୁଖ୍ୟ ସ୍ରୋତକୁ ଆସିଲେଣି। ନାରୀ ଶିକ୍ଷାର ପ୍ରଚଳନ ଯୋଗୁଁ ଜୁଆଙ୍ଗ ମହିଳାମାନେ ଶିକ୍ଷିତ ହେଲେଣି। ବାଂଶପାଳ ବ୍ଲକର ଗୋନାସିକାଠାରେ ଏକ ବୃହତ୍ 'ଏଜୁକେଶନ କମ୍ପ୍ଲେକ୍ସ' ନିର୍ମାଣ କରାଯାଇ ଛାତ୍ରୀମାନଙ୍କୁ ଶିକ୍ଷାଦାନ କରାଯାଉଛି। ଗୋନାସିକାର ରେବତୀ ଜୁଆଙ୍ଗ ଆଜି ଜଣେ ଶିକ୍ଷୟିତ୍ରୀ ହୋଇପାରିଛନ୍ତି। କେବଳ ରେବତୀ ଜୁଆଙ୍ଗ କାହିଁକି ଅନେକ ଜୁଆଙ୍ଗ ଯୁବକ, ଯୁବତୀ ଉଚ୍ଚ ଶିକ୍ଷିତ ହୋଇ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହେଲେଣି।

ଅତୀତରେ ଜୁଆଙ୍ଗ ମହିଳାମାନେ କେବଳ କୃଷି ଓ ଜଙ୍ଗଲଜାତ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ରହି ଯଥାକଥା ପରିବାର ପୋଷଣ କରୁଥିଲେ । ମାତ୍ର ଏବେ ସରକାରଙ୍କ ପ୍ରୋତ୍ସାହନ ଫଳରେ ଜୁଆଙ୍ଗ ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଗଠନ କରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେଲେଣି । ଗୋଟିଏ ଗୋଟିଏ ଗ୍ରାମରେ କିଛି ମହିଳା ଏକତ୍ର ହୋଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ି ନିଜର ସଂଚୟ ମାନସିକତାର ପରିଚୟ ଦେଲେଣି । 'ସଂଚୟ' ମାନସିକତା ଆଦିବାସୀଙ୍କର ନୁହେଁ। ଏହା ଧନିକ ଶ୍ରେଣୀର ମାନସିକତା । ମାତ୍ର ଶିକ୍ଷା ଓ ସଚେତନତା ଫଳରେ ଏବେ ଜୁଆଙ୍ଗ ମହିଳାମାନେ ସଞ୍ଚୟ କରିବା ଶିଖିଲେଣି । କେନ୍ଦୁଝର ଜିଲ୍ଲାରେ ବସବାସ କରୁଥିବା ଜୁଆଙ୍ଗ ମହିଳାମାନେ ବ୍ୟାଙ୍କରୁ ଆର୍ଥିକ ସହାୟତା ଆଣି ଏସ୍‌ଏଚ୍‌ଜି ଗଠନ କରି ବ୍ୟାବସାୟିକ ସଫଳତା ହାସଲ କରିବା ଲକ୍ଷ୍ୟ କରାଗଲାଣି । ମିଶନ ଶକ୍ତି, ଓର୍‌ମାସ୍ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ର ଜରିଆରେ ଜୁଆଙ୍ଗ ମହିଳାମାନେ ଆର୍ଥିକ ପ୍ରୋତ୍ସାହନ ପାଇ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା କରି ସଫଳ ହେଲେଣି । ଶିକ୍ଷା ଓ ସଚେତନତା ଫଳରେ ଜୁଆଙ୍ଗ ମହିଳାମାନଙ୍କର ସାମାଜିକ ସଂପୃକ୍ତି ବୃଦ୍ଧି ପାଇଛି । ଜୁଆଙ୍ଗ ମହିଳାମାନେ ବିଭିନ୍ନ ଅନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ସଭାସମିତିକୁ ବେଶ୍ ସହଜରେ ଯାଇପାରୁଛନ୍ତି । ଅତୀତରେ ଜୁଆଙ୍ଗ ମହିଳାଙ୍କ ଏଭଳି ସାମାଜିକ ସ୍ୱଚ୍ଛନ୍ଦତା ଓ ଆର୍ଥିକ ସ୍ୱଚ୍ଛଳତା ଲକ୍ଷ୍ୟ କରାଯାଉ ନଥିଲା । ନିଜର ସମସ୍ୟା, ବକ୍ତବ୍ୟ ଓ ମତାମତକୁ ଜୁଆଙ୍ଗ ମହିଳାମାନେ ସର୍ବସମକ୍ଷରେ ଉପସ୍ଥାପନା କରିବା ଶିଖିଲେଣି । ଏଥିସହିତ ମହିଳାମାନେ ବିଭିନ୍ନ ବ୍ୟାବସାୟିକ ସଂଗଠନ ସ୍ଥାପନ କରି ଦଳଗତ ଭାବରେ ବ୍ୟବସାୟ କରି ସଫଳତା ପାଇଲେଣି । ମହିଳାମାନେ ନିଜ ପରିବାରର ଉନ୍ନତି ସହ ଗ୍ରାମର ସାମୂହିକ ବିକାଶ ପାଇଁ ଆଗେଇ ଆସୁଥିବାର ଦେଖା ଯାଇଛି ।

ଶିକ୍ଷା ଯୋଗୁଁ ଜୁଆଙ୍ଗମାନେ ବିକାଶର ପଥରେ ସାମିଲ୍ ହୋଇଛନ୍ତି ସତ, କିନ୍ତୁ ଏହାର ଅନେକ ନକରାତ୍ମକ ପ୍ରଭାବ ମଧ୍ୟ ଜୁଆଙ୍ଗଙ୍କ ସାଂସ୍କୃତିକ ଓ ସାମାଜିକ ଜୀବନରେ ଲକ୍ଷ୍ୟ କରାଯାଇଛି ।

ଜୁଆଙ୍ଗଙ୍କ ଗ୍ରାମ ସଂଗଠନ 'ମଜାଙ୍ଗ୍' ପରିଚାଳନାରେ ଜୁଆଙ୍ଗ ଯୁବତୀମାନଙ୍କର ବିଶେଷ ଭୂମିକା ରହିଛି । ଜୁଆଙ୍ଗ ଯୁବତୀମାନେ 'ମଜାଙ୍ଗ' ପିଣ୍ଡି, କାନ୍ଥ ଲେପନ ଓ ଝୋଟି ଚିତା ପକାଇବା ସାଙ୍ଗକୁ  ମଜାଙ୍ଗ ପାଇଁ ଶାଳପତ୍ରର ଦନା, ଶାଳପତ୍ର, ଶିଆଳି ପତ୍ର, ଶାଳକାଠ ଯୋଗାଣ କରିଥାନ୍ତି । ସେହିଭଳି ଜୁଆଙ୍ଗ ଯୁବତୀମାନେ ଚାଉଳ, ମାଣ୍ଡିଆରୁ ଚୁନା ଓ ପିଠା ପ୍ରସ୍ତୁତ କରିଥାନ୍ତି । ମଜାଙ୍ଗକୁ ପୂଜା ସାମଗ୍ରୀ ଯୋଗେଇଥାନ୍ତି । ଚାଙ୍ଗୁ ନାଚରେ ଯୁବକଙ୍କୁ ସହାୟତା କରିଥାନ୍ତି । ଆଜିର ଦିନରେ ଯୁବତୀମାନେ ଶିକ୍ଷିତ ହୋଇଯିବା ଫଳରେ ଏଭଳି ପାରମ୍ପରିକ ଗୋଷ୍ଠୀଗତ କାମ ପାଇଁ ଆଗଭର ହେଉନାହାନ୍ତି । ପାଠ ପଢ଼ି ଉଚ୍ଚ ଶିକ୍ଷିତ ହୋଇଯିବା ପରେ ଜୁଆଙ୍ଗ ଯୁବକଟିଏ ଚାଙ୍ଗୁ ବଜେଇ ନାଚ କରିବାକୁ ପସନ୍ଦ କରୁନି ।

ଅତୀତରେ ଜୁଆଙ୍ଗମାନେ 'ଅଖାଣି ପର୍ବ' (ଶିକାର ଯାତ୍ରା)କୁ ଧୁମ୍‌ଧାମ୍‌ରେ ପାଳନ କରୁଥିଲେ । ଜଙ୍ଗଲରୁ ଭଲ ଶିକାର ମିଳିବା ଏବଂ ହିଂସ୍ରଜନ୍ତୁପୂର୍ଣ୍ଣ ଜଙ୍ଗଲରେ ବସବାସ କରୁଥିବାରୁ ନିଜର ସୁରକ୍ଷା ପାଇଁ ଏ ପର୍ବ ପାଳନ

କରାଯାଇଥାଏ । ଏବେ କିନ୍ତୁ ବନ ବିଭାଗର କଡ଼ା କଟକଣା ଏବଂ ଜୁଆଙ୍ଗ ସମାଜରେ ସଚେତନତା ଯୋଗୁଁ ପଶୁପକ୍ଷୀ ଶିକାର କରିବା ଭଳି ପର୍ବ ପାଳନକୁ ଅଧିକ ପ୍ରୋତ୍ସାହନ ମିଳୁନି । ଶିକ୍ଷିତ ହେବା ପରେ ଜୁଆଙ୍ଗ ଯୁବକ ଆଉ ପଶୁପକ୍ଷୀ ଶିକାର କରିବାକୁ ଆଗ୍ରହ ପ୍ରକାଶ କରୁନି । ଏହା ଏକ ଶୁଭ ଲକ୍ଷଣ ।

**ଆଧୁନିକତାର ପ୍ରଭାବ**

ପରମ୍ପରାକୁ ତ୍ୟାଗ କରି ମଣିଷ ଧୀରେ ଧୀରେ ଆଧୁନିକ ହେଉଛି । ଅନୁରୂପ ଭାବେ ଆଦିବାସୀମାନେ ବି ଆଧୁନିକ ହେଉଛନ୍ତି । ତଥାକଥିତ ଆଧୁନିକତାର ପ୍ରଭାବରେ ଆଦିବାସୀମାନେ ଅନେକ ପାରମ୍ପରିକତାକୁ ଭୁଲିବାକୁ ବସିଲେଣି । ଜୁଆଙ୍ଗ ଯୁବକମାନଙ୍କ 'ମଣ୍ଡଘର' (ମଜାଙ୍ଗ୍) ଭଳି ଯୁବତୀମାନଙ୍କ ନିମନ୍ତେ 'ମେଲାଇଁଜ୍ୟାନ୍' (youth dormitory)ର ବ୍ୟବସ୍ଥା ଥିଲା । ଅତୀତରେ ଅବିବାହିତ ଜୁଆଙ୍ଗ ଯୁବତୀମାନେ ନିଜ ପରିବାରର ସଦସ୍ୟମାନଙ୍କୁ ଛାଡ଼ି ମେଲାଇଁଜ୍ୟାନରେ ଜଣେ ତତ୍ତ୍ୱାବଧାରକର ମାର୍ଫତରେ ରହୁଥିଲେ । ଏଠାରେ ୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ଅବିବାହିତ ଜୁଆଙ୍ଗ ଯୁବତୀମାନେ ଏକତ୍ର ରହୁଥିଲେ । ଏମାନଙ୍କୁ ଦେଖାଶୁଣା ଓ ଜଗିବା ଉଦ୍ଦେଶ୍ୟରେ 'ମେଲାଇଁଜ୍ୟାନ୍'ରେ ଜଣେ ବିଧବା ଜୁଆଙ୍ଗ କିମ୍ବା ଅବିବାହିତା ବୟସ୍କ ଜୁଆଙ୍ଗ ମହିଳା ନିଯୁକ୍ତ ହେଉଥିଲେ । ମାତ୍ର, ବିବାହ ହୋଇଗଲା ପରେ ଯୁବତୀମାନେ ଆଉ ମେଲାଇଁଜ୍ୟାନ୍‌ରେ ରହୁ ନଥିଲେ । ତେବେ ଜୁଆଙ୍ଗ ଯୁବତୀମାନେ ରହିବା ପାଇଁ ବ୍ୟବହୃତ ମେଲଇଁଜ୍ୟାନ୍‌ର ପ୍ରାସଙ୍ଗିକତା ଏବେ ଆଉ ନାହିଁ । ଏବେ ଯୁବତୀମାନେ ନିଜନିଜର ଘରେ ନିଜ ପରିବାରର ସଦସ୍ୟଙ୍କ ଗହଣରେ ରାତ୍ରିଯାପନ କରୁଛନ୍ତି । ଜୁଆଙ୍ଗ ଗାଁମାନଙ୍କରୁ ମେଲାଇଁଜ୍ୟାନ୍ ଉଚ୍ଛେଦ ହୋଇଯିବା ଫଳରେ ସେମାନଙ୍କର ଉଭୟ ସାଂସ୍କୃତିକ ଓ ସାମାଜିକ ଜୀବନ ଗଭୀର ଭାବେ ପ୍ରଭାବିତ ହୋଇଛି । କାରଣ ଜୁଆଙ୍ଗ ଯୁବତୀମାନେ ଜୀବନର ନାନାବିଧ ଶୃଙ୍ଖଳା ଜ୍ଞାନ ଏହିଠାରୁ ଶିକ୍ଷାଲାଭ କରୁଥିଲେ । ଏଠାରେ ଜୁଆଙ୍ଗ ବାଳିକାମାନଙ୍କୁ ପରିବାରରେ ଶୃଙ୍ଖଳା, ବାପା, ଭାଇଙ୍କୁ ସମ୍ମାନ ଦେବା, ରୋଷେଇ ଶିକ୍ଷା, ଘରକରଣା ଉପକରଣ ସଜାଡି ରଖିବା, ଶଣ୍ଢୁଣା ଜ୍ଞାନ, ବିବାହ ପରେ ଶାଶୁଘରେ କିପରି ଚଳିବାକୁ ହେବ, ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅରଙ୍କୁ କିଭଳି ସମ୍ମାନ ପ୍ରଦର୍ଶନ କରିବାକୁ ହେବ ସେ ସଂପର୍କରେ ସୂକ୍ଷ୍ମ ଶିକ୍ଷାମାନ ପ୍ରଦାନ କରାଯାଉଥିଲା । ମାତ୍ର ମେଲାଇଁଜ୍ୟାନ୍ ଉଚ୍ଛେଦ ହୋଇଯିବା ଫଳରେ ଜୁଆଙ୍ଗ ଯୁବତୀମାନେ ଏଭଳି ଜୀବନ ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି । ଆଧୁନିକତା ପ୍ରଭାବରେ ଏସବୁ ଗଣ ବୈଠକ ଘରର ପ୍ରାସଙ୍ଗିକତା ଆଉ ଅନୁଭବ କରି ହେଉନି ।

**ବିକାଶର ପ୍ରଭାବ**

ଆଜି ଜୁଆଙ୍ଗ ଏବଂ କନ୍ଧ ଗାଁରେ ଅନେକ ବିକାଶ ହୋଇଛି । ଗାଁକୁ ପକ୍କା ସଡ଼କ ନିର୍ମାଣ ହୋଇଛି । ବିଜୁଳି ସଂଯୋଗ ହୋଇଛି । ଟ୍ୟାପ୍ ପାଣି ଯୋଗାଇ ହୋଇଛି । ସ୍କୁଲ୍ ଖୋଲିଛି । ପାନୀୟ ଜଳ ପ୍ରକଳ୍ପ, ଜଳ ଅମଳ ପ୍ରକଳ୍ପ, କୃଷି

ଓ ଜଳସେଚନ ପ୍ରକଳ୍ପ, ନଳକୂପ ଖନନ, ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ, ଚେକ୍ ଡ୍ୟାମ୍ ନିର୍ମାଣ, ଗାଁରେ ପାରମ୍ପରିକ ଗୋଷ୍ଠୀଗୃହ ବଦଳରେ କଂକ୍ରିଟ୍ କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା ହୋଇଛି। ମୋଟ ଉପରେ କହିବାକୁ ଗଲେ ଜୁଆଙ୍ଗ ଓ କନ୍ଧ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଅର୍ଥନୀତିରେ ସୁଧାର ଆସିଛି। ଏହା ଦ୍ୱାରା ଆଦିବାସୀ ସମାଜକୁ ଅନେକ ସୁଫଳ ମିଳିଛି। ଆଜି ଜଣେ ଜୁଆଙ୍ଗ ଯୁବକ ଉଚ୍ଚ ଶିକ୍ଷିତ ହୋଇ ନିଜ ଗାଁ ଛାଡ଼ି ସହରକୁ ଯାଇଛି। ସହରରେ ଉଚ୍ଚ ପଦସ୍ଥ ଚାକିରି କରି ନିଜର ସଂସ୍କୃତି ଓ ପରମ୍ପରାକୁ ଭୁଲି ଯାଇଛି। ଆଜି କ'ଣ ଜଣେ ଉଚ୍ଚ ଶିକ୍ଷିତ ଜୁଆଙ୍ଗ ଯୁବକ ଚାଙ୍ଗୁ ବଜେଇ ବଣ ଜଙ୍ଗଲରେ ପ୍ରକୃତି କୋଳରେ ନାଚଗୀତ କରିବାକୁ ସମ୍ମତ ହେବ ? ଏହା ଏକ ବିରାଟ ପ୍ରଶ୍ନବାଚୀ।

'ବିକାଶ' ଏକ ଆପେକ୍ଷିକ ଶବ୍ଦ। ଆମ ଆଖିକୁ ଯାହା ବିକାଶ ଭଳି ମନେ ହୁଏ, ହୁଏତ ଅନ୍ୟ ଆଖିରେ ଏହା ବିନାଶ। ଡଙ୍ଗରିଆ କନ୍ଧ ଯୁବକ ପାଠ ପଢ଼ି ଶିକ୍ଷିତ ହେବା ପରେ ସେ କ'ଣ ତା' ପାରମ୍ପରିକ 'କାପଡ଼ାଗନ୍ଦା' ବ୍ୟବହାର କରୁଛି ? କୁଟିଆକନ୍ଧ ମହିଳମାନେ ପାଠଶାଠ ପଢ଼ି ଆଉ ସେମାନଙ୍କର ପାରମ୍ପରିକ ପୋଷାକ 'ରେଠା' ଆଉ 'ଉରମ୍' ପରିଧାନ କରୁଛନ୍ତି କି ? ଏବେ ସେମାନେ ନାଇଲନ୍ କିମ୍ବା ପଲିଷ୍ଟର ଶାଢ଼ୀ ଆଉ ଝିଅମାନେ ସାଲୁଓ୍ୱାର, କୁର୍ତ୍ତି ପରିଧାନ କଲେଣି।

## ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ

ଶିଳ୍ପାୟନ, ଶିକ୍ଷାର ପ୍ରଚାର ଓ ପ୍ରସାର, ଆଧୁନିକତା ଏବଂ ଧର୍ମାନ୍ତରୀକରଣ ଫଳରେ ଆଦିବାସୀ ସମାଜରେ ଅନେକ ସକରାତ୍ମକ ପ୍ରଭାବ ଦେଖିବାକୁ ମିଳୁଥିବାବେଳେ ବହୁ ପରିମାଣରେ ଅବକ୍ଷୟ ବି ଲକ୍ଷ୍ୟ କରାଯାଇପାରେ। ଶିଳ୍ପାୟନ ଯୋଗୁଁ ଆଦିବାସୀ ଗାଁର ସବୁଜିମା ନଷ୍ଟ ହୋଇଛି। ଜଙ୍ଗଲ ଧ୍ୱଂସ ପାଇଛି। ଆଜି ଜୁଆଙ୍ଗମାନେ ସେମାନଙ୍କ ପ୍ରିୟ ମହୁଲ ଗଛକୁ ପୂଜା କରିବାକୁ ଜଙ୍ଗଲରୁ ଜଙ୍ଗଲ ବୁଲୁଛନ୍ତି ଏବଂ ନ ପାଇ ହତାଶ ହେଉଛନ୍ତି। ମହୁଲ ଗଛକୁ ନେଇ କନ୍ଧ ସମାଜରେ ପ୍ରଚଳିତ ଲୋକକାହାଣୀ, ଲୋକଗୀତ, ଢଗଢମାଳି, ଲୋକୋକ୍ତି, ପହଳି ଏସବୁ ଧୀରେ ଧୀରେ ଅପ୍ରାସଙ୍ଗିକ ହୋଇ ପଡୁଛନ୍ତି।

ଶିକ୍ଷାର ବିକାଶ ଫଳରେ ଆଦିବାସୀ ସମାଜରୁ ନାନା ପ୍ରକାର କୁ-ସଂସ୍କାର ଓ ଅନ୍ଧବିଶ୍ୱାସ ଦୂର ହେଉଛି। ଶିକ୍ଷିତ ଆଦିବାସୀ ନିଶା କବଳରୁ ମୁକ୍ତ ହେବାକୁ ଉଦ୍ୟମ କରୁଛି। ଶିକ୍ଷାର ପ୍ରଚାର ଓ ପ୍ରସାର ଫଳରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ସୁଧାର ଆସିଲାଣି। ଅଶିକ୍ଷିତ ଆଦିବାସୀ ଆଉ ପାରମ୍ପରିକ ଗୁଣିଆ, ଦିସାରି କଥାରେ ନ ପଡ଼ି ବୈଜ୍ଞାନିକ ସତ୍ୟତାକୁ ବିଶ୍ୱାସ କଲାଣି। ଏବେ ଆଦିବାସୀମାନେ ପାରମ୍ପରିକ ଝଡ଼ାଫୁଙ୍କାରେ ବିଶ୍ୱାସ ନ ରଖି ଡାକ୍ତରଖାନାକୁ ଆସିଲେଣି।

ସରକାରୀ ଯୋଜନାର ସୁଫଳ ଏବଂ ବିକାଶ ଯୋଗୁଁ ଆଦିବାସୀଙ୍କ ଅର୍ଥନୈତିକ ଦିଗରେ କିଛି ମାତ୍ରାରେ ଉନ୍ନତି ଆସିଲାଣି। ଆଦିବାସୀଙ୍କ ଖାଦ୍ୟ ରୁଚିରେ ପରିବର୍ତ୍ତନ ହେଲାଣି। ଆଦିବାସୀମାନେ ଆମ୍ବଟାକୁଆ, ପଚାସଢ଼ା

ମାଂସ, ଶୁଖୁଆ, ବିଷାକ୍ତ କୀଟପତଙ୍ଗ ଖାଇବା ବଦଳରେ ଏବେ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇବା ଶିଖିଲେଣି । ମୋଟ ଉପରେ କହିବାକୁ ଗଲେ, ଶିକ୍ଷା, ବିକାଶ, ଶିଳ୍ପାୟନ ଫଳରେ ଆଦିବାସୀ ସମାଜରେ ଅନେକ ପରିବର୍ତ୍ତନ ଦେଖା ଦେଇଛି ।

## ସହାୟକ ଗ୍ରନ୍ଥ ସୂଚୀ


୧. ପ୍ରଧାନ ଡକ୍ଟର ରଞ୍ଜନ, 'ଜୁଆଙ୍ଗ ପର୍ବପର୍ବାଣି', ପ୍ରକାଶକ: କ୍ରିଏଟିଭ ଓଡ଼ିଶା, କେନ୍ଦ୍ରାପଡ଼ା, ୨୦୧୪

୨. ପ୍ରଧାନ ଡକ୍ଟର ରଞ୍ଜନ, 'ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନ: କେନ୍ଦୁଝର' ପ୍ରକାଶକ: କ୍ରିଏଟିଭ ଓଡ଼ିଶା, କେନ୍ଦ୍ରାପଡ଼ା, ୨୦୧୩

୩. Elwin Verrier, Notes on Juang, Man in India, Vol. XXVIII No. I and II (୧୯୪୮)

୪. Bailey F.G, 'Political Changes in Kondmals in Rural Profiles-II (Ed) D.N. Majumdar, Lucknow, The Ethnographic and Folk Culture Society, U.P. (୧୯୬୦)

୫. Bose N.K., 'Changes in Tribal Culture Before and After Independence', Man in India, Vol-39, No.2


## କ୍ଷେତ୍ର ସହାୟକ/ସହାୟିକା

୧. ଶୁକଦେବ ଜୁଆଙ୍ଗ (ପଧାନ), କୁସୁମାଇ ଜୁଆଙ୍ଗ (ନାଗମ୍), ପିନ୍ଧିକା ଜୁଆଙ୍ଗ (ଡାଙ୍ଗୁଆ), ଅର୍ଜୁନ ଜୁଆଙ୍ଗ, ମାଧବ ଜୁଆଙ୍ଗ, ରତ୍ନାକର ଜୁଆଙ୍ଗ, ବେଣୁ ଜୁଆଙ୍ଗ, ଯୋଗୀ ଜୁଆଙ୍ଗ

ଗ୍ରାମ: ଗୁପ୍ତ ଗଙ୍ଗା, ଗ୍ରାମ ପଞ୍ଚାୟତ: ଗୋନାସିକା, ବ୍ଲକ୍: ବାଂଶପାଳ, ଜିଲ୍ଲା: କେନ୍ଦୁଝର

୨. ରାହାସ ଜୁଆଙ୍ଗ, ଶ୍ରୀକାନ୍ତ ଜୁଆଙ୍ଗ, ବୀରବର ନାଏକ

ଗ୍ରାମ: ଗୋନାସିକା, ବ୍ଲକ୍: ବାଂଶପାଳ, ଜିଲ୍ଲା: କେନ୍ଦୁଝର

୩. ପରବାସିଆ ଜୁଆଙ୍ଗ (ପଧାନ), ମଣିଆ ଜୁଆଙ୍ଗ (ନାଗମ୍), ନାରଦ ଜୁଆଙ୍ଗ (କାର୍ଜି), ଚେମନ୍ ଜୁଆଙ୍ଗ (ଡାଙ୍ଗୁଆ), ଗୋବିନ୍ଦ ଜୁଆଙ୍ଗ, ବଙ୍ଗାଳି ଜୁଆଙ୍ଗ, ବେନୁ ଜୁଆଙ୍ଗ, ବିନୋଦ ଜୁଆଙ୍ଗ (ମାଟା କଙ୍ଗେର), ପ୍ରାଣବଲ୍ଲଭ ଘଣା

ଗ୍ରାମ: ଉପର ରତୁଆଁ, ଗ୍ରାମ ପଞ୍ଚାୟତ: ତଳ ଚମ୍ପେଇ, ବ୍ଲକ୍: ବାଂଶପାଳ, ଜିଲ୍ଲା: କେନ୍ଦୁଝର

୪. ଶରତ ଜାନି (ପୂଜକ), ଉପେନ୍ଦ୍ର ମାଝୀ, ସୁବାସ ମାଝୀ, ସୋମନାଥ ମାଝୀ, ବେଣୁ ମାଝୀ, ମୁଦ୍ରି ମାଝୀ, କ୍ରାଞ୍ଚାଡୁ ଜାନି

ଗ୍ରାମ: ଘୁର୍ଲିମାସ୍କା, ଗ୍ରାପ ପଞ୍ଚାୟତ: ବେଲଘର, ବ୍ଲକ: ତୁମୁଡିବନ୍ଧ, ଜିଲ୍ଲା: କନ୍ଧମାଳ

୫. ଏମେଶ୍ୱର ମୁଣ୍ଡାମାଝୀ, ମାର୍କ ସୁକାମାଝୀ, ଫିଲିପ୍ ପାଟମାଝୀ, ସୋମନାଥ ପ୍ରଧାନ

ଗ୍ରାମ: ଜାକେଶି, ଗ୍ରାମ ପଞ୍ଚାୟତ: ସୁବର୍ଣ୍ଣଗିରି, ବ୍ଲକ: କୋଟଗଡ଼, ଜିଲ୍ଲା: କନ୍ଧମାଳ

ବରିଷ୍ଠ ସାମ୍ବାଦିକ ଓ ଜନଜାତି ଗବେଷକ,
ସମ୍ବାଦ କାର୍ଯ୍ୟାଳୟ, କେନ୍ଦୁପଦର, ଫୁଲବାଣୀ
ଜିଲ୍ଲା: କନ୍ଧମାଳ-୭୬୨୦୦୧

❖❖❖

# ଓଡିଶାର ଜନଜାତି



କିଷାନ



କୋଲ ଲୋହରା



କୋଲ



କୋହ୍ଲ

# ଓଡିଶାର ଜନଜାତି



କୋଳି, ମହାଲୁର



କୋଣ୍ଡା ଦୋରା



କନ୍ଧ



କୋରା

# ଓଡିଶାର ଜନଜାତି



କୋରୁଆ



କୋଟିଆ



କୋୟା



କୁଲିସ୍

# ଓଡିଶାର ଜନଜାତି



କୁଟିଆ କନ୍ଧ



ଲାଞ୍ଜିଆ ସଉରା



ଲୋଧା



ମାଡ଼ିଆ

# ଓଡିଶାର ଜନଜାତି



ମାହାଲି



ମାଙ୍କିଡି



ମାଙ୍କିଡିଆ



ମାଟିଆ

# ଓଡିଶାର ଜନଜାତି



ମିର୍ଦ୍ଧା



ମୁଣ୍ଡା



ମୁଣ୍ଡାରି



ଓମାନତ୍ୟ

# ଓଡିଶାର ଜନଜାତି



ଓରାମ୍



ଚେଞ୍ଚୁ



ପାରେଙ୍ଗା



ପରଜା

# ଓଡିଶାର ଜନଜାତି


ପାଉଡି ଭୂୟାଁ


ପେଣ୍ଟିଆ


ରାଜୁଆର


ସାନ୍ତାଳ

# ଜାତାପୁ ସମାଜରେ ନାରୀ

**ରଞ୍ଜନ କୁମାର ମହାନ୍ତି** [୧]
**ରାଜେନ୍ଦ୍ର କୁମାର ବିଶ୍ୱାଳ** [୨]

ଓଡ଼ିଶାରେ ବସବାସ କରୁଥିବା ଜନଜାତି ବହୁବିଧ ସଂସ୍କୃତିର ଅଧିକାରୀ । ଅଧିକନ୍ତୁ ୬୪ ପ୍ରକାରର ଜନଜାତିଙ୍କ ବାସସ୍ଥଳୀ ଓଡ଼ିଶାର ସାଂସ୍କୃତିକ ପରିମଣ୍ଡଳ ସର୍ବଭାରତୀୟ ସାଂସ୍କୃତିକ ପରିମଣ୍ଡଳଠାରୁ ବହୁବର୍ଣ୍ଣା। ଏହି ସୂତ୍ରରେ ଗବେଷକ, ଭାଷାବିଦ୍, ସଂସ୍କୃତିବିଦ୍ ତଥା ନୃତତ୍ତ୍ୱବିଦ୍‌ମାନଙ୍କୁ ଓଡ଼ିଶାର ଜନଜାତି କ୍ଷେତ୍ର ଆକୃଷ୍ଟ କରେ ।

ଏକ ବୈଭବମୟ ସଂସ୍କୃତି ଓ ଗୌରବମୟ ପରମ୍ପରାକୁ ନେଇ ଆଦିବାସୀ ଗୋଷ୍ଠୀ ପରିପୁଷ୍ଟ ଏବଂ ପରିଚାଳିତ ହୋଇଥାଏ । ଗୋଟିଏ ସଂସ୍କୃତିକୁ ବୁଝିବାକୁ ହେଲେ ସର୍ବପ୍ରଥମେ ସଂପୃକ୍ତ ଗୋଷ୍ଠୀର ଲୋକମାନଙ୍କୁ ବୁଝିବା ଦରକାର । ଏହିକ୍ରମରେ ଓଡ଼ିଶାର ଆଦିବାସୀ ପରମ୍ପରାର 'ଜାତାପୁ' ବା 'ଜାତପୁ' ଗୋଷ୍ଠୀ ଅନ୍ୟତମ । ଏହି ଜନଜାତିର ସମାଜ, ସଂସ୍କୃତି ଓ ପରମ୍ପରା ବିଷୟ ଆଲୋଚନା ସାପେକ୍ଷ । ଜନମାନସରେ ଏହି ଜାତାପୁ ସଂପ୍ରଦାୟର ଚର୍ଚ୍ଚା ଖୁବ୍ ସୀମିତ । ଭାରତର ବିଭିନ୍ନ ପ୍ରାନ୍ତରେ ବିକ୍ଷିପ୍ତ ଭାବରେ ବସବାସ କରୁଥିଲେ ହେଁ 'ଜାତାପୁ' ସଂପ୍ରଦାୟର ଲୋକମାନେ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଆସାମ, ଆଣ୍ଡାମାନ ନିକୋବର ଆଦି ପ୍ରଦେଶରେ ବସବାସ କରିଥାନ୍ତି । ବିକ୍ଷିପ୍ତ ଭାବରେ ଏମାନଙ୍କ ଅବସ୍ଥିତି ଯୋଗୁଁ ଏମାନଙ୍କର ସଂସ୍କୃତି ଓ ପରମ୍ପରାରେ ବିବର୍ତ୍ତନର ସ୍ୱର ଖୁବ୍ ପ୍ରଖର । ତଥାପି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ବସବାସ କରୁଥିବା ଜାତାପୁମାନଙ୍କ ସଂସ୍କୃତିରେ ପରମ୍ପରାର ସ୍ୱର ସଂଜୀବିତ ଥିବା ଜଣାଯାଏ । ଓଡ଼ିଶାରେ ଏମାନେ ସ୍ୱଳ୍ପଜ୍ଞାତ ଜନଜାତି । ଓଡ଼ିଶାର ରାୟଗଡ଼ା,ଗଜପତି, ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ଜାତାପୁ ଜନଜାତିମାନେ ସଂଖ୍ୟା ବହୁଳ ଭାବରେ ବସବାସ କରନ୍ତି । ଅନ୍ୟଜିଲ୍ଲା ତୁଳନାରେ ରାୟଗଡ଼ାରେ ଏମାନେ ସଂଖ୍ୟାଗରିଷ୍ଠ । ରାୟଗଡ଼ା ଜିଲ୍ଲା ଅଧୀନ ଗୁଣୁପୁର୍ ଉପଖଣ୍ଡସ୍ଥ ରାମ୍‌ନାଗୁଡ଼ା, ପଦ୍ମପୁର, ଗୁଣୁପୁର୍ ଏବଂ ଗୁଡ଼ାରି ବ୍ଲକ୍ ଅଞ୍ଚଳରେ ଜାତାପୁମାନେ ବହୁଳ ଭାବରେ ବସବାସ କରୁଥିବା ବେଳେ ରାୟଗଡ଼ା ଉପଖଣ୍ଡ ଅନ୍ତର୍ଗତ ରାୟଗଡ଼ା, କୋଲ୍‌ନରା ଏବଂ କଲ୍ୟାଣସିଂପୁର୍ ବ୍ଲକ୍‌ରେ ମଧ୍ୟ ଏମାନେ ବିକ୍ଷିପ୍ତ ଭାବରେ ବସବାସ କରନ୍ତି । ଏହାଛଡା ମାଲ୍‌କାନ୍‌ଗିରି ଏବଂ ନବରଙ୍ଗପୁର୍ ଜିଲ୍ଲାରେ ଏହି ସଂପ୍ରଦାୟର ଲୋକମାନେ ଅଳ୍ପ ସଂଖ୍ୟାରେ ବସବାସ କରନ୍ତି ।

କିମ୍ବଦନ୍ତୀରୁ ଜଣାଯାଏ ଯେ, 'ଜାତାପୁ' ସଂପ୍ରଦାୟର ଲୋକେ ନିଜକୁ ପାଣ୍ଡବବଂଶୀ ବୋଲି ପରିଚୟ ଦେଇଥାନ୍ତି । ଆଦିଶକ୍ତିଙ୍କ ମାୟାରୁ ଦୁଇ ଭାଇ ଭଉଣୀଙ୍କ ମଧ୍ୟରେ ପ୍ରେମ ସଂପର୍କ ଦୃଢୀଭୂତ ହେବାରୁ ସେମାନଙ୍କଠାରୁ ଜାତ ପ୍ରଥମ ସନ୍ତାନକୁ ଆଦିମାନବ ବା ଆଦିବାସୀ କୁହାଗଲା । ପରବର୍ତ୍ତୀ ପର୍ଯ୍ୟାୟରେ ସେହି ଆଦିମାନବ ବା ଆଦିବାସୀର ଔରସରୁ ଜାତ ପ୍ରଥମ ସନ୍ତାନକୁ 'ଜାତାପୁ' ବୋଲି କୁହାଗଲା । ପରମେଶ୍ୱର ଶ୍ରୀକୃଷ୍ଣଙ୍କ ମାୟା ବଳରେ ଜାତାପୁମାନେ ଭୋକ ଶୋଷରୁ ମୁକ୍ତି ପାଉଥିଲେ ବୋଲି ଜଣାଯାଏ । ଏହି ସ୍ୱଳ୍ପଜ୍ଞାତ ଜନଜାତିର ଲୋକେ ପ୍ରଥମେ ହସ୍ତିନାପୁରରେ ବାସ କରୁଥିବାର କିମ୍ବଦନ୍ତୀରୁ ଜଣାଯାଏ । କାଳକ୍ରମେ ଏମାନେ ଆନ୍ଧ୍ରପ୍ରଦେଶ ସମେତ ଓଡ଼ିଶା, ଝାଡ଼ଖଣ୍ଡ ଇତ୍ୟାଦି ପ୍ରଦେଶରେ ବିକ୍ଷିପ୍ତ ଭାବରେ ବସବାସ କଲେ । ତେବେ ଆନ୍ଧ୍ରପ୍ରଦେଶ ଏମାନଙ୍କର ମୂଳ ବାସସ୍ଥାନ ବୋଲି ଲୋକେ କହିଥାନ୍ତି।

ପ୍ରାକୃତିକ ପରିବେଶ ସହିତ ଜାତାପୁମାନେ ଓତପ୍ରୋତ ଭାବେ ଜଡ଼ିତ । ପ୍ରକୃତିରୁ ସବୁକିଛି ସଂଗ୍ରହ କରି ସେମାନେ ସେମାନଙ୍କର ଜୀବିକା ନିର୍ବାହ କରିଥାନ୍ତି । ପ୍ରକୃତି ହିଁ ସେମାନଙ୍କ ପାଇଁ ସବୁକିଛି । ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଫଳ, ମୂଳ, କନ୍ଦା, ପତ୍ର, ଫୁଲ ଓ କାଠ ଇତ୍ୟାଦି ସଂଗ୍ରହ କରି ନିତିଦିନିଆ ଜୀବନକୁ ଚ଼ଳାଇ ନିଅନ୍ତି । ନଦୀ, ନାଳ, କିମ୍ବା ଝରଣାର ଜଳ ଏବଂ ଘଞ୍ଚ ଜଙ୍ଗଲରୁ ମିଳୁଥିବା ବିବିଧ ଜଙ୍ଗଲଜାତ ଦ୍ରବ୍ୟ ସେମାନଙ୍କର ଜୀବିକା ନିର୍ବାହର ଅନ୍ୟତମ ହେତୁ ।

ଜାତାପୁ ଆଦିବାସୀମାନଙ୍କର ପରିସଂଖ୍ୟାନ, ଭାଷା, ଆଚାର, ବ୍ୟବହାର ଓ ସଂସ୍କୃତିକୁ ବିଚାର କରି ଦେଖିଲେ ଅନୁମାନ କରାଯାଏ ଯେ, ସେମାନେ ମୁଖ୍ୟତଃ ଆନ୍ଧ୍ରପ୍ରଦେଶରୁ ଓଡ଼ିଶାରୁ ଆସିଛନ୍ତି । ଏହାର ସତ୍ୟତା ନିମ୍ନଲିଖିତ କାରଣଗୁଡ଼ିକ ଉପରେ ଆଧାରିତ:

ଭାରତରେ ବସବାସ କରୁଥିବା ସମୁଦାୟ ଜାତାପୁ ସଂପ୍ରଦାୟର ଜନଜାତିଙ୍କ ମଧ୍ୟରୁ ପ୍ରାୟ ୯୦ ଶତାଂଶ କେବଳ ଆନ୍ଧ୍ରପ୍ରଦେଶରେ ବସବାସ କରନ୍ତି । ଓଡ଼ିଶାରେ ବାସ କରୁଥିବା ଜାତାପୁ ଜନଜାତିମାନଙ୍କର ମାତୃଭାଷା ତେଲୁଗୁ । ଓଡ଼ିଶାରେ ଜାତାପୁ ଜନଜାତି ଓ ତାଙ୍କର ସଂସ୍କୃତି ସହିତ ଆନ୍ଧ୍ରପ୍ରଦେଶବାସୀ ଜାତାପୁମାନଙ୍କ ଖାଦ୍ୟଭ୍ୟାସ, ବେଶପୋଷାକ ଓ ସଂସ୍କୃତି ମଧ୍ୟରେ ବହୁ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ବସବାସ କରୁଥିବା ଜାତାପୁ ଜନଜାତିମାନଙ୍କ ମଧ୍ୟରେ ବୈବାହିକ ଓ ବଂଶଗତ ସଂପର୍କ ରହିଅଛି ।

ଜାତାପୁ ସଂପ୍ରଦାୟ ନିଜକୁ ଏକ ଶ୍ରେଷ୍ଠ ଜନଜାତି ଗୋଷ୍ଠୀ ରୂପେ ବିବେଚନା କରନ୍ତି । ଏପରିକି ସେମାନେ ଜୀବଜଗତର ପ୍ରଥମ ସୃଷ୍ଟି ଓ ବ୍ରାହ୍ମଣଙ୍କ ଠାରୁ ମଧ୍ୟରେ ଉଚ୍ଚରେ ବୋଲି କହନ୍ତି । କନ୍ଧ ଜନଜାତିମାନଙ୍କୁ ମଧ୍ୟ ଜାତାପୁମାନେ ଛୁଅଁନ୍ତି ନାହିଁ କିମ୍ବା ସେମାନଙ୍କଠାରୁ କୌଣସି ପ୍ରକାର ରନ୍ଧା ଖାଦ୍ୟ ଓ ପାଣି ଗ୍ରହଣ କରନ୍ତି ନାହିଁ । ଜାତାପୁମାନଙ୍କର ଗୃହ ମଧ୍ୟକୁ କନ୍ଧମାନଙ୍କର ପ୍ରବେଶ ନିଷିଦ୍ଧ ।

କନ୍ଧ ସଂପ୍ରଦାୟ ସହିତ ଏମାନଙ୍କର କୌଣସି ପ୍ରକାର ସଂପର୍କ ନଥିବା ବେଳେ ଅନ୍ୟ ଗୋଷ୍ଠୀ ଯଥା: କୋଣ୍ଡା ଦୋରା, ଏନିଟି ଦୋରା/ ଏଣ୍ଟିଦୋରା ଏବଂ ମାନ୍ନିଦୋରାମାନଙ୍କ ସହ ଏମାନଙ୍କର ସାଂସ୍କୃତିକ ସାମଞ୍ଜସ୍ୟ ଥିବାର ଲକ୍ଷ୍ୟ କରାଯାଏ । ବର୍ତ୍ତମାନ ପରିସ୍ଥିତିରେ ଜାତାପୁ ଓ ଜାତାପୁ ଦୋରାମାନଙ୍କ ମଧ୍ୟରେ ବୈବାହିକ ସଂପର୍କ ରହିଥିବା ବେଳେ ଅନ୍ୟ ଦୁଇ ଗୋଷ୍ଠୀ ସହ ଏପରି କୌଣସି ସଂପର୍କ ବିକାଶ ଲାଭ କରିନାହିଁ ।

**ଜାତାପୁ ସମାଜରେ ନାରୀ :**

ଯୁଗେ ଯୁଗେ ନାରୀ ବନ୍ଦନୀୟା । ନାରୀ ହେଉଛି ସକଳଶକ୍ତିର ଆଧାର । ସେ କେତେବେଳେ ଜାୟାତ, ପୁଣି କେତେବେଳେ ଜନନୀ, ଆଉ କେତେବେଳେ ଭଗିନୀ, ନାରୀର ସମୃଦ୍ଧି ବିନା ସଭ୍ୟତା ଓ ସଂସ୍କୃତିର ବିକାଶ ସୁଦୂରପରାହତ । ଆଧୁନିକ ସଭ୍ୟତାରେ କିନ୍ତୁ ନାରୀ ନିର୍ଯାତନାର ଅନେକ କାହାଣୀ ଦେଖିବାକୁ ଓ ଶୁଣିବାକୁ ମିଳେ । ଏସବୁ କିନ୍ତୁ ଆଦିବାସୀ ସମାଜରେ ବିରଳ । ଆଦିବାସୀ ରମଣୀ ଶିକ୍ଷିତା ନ ହୋଇପାରେ, ମାତ୍ର ସେ ସ୍ୱାଧୀନ, ସ୍ୱାବଲମ୍ବନଶୀଳ, ସାହସୀ, ପରିଶ୍ରମୀ, ସର୍ବୋପରି ସମାଜରେ ତାହାର ସମ୍ମାନଜନକ ସ୍ଥାନ ରହିଛି । ତେବେ ଜାତପୁ ସମାଜରେ ନାରୀର ସ୍ଥିତି ବିଷୟରେ ନିମ୍ନରେ ବର୍ଣ୍ଣନା କରାଗଲା ।

ଜାତାପୁ ସଂପ୍ରଦାୟ ଅନ୍ୟ ଜନଜାତି ସଂପ୍ରଦାୟ ଠାରୁ ସଭ୍ୟ ଓ ଉନ୍ନତ । କନ୍ୟାକୁ କିଣା ଯାଉଥିବାରୁ ଯୌତୁକ ଦାବିର ଆବଶ୍ୟକତା ନାହିଁ । ନିର୍ବନ୍ଧର ଅନ୍ତିମ ପର୍ଯ୍ୟାୟରେ କନ୍ୟା ପକ୍ଷର ପରିବାର ଓ ବନ୍ଧୁବାନ୍ଧମାନଙ୍କ ପକ୍ଷରୁ ଭୋଜି ନିମନ୍ତେ ଦାବି କରାଯାଉଥିବା ଜିନିଷକୁ ବରପକ୍ଷ ଦେବାକୁ ରାଜି ହୁଅନ୍ତି । ଏହାକୁ "ଓ୍ୱଲି" କୁହାଯାଏ । ଓ୍ୱଲି ନିମନ୍ତେ କନ୍ୟା ପକ୍ଷରୁ ଚାଉଳ, ଡାଲି (ମାପ ହିସାବରେ) ଦାବି କରାଯାଏ । କନ୍ୟାପକ୍ଷର ପରିବାର ତଥା କୁଟୁମ୍ବ ବନ୍ଧୁବାନ୍ଧବ ଯେତେ ବେଶୀ (ସଂଖ୍ୟା) ଓ୍ୱଲି ପରିମାଣ ସେତେ ଅଧିକ ହୋଇଥାଏ । ଏତଦ୍‌ବ୍ୟତୀତ "ପାନ୍ଦିରି ଖାର୍ଚ୍ଚୁ" ଛାଉଁଡ଼ିଆ ଖର୍ଚ୍ଚ ଓ କେବଳ କନ୍ୟା ନିମନ୍ତେ "ଗାଜୁ ପୁଷାଲୁ" ଚୁଡ଼ି ଓ ମାଳି ଖର୍ଚ୍ଚ ମଧ୍ୟ ମଗାଯାଏ । କନ୍ୟା ପକ୍ଷରୁ କୁହାଯାଉଥିବା କଥା ଉପରେ ମୂଳଚାଲ ହୋଇଥାଏ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଓ ଆକର୍ଷଣୀୟ ମୁହୂର୍ତ୍ତ । ପରିଶେଷରେ ଏକ ନିର୍ଦ୍ଦିଷ୍ଟ ପରିମାଣ ଉପରେ ଉଭୟ ପକ୍ଷ ରାଜି ବା ସମ୍ମତ ହୁଅନ୍ତି ।

ଝିଅମାନେ ବାହାହୋଇ ଶାଶୁଘରକୁ ଯାଇଥା'ନ୍ତି , ପୁଅମାନେ ପାଖରେ ରୁହନ୍ତି । ତଥାପି ଜାତାପୁମାନେ ପୁଅ, ଝିଅ ମଧ୍ୟରେ ପ୍ରାୟ ବିଶେଷ ପାର୍ଥକ୍ୟ ଦେଖିନଥାନ୍ତି । ଝିଅ ହେଉକି ପୁଅ ହେଉ ତା'କୁ ଈଶ୍ୱରଙ୍କର ଦାନ ହିସାବରେ ସେମାନେ ସାନରେ ଗ୍ରହଣ କରିନେଇଥାନ୍ତି । ଯଦିଓ ପୁଅମାନଙ୍କୁ ସେମାନେ ଅଧିକ ଭଲ ପାଇଥାନ୍ତି । ଝିଅମାନେ ମଧ୍ୟ ଭଲକାମ କରିଥାନ୍ତି, ସେମାନେ ବି ଖୁବ୍ ପରିଶ୍ରମୀ ତେଣୁ ଝିଅମାନଙ୍କୁ ବି ଜାତାପୁମାନେ ପୁଅମାନଙ୍କ ଭଳି ଗ୍ରହଣ କରିଥା'ନ୍ତି ।

ଜାତାପୁ ମହିଳା ଗର୍ଭଧାରଣ କଲେ ସେମାନଙ୍କର ସେମିତି କୌଣସି ବ୍ୟବସ୍ଥା ନାହିଁ ଜାଣିବା ପାଇଁ ଯେ ଗର୍ଭରୁ ଶିଶୁ କନ୍ୟା କି ପୁତ୍ର । ତେଣୁ କନ୍ୟା ଗର୍ଭରେ ରହିଲେ ବି ତା'ର ସେମିତି କୌଣସି ସ୍ୱତନ୍ତ୍ର ନୀତିନିୟମ ବା ପୂଜାବିଧି ନଥାଏ । ପୁଅ ଓ ଝିଅ ଉଭୟଙ୍କ ପାଇଁ ସମାନ ପୂଜାବିଧି ପାଳନ କରାଯାଏ ।

ଜୀବନକୁ ସୁସ୍ଥ, ସୁନ୍ଦର ଓ ସୁପରିକଳ୍ପିତ କରିବା ପାଇଁ ଜାତାପୁମାନେ ମଧ୍ୟ କେତେକ ଶୃଙ୍ଖଳା ଓ ଅନୁଶାସନର ଅନୁସରଣ କରନ୍ତି । ସନ୍ତାନ ଜନ୍ମ, ଶୈଶବ, ଯୌବନ, ବାର୍ଦ୍ଧକ୍ୟ ଆଦି ଜୀବନର ବିଭିନ୍ନ ଅବସ୍ଥାକୁ ସାମାଜିକ ନୀତିନିୟମର ଛାଞ୍ଚରେ ପକାଇ ଜୀବନଚକ୍ରର ସୁଚାରୁ ସଂପାଦନ କରିଥାନ୍ତି ।

କେତେକ ସାମାଜିକ ନିୟମକାନୁନ, ଅନ୍ଧବିଶ୍ୱାସ ଓ ବ୍ୟବହାରିକ ଉପଯୋଗିତାକୁ ବିଚାରକୁ ନେଇ ଗର୍ଭବତୀ ମହିଳା ଗର୍ଭବସ୍ଥାରେ କେତେକ ବାରଣ/ନିଷେଧ ପାଳନ କରିଥାନ୍ତି ।

ଗର୍ଭବତୀ ମହିଳାକୁ ଅଧିକ ପରିମାଣରେ ଖାଦ୍ୟ ଖାଇବାକୁ ଦିଆଯାଏ ନାହିଁ । ଏପରିକି ଆବଶ୍ୟକଠାରୁ କମ୍ ପରିମାଣରେ ଖାଦ୍ୟ ଦିଆଯାଇଥାଏ । ଜାତାପୁମାନେ ବିଶ୍ୱାସ କରନ୍ତି ଯେ ଅଧିକ ଖାଇଲେ ଛୁଆର ପେଟ ବଢିଯିବ । ଗର୍ଭବତୀ ମହିଳାଙ୍କୁ ମକା, ପଣସ, କାନ୍ଦୁଲ ଭଜା ଇତ୍ୟାଦି ଖାଇବାକୁ ଦିଆଯାଏ ନାହିଁ । ଏଗୁଡ଼ିକ ଖାଇବାକୁ ଦେଲେ ଛୁଆ ଜନ୍ମ ହେବା ପରେ ତା' ଦେହରେ ଅନାସି (ଏକ ପ୍ରକାର ଘାଆ) ହୋଇଯିବ ବୋଲି ସେମାନଙ୍କର ଧାରଣା । ସେମାନଙ୍କୁ ଭାକୁର ମାଛ ଖାଇବା ପାଇଁ ବାରଣ କରାଯାଏ ।

ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ସମୟରେ ଗର୍ଭବତୀ ମହିଳା କୌଣସି କାର୍ଯ୍ୟ କରନ୍ତି ନାହିଁ କିମ୍ବା କୌଣସି ପ୍ରକାର ଖାଦ୍ୟ ଖାଆନ୍ତି ନାହିଁ । ଗର୍ଭବତୀ ମହିଳା ମନ୍ଦିରକୁ ଯାଆନ୍ତି ନାହିଁ । ସ୍ୱତନ୍ତ୍ର ଭାବରେ ଶିବ ମନ୍ଦିରକୁ ଯିବା ସଂପୂର୍ଣ୍ଣ ନିଷିଦ୍ଧ । ଗର୍ଭବତୀ ମହିଳା କୌଣସି ଭାରିକାମ କରନ୍ତି ନାହିଁ ଓ ଭାରି ଜିନିଷ ଉଠାନ୍ତି ନାହିଁ । ଗର୍ଭଧାରଣ ସମୟରେ ଗର୍ଭବତୀ ମହିଳାଙ୍କର ସ୍ୱାମୀ ମଧ୍ୟ କେତେକ ବାରଣ ପାଳନ କରିଥାନ୍ତି । ବିଶ୍ୱାସ କରାଯାଏ, ଯଦି ସ୍ୱାମୀ କୌଣସି ପ୍ରକାର ଜୀବଜନ୍ତୁ ଶିକାର କରନ୍ତି କିମ୍ବା ଛେଳି, କୁକୁଡ଼ା ଇତ୍ୟାଦି ମାରନ୍ତି ତେବେ ତାହାର କୁପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ପଡ଼େ । ଏପରିକି ସ୍ୱାମୀ, (ସ୍ତ୍ରୀ ଗର୍ଭବତୀ ଥିବା ସମୟରେ ) ସାପ ମଧ୍ୟ ମାରି ନଥାନ୍ତି । ସ୍ୱାମୀଙ୍କ ବ୍ୟତୀତ ପରିବାରରେ କିମ୍ବା ପରିବାର ବାହାରେ ଅନ୍ୟ କୌଣସି ବ୍ୟକ୍ତି ଗର୍ଭବତୀ ସ୍ତ୍ରୀ ପାଇଁ କୌଣସି ପ୍ରକାର ବାରଣ ମାନି ନଥାନ୍ତି ।

ଜାତାପୁ ଆଦିବାସୀମାନେ ଅନ୍ୟ ଆଦିବାସୀଙ୍କ ପରି ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି । ସେମାନଙ୍କ ମତ ଅନୁସାରେ ସମସ୍ତ ସନ୍ତାନସନ୍ତତି ଈଶ୍ୱରଙ୍କ ଦାନ । ତେଣୁ ଗର୍ଭସ୍ଥ ଶିଶୁକୁ ହତ୍ୟା କରିବାର ଅର୍ଥ ଐଶ୍ୱରିକ ଶକ୍ତି ଓ ଦାନକୁ ଅପମାନ କରିବା । ତେଣୁ ସେମାନେ ଗର୍ଭପାତ କରିନଥାନ୍ତି । ଝିଅଟିଏ ଭୂମିଷ୍ଠ ହେଲେ ତା'ର ମଧ୍ୟ ପୁଅଭଳି ଏକୋଇଶିଆ

କରାଯାଇଥାଏ ଏବଂ ଅନ୍ୟାନ୍ୟ ପୂଜା କରାଯାଏ। ଯେତେବେଳେ ଝିଅଟି ପ୍ରଥମେ ରଜୋବତୀ ହୋଇଥାଏ ସେତେବେଳେ ତାର ସେହି ପୂର୍ଣ୍ଣତାକୁ ଅନ୍ୟମାନଙ୍କୁ ଜଣାଇବା ପାଇଁ ଏକ ଉତ୍ସବ ଖୁବ୍ ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ । ଝିଅଟି ରଜୋବତୀ ହେଲେ ପ୍ରଥମେ ତା'ର ସାଙ୍ଗ କିମ୍ବା ମା'କୁ ଏ ବିଷୟରେ ଜଣାଇଥାଏ ।

ତାପରେ ବେଜୁଣୀ ବା ବୈଦ୍ୟ ଯିଏ ଶୁଭାଶୁଭ ବେଳା ଜାଣିପାରୁଥିବାରୁ ତାକୁ ପଚାରି ତା'ର କେଉଁ ବେଳାଟି ଶୁଭ ଅଛି ସେ ବିଷୟରେ ତଥ୍ୟ ସଂଗ୍ରହ କରାଯାଇଥାଏ । ସେ ଶୁଭ ବେଳାଟି ଜଣାଇବା ପରେ ଘରର ଆଗ କିମ୍ବା ପଛ ବାରଣ୍ଡାରେ ତା'ପାଇଁ ଡ଼ାଳପତ୍ରରେ ଏକ ସ୍ୱତନ୍ତ୍ର ଧରଣର କୁଡ଼ିଆ ତିଆରି କରି ଦିଆଯାଇଥାଏ । ସେହି କୁଡ଼ିଆ ଭିତରେ ଗୋଟିଏ ସପ ପକାଇ ଦିଆଯାଏ । ସପର ଚାରିକୋଣରେ ୪ଟି ଦୀପ ଜାଳି ଦିଆଯାଇଥାଏ । ଝିଅର ମାଇଁ ଏବଂ ଅନ୍ୟ କେତେକ ସଧବା ମହିଳା ଝିଅକୁ ନେଇ ସପ ଉପରେ ବସାଇ ଦିଅନ୍ତି । ତାପରେ ସେହି ଘରେ ସେ ୭ ଦିନ ଯାଏ ରହେ । ସପରେ ବସାଇବା ପୂର୍ବରୁ ସେମାନେ ଝିଅଟିକୁ ହଳଦୀ ଇତ୍ୟାଦି ଲଗାଇ ଗାଧେଇ ଦେଇଥାନ୍ତି । ଝିଅଟି ସେହିଠାରେ ୭ ଦିନ ଅଲଗା ଭାବରେ ରହେ। ସେ କାହାରିକୁ ଛୁଏଁ ନାହିଁ, ଅଲଗାବାସନରେ ଖାଏ, ଇତ୍ୟାଦି ୭ ଦିନ ଭିତରେ ତାଙ୍କର ସବୁ ବନ୍ଧୁବାନ୍ଧବଙ୍କୁ ଏ ବିଷୟରେ ଜଣାଇ ଦିଆଯାଏ । ୭ ଦିନ ବନ୍ଧୁବାନ୍ଧବମାନେ ବହୁତ ଜିନିଷ ନେଇ ଆସିଥାନ୍ତି। ମାମୁ, ମାଇଁ ଝିଅ ପାଇଁ ଡ୍ରେସ୍ ନେଇ ଆସିଥାନ୍ତି । ତା'ପରେ ଝିଅକୁ ମାଇଁ ଏବଂ ଅନ୍ୟ ସଧବା ସ୍ତ୍ରୀଲୋକମାନେ ମିଶି ସେହି ସପ ଉପରେ ବସିଥିବା ଅବସ୍ଥାରେ ତା'ଉପରେ ୩/୪ ଟୋପା ପାଣି ଢ଼ାଳି ଦିଅନ୍ତି । ତାପରେ ତା'କୁ ଭଲଭାବରେ ହଳଦୀ, ତେଲ ଲଗାଇ ଦେଇ ଆଉଥରେ ଗାଧେଇ ଦିଅନ୍ତି । ଏହାପରେ ସେ ଝିଅ ମନ୍ଦିର ଯାଏ ଏବଂ ଭୋଜିଭାତ କରି ସମସ୍ତଙ୍କୁ ଖାଇବାକୁ ଦିଆଯାଏ । ତାପରଠାରୁ ସେ ଝିଅ ସମସ୍ତଙ୍କୁ ଛୁଏଁ ଏବଂ ସାଧାରଣ ଲୋକ ପରି ଚଳାଚଳ କରିଥାଏ । ସେହିଦିନଠାରୁ ସେ ବିବାହ ଉପଯୋଗୀ ହୋଇଗଲା ବୋଲି ଧରାଯାଇଥାଏ ।

ଝିଅର ବାହାଘର ପାଇଁ ବାପା, ମାଆ, ବରଖୋଜା ଆରମ୍ଭ କରିଦିଅନ୍ତି । ଯଦି ବାହାଘର ନହୋଇ ପାରିଲା, ତେବେ ବାହାଘର ଜଲଦି ହେବା ପାଇଁ ସେମାନେ ମଧ୍ୟ ଅନେକ ପୂଜାପାଠ କରିଥାନ୍ତି । ତା'ପରେ ଝିଅର ବାହାଘର ଯଥାବିଧି କରିଥାନ୍ତି । ବାହାଘର ପରେ ବୋହୂଟିଏ ଘରର ସବୁକିଛି । ସେ ଘରେ ପାଦ ଦେବାପରେ ଘରର ସବୁ ଦାୟିତ୍ୱ ନେଇଥାଏ । ସେ ଯେତେବେଳେ ଗର୍ଭବତୀ ହୁଏ ସେତେବେଳେ ମଧ୍ୟ ସେମିତି କୌଣସି ପୂଜାବିଧି କରାଯାଇଥାଏ । କେବଳ ସାତମାସରେ ବାପଘରୁ ସ୍ୱାଦ ଅଣାଯିବାବେଳେ ଛୁଆଟି ଭଲରେ ଭଲରେ ଜନ୍ମ ହେବାପାଇଁ ଠାକୁରଙ୍କ ପାଖରେ ପ୍ରାର୍ଥନା କରାଯାଇଥାଏ । ପିଲାପିଲି ନହେଲେ ମଧ୍ୟ ସେମାନେ ସେଥିପାଇଁ ଅନେକ ପୂଜା କରିଥାନ୍ତି ।

ଜଣେ ସ୍ତ୍ରୀ ଲୋକର ଯଦି ସ୍ୱାମୀ ମରିଯାଏ ତେବେ ମଧ୍ୟ ତା ପାଇଁ ଏକ ସ୍ୱତନ୍ତ୍ର ପୂଜାବିଧି ବ୍ୟବସ୍ଥା ରହିଛି । ଯଦି ସ୍ୱାମୀ ଆଗେ ମରିଯାଏ ତେବେ ଦଶାହ ଦିନ ସ୍ତ୍ରୀ ମୁଣ୍ଡରେ ଓଢ଼ଣାଦେଇ ବସେ ଏବଂ ତା ଆଗରେ ଗୋଟିଏ ଥାଳିରେ ଗୁଡ଼ ଓ ପାଣି ଦୁଇଟି ଅଲଗା ଅଲଗା ପାତ୍ରରେ ରଖାଯାଏ । ତା'ପରେ ନିମନ୍ତ୍ରିତ ଅତିଥିମାନଙ୍କ ଭିତରୁ ଯିଏ ଯାହା ଦବାର କଥା ଯେମିତିକି ଶାଢ଼ି, ଟଙ୍କା, ପଇସା ଇତ୍ୟାଦି ଯିଏ ଯାହା ସାଙ୍ଗରେ ଆଣିଥା'ନ୍ତି ତାକୁ ଦେଇ ଉକ୍ତ ସ୍ତ୍ରୀଲୋକକୁ ଟିକିଏ ଟିକିଏ ଗୁଡ଼ ଖୁଆଇ ଦିଅନ୍ତି । ଯାହାର ଯାହା ଇଚ୍ଛା ସେହି ଥାଳୀରେ ପକାଇଥା'ନ୍ତି । ଥାଳିରେ ପକାଯାଇଥିବା ଜିନିଷକୁ ସମସ୍ତେ ବ୍ୟବହାର କରିପାରିବେ । ମାତ୍ର ଯେଉଁ ଶାଢ଼ି ବା ଜିନିଷ ସେହି ସ୍ତ୍ରୀ ଲୋକ ଉପରେ ପକାଯାଏ ସେ ଜିନିଷକୁ ଅନ୍ୟ କେହି ବ୍ୟବହାର କରିପାରିବେ ନାହିଁ । ସେଗୁଡ଼ିକୁ କେବଳ ସେହି ବିଧବା ସ୍ତ୍ରୀ ଲୋକହିଁ ବ୍ୟବହାର କରିବ । ଅନ୍ୟସବୁ ପୂଜାପାଠ ପ୍ରାୟ ସମାନ ଥାଏ । କେବଳ ବିଧବା ସ୍ତ୍ରୀଲୋକର ଚୂଡ଼ି, ମୁଦି ଇତ୍ୟାଦି ଖୋଲି ଦିଆଯାଏ । ବିଧବା ସ୍ତ୍ରୀଲୋକମାନେ ଗୋଡ଼ରେ ମୁଦି କେବେବି ପିନ୍ଧନ୍ତି ନାହିଁ ।

ଜାତାପୁମାନେ ଅଧିକ ନହେଲେବି ଝିଅମାନଙ୍କୁ ପୁଅମାନଙ୍କଠାରୁ କମ୍ ଭଲ ପାଇଥାନ୍ତି । ହେଲେବି ଝିଅଟି ଘରର ଅନେକ କିଛି ବୁଝିଥାଏ, ଯେମିତିକି ସେ ଘରର କାମଦାମ କରିଦିଏ । ବିଲବାଡ଼ିରେ ମଧ୍ୟ କାମ କରିଥାଏ । ଘରଝାଡୁ କରିବା, ବାସନ ମାଜିବା, ଘର ଲିପିବା ଇତ୍ୟାଦିରେ ମା'ଙ୍କୁ ସାହାଯ୍ୟ କରିଥାଏ । ଏହାଛଡ଼ା ଝିଅମାନେ ମଧ୍ୟ ଜଙ୍ଗଲରୁ କାଠ ଆଣିବା, ଚଉପତି, ଖଲି ଇତ୍ୟାଦି ତିଆରି କରିବା କାର୍ଯ୍ୟ ମଧ୍ୟ କରିଥାନ୍ତି । ସେମାନେ ମଧ୍ୟ ଘରର ସମ୍ମାନ ରୂପେ ପରିଗଣିତ ହୋଇଥା'ନ୍ତି । ତେଣୁ ସେମାନେ ଘର ବା ଘରର ଲୋକ ଉପରେ କିପରି ଆଞ୍ଚ ନଆସିବ ସେଥିପାଇଁ ସର୍ବଦା ଧ୍ୟାନ ଦେଇଥାନ୍ତି । ଝିଅଟିଏ ଘରେ ନଥିଲେ ଘର ଆଦୌ ଭଲ ଲାଗେନି, ଝିଅ ଯେମିତି କାମ କରି ଦେଇଥାଏ ପୁଅ ବା ବୋହୂ ସେତେ ଆଜ୍ଞାଧୀନ ହୋଇ କାମକରି ପାରିବେନି ବୋଲି ଜାତାପୁମାନେ କହିଥାନ୍ତି ।

ଜଣେ ଝିଅ ବାହାଘର ପରେ ବୋହୂ ହୋଇଥାଏ । ଜାତାପୁ ସମାଜରେ ପ୍ରାୟ ପୁଅମାନେ ବାହାଘର ପରେ ଅଲଗା ଘର କରି ରହିଥାନ୍ତି । ପ୍ରାୟତଃ ବୋହୂ, ପୁଅ, ଶାଶୁ , ଶ୍ୱଶୁର, ନଣନ୍ଦ, ଦିଅର ମିଳିମିଶି ରହିଥାନ୍ତି । ବୋହୂ ହିସାବରେ ସେ ଘରର ସମସ୍ତଙ୍କର ମନନେଇ ଚଳିଥାଏ । ବୋହୂମାନେ ମଧ୍ୟ ଅନ୍ୟ ସମାଜର ବୋହୂମାନଙ୍କ ପରି ଲାଜ କରି ଘରକୋଣରେ ଲୁଚି ରୁହନ୍ତି ନାହିଁ ବରଂ ସେମାନେ ପୁରୁଷମାନଙ୍କ ଅପେକ୍ଷା ଅଧିକ କାମ କରିଥାନ୍ତି । ସ୍ଥଳବିଶେଷରେ ସେମାନେ ତାଙ୍କର ମଦୁଆ ସ୍ୱାମୀମାନଙ୍କର ଭରଣ ପୋଷଣ ମଧ୍ୟ କରିଥାନ୍ତି । ବୋହୂ ହିସାବରେ ସେ ନିଜ ବାପଘର ପରିବାରକୁ ଭୁଲି ଶାଶୁଘରକୁ ଆପଣେଇ ନେଇଥାନ୍ତି । ଶାଶୁ ଶ୍ୱଶୁରଙ୍କୁ ଭକ୍ତି କରେ, ଦେଢ଼ଶ୍ୱଶୁର, ଶ୍ୱଶୁରଙ୍କୁ ସମ୍ମାନଦେବାକୁ ଯାଇ ତାଙ୍କର ନାମ ଧରିନଥାଏ ।

ମା' ହେଉଛି ପରିବାରର ମୁଖ୍ୟ ଅଂଶ । ଅବଶ୍ୟ ଆଦିବାସୀ ସମାଜରେ ଖୁବ୍ ଛୋଟ ଦିନରୁ ଛୁଆମାନେ କାମ କରିବା ଆରମ୍ଭ କରିଦିଅନ୍ତି । ହେଲେ ବି ମା'ର ପଣତକାନି ସମସ୍ତଙ୍କ ପାଇଁ ଦରକାର ହୋଇଥାଏ । ମା' ଛୋଟ

ଦିନରୁ ପିଲାମାନଙ୍କୁ ବିଭିନ୍ନ କାମ ଶିଖାଇଥାଏ । ବିଶେଷ କରି ଝିଅର ଦାୟିତ୍ୱ ମା' ଉପରେ ଥାଏ । ମା' ଶିଖାଇଥାଏ ଝିଅକୁ କିପରି ଘରର କାମ କରିବାକୁ ପଡ଼ିବ, କ'ଣ କଲେ ଶାଶୁଘରେ ତାକୁ ଆଉ ବେଶି କଷ୍ଟ କରିବାକୁ ପଡ଼ିବନି ସମସ୍ତେ ଖୁବ୍ ଭଲ ପାଇବେ । ମା' ଛୁଆ ଛୋଟ ଥିବାବେଳେ ପ୍ରଥମ ୬ ମାସ ଆଦୌ ବାହାରକୁ କାମ କରିବାକୁ ଯାଇନଥାଏ , ତାପରେ କାମ କରିବାକୁ ଗଲେବି ଛୁଆକୁ ସାଙ୍ଗରେ ନେଇଯାଇଥାଏ । ଛୁଆଟି ଟିକେ ବଡ଼ ହେଲେ ମା' ଧୀରେ ଧୀରେ ତାକୁ ନିଜଠାରୁ ଦୂରେଇ ବଡ଼ ଭଉଣୀ, ଆଈ, ବୁଢ଼ୀମା ଇତ୍ୟାଦିଙ୍କ ପାଖରେ ଛାଡ଼ିଥାଏ । ଛୁଆର ଦେହ ଖରାପ ହେଲେ ମା' କେବେବି ତା'ର ସ୍ନେହ ଦେବାକୁ ପଛାଇନଥାଏ । ତାର ଜ୍ଞାନ ପରିସର ଭିତରେ ସେ ଯାହା କରିପାରିଥାଏ, ତା'ର ପାରୁପର୍ଯ୍ୟନ୍ତ ସେ କରି ଚାଲେ । ମା' ବୁଢ଼ୀ ହୋଇଗଲେ ପୁଅ ବାହା ହୋଇ ବୋହୂ ଆସିଲେ ବୋହୂକୁ ମଧ୍ୟ ପରିବାର ବିଷୟରେ ଅବଗତ କରାଇଥାଏ । ତାକୁ ମଧ୍ୟ ବିଭିନ୍ନ ଗାଁ ଠଣା ଶିଖାଇଥାଏ । ମା' ମଧ୍ୟ ବିଲ ବାଡ଼ିରେ କାମ କରେ, ଜଙ୍ଗଲରୁ ବିଭିନ୍ନ ଦ୍ରବ୍ୟ ସଂଗ୍ରହ କରି ଆଣିଥାଏ ।

ନାତୁଣୀ ହିସାବରେ ସେମାନେ ଜେଜେମା, ଜେଜେବାପାଙ୍କୁ ସମ୍ମାନ ଭକ୍ତି କରିବା ସହ, ଜେଜେମା, ଜେଜେବାପାଙ୍କ ସହିତ ଥଟା ମଜା ହୋଇଥାନ୍ତି । ଜେଜେମା, ଜେଜେବାପା, ଅଜା, ଆଈ, ବାପା, ମା' ଙ୍କର ଅନୁପସ୍ଥିତିରେ ସେମାନଙ୍କର ଦାୟିତ୍ୱ ନେଇଥାନ୍ତି । ସେମାନେ ମଧ୍ୟ ବିଭିନ୍ନ ଗପ, ଗୀତ, ଲୋକକଥା ମାଧ୍ୟମରେ ସେହି ଜାତିର ଗୌରବ ଇତିହାସ ବିଷୟରେ ସେମାନଙ୍କୁ ଅବଗତ କରାଇଥାନ୍ତି । ନାତୁଣୀମାନେ ସେମାନଙ୍କର କଥାକୁ ମଧ୍ୟ ଖୁବ୍ ଧ୍ୟାନସହକାରେ ଶୁଣି ପାଳନ ମଧ୍ୟ କରିଥାନ୍ତି ।

ସ୍ତ୍ରୀ ହିସାବରେ ସେମାନେ ହୋଇଥାନ୍ତି ଅତ୍ୟନ୍ତ ପତିବ୍ରତା । ସେମାନେ ସ୍ୱାମୀ ଯାହାହେଲେ ବି ତାଙ୍କୁ କେବେବି ଅବମାନନା କରିନଥାନ୍ତି । ଘରର ଦାୟିତ୍ୱ ବୁଝିବା ସହିତ ସେମାନେ ମଧ୍ୟ ବିଲବାଡ଼ିରେ କାମକରିଥାନ୍ତି ଏହାଛଡ଼ା ଜଙ୍ଗଲକୁ ଯାଇ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ସେମାନେ ସମୟ ସମୟରେ ମଧ୍ୟ ନିଜ ରୋଜଗାରରେ ସ୍ୱାମୀକୁ ପୋଷିଥାନ୍ତି । ସେମାନେ ସ୍ୱାମୀର ପାଖେ ପାଖେ ରହି ସ୍ୱାମୀର ସୁଖଦୁଃଖର ସାଥି ହୋଇଥାନ୍ତି ।

ପଡ଼ୋଶୀ ମହିଳା ହିସାବରେ ଯେତେବେଳେ ପଡ଼ୋଶୀ ଘରେ ନ ରୁହନ୍ତି ତାଙ୍କର ଛୁଆପିଲାଙ୍କୁ ଏମାନେ ଦେଖିଥାନ୍ତି । ଏହାଛଡ଼ା ଜଙ୍ଗଲକୁ ଯିବାବେଳେ ପଡ଼ୋଶୀ ମହିଳାମାନେ ସାଙ୍ଗହୋଇ ଜଙ୍ଗଲକୁ ଯାଇଥାନ୍ତି । ଜଙ୍ଗଲକୁ ଯିବାଛଡ଼ା ବିଭିନ୍ନ ସାମାଜିକ କାର୍ଯ୍ୟାନୁଷ୍ଠାନରେ ମଧ୍ୟ ମହିଳାମାନେ ପରସ୍ପରକୁ ସାହାଯ୍ୟ କରିଥାନ୍ତି ।

**ଜାତାପୁ ମହିଳାଙ୍କ ସାମାଜିକ ଅବସ୍ଥା:**

ଜାତାପୁ ସମାଜରେ ଜଣେ ମହିଳାର ସାମାଜିକ ଅବସ୍ଥାକୁ ଲକ୍ଷ୍ୟ କଲେ ଦେଖାଦେଇଥାଏ ସେମାନେ ସମାଜରେ କେତେକ କ୍ଷେତ୍ରରେ ଆଗୁଆ ଥିବାବେଳେ କେତେକ କ୍ଷେତ୍ରରେ ପଛରେ ରହିଥାନ୍ତି । ସେମାନଙ୍କର

ସାମାଜିକସ୍ଥିତି ଖରାପ ନୁହେଁ । ଅନ୍ୟ ଆଦିବାସୀ ଗୋଷ୍ଠୀର ମହିଳାମାନଙ୍କ ପରି ସେମାନଙ୍କ ଝିଅ ଖୁବ୍ ସ୍ୱାଧୀନତା ଉପଭୋଗ କରିଥାନ୍ତି ।

ମହିଳାମାନଙ୍କ ପାଇଁ ଖାଦ୍ୟରେ ସେମିତି କୌଣସି ବାରଣ ନଥାଏ । କେବଳ ଗର୍ଭବତୀ ଥିବାବେଳେ କେତେକ ଖାଦ୍ୟ ବାରଣ କରାଯାଇଥାଏ । ଅନ୍ୟ ସମୟରେ ସେ  ସବୁ ପ୍ରକାର ଖାଦ୍ୟ ଖୁସିରେ ଗ୍ରହଣ କରିପାରିଥାଏ । ଖାଦ୍ୟ ଗ୍ରହଣରେ ସେ ସ୍ୱାଧୀନ ।

ଜାତାପୁମାନଙ୍କର ପାରମ୍ପରିକ ରାଜନୈତିକ ସଂଗଠନ ଲୁପ୍ତ ପ୍ରାୟ ତେବେ ପାରମ୍ପରିକ ଗ୍ରାମସଭାରେ ବା ପାରମ୍ପରିକ ରାଜନୈତିକ ସଂଗଠନରେ ନାରୀମାନେ ଭାଗନେଇ ନଥାନ୍ତି । ମାତ୍ର ବର୍ତ୍ତମାନ ପଞ୍ଚାୟତିରାଜ ବ୍ୟବସ୍ଥାରେ ଝିଅବୋହୂମାନେ ରାଜନୀତିରେ ଭାଗନେଲେଣି । ସେଥିରେ କୌଣସି ବାରଣ ନାହିଁ ।

ଜାତାପୁ ସମାଜରେ ଝିଅମାନେ କେବେ ବି ବାପା ସମ୍ପତ୍ତି ଉତ୍ତରାଧିକାରୀ ହୋଇନଥାନ୍ତି, କେବଳ ସେହି କ୍ଷେତ୍ରରେ ସେମାନେ ବାପାର ସମ୍ପତ୍ତି ଗ୍ରହଣ କରିଥାନ୍ତି, ଯେତେବେଳେ ଲୋକର କୌଣସି ପୁଅ ନଥାଏ ଏବଂ ସେ ମଧ୍ୟ  ପୋଷ୍ୟପୁତ୍ର ଗ୍ରହଣ ନକରି ଜ୍ୱାଇଁକୁ ଘରେ ରଖିଥାଏ । ସେହିପରି ରାଜନୀତି, ଧର୍ମ ଇତ୍ୟାଦି କ୍ଷେତ୍ରରେ ମଧ୍ୟ କୌଣସି ଅଧିକାର କନ୍ୟାର ନଥାଏ । ଝିଅମାନେ କେବଳ ମା' ବାପଘରୁ ଆଣିଥିବା ଅଳଙ୍କାର ଇତ୍ୟାଦିରୁ କିଛି ନେଇପାରନ୍ତି ବା ମା' ତାକୁ ଖୁସିରେ ଦେଇପାରେ। କିନ୍ତୁ ମା'କୁ ବାପା ଦେଇଥିବା ଦ୍ରବ୍ୟରେ ଝିଅର ଅଧିକାର ନଥାଏ ।

ଝିଅମାନେ ରାଜନୀତିକ ସଭାସ୍ଥଳୀକୁ ଯିବା ମନା । ଏକା ଏକା ଜଙ୍ଗଲ ଯିବାକୁ ବାରଣ ଥାଏ । ବିଭିନ୍ନ ପୂଜାସ୍ଥଳୀକୁ ମାସିକ ଋତୁସ୍ରାବ ସମୟରେ ଯିବାକୁ ନିଷେଧ  କରାଯାଇଥାଏ । ଗର୍ଭବତୀ ସ୍ତ୍ରୀ ପାଇଁ ମଧ୍ୟ କାଳୀଙ୍କ ପାଖକୁ ଯିବାକୁ ବାରଣ ଥାଏ । ସେହିଭଳି ଝିଅ ହିସାବରେ ତାକୁ ବାଟ ବଜାର ଇତ୍ୟାଦି ଯିବାକୁ ମନା ନଥାଏ । ଅବଶ୍ୟ ସେ ହାଟରେ ଜିନିଷପତ୍ର ବିକାକିଣା ନିର୍ଦ୍ଵନ୍ଦ୍ୱରେ କରିପାରେ ।

ଧର୍ମକ୍ଷେତ୍ରରେ ସେମିତି କିଛି ବାରଣ ନଥାଏ । ହେଲେ ମହିଳାମାନେ କେତେକ  ପୂଜାସ୍ଥାନକୁ ଆଦୌ ଯାଇନଥାନ୍ତି ତ କେତେକ ସ୍ଥାନକୁ କେବଳ ସ୍ୱତନ୍ତ୍ର ପୂଜା ବିଧି ସମୟରେ ହିଁ ଯାଇଥାନ୍ତି ।

ମହିଳାମାନଙ୍କୁ କଥାକହିବାରେ କୌଣସି ନିଷେଧାଦେଶ ପାଳନକରିବାକୁ ପଡ଼ିନଥାଏ । ତଥାପି ବୋହୂମାନେ ଶାଶୁଘରେ ବେଶି ବଡ଼ ପାଟିରେ କଥା କୁହନ୍ତିନି । ଦେଢ଼ଶୁର ବା ଶ୍ୱଶୁରଙ୍କ ଆଗରେ ମଧ୍ୟ ସେମାନେ ସାମ୍ନା  ସାମ୍ନି ଭାବରେ କଥା କହନ୍ତି ନାହିଁ । ପ୍ରଥମ ରଜୋବତୀ ହେବା ସମୟରେ ୭ ଦିନ ଯାଏଁ ଝିଅଟିଏ କୌଣସି ପୁଅ ସାଙ୍ଗରେ କଥା ହୋଇନଥାଏ । ସେହିପରି ମହିଳା ହିସାବରେ ତାକୁ ମଧ୍ୟ କେତେକ କାମ କରିବାକୁ

ମନା କରାଯାଇଥାଏ, ଯେମିତି ଜଣେ ମହିଳା ହଳ କରିବନି, ଘର ଉପରେ ଚଢ଼ି ଘର ଛପର କରିବନି ଏବଂ ଧାନ ଉଡ଼େଇବନି ଇତ୍ୟାଦି । ଏହାଛଡ଼ା ଜଣେ ଝିଅ ମଧ୍ୟ ଗଛ ଚଢ଼ିବା ମନା।

ମହିଳାର ମାତୃତ୍ୱରେ ପୂର୍ଣ୍ଣତା ସେତେବେଳେ ଆସେ, ଯେତେବେଳେ ସେ ସନ୍ତାନକୁ ଜନ୍ମଦେଇ ଥାଏ। ଜଣେ ନିଃସନ୍ତାନ ମହିଳାର ସ୍ଥିତି ସମାଜରେ ସାମାନ୍ୟ କମ୍ । ଜାତାପୁ ସମାଜରେ ପିଲାନହେବା କାରଣ ଯିଏ ହଉନା କାହିଁକି (ସ୍ୱାମୀ ବା ସ୍ତ୍ରୀ), ସ୍ତ୍ରୀକୁ ହିଁ ସବୁ ନିନ୍ଦା ଅପବାଦ ସହିବାକୁ ପଡ଼ିଥାଏ । ଜଣେ ସନ୍ତାନହୀନ ମହିଳା ପାଇଁ ସୁବିଧା ସୁଯୋଗ ତ କିଛି ନଥାଏ । ବରଂ ତାକୁ ସମସ୍ତେ ଟିକିଏ ନୀଚ ଦୃଷ୍ଟିରେ ଦେଖିଥାନ୍ତି । ତା'ର ମୁହଁ ଚାହିଁ ଶୁଭକାମରେ ବାହାରିଲେ ଅଶୁଭ ହୁଏ ବୋଲି ସେମାନେ ମତବ୍ୟକ୍ତ କରିଥାନ୍ତି। ସେ ମଧ୍ୟ ବିଭିନ୍ନ ଧାର୍ମିକ କାର୍ଯ୍ୟ ଯଥା ବାହାଘର ଏବଂ ଅନ୍ୟାନ୍ୟ ପୂଜାପର୍ବରେ ଯୋଗ ଦେଇ ପାରିନଥାଏ। ବେଳେବେଳେ ମଧ୍ୟ ତା'ର ଏହି ଦୋଷପାଇଁ ସ୍ୱାମୀ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥାଏ ।

ଜାତାପୁ ସମାଜରେ ଗୋଟିଏ ସ୍ତ୍ରୀକୁ ପରିତ୍ୟାଗ କରିବାଟା ଏତେ ସହଜ ନ ହୋଇଥିଲେ ମଧ୍ୟ ଏହା ସେମାନଙ୍କର ମଧ୍ୟରେ ପ୍ରଚଳିତ । ସ୍ତ୍ରୀର କେତେକ ଦୋଷ ରହିଲେ ସ୍ୱାମୀ ତାକୁ ପରିତ୍ୟାଗ କରିଥାଏ । ଯେମିତିକି ବିବାହ ପରେ ଅନ୍ୟ କାହା ସହ କୁସମ୍ପର୍କ ସ୍ଥାପନ କରିବାର ଜଣାଗଲେ, ବିବାହ ପରେ ସନ୍ତାନସନ୍ତତି ନହେଲେ ଇତ୍ୟାଦି । ପରିତ୍ୟକ୍ତା ମହିଳା ପାଇଁ କୌଣସି ସୁବିଧା ସୁଯୋଗ ନାହିଁ । ଜଣେ ପରିତ୍ୟକ୍ତା ତା ବାପଘରେ ରହିପାରେ ବା ନିଜ ଇଚ୍ଛାରେ କେଉଁଠି ରହି କାମ କରିପାରେ । ସ୍ୱାମୀ ତାର ଭରଣ ପୋଷଣ ଦାୟିତ୍ୱ ମଧ୍ୟ ନେଇ ନଥାଏ । ପରିତ୍ୟକ୍ତା ସ୍ତ୍ରୀର ସ୍ଥାନ ସମାଜରେ ମଧ୍ୟ ଟିକେ ନୀଚରେ ଥାଏ, ଯଦି ସେ ଦୁର୍ନାମ ନିଜ ଦୋଷରୁ ପରିତ୍ୟକ୍ତ ହୋଇଥାଏ ।

ଜାତାପୁ ସମାଜରେ ସ୍ୱାମୀ ମରିଗଲା ପରେ ସ୍ତ୍ରୀ ବିଧବା ହୋଇଯାଏ । ସେ ତା ଶାଶୁଘରେ ବିଧବା ଅବସ୍ଥାରେ ରହିଥାଏ । ଶାଶୁଘରର ଅନ୍ୟଲୋକେ ତା'ର ଦାୟିତ୍ୱ ନେଇଥାନ୍ତି । ଜଣେ ବିଧବା ମଧ୍ୟ ସବୁକ୍ଷେତ୍ରରେ ଶୁଭ ବୋଲି ଧରାଯାଇନଥାଏ । ଯେମିତିକି ଝିଅ ପ୍ରଥମ ରଜୋବତୀ ହେଲେ କେବଳ ସଧବାମାନେ ହିଁ ଝିଅକୁ ଗାଧେଇ ଦେବା ତାକୁ ନେଇ କୁଡ଼ିଆ ଘରେ ସପ ଉପରେ ବସାଇବା, ଦୀପ ଜାଳିବା ଆଦିକାମ କରିଥାନ୍ତି। ମାତ୍ର ବିଧବା ନୁହେଁ । ଏହି ସମାଜରେ ବିଧବା ବିବାହ ଖୁବ୍ କମ୍ ଦେଖାଦେଇଥାଏ । ସ୍ୱାମୀ ମରିଯିବା ପରେ ବିଧବା ମହିଳାଟି ଘର ଛୁଆପିଲାଙ୍କର ସବୁ ଦାୟିତ୍ୱ ମୁଣ୍ଡେଇ ଥାଏ । ସେ ମଧ୍ୟ ବିଭିନ୍ନ ଧାର୍ମିକ କାର୍ଯ୍ୟ ଇତ୍ୟାଦିରେ ଯୋଗ ଦେଇପାରିନଥାଏ । ତା' ମୁହଁ ଚାହିଁଲେ ଅଶୁଭ ବୋଲି ଧରାଯାଏ ।

କୁମାର୍ଗରେ ପରିଚାଳିତ ମହିଳାକୁ ସମସ୍ତେ ଘୃଣା କରନ୍ତି । ତା'ର ସ୍ଥାନ ସମାଜରେ ନଥାଏ । କୁମାର୍ଗରେ ପରିଚାଳିତ ମହିଳାର ଦୋଷକୁ ପ୍ରଥମଥର କ୍ଷମା କରାଯାଇ ତା'କୁ ବାଟକୁ ଅଣାଯାଏ । ଯଦି ସେ ଠିକ୍ ବାଟକୁ ନଆସେ ତେବେ ସ୍ୱାମୀ ତାକୁ ପରିତ୍ୟାଗ କରିଥାଏ ।

ଜାତାପୁମାନେ ମଧ୍ୟ ଡ଼ାହାଣୀ ଉପରେ ଖୁବ୍ ବିଶ୍ୱାସ କରନ୍ତି । ତେବେ ସେମାନଙ୍କୁ ମୁହଁରେ କେହିକିଛି ନ କହିଲେ ବି ପଛରେ ଘୃଣା କରିଥାନ୍ତି । ପାଖରେ ପଶିବାକୁ ସମସ୍ତେ ଡ଼ରିଥାନ୍ତି । ଡାହାଣୀକୁ ଦେଖିଲେ ତା'ଠାରୁ କେମିତି ଜଲ୍‌ଦି ଜଲ୍‌ଦି ପଳେଇବେ ସେ ବାଟ କରିଥାନ୍ତି । ସେମାନଙ୍କର ବିଶ୍ୱାସ ଡ଼ାହାଣୀ ସବୁବେଳେ ଅନ୍ୟର ଅନିଷ୍ଟ କରିବାରେ ବ୍ୟସ୍ତଥାଏ । ସେ ଛୁଆ, ଗର୍ଭବତୀ ମହିଳା ଇତ୍ୟାଦିଙ୍କ ପାଇଁ ଅତ୍ୟନ୍ତ ମାରାତ୍ମକ ।

ଯେତେବେଳେ ଗୋଟିଏ ମହିଳାର ବାପା, ମା' ମରିଯାଆନ୍ତି ସେତେବେଳେ ସେ ସମାଜରେ ଏକା ହୋଇଯାଏ। ତେଣୁ ତା'ର ଯଦି କେହି ନିକଟ ସଂପର୍କୀୟ ଥାଆନ୍ତି ତେବେ ସେମାନେ ତା'ର ଦାୟିତ୍ୱ ନେଇଥାନ୍ତି; ନହେଲେ ସମାଜ ତା'ର ଦାୟିତ୍ୱ ନିଏ । ସେ ସମସ୍ତଙ୍କର ଝିଅପରି ପାଳିତ ହୋଇଥାଏ । ସେ ମଧ୍ୟ ଅନ୍ୟ ଝିଅମାନଙ୍କପରି କାମଦାମ କରି ଚଳିଥାଏ, ଉପଯୁକ୍ତ ବୟସ ହେଲେ ମାମୁ, କକା ଇତ୍ୟାଦି ସଂପର୍କୀୟମାନେ ତା'ର ବିବାହ କରିଦେଇଥାନ୍ତି ।

ଜାତାପୁ ସମାଜରେ ଗୋଡି ପ୍ରଥା ଆଦୌ ନାହିଁ । ମହିଳାମାନେ ପୁରୁଷମାନଙ୍କ ପରି ବିଲରେ କାମ କରିଥାନ୍ତି । ସ୍ୱାମୀକୁ ବିଭିନ୍ନ  କାମରେ ସାହାଯ୍ୟ କରିଥାନ୍ତି, ଜଙ୍ଗଲ ଯାଇଥାନ୍ତି । ଘରେ ମଧ୍ୟ କାମ କରିଥାନ୍ତି। କେବଳ ହଳ କରିପାରି ନଥାନ୍ତି । ସେମାନେ ମଧ୍ୟ ଧାନ ଉଡେଇ ପାରିବେନି, ଗଛ କାଟି ପାରିବେନି, ଘର ଉପରେ ଚଢ଼ି ଘର ଛପର କରିପାରିବେନି । ଘରର କାନ୍ଥ ଦେଇପାରିବେନି । ଏସବୁ କାମ ବ୍ୟତୀତ ପ୍ରାୟ ଅନ୍ୟ ସବୁକାମରେ ପୁରୁଷ  ଲୋକପରି ସ୍ତ୍ରୀମାନେ ବି କାମ କରିଥାନ୍ତି ।

ସେମାନେ ବିଭିନ୍ନ ଜିନିଷର କିଣାବିକା କରିବା ପାଇଁ ହାଟ ଇତ୍ୟାଦିକୁ ବା ପାଖ ବଜାରକୁ ଯାଇଥାନ୍ତି। ଏଥିରେ କୌଣସି ବାରଣ ନଥାଏ । ସେଠାରେ ସେମାନେ ବଳକା ଜିନିଷକୁ ବିକ୍ରି କରି ପ୍ରତିବଦଳରେ ଆବଶ୍ୟକ ଜିନିଷ ମଧ୍ୟ କିଣିକି ଆଣିଥାନ୍ତି । ଛୁଆମାନଙ୍କ ପାଇଁ ପୋଷାକ ପତ୍ର, ଘରର ସଉଦା ଇତ୍ୟାଦି କିଣିବା କାମ ପୁରୁଷ ସାଙ୍ଗରେ ଯାଇ  ସ୍ତ୍ରୀମାନେ କରିଥାନ୍ତି ।

ଅମଳବେଳେ ମଧ୍ୟ ସେମାନେ ଧାନକାଟିବା, ଧାନକୁ ବୋହି ଆଣି ଘରେ ରଖିବା, ଗଦାଦେବା, ଧାନ ପିଟିବା ଇତ୍ୟାଦି ସବୁ କାମ କରିଥାନ୍ତି ।

ଜାତାପୁ ସମାଜରେ ପିଲାଜନ୍ମ କରାଇବା ପାଇଁ ଜଣେ ପାରମ୍ପରିକ ଧାଈ ବା ଧାତ୍ରୀ ରହିଥାନ୍ତି । ସେମାନଙ୍କର ଗୋଟିଏ ଦିନ ଥାଏ, ସେଇ ଅଞ୍ଚଳ ଭିତରେ ସେମାନେ ଗର୍ଭବତୀ ମହିଳା ଓ ପ୍ରସୁତିଙ୍କର ଯତ୍ନ ନିଅନ୍ତି । ସେଥିପାଇଁ ସେ କୌଣସି ପ୍ରଶିକ୍ଷଣ ନେଇ ନ ଥାନ୍ତି ସତ, ହେଲେ ଅଭିଜ୍ଞତାରୁ ବହୁତ କିଛି ଜାଣିଥାନ୍ତି। ଘରେ ଘରେ ସେ

ପରିଚିତ । ଲୋକେ ତାଙ୍କୁ ଖୁବ୍ ଭଲ ପାଇଥାଆନ୍ତି, କାରଣ ଜନ୍ମ ଯନ୍ତ୍ରଣାରୁ ସେ ମଣିଷକୁ ଉଦ୍ଧାର କରିଥାଏ । ପିଲାଜନ୍ମ ହେବା ପୂର୍ବରୁ ସେ ପ୍ରସବ କଷ୍ଟ ହେବାଠାରୁ ପିଲାର ଜନ୍ମ କ୍ରିୟା ସରିବା ପର୍ଯ୍ୟନ୍ତ ଉପସ୍ଥିତ ରହିଥାନ୍ତି । ତା'ର ପ୍ରତିବଦଳରେ ତାଙ୍କୁ ସେମାନେ ଲୁଗା, ଖାଦ୍ୟ ସହ କିଛି ପାରିଶ୍ରମିକ ବି ଦେଇଥାନ୍ତି ।

ପରିବାରରେ ମହିଳାମାନଙ୍କୁ କିଛି ଖରାପ ନଜରରେ ଦେଖାଯାଇ ନ ଥାଏ । ଝିଅ ଜନ୍ମ ହେଲେ ସେମାନେ ଖୁସି ମଧ୍ୟ ହୋଇଥାନ୍ତି । ପରିବାର ଝିଅର ଲାଳନ ପାଳନ ଦାୟିତ୍ୱ ନେଇଥିଲେ ମଧ୍ୟ ସାହିପଡ଼ିଶା ଝିଅଟି ଉପରେ ନଜର ରଖିଥାନ୍ତି । ବିବାହପରେ ଶାଶୁଘର ଲୋକେ ତା'ର ସମସ୍ତ ଦାୟିତ୍ୱ ବହନ କରିବା ଫଳରେ ପିତୃପକ୍ଷ ମୁକ୍ତି ପାଇଥାନ୍ତି । ବାହାର ଲୋକମାନେ ଯଦି କେବେ କେହି ତାଙ୍କ ଝିଅ, ବୋହୂଙ୍କୁ ଖରାପ ନଜରରେ ଦେଖନ୍ତି, ତେବେ ସେମାନେ ତା'ର ଘୋର ବିରୋଧ କରିଥାନ୍ତି ।

କାଟିକିର ୬୦ ବର୍ଷୀୟା ଜାତାପୁ ମହିଳା କାଡ୍ରାକା ସକୁନ୍ତଳା ଜଣେ ଉତ୍ତମ ମହିଳା ବିଷୟରେ କହନ୍ତି "ଜଣେ ଉତ୍ତମ ମହିଳା ସମସ୍ତଙ୍କୁ ନିଜର ଭାବନ୍ତି, ତା'ର ଚରିତ୍ର ଉତ୍ତମ ଥିବ । ସମସ୍ତଙ୍କ ଛୁଆମାନଙ୍କୁ ନିଜର ବୋଲି ଭାବୁଥିବ, କାହାରି ସହିତ କଳିଗୋଳ ସୃଷ୍ଟି କରୁନଥିବ, ସମସ୍ତେ ଶ୍ରଦ୍ଧାରେ ଦେଉଥିବା ଜିନିଷକୁ ସାଦରେ ଗ୍ରହଣ କରୁଥିବ ।"

ଜଣେ ସୁନ୍ଦରୀ ମହିଳା କହିଲେ ସାଧାରଣତଃ କମ୍ ବୟସର ମହିଳାଙ୍କୁ ସେମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଥାନ୍ତି; ଯାହାରକି ରୂପ ତ ସୁନ୍ଦର ଥିବ, ତା' ସହିତ ଗୁଣ ମଧ୍ୟ ସୁନ୍ଦର ଥିବ ଅର୍ଥାତ୍ ଜଣେ ଉତ୍ତମ ମହିଳା ରୂପରେ ସୁନ୍ଦର ହେଲେ ସେ ଜଣେ ସୁନ୍ଦରୀ ମହିଳା ବିନା ଦ୍ୱିଧାରେ ହୋଇପାରିବ । ରୂପ ସୁନ୍ଦର ନ ଥାଇ ଗୁଣ ସୁନ୍ଦର ଥିଲେ ତାକୁ ଉତ୍ତମ ମହିଳା କୁହାଯାଇଥାଏ ।

ଜଣେ ପରିଶ୍ରମୀ ମହିଳା କହିଲେ ଯେଉଁ ମହିଳା ସବୁକାମ ବିନା ଦ୍ୱିଧାରେ କରିପାରୁଥିବ । ଘରକାମ, ବାହାରକାମ ସବୁଥିରେ ଧୁରନ୍ଧର ଥିବ ।

ଜାତାପୁ ଆଦିବାସୀ ଗୋଷ୍ଠୀରେ ପ୍ରାୟ ପ୍ରତ୍ୟେକ ମହିଳା ଗୀତଗାଇ ପାରନ୍ତି । ଜାତାପୁ ଝିଅମାନେ ମଧ୍ୟ ବିଭିନ୍ନ ପର୍ବପର୍ବାଣୀ ଇତ୍ୟାଦିରେ ପୁଅମାନଙ୍କ ସାଙ୍ଗରେ ଘୁମିର ନାଚି ଥାଆନ୍ତି । ସେମାନେ ପ୍ରାୟ ନାଚି ଶିଖିଥାନ୍ତି । ତେବେ କୌଣସି ଗୁରୁଙ୍କଠାରୁ ନୁହେଁ । ସେମାନେ ପାରମ୍ପରିକ ରୀତିରେ ଏହାକୁ ଶିଖି ଚାଲିଥାନ୍ତି ନିଜର ଗୁରୁଜନମାନଙ୍କ ଠାରୁ । ତେବେ ଆଜିକାଲି ନୃତ୍ୟଗୁରୁଙ୍କଠାରୁ ସେମାନେ ନୃତ୍ୟ ଶିକ୍ଷା କରିଲେଣି । ବିବାହ ପରେ ସ୍ୱାମୀ, ସ୍ତ୍ରୀର ଏବଂ ସ୍ତ୍ରୀ, ସ୍ୱାମୀର ହେଲେ ସବୁ ସ୍ୱାମୀ, ସ୍ତ୍ରୀଙ୍କ ଜୀବନଶୈଳୀ ଏକା ନଥାଏ।

ସେହି ଦମ୍ପତିଙ୍କୁ ଉତ୍ତମ ଦମ୍ପତି କୁହାଯାଇଥାଏ । ଯେଉଁ ଦମ୍ପତିଙ୍କ ମଧ୍ୟରେ ରହିଥାଏ ଉତ୍ତମ ବୁଝାମଣା ଏବଂ ସେମାନେ ଘରର ଦାୟିତ୍ୱ ସୁରୁଖୁରୁରେ ତୁଲାଇ ପାରୁଥାନ୍ତି ।

**ମହିଳାଙ୍କ ପ୍ରତି ଦଣ୍ଡବିଧାନ-**

ମହିଳାମାନେ କୌଣସି ଖରାପ କାମକଲେ ତା'ର ଦୁର୍ଗୁଣ ୫ ଲୋକ ବସିଥିବା ସଭାରେ କୁହାଯାଇ ତାକୁ ଅପମାନ କରାଯାଏ । ବେଳେବେଳେ ଏଥିପାଇଁ ମାଡ଼ ମଧ୍ୟ ମରାଯାଏ । ଅତିଗୁରୁତର କ୍ଷେତ୍ରରେ ସ୍ତ୍ରୀକୁ ଛାଡ଼ପତ୍ର ଦିଆଯାଏ । ସ୍ତ୍ରୀର ଦୋଷପାଇଁ ସ୍ୱାମୀକୁ ମଧ୍ୟ ଧିକ୍କାର କରାଯାଏ, ବେଳେବେଳେ ସମାଜରୁ ବାସନ୍ଦ କରା ଯାଇଥାଏ।

ଏହି ସମାଜରେ ମହିଳାମାନଙ୍କ ଉପରେ ସେମିତି କୌଣସି ଆଧୁନିକ ସମାଜର ଅତ୍ୟାଚାର ପରି ଅତ୍ୟାଚାର ହୋଇ ନ ଥାଏ । ସେମାନଙ୍କୁ ପ୍ରାୟତଃ ପୁଅମାନଙ୍କ ଭଳି ଅନ୍ୟମାନେ ଭଲପାଇଥାନ୍ତି । ଝିଅମାନଙ୍କୁ ମଧ୍ୟ ଆଗରୁ ପାଠପଢ଼ିବାକୁ ବା ବାହାରକୁ ଯିବାରେ ବାରଣ ଥିଲା । ତେଣୁ ଝିଅମାନେ କୂପମଣ୍ଡୂକ ହୋଇ ନିଜର ଦୁନିଆଁକୁ ସୀମିତ କରିନେଉଥିଲେ । ଏହାଛଡ଼ା ଯେହେତୁ ମହିଳା, ତେଣୁ ତାକୁ ପାଦେପାଦେ ଜଗିରହି ଚଳିବାକୁ ପଡ଼ିଥାଏ । ନହେଲେ ନିନ୍ଦା, ଅପବାଦର ବୃଷ୍ଟି ହୋଇଥାଏ ତା ଉପରେ । ମହିଳାମାନଙ୍କୁ ମଧ୍ୟ ଖୁବ୍ କାମ କରିବାକୁ ପଡ଼େ । ଘରର ଯାବତୀୟ କାମ; ପିଲାଛୁଆଙ୍କ କଥା ବୁଝିବା ପରେ ବି ତା'କୁ ବିଲବାଡ଼ି ଇତ୍ୟାଦିରେ କାମକରିବାକୁ ପଡ଼ିଥାଏ ।

ପ୍ରଥମେ ଝିଅଟିଏ ଜନ୍ମ ହେବାପରେ ଛୋଟବେଲୁ ତାକୁ ଝିଅ, ପୁଅର ପ୍ରଭେଦ ଭିତରେ ଗତିକାରିବାକୁ ପଡ଼ିଥାଏ । ଟିକିଏ ବଡ଼ ହୋଇଗଲେ ତାକୁ ଘରର କାମଧନ୍ଦା ସହ ବାପା ମା'ଙ୍କର ଅନୁପସ୍ଥିତିରେ ସାନଭାଇ ଭଉଣୀର ଦାୟିତ୍ୱ ଇତ୍ୟାଦି ନେବାକୁ ପଡ଼ିଥାଏ । ତାବାଦ୍ ପୁଣି ପୂର୍ଣ୍ଣତା ଆସିବା ପରେ ତାପାଇଁ ଥାଏ ଅନେକ ବାରଣ; ଯେମିତିକି ଏଠିକି ଯିବୁନି, ଏଇଆ କରିବୁନି, ସେଇଆ କରିବୁ ଇତ୍ୟାଦି । ତାପରେ ବିବାହ ସୂତ୍ରରେ ବାନ୍ଧି ହେବାପରେ ସଂପୂର୍ଣ୍ଣ ଘରର ଦାୟିତ୍ୱ ଆସିଯାଏ । ତା ଉପରେ ଘରୁ ଆସି ଅନ୍ୟ ଘରେ ସମସ୍ତଙ୍କର ମନନେଇ ଚଳିବାକୁ ପଡ଼ିଥାଏ । ସେଥିରେ ପୁଣି ଟିକିଏ ଅସୁବିଧା ହେଲେ ତାକୁ ଅନେକ କଥା ସହିବାକୁ ପଡ଼ିଥାଏ । ବେଳେବେଳେ ସ୍ୱାମୀର ନିର୍ଯ୍ୟାତନା ମଧ୍ୟ ସହିବାକୁ ପଡ଼େ । ବୋହୂ ହିସାବରେ ଅନେକ ନୀତିନିୟମ ଭିତରେ ବାନ୍ଧି ହୋଇ ରହିବାକୁ ପଡ଼େ । ସେଥିରେ ପୁଣି ଯଦି ସନ୍ତାନସନ୍ତତି ନହେଲା ବା ସ୍ୱାମୀ ମରିଗଲା ତା'ର କପାଳ ଫାଟିଲା । ସତେ ଯେମିତି ଏସବୁ ପାଇଁ ସେ ହିଁ ଦାୟୀ । ସବୁ ମୁଣ୍ଡପାତି ସେ ସହିଥାଏ । ତା'ପରେ ଶାଶୁଙ୍କ ନିର୍ଯ୍ୟାତନା ମଧ୍ୟ ତାକୁ ସହିବାକୁ ପଡ଼ିଥାଏ । ବୃଦ୍ଧାବସ୍ଥାରେ ଯଦି ରୋଗପୀଡ଼ିତ ହେଲା ସେଇଟା ମଧ୍ୟ ତା ପାଇଁ

ନର୍କଦଣ୍ଡ । ଏସବୁକୁ ଛାଡ଼ିଦେଲେ ଦୈନନ୍ଦିନ ଜୀବନରେ ଖାଦ୍ୟରେ, ପାଠ ପଢ଼ାରେ ଓ ଅନ୍ୟାନ୍ୟ କାମରେ ମଧ୍ୟ ସେ କେତେକ ଅସୁବିଧାର ସମ୍ମୁଖୀନ ହୋଇଥାଏ ।

ରାଜନୀତିକ କ୍ଷେତ୍ରରେ ଜାତାପୁ ମହିଳାମାନେ ଭାଗ ନେବା ସଂପୂର୍ଣ୍ଣ ନିଷିଦ୍ଧ । ସେମାନେ କୌଣସି ନିଷ୍ପତ୍ତି ଗ୍ରହଣ ବିଷୟ ଉପରେ ଭାଗ ନେଇନଥାନ୍ତି । ସେମାନେ ରାଜନୀତିକ ସଭା ଇତ୍ୟାଦିରେ ମଧ୍ୟ ଯୋଗ ଦେଇନଥାନ୍ତି । ଧାର୍ମିକ କ୍ଷେତ୍ରରେ ସେମାନଙ୍କର ଭୂମିକା ମଧ୍ୟ ଖୁବ୍‌କମ୍ । ସେମାନେ ବିଭିନ୍ନ ପ୍ରକାରର ଧାର୍ମିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିନଥାନ୍ତି । ଜଣେ ସ୍ତ୍ରୀଲୋକ ଦିଶାରୀ ହୋଇପାରେନା, ଋତୁସ୍ରାବ ସମୟରେ ଏବଂ ଗର୍ଭବତୀ ମହିଳାଙ୍କୁ ଠାକୁରଙ୍କ ପାଖକୁ ଯିବା ମନା । କେବଳ ନନ୍ଦିଆମା ଓଷାରେ ମହିଳାମାନେ ଅଂଶ ଗ୍ରହଣ କରି ସମସ୍ତ କାର୍ଯ୍ୟ ସମ୍ପାଦନ କରିପାରନ୍ତି । ଅନ୍ୟ ସମୟରେ ଠାକୁର ପାଖକୁ ଯାଆନ୍ତି, ହେଲେ ଖୁବ୍ କମ୍ ।

**ଜାତାପୁମାନଙ୍କ ସମାଜରେ ନାରୀମାନଙ୍କ ପରିବର୍ତ୍ତିତ ସ୍ଥିତି**

ସାମଗ୍ରୀକ ଭାବରେ ଦେଖିଲେ ଜାତାପୁ ସମାଜରେ ନାରୀ ଗୁରୁତ୍ୱ ଢ଼େର ଅଧିକ । ଗୃହ କର୍ମ, ଚାଷ କର୍ମ, ଶ୍ରମଦାନ ସହ ସାମାଜିକ ଭାଗିଦାରିତା କ୍ଷେତ୍ରରେ ତା'ର ଭୂମିକା ନିର୍ଣ୍ଣାୟକ ହୋଇଥାଏ । ମହିଳାମାନେ ବହୁ ପରିଶ୍ରମୀ ହୋଇଥିବାରୁ ସବୁ ପରିସ୍ଥିତିରେ ଖାପଖୁଆଇ ଚଳି ପାରନ୍ତି । ଏବେ ଅବଶ୍ୟ ସ୍ଥିତି ଅଲଗା । ଜାତାପୁ ସମାଜର ମହିଳାମାନେ ବି ପାରମ୍ପରିକ ବୃତ୍ତି ବାଉଁଶର କଳା କାରିଗରୀରେ ସିଦ୍ଧହସ୍ତା । ପୁରୁଷଙ୍କ ସମକକ୍ଷ ହୋଇ ବାଉଁଶକୁ ଚିରି ସେଥିରୁ ସୁନ୍ଦର ଆକର୍ଷଣୀୟ ଜିନିଷ ତିଆରି କରିପାରୁଛନ୍ତି । ସେମାନେ ଆଉ ଘରକୋଣରେ ସୀମିତ ନୁହଁନ୍ତି । ଜାତାପୁ ଝିଅମାନେ ପାଠ ପଢ଼ିଲେଣି । ବହୁ ଉଚ୍ଚ ଶିକ୍ଷିତା ନିଜ ସମାଜର ପାରମ୍ପରିକ ଧାରାକୁ ଭାଙ୍ଗି ସରକାରୀ ଚାକିରୀରେ ବି ଯୋଗଦାନ କଲେଣି । ରାଜନୀତିରେ ବି ଜାତାପୁ ମହିଳାମାନେ ଅଂଶଗ୍ରହଣ କଲେଣି । ବ୍ୟବସାୟୀକ କାରବାର, ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟା ଆଦି ଦିଗରେ ଜାତାପୁ ମହିଳାଙ୍କ ନିଷ୍ପତିକୁ ଏବେ ପରିବାରରେ ଅଗ୍ରାଧିକାର ନିଆଯାଉଛି । ସଂଖ୍ୟା ଦୃଷ୍ଟିରୁ ବିଶେଷ ଭାବରେ ଜନପଦ ଗୁଡ଼ିକରେ ନିଜର ଉପସ୍ଥିତିର ସାନ୍ଦ୍ରତା ଅଧିକ ନଥିଲେ ମଧ୍ୟ ପ୍ରଭାବଶାଳୀ ସକ୍ରିୟତା ସାମାଜିକ ସଂରଚନା କ୍ଷେତ୍ରରେ ନୂଆ ଜାଗରଣ ସୃଷ୍ଟି କରୁଛି । ଆଗାମୀ ସମୟ ପାଇଁ ଏହା ଶୁଭ ସଙ୍କେତ ନିଶ୍ଚିତ ।

**ସହାୟକ ଗ୍ରନ୍ଥସୂଚୀ :**

୧. ମାହାନା ରାଜକିଶୋର, ଜାତାପୁ ଜୀବନଧାରା (୨୦୦୭), ଆଦିବାସୀ ଭାଷା ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର ।

୨. ଓତା ଅଖିଳ ବିହାରୀ, କେ.କେ. ମହାନ୍ତି, ଏ.ସି.ସାହୁ, ଶରତ ଚନ୍ଦ୍ର ମହାନ୍ତି ଏବଂ ତ୍ରିଲୋଚନ ସାହୁ ୨୦୧୨) : ଓଡିଶାର ଜନଜାତି : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ, ଓଡ଼ିଶା ।

୩. ସାହୁ ଦ୍ୱିତୀଚନ୍ଦ୍ର, ଆଦିବାସୀ ଜନଜୀବନ (୨୦୨୪) ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ

(୧) ଶତାବ୍ଦୀ ବିହାର, ଲେନ୍ - ୧, କଟକ - ୧୪

(୨) ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର

❖❖❖

# ଆଧୁନିକତାର ସ୍ରୋତରେ ସଉରା ଜନଜାତି

**ଡ. ସୁରେନ୍ଦ୍ର ନାଥ ସାହୁ**

ଜନଜାତି ସମ୍ପ୍ରଦାୟ ଆମ ସମାଜର ଅବିଚ୍ଛେଦ୍ୟ ଅଙ୍ଗ । ଏମାନଙ୍କର ସଂସ୍କୃତିଦ୍ୱାରା ଆମ ସଂସ୍କୃତି ପରିପୁଷ୍ଟ । ଏମାନଙ୍କର ଧର୍ମବିଶ୍ୱାସ ଓ ପ୍ରକୃତିପ୍ରୀତି ଯୋଗୁଁ ପ୍ରକୃତି ଆଜି ସବୁଜିମାରେ ପରିପୂର୍ଣ୍ଣ । କିନ୍ତୁ ଆଧୁନିକ ସମାଜ ନିଜର ସଂକୀର୍ଣ୍ଣ ସ୍ୱାର୍ଥଲିପ୍ସା ଚରିତାର୍ଥ କରିବାକୁ ଜନଜାତି ସମାଜର ସାରଲ୍ୟ, ସହନଶୀଳତା ଓ ଅଜ୍ଞତାର ସୁଯୋଗ ନେବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି । ଏଥିଯୋଗୁଁ ଜନଜାତି ସମ୍ପ୍ରଦାୟ ଶୋଷଣ, ପୀଡ଼ନ ଓ ନିର୍ଯ୍ୟାତନାର ଶିକାର ହୋଇ ଆଧୁନିକ ସମାଜ ପ୍ରତି ସନ୍ଦେହ, ଅବିଶ୍ୱାସ ଓ ଘୃଣା ମନୋଭାବ ପୋଷଣ କରୁଛନ୍ତି । ଫଳରେ ଦୁଇଟି ସମାଜ ମଧ୍ୟରେ ମେଘନାଦ ପାଚେରୀ ଠିଆହୋଇଛି । ସଂପ୍ରତି ଏହି ମେଘନାଦ ପାଚେରୀକୁ ଭାଙ୍ଗିବାକୁ ପ୍ରବଳ ଉଦ୍ୟମ ଚାଲିଛି । ଏଥିପାଇଁ ଓଡ଼ିଶା ଓ ଭାରତ ସରକାର ସାମାଜିକ ନ୍ୟାୟ ଦେବା ଉଦ୍ଦେଶ୍ୟରେ ଶିକ୍ଷାର ପ୍ରସାର, ନିଯୁକ୍ତି ଆଦିରେ ସଂରକ୍ଷଣ ଏବଂ ବୃତ୍ତିଦାନର ବ୍ୟବସ୍ଥା କାର୍ଯ୍ୟକାରୀ କରୁଛନ୍ତି ।

ଆମ ଦେଶର ଶିକ୍ଷା, ଆର୍ଥନୀତିକ ଓ ସାମାଜିକ ସ୍ଥିତିକୁ ଲକ୍ଷ୍ୟକଲେ ଜଣାଯାଏ ଯେ, ଜନଜାତିମାନେ ଅନେକ କ୍ଷେତ୍ରରେ ପଛୁଆ । ଭାରତରେ ଥିବା ପ୍ରାୟ ୭୦୦ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ମଧ୍ୟରୁ ଓଡ଼ିଶାରେ ବସବାସ କରନ୍ତି ୬୪ ପ୍ରକାରର ଜନଜାତି । ସେହିପରି ଭାରତରେ ମୋଟ ୭୫ଟି ବିଶେଷ ଭାବେ ଅନୁନ୍ନତ ଜନଜାତି ସମ୍ପ୍ରଦାୟ ବାସକରୁଥିବାବେଳେ ଓଡ଼ିଶାରେ ହିଁ ସର୍ବାଧିକ ୧୩ଟି ଗୋଷ୍ଠୀର ବିଶେଷ ଭାବେ ଅନୁନ୍ନତ ଜନଜାତି ସମ୍ପ୍ରଦାୟ ବାସକରନ୍ତି । ବିଶେଷ ଭାବେ ଅନୁନ୍ନତ ସଉରା ଓ ଲାଞ୍ଜିଆ ସଉରା ଜନଜାତି ସଉରା, ଶବର, ସଉର, ସହର, ସରା ଆଦି ନାମରେ ପରିଚିତ । ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ତଥା ଆସାମର ବିଭିନ୍ନ ଅଂଚଳରେ ଏମାନେ ବସବାସ କରନ୍ତି । ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଊଣାଅଧିକେ ରହୁଥିବା ସଉରାମାନେ ପୂର୍ବଘାଟ ପାର୍ବତ୍ୟାଂଚଳରେ ଥିବା ଗଜପତି, ଗଞ୍ଜାମ ଓ ରାୟଗଡ଼ା ଜିଲ୍ଲାରେ କେଉଁ ଆବହମାନକାଳରୁ ବହୁସଂଖ୍ୟାରେ ବସବାସ କରିଆସୁଛନ୍ତି । ଜଗନ୍ନାଥ ସଂସ୍କୃତି ସହିତ ଓତପ୍ରୋତ ଭାବେ ଜଡ଼ିତ ଏହି ପୁରାଣ ପ୍ରସିଦ୍ଧ ଜନଜାତିଙ୍କର ବୈଶିଷ୍ଟ୍ୟ କେବଳ ସଂଖ୍ୟା ଦୃଷ୍ଟିରୁ ନୁହେଁ, ଐତିହାସିକ ଓ

ସାଂସ୍କୃତିକ ଦୃଷ୍ଟିକୋଣରୁ ମଧ୍ୟ ସମଗ୍ର ଭାରତରେ ପ୍ରସାରିତ । ଏମାନଙ୍କର ସାମାଜିକ ଜୀବନ ଓ ବିଧିବିଧାନ, ଆର୍ଥନୀତିକ ସ୍ଥିତି, ରାଜନୀତିକ ଜୀବନ, ଲୋକବିଶ୍ୱାସ ଓ ପର୍ବପର୍ବାଣୀ ଏବଂ ଭାଷା ଓ ସାହିତ୍ୟ ଆଧୁନିକତାର ପ୍ରଭାବ ସତ୍ତ୍ୱେ ଅଦ୍ୟାବଧି ଗତିଶୀଳ ହୋଇ ରହିଆସିଛି ।

**ଜୀବନ ଶୈଳୀ**

ସାମାଜିକ ଚଳଣି, ପ୍ରଥା, ପରମ୍ପରା, ବୃତ୍ତି ଓ ଖାଦ୍ୟାଭ୍ୟାସକୁ ଭିତ୍ତି କରି ସଉରା ସମାଜ ବହୁ ଶାଖାରେ ବିଭକ୍ତ । ସଉରାମାନେ ସାଧାରଣତଃ ଦଳବଦ୍ଧ ଭାବେ ଗୋଟିଏ ଗାଁରେ ବସବାସ କରିବାକୁ ଭଲପାଆନ୍ତି । ଗାଁରେ ସାମାଜିକ ଓ ରାଜନୀତିକ କାର୍ଯ୍ୟାବଳୀରେ ଏକତା, ସଂହତି, ସଂଯୋଗ ଓ ନିରବଚ୍ଛିନ୍ନତା ଥାଏ । ସଉରା ସମାଜର ମୁଖ୍ୟ ଗମାଙ୍ଗଙ୍କ ଅଧୀନରେ ଦଳବେହେରା ଓ ମଣ୍ଡଳ ଥାଆନ୍ତି ଏବଂ ଅନ୍ୟମାନେ ରଇତ ଅଟନ୍ତି । ଗ୍ରାମବିବାଦ ଓ ବିଚାରଯୋଗ୍ୟ ଘଟଣାଗୁଡ଼ିକ ଗ୍ରାମ ପରିଷଦରେ ପରିବାର ସଦସ୍ୟ ଓ ଗ୍ରାମ ନେତୃବୃନ୍ଦଙ୍କ ଉପସ୍ଥିତିରେ ଗମାଙ୍ଗଙ୍କ ସଭାପତିତ୍ୱରେ ବିଚାର କରାଯାଏ । ଗ୍ରାମସଭାରେ ଗ୍ରାମର ପର୍ବପର୍ବାଣୀ ବିଷୟରେ ଆଲୋଚନା ହେବା ସହିତ କେଉଁ ଦିନ ପାଳନ କରାଯିବ ଓ କିପରି ପାଳନ କରାଯିବ, ତାହା ସ୍ଥିର କରାଯାଇଥାଏ । ଦିନ ଥିଲା ଏହି ଉନ୍ନତ ଓ ଶୃଙ୍ଖଳିତ ଗ୍ରାମ ସଂଗଠନ ଏମାନଙ୍କୁ ଉଚିତ ମାର୍ଗରେ ପରିଚାଳିତ କରିବା ସହିତ ଶୃଙ୍ଖଳା ଓ ଶିଷ୍ଟାଚାର, ଆନ୍ତରିକତା ଓ ନିଷ୍ଠା, ପ୍ରେମ ଓ ଶ୍ରଦ୍ଧା, ପରୋପକାରିତା ଓ ପ୍ରତିଶ୍ରୁତି ପାଳନ ଏବଂ ଅସହାୟଙ୍କୁ ନ୍ୟାୟ ପ୍ରଦାନ କରିବାର ଶିକ୍ଷା ଦେଉଥିଲା । କିନ୍ତୁ ଆଜିର ଆଧୁନିକ ପଂଚାୟତ ବ୍ୟବସ୍ଥାରେ ଏସବୁ ଲକ୍ଷଣ କେତେ ମାତ୍ରାରେ ପ୍ରକାଶ ପାଉଛି ତାହା ଚିନ୍ତା କରିବାର କଥା । ପଞ୍ଚାୟତରାଜ ବ୍ୟବସ୍ଥାର ପରିସର ବୃଦ୍ଧି ପାଇବାଦ୍ୱାରା ପାରମ୍ପରିକ ଗ୍ରାମସଭାର ପ୍ରଥା ମଧ୍ୟ ଲୋପପାଇବାକୁ ବସିଲାଣି । ଫଳରେ ଏମାନଙ୍କର ସଂସ୍କୃତି ଓ ପରମ୍ପରାରେ ଶିଥିଳତା ଆସିଛି ।

ସଉରାମାନଙ୍କର ପ୍ରଧାନ ଖାଦ୍ୟ (ସିତିରିକୁଲ) ମାଣ୍ଡିଆ ଜାଉ । ଏତଦ୍‌ବ୍ୟତୀତ ଭାତ, ସୁଆଁ, କୋଳଥ, କାନ୍ଦୁଲକୁ ଏମାନେ ଖାଦ୍ୟଭାବେ ଗ୍ରହଣ କରିଥା'ନ୍ତି । ସଲପ ରସ ଏମାନଙ୍କର ମୁଖ୍ୟ ପାନୀୟଦ୍ରବ୍ୟ । ମହୁଲି ଓ ଖଜୁରୀ ମଦକୁ ଉଭୟ ପୁରୁଷ ଓ ସ୍ତ୍ରୀଲୋକମାନେ ପାନୀୟ ରୂପେ ଗ୍ରହଣ କରିଥା'ନ୍ତି । ଶିକ୍ଷିତ ଯୁବକଯୁବତୀମାନେ ମଦ୍ୟପାନକୁ ପସନ୍ଦ କରୁନାହାନ୍ତି ଓ ମଦ୍ୟପାନଠାରୁ ନିଜକୁ ଦୂରେଇ ରଖୁଛନ୍ତି । କେବଳ ସଂସ୍କୃତିର ନିଦର୍ଶନ ସ୍ୱରୂପ ମଦ ପର୍ବପର୍ବାଣିରେ ବ୍ୟବହୃତ ହୋଇଆସୁଛି ।

ଲାଞ୍ଜିଆ ସଉରା ସମ୍ପ୍ରଦାୟର ପୋଷାକ ଓ ପରିଧାନ ଶୈଳୀ ସ୍ୱତନ୍ତ୍ର । ଲାଞ୍ଜିଆ ସଉରା ପୁରୁଷମାନେ ଲମ୍ବା ଓ ଅଣଓସାରିଆ କପଡ଼ାକୁ ଏମିତି ବାଗରେ ପିନ୍ଧନ୍ତି ଯେପରି ଲାଲ ରଙ୍ଗରେ ସୂଚୀକର୍ମ କରାଯାଇଥିବା ଦୁଇ ପ୍ରାନ୍ତଭାଗ ଲାଞ୍ଜ ଭଳି ଆଗକୁ ଓ ପଛକୁ ଝୁଲି ରହେ । ଏହି କାରଣରୁ ପଡ଼ୋଶୀମାନେ ଏମାନଙ୍କୁ ଲାଞ୍ଜିଆ ସଉରା

ବୋଲି କୁହନ୍ତି । ଜଣେ ସଉରା ମହିଳାର ପାରମ୍ପରିକ ପରିଧାନ ହେଉଛି ଅଂଟାରେ ଗୁଡ଼େଇ ପିନ୍ଧାଯାଉଥିବା ତିନିଫୁଟ ଲମ୍ବ ଓ ଦୁଇଫୁଟ ଚଉଡ଼ାର ଖଣ୍ଡେ ଧୂସର ଓ ନାଲି ଧଡ଼ିଯୁକ୍ତ ମୋଟା କପଡ଼ା । ଏହା ପ୍ରାୟତଃ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥାଏ । ଅଂଟା ପାଖରେ ଶରୀରର ଉପର ଅଂଶକୁ ଆଉଖଣ୍ଡେ କପଡ଼ାରେ ଆବୃତ କରେ । କପଡ଼ାର ଦୁଇ ମୁଣ୍ଡକୁ ଆଗ ପଟରୁ ପଛ ପଟକୁ ନେଇ ପଛପଟେ ଗୋଟିଏ ଗଣ୍ଠି ପକାଯାଏ । ଆଜିକାଲି ଏହି ସଂପ୍ରଦାୟରେ ଯେଉଁମାନେ ପାଠପଢ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେଲେଣି, ସେମାନେ ଆଧୁନିକ ସମାଜର ପୋଷାକ ପରିଛଦକୁ ଆପଣେଇ ପ୍ୟାଂଟ୍, ସାର୍ଟ, ପଞ୍ଜାବୀ, ଟ୍ରାଉଜର୍, ଶାଢ଼ୀ, ସାୟା, ବ୍ଲାଉଜ୍, ଚୁଡ଼ିଦାର୍, ଲାଙ୍ଗା ଆଦି ପିନ୍ଧିବାକୁ ପସନ୍ଦ କରୁଛନ୍ତି । ତଥାପି ମଧ୍ୟ ପର୍ବପର୍ବାଣିରେ ପାରମ୍ପରିକ ପୋଷାକ ପିନ୍ଧିବାକୁ ଏହି ସଂସ୍କୃତିପ୍ରେମୀ ଜନଜାତି ଭୁଲନ୍ତି ନାହିଁ । ଅଳଙ୍କାର ପ୍ରିୟ ସଉରା ଜନଜାତି ହାତ ଆଙ୍ଗୁଠିରେ ମୁଦି, ବେକରେ ମାଳି, କାନରେ ଅଳଙ୍କାର, ଗୋଡ଼ ଆଙ୍ଗୁଠିରେ ଝୁଂଟିଆ ପରିଧାନ କରନ୍ତି । ନାକରେ କେହିକେହି ସାନ ନାକଫୁଲ ପିନ୍ଧିବାର ଦେଖାଯାଏ । ଆଜିକାଲି ଏହି ପାରମ୍ପରିକ ଅଳଙ୍କାରର ବ୍ୟବହାର କ୍ୱଚିତ୍ ଦେଖିବାକୁ ମିଳେ । କେବଳ ପର୍ବପର୍ବାଣୀ, ବିବାହ ଓ ଉତ୍ସବମାନଙ୍କରେ ବୟସ୍କ ସଉରାମାନେ ପାରମ୍ପରିକ ଅଳଙ୍କାର ପରିଧାନ କରୁଛନ୍ତି ।

ସଉରାମାନଙ୍କର କଳାପ୍ରୀତି ସେମାନଙ୍କ ବାସଗୃହରୁ ଜଣାପଡ଼ିଥାଏ । ଘରର କାନ୍ଥ, ବାରଣ୍ଡା, ଦୁଆର, ଚଟାଣ, ରଙ୍ଗମାଟି ଓ ଗୋବର ଦ୍ୱାରା ଲିପା ହୋଇ ସୁନ୍ଦର ଦିଶେ । ଏମାନେ ଘରର ଭିତର କାନ୍ଥରେ ବିଭିନ୍ନ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାରର ଚିତ୍ର ଅଙ୍କନ କରିଥାନ୍ତି । ରୋଗ ନିବାରଣ ପାଇଁ, ଜମିର ଉର୍ବରତା ବଢ଼ାଇବା ପାଇଁ, କୃଷିର ଉନ୍ନତି ପାଇଁ, ସର୍ବ ଶାନ୍ତି ପାଇଁ, ବିପଦଆପଦରୁ ରକ୍ଷା ପାଇବା ପାଇଁ, ବଗଡ଼ ଚାଷରୁ ରକ୍ଷା ପାଇବା ନିମନ୍ତେ, ମୃତବ୍ୟକ୍ତି ଓ ଦେବତାମାନଙ୍କ ଉଦ୍ଦେଶ୍ୟରେ ଘର କାନ୍ଥରେ ଅଙ୍କାଯାଇଥିବା ଝୋଟିକୁ ସଉରାଭାଷାରେ ଇଡିତାଲ୍ କୁହାଯାଏ । ସଉରା ଭାଷାରେ 'ଇଡ୍'ର ଅର୍ଥ ଚିତ୍ର ଓ 'ତାଲ୍'ର ଅର୍ଥ କାନ୍ଥ । ଇଡ଼ିତାଲ୍‌ରେ ପ୍ରତିଫଳିତ ହେଉଥିବା କଳା ଓ କଳ୍ପନାତ୍ମକ ଦୃଷ୍ଟିଭଙ୍ଗୀ ଯୋଗୁଁ ଏମାନଙ୍କ ଚିତ୍ରକଳା ଦେଶବିଦେଶର ଚିତ୍ରଶିଳ୍ପୀମାନଙ୍କଦ୍ୱାରା ବେଶ୍ ଆଦୃତ ହୋଇପାରିଛି । ସଂପ୍ରତି ଆଧୁନିକ କଳାକୃତିର ଇତିହାସ ଅଧ୍ୟୟନ ନିମନ୍ତେ ଆଦିବାସୀ ଅଂଚଳର ଅନ୍ଧାର କୁଡ଼ିଆ ଘର ଓ ଗିରିଗୁହାର ଆଦିମ ଚିତ୍ରକଳା ସମୂହକୁ ଖୋଜିବାର ସମୟ ଉପଗତ । ଏପରିକି କେତେକ ସଉରା ଖ୍ରୀଷ୍ଟଧର୍ମକୁ ଗ୍ରହଣ କରି ମଧ୍ୟ ନିଜର ଭାଷା ଓ ସଂସ୍କୃତିକୁ ଛାଡ଼ି ପାରୁନାହାନ୍ତି । କେବଳ ଧର୍ମ ବିଶ୍ୱାସରେ ହିଁ ଯାହା ପରିବର୍ତ୍ତନ ଘଟିଛି ।

ସଉରାମାନେ ବହୁଦେବଦେବୀରେ ବିଶ୍ୱାସ କରନ୍ତି । ଏମାନେ ଏକେଶ୍ୱରବାଦୀ ନୁହନ୍ତି । ଦେବଦେବୀମାନେ କୌଣସି ସ୍ୱର୍ଗଲୋକର ବୋଲି ଏମାନେ ବିଶ୍ୱାସ କରନ୍ତି ନାହିଁ । ବରଂ ଏହି ଦେବଦେବୀମାନେ ଏମାନଙ୍କ ପାଖେପାଖେ ଥାଆନ୍ତି । ସୁଖ-ଦୁଃଖ, ହାନି-ଲାଭର ସାଥୀ ହୁଅନ୍ତି । ବିପଦଆପଦରୁ ରକ୍ଷାକରନ୍ତି । ଆଧୁନିକତାର ପ୍ରଭାବ ସଉରା ସମାଜରେ ପରିଲକ୍ଷିତ ହେବା ଫଳରେ ଏମାନେ ବିଷ୍ଣୁ ଓ ଶିବ ମନ୍ଦିର ଯାଉଛନ୍ତି ଏବଂ ଉତ୍କଳୀୟ

ପର୍ବପର୍ବାଣିରେ ବହୁସଂଖ୍ୟାରେ ସାମିଲ୍ ହେଉଛନ୍ତି । ସଉରା ଭକ୍ତି ନାଚ ଓ ଗୀତକୁ ଆଧୁନିକ ଢଙ୍ଗରେ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମର ସୁଯୋଗ ନେଇ ବହୁଳ ପ୍ରଚାର ଓ ପ୍ରସାର କରୁଛନ୍ତି ।

ପୁଅ ହେଉ ବା ଝିଅ, ସଉରାମାନେ ଜନ୍ମକାଳୀନ ବିଧିବିଧାନକୁ ବହୁ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ପରିବାରରେ ଛୋଟପିଲା ଥିଲେ ସେ ପରିବାର ସ୍ୱର୍ଗ ଭଳି ଲାଗେ । ଏଣୁ ପରିବାରରେ ପିଲା ନ ଥାଇ ଜୀବନ ଜିଇବା ମୂଲ୍ୟହୀନ ବୋଲି ଏମାନେ କହିଥାନ୍ତି । ବିବାହ ପରେ ଯଥାଶୀଘ୍ର ସନ୍ତାନପ୍ରାପ୍ତିକୁ ସଉରା ସଂପ୍ରଦାୟ ଅଧିକ ଗୁରୁତ୍ୱ ଦେଇଥାନ୍ତି । ତେଣୁ ଶିଶୁ ଜନ୍ମହେବା ଓ ବନ୍ଧ୍ୟାଦୋଷ ନିବାରଣ ପାଇଁ ବହୁ ବିଧିବିଧାନ ପାଳନ କରିଥାନ୍ତି । ସନ୍ତାନପ୍ରାପ୍ତି ପାଇଁ ସେମାନେ ଉୟୁଁସୁମ୍ (ସୂର୍ଯ୍ୟଦେବତା) ଓ ଆଙ୍ଗାଇସୁମ୍(ଚନ୍ଦ୍ରଦେବତା)ଙ୍କୁ ପୂଜା କରିଥାନ୍ତି । ଯେଉଁମାନଙ୍କର ସନ୍ତାନ ହୁଏ ନାହିଁ କିମ୍ବା ସନ୍ତାନ ପ୍ରାପ୍ତି ବିଳମ୍ବ ହୁଏ ସେମାନେ ଗୁଣିଗାରେଡ଼ି ଓ ଚେରମୂଳିର ଆଶ୍ରୟ ନିଅନ୍ତି । ପ୍ରସୂତୀ ମା'ର କ୍ଷୀର ବୃଦ୍ଧି ହେବାପାଇଁ ସଉରାମାନେ ଇଡ଼ାଇବଇ(ଦେବଦାସୀ)ଙ୍କୁ ନିଷ୍ଠାର ସହିତ ପୂଜା କରିଥାନ୍ତି । ଆପ୍‌ଡ଼ିବଣ୍ଡାଂ (ନାଭିଦେବତା)ଙ୍କୁ ନବଜାତ ଶିଶୁର ନାଭି ସହଜରେ ଶୁଖିବା, ଶିଶୁ ଓ ମା'ର ସ୍ୱାସ୍ଥ୍ୟ ଭଲ ରହିବା ନିମନ୍ତେ ଶ୍ରଦ୍ଧା ଓ ଭକ୍ତିର ସହିତ ପୂଜା କରିଥାନ୍ତି । ସଉରାମାନେ ଏହି ବିଶ୍ୱାସକୁ ନେଇ ଆଜିବି ଗୌରବାନ୍ୱିତ । ସଉରାମାନେ ଜନ୍ମିତ ପିଲାଟିକୁ ପୂର୍ବପୁରୁଷଙ୍କ ଡୁମା ଭାବେ ଗ୍ରହଣ କରି ସେହିମାନଙ୍କ ମଧ୍ୟରୁ କିଏ ପୁନର୍ଜନ୍ମ ନେଇଛି ବୋଲି ବିଶ୍ୱାସକରି ସେମାନଙ୍କ ନାମାନୁସାରେ ଶିଶୁଟିର ନାମକରଣ କରିଥାନ୍ତି । କେତେକ ପିତାମାତା ନିଜ ଇଚ୍ଛା ଅନୁସାରେ ତ ଆଉ କେତେକ ଋତୁ, ମାସ, ବାର, ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ନାମାନୁସାରେ ଶିଶୁର ନାମକରଣ କରିଥାନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ଆଧୁନିକ ପରମ୍ପରାକୁ ଆଦରି ନେଉଥିଲେ ମଧ୍ୟ ସଉରାମାନେ ଗ୍ରାମ୍ୟ ପରିବେଶରେ ନିଜର ସଂସ୍କୃତିକୁ ଆଜିବି ଚଳଚଂଚଳ କରି ରଖିଛନ୍ତି । ଋତୁବତୀ କନ୍ୟା, ମୃତ୍ୟୁକାଳୀନ ବିଧି ବିଧାନ, ଭକ୍ତି, ଶ୍ରଦ୍ଧା ଓ ସମର୍ପଣରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି । ସଉରା ସମାଜ ଏବେ ଆଧୁନିକତାର ସ୍ପର୍ଶରେ ରୋମାଞ୍ଚିତ ।

## ସଉରା ସଂପ୍ରଦାୟର ଆର୍ଥନୀତିକ ସ୍ଥିତି

ଜନଜାତିମାନଙ୍କର ଆର୍ଥନୀତିକ ଜୀବନ ସ୍ୱଚ୍ଛଳ ନୁହେଁ । ଏମାନଙ୍କର ଅର୍ଥନୀତି ସାଧାରଣତଃ ପରମ୍ପରା ଓ ପରିବେଶକୁ ନେଇ ଗଢ଼ି ଉଠିଥାଏ । ଲାଞ୍ଜିଆ ସଉରା ଗୋଷ୍ଠୀଙ୍କର ଖାଦ୍ୟସଂଗ୍ରହ ଓ ଶିକାର ସାଙ୍ଗକୁ ପୋଡୁଚାଷ ଭିତ୍ତିକ ଅର୍ଥନୀତି ଅନ୍ୟତମ ଅଟେ । ଜମି ଓ ଜଙ୍ଗଲ ଉପରେ ନିର୍ଭରକରି ସଉରାମାନେ ଜୀବନ ଓ ଜୀବିକା ନିର୍ବାହ କରନ୍ତି । ବଣରୁ ଫଳମୂଳ ସଂଗ୍ରହ, ପଶୁପକ୍ଷୀ ଶିକାର, ନଦୀନାଳରୁ ମାଛ ଏବଂ ଗୃହପାଳିତ ପଶୁପକ୍ଷୀକୁ ନେଇ ସଉରା ଜୀବନ ଅତିବାହିତ ହୋଇଥାଏ । ଏମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇଥିଲେ ମଧ୍ୟ ସଦାସର୍ବଦା ଖୁସି ଜୀବନଯାପନ କରିଥାନ୍ତି । ପରିଶ୍ରମ କରି ବଂଚିବା ସଉରାମାନଙ୍କର ମୂଳମନ୍ତ୍ର । ପ୍ରାକୃତିକ ପରିବେଶ ଓ

ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ସାଙ୍ଗକୁ ଜନସଂଖ୍ୟା ବୃଦ୍ଧି ପାରମ୍ପରିକ ଭାବରେ ଶିକାର, ପୋଡୁଚାଷ, ପଶୁପାଳନ, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଆଦିରୁ ସଉରାମାନେ ଓହରି ଯାଉଛନ୍ତି । ଏହାର ବିକଳ୍ପ ଭାବରେ ଏମାନେ ଏବେ ସାଧାରଣ କୃଷି, ଉଦ୍ୟାନକୃଷି ଓ ଦିନ ମଜୁରୀକୁ ଜୀବିକା ନିର୍ବାହର ଅନ୍ୟତମ ଉପାୟ ଭାବରେ ବାଛି ନେଇଛନ୍ତି । କାମ ନ ମିଳିବା ସମୟରେ ଏମାନେ ଜୀବନ ଜୀବିକା ପାଇଁ ମହାରାଷ୍ଟ୍ର, ଆସାମ ଓ ଅରୁଣାଚଳପ୍ରଦେଶ ଆଦି ସ୍ଥାନକୁ ଚାଲିଯାଉଥିବାର ଦେଖିବାକୁ ମିଳୁଛି । ସେଠାରେ ଏମାନେ ବଢ଼େଇ କାମ, ରାଜମିସ୍ତ୍ରୀ କାମ, ପାଣିପାଇପ୍ କାମ, ଅଟୋଚାଳକ, ଯନ୍ତ୍ରପାତି ଚାଳନା, ରାସ୍ତାଘାଟ ଓ ଗୃହନିର୍ମାଣ ଓ ଚାହା ବଗିଚା କାମ ପରି କେତେକ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ କାମ କରୁଛନ୍ତି ।

**ଶେଷକଥା**

ସଉରାମାନଙ୍କର ସରଳ ଜୀବନଯାପନ ଓ ନିଷ୍ପତ୍ତି ବ୍ୟବସ୍ଥା, ପାରସ୍ପରିକ ସଂହତି ଓ ଐକ୍ୟ, ନିବିଡ଼ ପାରିବାରିକ ସଂପର୍କ ଓ ପର୍ବପର୍ବାଣିରେ ପାରସ୍ପରିକ ସହଯୋଗ, ଆତିଥେୟତା, ଧର୍ମବିଶ୍ୱାସ, ଲୋକବିଶ୍ୱାସ ଓ ଲୋକାଚାର ଆଜି ମଧ୍ୟ ଅକ୍ଷୁଣ୍ଣ । ଆଧୁନିକତାର ଝାଞ୍ଜିବାତ୍ୟା,ଅନୁପ୍ରବେଶ ଘଟିଥିଲେ ସୁଦ୍ଧା ଏମାନଙ୍କ ଚିରାଚରିତ, ମୌଳିକ ସଂସ୍କୃତି ଓ ସାମାଜିକ ଚଳଣି ଅପରିବର୍ତ୍ତିତ ହୋଇରହିଛି ।

ସଉରାମାନେ ଆଜିକାଲି ଉଚ୍ଚ ଶିକ୍ଷିତ ହୋଇ ସାମାଜିକ ବିକାଶ ଧାରାରେ ଅଂଶଗ୍ରହଣ କଲେଣି । ନୂତନ ଚିନ୍ତାଧାରା ସଉରା ଯୁବକଯୁବତୀମାନଙ୍କ ମନରେ ପ୍ରବେଶ କରିବା ଫଳରେ ସଉରା ସଂପ୍ରଦାୟର ମୌଳିକ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଧୀରେଧୀରେ ଲୋପ ପାଇବାକୁ ବସିଛି । ବିକାଶ ଓ ଆଧୁନିକତା ନାମରେ ପ୍ରତାରଣା ଓ ଠକାମିର ଶିକାର ହେଉଛନ୍ତି ଏହି ସରଳ ବିଶ୍ୱାସୀ ସଉରାମାନେ । ସଉରା ସମାଜରେ ଆଧୁନିକତାର ବହୁ ପ୍ରଭାବ ପଡୁଥିବାରୁ କ୍ରମଶଃ ସେମାନଙ୍କର ସାମାଜିକ ସଂସ୍ଥାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ ।

**ସହାୟକ ପୁସ୍ତକ:**

୧. ଓତା ଅଖିଳ ବିହାରୀ ଏବଂ ମହାନ୍ତି, ଶରତ ଚନ୍ଦ୍ର; 'ଲାଞ୍ଜିଆ ସଉରା', ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ।

୨. ଓତା ଅଖିଳ ବିହାରୀ ଏବଂ ମହାନ୍ତି, ଶରତ ଚନ୍ଦ୍ର; 'ସଉରା', ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ।

୩. Gamang, Giridhar; 'Sabara Tribe in India'.

୪. ସାହୁ ସୁରେନ୍ଦ୍ର ନାଥ; 'ଗଜପତିର ସଉରା ଜନଜାତି', ଏଥେନା ବୁକ୍ସ, ଭୁବନେଶ୍ୱର ।

୫. ମେହେର ରଘୁନାଥ; ଦକ୍ଷିଣ ଓଡ଼ିଶାର ଆଦିବାସୀ ସଂସ୍କୃତି, ସାହିତ୍ୟ ଶ୍ୱେତପଦ୍ମା, ଭୁବନେଶ୍ୱର

୬. ସେନାପତି ରବିନ୍ଦ୍ର ମୋହନ; ଓଡ଼ିଶାର ଆଦିବାସୀ, ବିଦ୍ୟାଭାରତୀ ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ
ଓ ସଉରା ଜନଜାତି ଗବେଷକ
କବିସୂର୍ଯ୍ୟନଗର, ଗଞ୍ଜାମ

❖❖❖

# ଓଡିଶାର ଜନଜାତି



ସଉରା



ଶବର ଲୋଧା



ସାଉଣ୍ଟି



ଥାରୁଆ

# ଜନଜାତିଙ୍କ ବାସଗୃହ



ବଣ୍ଡା



ଚୁକଟିଆ ଭୁଞ୍ଜିଆ



ଡିଡାୟୀ

# ଜନଜାତିଙ୍କ ବାସଗୃହ



ଡଙ୍ଗରିଆ କନ୍ଧ



ଜୁଆଙ୍ଗ



ପାହାଡ଼ି ଖଡ଼ିଆ

# ଜନଜାତିଙ୍କ ବାସଗୃହ



ମାଙ୍କିଡ଼ିଆ ଓ ବିରହୋର



କୁଟିଆ କନ୍ଧ



ଲାଞ୍ଜିଆ ସଉରା / ସଉରା

# ଜନଜାତିଙ୍କ ବାସଗୃହ



ଲୋଧା



ପାଉଡି ଭୂୟାଁ

# ଜନଜାତିଙ୍କ ପାରମ୍ପରିକ ବୃତ୍ତି



ବଣ୍ଡା



ଜୁଆଙ୍ଗ



ଚୁକଟିଆ ଭୁଞ୍ଜିଆ

# ଜନଜାତିଙ୍କ ପାରମ୍ପରିକ ବୃତ୍ତି



ଡଙ୍ଗରିଆ କନ୍ଧ



ପାହାଡ଼ି ଖଡ଼ିଆ

# ଜନଜାତିଙ୍କ ପାରମ୍ପରିକ ବୃତ୍ତି



ମାଙ୍କିଡ଼ିଆ ଓ ବିରହୋର



କୁଟିଆ କନ୍ଧ



ଲାଞ୍ଜିଆ ସଉରା / ସଉରା

# ପରିବର୍ତ୍ତନ ଧାରାରେ ବାଥୁଡ଼ି ନୃତ୍ୟ ସଂଗୀତ

ଡ. ରାଜକିଶୋର ନାୟକ

ଓଡ଼ିଶା ଆଦିବାସୀ ଜୀବନଚର୍ଯ୍ୟାର ଏକ ପବିତ୍ର ଭୂମି । ଏହାର ସୁବିସ୍ତୃତ ଅରଣ୍ୟ ଭୂମିରେ ବିଭିନ୍ନ ବର୍ଗର ଆଦିବାସୀ ବସବାସ କରନ୍ତି । ସେମାନଙ୍କ ବୈଚିତ୍ର୍ୟପୂର୍ଣ୍ଣ ଜୀବନଶୈଳୀ ଅନ୍ୟମାନଙ୍କୁ ଆକୃଷ୍ଟ କରିଥାଏ । ଆଦିବାସୀ ପରିଶ୍ରମ କରି ଜୀବନ ଧାରଣ କରେ ଏବଂ ସଂଘର୍ଷ କରି ଆଗକୁ ବଢ଼େ । ଏତେ ପ୍ରତିବନ୍ଧକ ସତ୍ତ୍ୱେ ଜୀବନକୁ ଉପଭୋଗ କରିବା ପାଇଁ ନୃତ୍ୟଗୀତକୁ ଜୀବନର ମୂଳମନ୍ତ୍ର କରିଥାଏ । ତେଣୁ ତାର କଥାରେ କଥାରେ ଗୀତର ସ୍ୱର ଏବଂ ପାଦର ପାହୁଣ୍ଡରେ ନୃତ୍ୟର ଛନ୍ଦ ଫୁଟି ଉଠିଥାଏ । ତା'ର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ମଧ୍ୟରେ ଜୀବନର ଅମୃତଧାରା ବହିଚାଲିଥାଏ । ଏହାକୁ ସାଇତି ରଖିବା ପାଇଁ ସେ ଯେଉଁ ବ୍ୟବସ୍ଥା ଗ୍ରହଣ କରି ଥାଏ, ତାହା ତାର ଜୀବନଧାରାକୁ ଉଜ୍ଜ୍ୱଳ କରିଥାଏ ।

ପରିବର୍ତ୍ତନ ମଣିଷ ଜୀବନର ସ୍ୱାଭାବିକ ଘଟଣା । ସମୟର ଆବଶ୍ୟକତା ଓ ପରିସ୍ଥିତିକୁ ନେଇ ମଣିଷ ପରିବର୍ତ୍ତନର ସ୍ରୋତରେ ସାମିଲ ହୁଏ । ଏହାର ପ୍ରଭାବ ତା'ର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଉପରେ ମଧ୍ୟ ପଡିଥାଏ। ବସ୍ତୁତଃ, ଆଦିବାସୀମାନଙ୍କ ସାମାଜିକ ଜୀବନ ଭିନ୍ନ ଏକ ମୋଡରେ ପହଞ୍ଚି ଯାଇଥାଏ । ସଂସ୍କୃତି ଓ ପରମ୍ପରା ଆଦିବାସୀମାନଙ୍କ ଜୀବନ ରେଖା । ଏହା ସେମାନଙ୍କ ଜୀବନ ଶୈଳୀକୁ ରେଖାଙ୍କିତ କରିଥାଏ । ଧାଙ୍ଗଡା ଧାଙ୍ଗଡିବସା ଆଦିବାସୀ ରୀତିନୀତି, ଚଳଣି, ପରମ୍ପରା ଓ ସଂସ୍କୃତିର ମୂଳପିଣ୍ଡ । ଏଠାରେ ଆଦିବାସୀ ଯୁବକ, ଯୁବତୀ ରାତ୍ରିଯାପନ କରିବା ସହିତ ଆଦିବାସୀ ଯୁବକ, ଯୁବତୀ ରାତ୍ରିଯାପନ କରିବା ସହିତ ଆଦିବାସୀ ଜୀବନଦର୍ଶନ, ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଶିକ୍ଷା ପାଇଥାନ୍ତି । ଅଭିଜ୍ଞ ବୁଢ଼ା, ବୁଢୀ ଯୁବକ ଯୁବତୀମାନଙ୍କ ନିଜର ରୀତି ନୀତି, ନୃତ୍ୟ ଗୀତ ଓ ପରମ୍ପରାର ଶିକ୍ଷା ଏଠାରେ ଦେଇଥାନ୍ତି । ଏହାଦ୍ୱାରା ସେମାନେ ଆଦିବାସୀ ମନସ୍କ ହେବା ସହିତ ନିଜ ବିଷୟରେ ଜାଣି ସଂସ୍କୃତି ଓ ପରମ୍ପରା ପାଳନ କରିଥାନ୍ତି । ଆଦିବାସୀ ସଂସ୍କୃତି ପରିପୁଷ୍ଟ ହୋଇଥାଏ। ଆଧୁନିକତାର ମୋହରେ ପଡିଥିଲେ ସୁଧା ଆଦିବାସୀ ସମ୍ପ୍ରଦାୟ ତା'ର ସଂସ୍କୃତିର ମୌଳିକତା ହରାଇ ବସିନି । ଉଚ୍ଚ ଶିକ୍ଷିତ ଯୁବକ ଯୁବତୀମାନେ ବାହ୍ୟଜୀବନର ପ୍ରଭାବରେ ନିଜ ସଂସ୍କୃତିକୁ ଅବହେଳା କରୁନାହାନ୍ତି । ଯୁବକ ଯୁବତୀମାନଙ୍କ ସହିତ ମିଶି ନୃତ୍ୟ କରିବାକୁ ସେମାନେ

ଗ୍ରହଣ କରି ପାରୁନଥିଲେ ବି ସମୟେ ସମୟେ ନିଜ ସଂସ୍କୃତି ପ୍ରତି ରୁଚି ଦେଖାଉଛନ୍ତି । ନିଜ ସଂସ୍କୃତିର ମୂଳତତ୍ତ୍ୱ ଓ ଉତ୍କର୍ଷ ବିଷୟରେ ଅବଗତି ନହୋଇ ଅବଶ୍ୟ  ଛବିଳ ଦୁନିଆଁ ପଛରେ ପଡି ଡେଣା ଝାଡୁଛନ୍ତି । ବାଥୁଡି ଜାତିର ଚାଙ୍ଗୁ ନୃତ୍ୟ ବଡାମ ଠାକୁରଙ୍କ ଉଦ୍ଦେଶ୍ୟରେ ଏକ ଭକ୍ତିପୂତ ଅର୍ଘ୍ୟ । ଉକ୍ତ ନୃତ୍ୟରେ ଯୁବତୀମାନେ ନଇଁ ନଇଁ ନୃତ୍ୟ କରିଥାନ୍ତି । କାରଣ, ଠାକୁରଙ୍କୁ ନତମସ୍ତକ ହୋଇ ଆରାଧନା କରାଯାଇଥାଏ । ଚାଙ୍ଗୁ ନୃତ୍ୟରେ ସମର୍ପଣ ଓ ଭକ୍ତି ଭାବନା ପରିସ୍ଫୁଟ ହୋଇଥାଏ, ଚାଙ୍ଗୁଗୀତରେ ମଧ୍ଯ ଠାକୁରଙ୍କ ମହିମା ବର୍ଣ୍ଣନା ପ୍ରାଧାନ୍ୟ ପାଇଥାଏ ।

ଶିରିରାମ ରାମଯେ, ଗୋବିନ୍ଦ ରାମ ରାମ
ଶୀତଳ ବଉଳ ମୂଳେ ଦଣ୍ଡେ ବିଶିରାମ
ଓଡ଼ିଶାର ଜଗନ୍ନାଥ, ଝାଡଖଣ୍ଡେ ବଡାମ ।।

ନିଜର ଶିକ୍ଷା ଓ ଜୀବିକା ପାଇଁ ଆଦିବାସୀ ଆଜି ଗାଁ ଛାଡି ସହରାଭିମୁଖୀ ହେଉଛି । ତେଣୁ ଗାଁରେ ପାଳନ କରାଯାଉଥିବା ପର୍ବ ସହିତ ତା'ର ଯୋଗାଯୋଗା ରଖିବା ସମ୍ଭବ ହେଉ ନାହିଁ । ତା'ର ସନ୍ତାନମାନେ ମଧ୍ଯ ଗାଁର ସଂସ୍କୃତି ସହିତ ପରିଚିତ ହେବାରୁ ବଞ୍ଚିତ ହେଉଛନ୍ତି । ବସ୍ତୁତଃ, ନିଜ ସଂସ୍କୃତି ସହିତ ଆତ୍ମିକ ସମ୍ପର୍କ ଛିନ୍ନ ହେଉଛି । ଚାଙ୍ଗୁ ନୃତ୍ୟର ତାତ୍ପର୍ଯ୍ୟ ଓ ବୈଶିଷ୍ଟ୍ୟକୁ ହୃଦୟଙ୍ଗମ କରିବା ସହ ଯୁବକଯୁବତୀ ଅନେକାଂଶରେ ଆପଣାଉଛନ୍ତି । ସୁତରାଂ ଚାଙ୍ଗୁ ନୃତ୍ୟ ଓ ଗୀତର ମର୍ଯ୍ୟାଦା ବୃଦ୍ଧି ପାଉଛି । ଏହା ଦ୍ୱାରା ମଧ୍ଯ ବାଥୁଡି ସଂସ୍କୃତିର ଗୌରବ ବୃଦ୍ଧି ହୋଇଛି । କେତେକ ବିଶେଷଧରଣର କାଠରେ ଚାଙ୍ଗୁ ନିର୍ମିତ ହୋଇଥାଏ । ଜଙ୍ଗଲ ଆଇନ ହେତୁ କାଠ ପାଇବା ସମ୍ଭବ ହେଉ ନାହିଁ । ଚାଙ୍ଗୁ ବାଦ୍ୟ ଅଭାବରେ ଚାଙ୍ଗୁ ନୃତ୍ୟର ପରମ୍ପରା ବ୍ୟାହତ ହେଉଛି । ଦୋଳିଗୀତ ବାଥୁଡି ଜନଜାତିରର ଅମୂଲ୍ୟ ସମ୍ପଦ । ଏହା ରଜସଂକ୍ରାନ୍ତିରେ ଦୋଳି ଝୁଲିବା ସମୟରେ ଗାନ କରାଯାଇଥାଏ । ମାତ୍ର ବାଥୁଡି ସମ୍ପ୍ରଦାୟରେ ଏହି ଗୀତ ଯୁବକ ଓ ଯୁବତୀମାନଙ୍କ ମଧ୍ଯରେ ବାଦୀ ଗୀତର ରୂପ ନେଇଥାଏ । ଯୁବକ ଓ ଯୁବତୀମାନେ ନିଜମନର ଭାବନାକୁ ଦୋଳିଗୀତ ମାଧ୍ୟମରେ ପ୍ରକାଶ କରିଥାନ୍ତି । ଗୋଟିଏ ଦଳ ପ୍ରତିପକ୍ଷ ଦଳକୁ ଲକ୍ଷ୍ୟକରି ଯେଉଁ ଗୀତ ବୋଲନ୍ତି, ତା'ର ଜବାବ ତତ୍‌କ୍ଷଣାତ୍ ମିଳିଥାଏ । ଏଥିପାଇଁ ଆଶୁ କବିତ୍ୱ ଓ ଗୀତଟିଏ ଖଞ୍ଜି ସ୍ୱର ଦେଇ ଗାଇବାର ଦକ୍ଷତା ଆବଶ୍ୟକ ହୋଇଥାଏ । ଦୋଳିଗୀତ, ପ୍ରତିଯୋଗିତା ମୂଳକ ରୂପ ନେଇଥାଏ । ବାଥୁଡି ଜନଜାତି ପରମ୍ପରାରେ ବେଳେ ବେଳେ ଝିଅ କିମ୍ବା ପୁଅ ଦଳ ସ୍ୱଜାତୀୟ ବନ୍ଧୁ ଗ୍ରାମକୁ ବୁଲି ଯାଇଥାନ୍ତି । ବନ୍ଧୁ ଗ୍ରାମର ଯୁବକମାନେ ଯୁବତୀ ଦଳକୁ ଆତିଥ୍ୟ ପ୍ରଦାନ ପୂର୍ବକ ଗ୍ରାମରେ ରଖିଥାନ୍ତି । ରାତିରେ ଚାଙ୍ଗୁ ନୃତ୍ୟ କରି ଯୁବତୀମାନଙ୍କୁ ନଚାଇଥାନ୍ତି । ବେଳେବେଳେ ଦୋଳିଗୀତର ଆସର ବସିଥାଏ । ଏହି ଆସର ମାଧ୍ୟମରେ ସମସ୍ତଙ୍କର ମନୋରଞ୍ଜନ ଓ ଭାବର ଆଦାନପ୍ରଦାନ ହୋଇଥାଏ । ଯୁବକ ଓ ଯୁବତୀମାନଙ୍କ ମଧ୍ଯରେ ସମ୍ପର୍କ ସ୍ଥାପିତ ହୋଇ, ବିବାହ

ହୋଇଥାଏ । ଏହା ଦ୍ୱାରା ଯୁବକ ଯୁବତୀ ନିଜ ସମ୍ପ୍ରଦାୟ ଭିନ୍ନ ଅନ୍ୟ ସମ୍ପ୍ରଦାୟରେ ବିବାହ କରି ନଥାନ୍ତି । ମାତ୍ର ଆଧୁନିକ ଯୁଗର ଶିକ୍ଷିତ ଯୁବକ, ଯୁବତୀ ଅନ୍ୟ ଜାତିରେ ବିବାହ କରୁଛନ୍ତି । ତଥାପି ଯୁବପିଢ଼ିଙ୍କ ଜନଜାତି ପରମ୍ପରା ପ୍ରତି ଅନୁରୋକ୍ତି ବାଥୁଡ଼ି ସମାଜ ପାଇଁ ଶୁଭଙ୍କର ।

ଆଜି ଅନ୍ୟ ସମ୍ପ୍ରଦାୟର ଅନେକବ୍ୟକ୍ତି ଆଦିବାସୀମାନଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖିଥାନ୍ତି । ତେଣୁ ସେମାନେ ଆଦିବାସୀ ସଂସ୍କୃତିକୁ ଭିନ୍ନ ଦୃଷ୍ଟି ନେଇ ଚିତ୍ରଣ କରିଥାନ୍ତି । ଶିମିଳିପାଳ ଜଙ୍ଗଲ ମଧ୍ୟରେ ରହିଛି ବାଥୁଡି ଜନଜାତିର ଉପାସନା ପୀଠ 'ଯାଉରନ୍ଧା' । ଏଠାରେ ନୀଳମାଧବଙ୍କୁ ପୂଜା କରାଯାଏ । ଠାକୁରଙ୍କୁ ଜାଉରାନ୍ଧି ଅର୍ପଣ କରା ଯାଉଥିବାରୁ ସ୍ଥାନର ନାମ 'ଯାଉରନ୍ଧା' ହୋଇଛି । ମାତ୍ର ଅନ୍ୟମାନେ ଏହାକୁ 'ଯୋରନ୍ଦା' ବୋଲି ଦର୍ଶାଇଥାନ୍ତି । ମାତ୍ର ବାଥୁଡି ଜନଜାତିର ଲୋକମାନେ ଆତ୍ମସଚେତନ ହୋଇ ଏହାର ପ୍ରତିବାଦ କରି ନପାରିବା ହେତୁ, ସେମାନଙ୍କର ସଂସ୍କୃତିର ବିପର୍ଯ୍ୟୟ ଘଟିଛି । ନିଜ ପରମ୍ପରା ଓ ସଂସ୍କୃତି ପ୍ରତି ଅବଗତ ନହେବା ଫଳରେ, ବାହ୍ୟ ପ୍ରଭାବରେ ନିଜ ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ଅବକ୍ଷୟ ହୋଇଚାଲିଛି । ଏଦିଗରେ ଦୃଷ୍ଟିଦାନ ଅପରିହାର୍ଯ୍ୟ।

'ବଡାମ ଠାକୁର' ପ୍ରତ୍ୟେକ ବାଥୁଡି ବ୍ୟକ୍ତିର ଆରାଧ୍ୟ ଦେବତା । ପ୍ରତ୍ୟେକ ବାଥୁଡି ଗ୍ରାମରେ 'ବଡ଼ାମଶାଳ' ନିର୍ମାଣ ଅନିବାର୍ଯ୍ୟ ହୋଇଥାଏ । ବଡାମଶାଳରୁ ବାଥୁଡି ଗ୍ରାମର ପରିଚୟ ମିଳେ । ଏଠାରେ ଗ୍ରାମବାସୀମାନେ ବଡ଼ାମ ପୂଜା ସହିତ ଚାଙ୍ଗୁ ନୃତ୍ୟ କରିଥାନ୍ତି । ବସ୍ତୁତଃ, ସେମାନଙ୍କର ସାଂସ୍କୃତିକ ଅଭ୍ୟୁଦୟ ଘଟିଥାଏ । ବଉଳ ବୃକ୍ଷମୂଳରେ ମାଟିପିଣ୍ଡି ନିର୍ମାଣ କରିବା ସହିତ 'ବଡାମଠାକୁର'ଙ୍କ ଶାଳଗ୍ରାମ ପ୍ରତିଷ୍ଠା କରାଯାଇଥାଏ । ବଡାମଶାଳ ହିଁ ଠାକୁରଙ୍କ ଖୋଲା ମନ୍ଦିର ହୋଇଥାଏ । ପୂନେଇଁ ପର୍ବରେ ବଡାମକି ପୂଜା ସହିତ ଚାଙ୍ଗୁ ନୃତ୍ୟ ପ୍ରଦର୍ଶିତ ହୋଇଥାଏ । ଆଜିର ଦିନରେ ବହୁ ଲୋକ ପେଟ ପୋଷିବା ପାଇଁ ଦୂରକୁ ଦାଦନ ଖଟିବା ପାଇଁ ଚାଲି ଯାଉଛନ୍ତି । ଗ୍ରାମରେ ଯେଉଁ ଶୂନ୍ୟତା ସୃଷ୍ଟି ହେଉଛି, ତାହା ଗ୍ରାମର ପରମ୍ପରା ଓ ସଂସ୍କୃତି ଅବକ୍ଷୟର ପ୍ରମୁଖ କାରଣ ହୋଇଛି । ଅନ୍ୟତ୍ର ଗଲେବି ନିଜ ସଂସ୍କୃତି ପ୍ରତି ଆତ୍ମ ସଚେତନ ଅଛନ୍ତି । ଗାଁକୁ ଫେରିଲେ ସେମାନେ ପାରମ୍ପରିକ ନୃତ୍ୟ ଗୀତରେ ସାମିଲ ହୁଅନ୍ତି । ପୂର୍ବେ ସଞ୍ଜ ହେଲେ, ଆଖଡ଼ାଶାଳରେ ଯେଉଁ ଯୁବକ ଯୁବତୀମାନେ ଠୁଳ ହେଉଥିଲେ ଏବଂ ନୃତ୍ୟ ଗୀତରେ ମଗ୍ନ ହୋଇ ଶ୍ରମକ୍ଳାନ୍ତ ଜୀବନକୁ ସରସ ସୁନ୍ଦର କରି ରଖିଥିଲେ, ଆଜିବି ତାହା ବଳବତ୍ତର ହୋଇ ରହିଛି । ଏବେ ବି ଏକାଠି ମିଶି ନୃତ୍ୟଗୀତ ପ୍ରଦର୍ଶନର ସ୍ପୃହା ବୃଦ୍ଧି ପାଉଛି । ଶିକ୍ଷିତବର୍ଗ ଗ୍ରାମର ପୁରୁଖା ଲୋକଙ୍କ ସଂସ୍ପର୍ଶରେ ଆସିବାକୁ ଇଛା ପ୍ରକାଶ କରୁଛନ୍ତି । ତେଣୁ ନିଜର ସଂସ୍କୃତି ଓ ପରମ୍ପରାର ମୂଳକଥା ଜାଣିବାକୁ ସେମାନେ ସୁଯୋଗ ପାଉଛନ୍ତି । ନିଜ ସଂସ୍କୃତି ପ୍ରତି ସେମାନଙ୍କ ଆଗ୍ରହଭାବ ପରିଲକ୍ଷିତ ହୋଇଛି ।

ନିଜର ପରମ୍ପରା ଓ ସଂସ୍କୃତିର ତାତ୍ପର୍ଯ୍ୟ ଓ ମହତ୍ତ୍ୱକୁ ବୁଝି, ଆଗକୁ ନେବାକୁ ସଂକଳ୍ପ ନେଲେ, ଆଦିବାସୀ ଜୀବନଶୈଳୀ ଋଦ୍ଧିମନ୍ତ ହୋଇପାରିବ । ଏଥିପାଇଁ ନୂତନ ପିଢ଼ୀ ଅଧିକ ସଚେତନ ହେବା ଆବଶ୍ୟକ । ଶିକ୍ଷିତ ବର୍ଗ

ନିଜ ସଂସ୍କୃତି ଉପରେ ଗବେଷଣାକରି, ବାହ୍ୟ ଦୁନିଆକୁ ଏହାର ବିଶେଷତ୍ୱ ବିଷୟରେ ଅବଗତ କରାଇ ପାରିଲେ, ଆଦିବାସୀ ଜୀବନଧାରାର ପରାକାଷ୍ଠା ପ୍ରକାଶ ପାଇବ । ସଂସ୍କୃତି ଓ ପରମ୍ପରା ଆଦିବାସୀ ପ୍ରଥାକୁ ସବୁବେଳେ ଜୀବନ୍ତ କରି ରଖିଥାଏ । ଜୀବନଯାତ୍ରାରେ ଏହାର ସଫଳ ପ୍ରୟୋଗ ହୋଇ ପାରିଲେ, ଆଦିବାସୀ ସମାଜ ପୂର୍ବ ଗୌରବ ଫେରି ପାଇବ । ଏହା ସହିତ, ନିଶାପାନ, ଡାହାଣୀ ଓ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ଠାରୁ ଦୂରରେ ରହି ଜୀବନ ଅତିବାହିତ କଲେ, ସମସ୍ତଙ୍କ ଜୀବନ ସୁଖମୟ ହେବ ।

ଭୁଗୁଡ଼ାକଟା, ପୋ.-ଭଞ୍ଜପୁର, ବାରିପଦା,
ମୟୂରଭଞ୍ଜ-୭୫୭୦୦୨

❖❖❖

# ଅବିଭକ୍ତ କୋରାପୁଟ ଜିଲ୍ଲାର ଜନଜାତି

**ବିଜୟ ଉପାଧ୍ୟାୟ**

ପରିବର୍ତ୍ତନ ହେଉଛି ପ୍ରକୃତିର ଏକ ଅବଧାରିତ ନିର୍ଣ୍ଣୟ ଏବଂ ନିୟମ । ଏହାକୁ ପ୍ରାୟ ୨୦୦ ବର୍ଷ ତଳେ ଚାର୍ଲସ ଡାରଉଇନ ବିବର୍ତ୍ତନ ନାମରେ ନାମିତ କରିଥିଲେ । ଇଂରାଜୀରେ ତାକୁ ସେ କହିଲେ Evolution ତାକୁ ନେଇ ସେ ଏକ ତତ୍ତ୍ୱ ବିକଶିତ କଲେ – Theory of evolution. ସେ କହିଲେ ପ୍ରାକୃତିକ ପଦ୍ଧତିରେ ଜୀବ ଜଗତରେ ସବୁବେଳେ ଏକ ପରିବର୍ତ୍ତନ ସଂଘଟିତ ହୋଇ ନୂଆ ନୂଆ Specis ର ଆବିର୍ଭାବ ଘଟିଥାଏ । ଦୁର୍ବଳ ବିଦାୟ ନିଏ । ସବଳର ଜୀବନ ଧାରା ଅବ୍ୟାହତ ରହେ । ଊନବିଂଶ ଶତାବ୍ଦୀର ସମାଜ ଶାସ୍ତ୍ରର ପ୍ରାୟ ପ୍ରତ୍ୟେକ ବିଭାବକୁ ଏହା ପ୍ରଭାବିତ କରିଥିଲା । ତା'ର ସବିଶେଷ ଦୃଷ୍ଟାନ୍ତ ରୂପେ ହେଗେଲଙ୍କ ଦ୍ୱନ୍ଦାତ୍ମକ ଗତି ତତ୍ତ୍ୱ ଏବଂ କାର୍ଲମାର୍କସଙ୍କ ଦ୍ୱନ୍ଦାତ୍ମକ ଓ ଐତିହାସିକ ବସ୍ତୁବାଦ ତତ୍ତ୍ୱକୁ ନିଆଯାଇପାରେ । ତେବେ ସମାଜରେ ଆଉ ଯେଉଁ ପରିବର୍ତ୍ତନ ସବୁ ହୋଇଥାଏ ତାହା ଏହି ପ୍ରାକୃତିକ ବିବର୍ତ୍ତନକୁ ଛାଡି ଅନ୍ୟାନ୍ୟ ସାମାଜିକ ବା ପ୍ରାକୃତିକ ଶକ୍ତିର ପ୍ରଭାବ ଦ୍ୱାରା ହୋଇଥାଏ, ଯେପରିକି ଔପନିବେଶିକ ଶାସନ ପ୍ରତିଷ୍ଠା, ବିଦେଶୀ ଆକ୍ରମଣ, ଦମନ ମୂଳକ ଆଇନ ଜରିଆରେ ଲୋକ ଉତ୍ପୀଡ଼ନ, ଯୁଦ୍ଧ ଓ ଅନ୍ତର୍ବିପ୍ଲବ ଇତ୍ୟାଦି ।

ପରିବର୍ତ୍ତନକୁ ଅଟକାଇବା ଅସମ୍ଭବ । ଯେତେବେଳେ ଏହା ସ୍ୱାଭାବିକ ବା ପ୍ରାକୃତିକ ଭାବେ ଆସେ ତାକୁ ଆମେ କହୁ ପରିବର୍ତ୍ତନ କିନ୍ତୁ ବନ୍ୟା ରୂପେ, ଝଡ ରୂପେ, ମରୁଡି ରୂପେ କିମ୍ବା ମନୁଷ୍ୟକୃତ ଯୁଦ୍ଧ ବା ଦମନ ରୂପେ ଯଦି ତାହା ଆସିଯାଏ ଏବଂ ତାକୁ ଅଟକା ଯାଇ ନପାରେ, ତେବେ ସେଇ ସ୍ରୋତର ଧକ୍କାରେ ଗୋଟିଏ ଗୋଟିଏ ଜାତି ସତ୍ତା ଲୋପ ପାଇଯିବା ମଧ୍ୟ ଅସମ୍ଭବ ନୁହେଁ । ଇତିହାସରେ ଏହାର ସବୁଠାରୁ ବଡ଼ ଦୃଷ୍ଟାନ୍ତ ହେଉଛି ଉଭୟ ଆମେରିକାରେ ୟୁରୋପୀୟମାନଙ୍କ ବଳ ପୂର୍ବକ ପ୍ରବେଶ ଓ ବସତି ସ୍ଥାପନରେ ମାତ୍ର ଦୁଇ ଶତାବ୍ଦୀ ଭିତରେ ସେଠାକାର ପ୍ରାୟ ସମସ୍ତ ଜନଜାତିର ସତ୍ତା ଅର୍ଥାତ୍ ଭାଷା ଓ ସଭ୍ୟତାର ଘଟିଯାଇଛି । ହାୱାର୍ଡଜିନ୍‌ଙ୍କ ୧୯୮୦ରେ ପ୍ରକାଶିତ ପୁସ୍ତକ "A People's History of United States" ରେ ସେ ପ୍ରତିପାଦିତ କରିଛନ୍ତି ଯେ, ଥରେ ଆମେରିକା ଓ ବାହାମାସ ରେ କ୍ରିଷ୍ଟୋଫର କଲମ୍ବସ୍ ଯେଉଁ ଗଣହତ୍ୟା ଓ

କ୍ରୀତଦାସୀକରଣ ଆରମ୍ଭ କରି ଏକ ହିଂସ୍ର ଉପନିବେଶବାଦ ସ୍ଥାପନ କରି ମାୟା ସଭ୍ୟତାକୁ ପ୍ରାୟତଃ ଲୋପ କରି ଦେଇଥିଲେ, ସେ ସବୁକୁ ସେଇ ସବୁ ଜନ ଜାତିଙ୍କ ଦୃଷ୍ଟିକୋଣରୁ ବିବେଚନା କରାଯିବାର ସମୟ ଆଜି ଆସିଛି। ତେବେ ଯାଇ "ଜୀବନ, ସ୍ୱାଧୀନତା ଏବଂ ସୁଖର ଅନୁସନ୍ଧାନ" ଆଦି ଘୋଷଣାନାମାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇ ପାରିବ ।

ଏହି ଦୃଷ୍ଟିରୁ ଦେଖିଲେ ଆଦିବାସୀ ସମାଜରେ ପରିବର୍ତ୍ତନର ଅଧ୍ୟୟନ ହେଉଛି ବାସ୍ତବରେ ପରିବର୍ତ୍ତନ ସୁଅକୁ ପ୍ରତିରୋଧ କରି ନିଜର ସଂସ୍କୃତି, ଭାଷା ଓ ଜାତି ସତ୍ତାକୁ ବଜାୟ ରଖିବା ଲାଗି ହେଉଥିବା ଉଦ୍ୟମ ଓ ସଂଗ୍ରାମର ଅଧ୍ୟୟନ । ତାହାହିଁ ପରିବର୍ତ୍ତନର ଆକାଂକ୍ଷା ଅର୍ଥାତ୍ ଯେଉଁ ସବୁ ବଳ ପୂର୍ବକ ସଂଘାତ ଘଟି ଯାଇଛି, ତାର ପରିବର୍ତ୍ତନ ଲାଗି ଦେଖା ଦେଉଥିବା ସଂଘର୍ଷ, ବା ସଂଘର୍ଷର ଆକାଂକ୍ଷା । ଏହାକୁ ପରିବର୍ତ୍ତନର ପରିବର୍ତ୍ତନ ରୂପେ ମଧ୍ୟ ଆମେ ଅଭିହିତ କରି ପାରିବା ।

ଏଠି ଯେଉଁ ଦୁଇ ପ୍ରକାରର ପରିବର୍ତ୍ତନ କଥା କୁହାଯାଇଛି ସେଥିରୁ ପ୍ରଥମଟି ହେଉଛି ଶାସନ ବ୍ୟବସ୍ଥା ଦ୍ୱାରା ଅଣା ଯାଇଥିବା ପରିବର୍ତ୍ତନ ଏବଂ ଦ୍ୱିତୀୟଟି ବିଭିନ୍ନ ସାମାଜିକ ଶକ୍ତି ବା ଉପାଦାନମାନଙ୍କ ଦ୍ୱାରା ସଂଘଟିତ ବା ଆକାଂକ୍ଷିତ ପରିବର୍ତ୍ତନ ।

ପୁଣି ଏହି ଆକାଂକ୍ଷାକୁ ଲକ୍ଷ୍ୟ କରି ଶାସକ ଗୋଷ୍ଠୀ ପ୍ରଣୟନ କରିଛନ୍ତି ବହୁବିଧ ଆଇନ୍, ଯେଉଁଥିରେ କେବେ ସେଇ ସବୁ ଆକାଂକ୍ଷା ପ୍ରତିଫଳିତ ହୋଇଛି ତ ପୁଣି କେବେ ଅଧିକ ଦମନମୂଳକ ତତ୍ତ୍ୱ ପ୍ରତିଫଳିତ ହୋଇଛି । ରାଷ୍ଟ୍ର ବା ଶାସକ ଶ୍ରେଣୀର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏବଂ ସାଧାରଣ ଆଦିବାସୀ ଜନଜାତର ଆକାଂକ୍ଷାକୁ ଅଣଦେଖା କରି ଯେଉଁ ସବୁ ଆଇନ୍ ଔପନିବେଶିକ ଶାସନର ପଦାଙ୍କ ଅନୁସରଣ କରି ଅଣାଯାଏ, ସେ ସବୁକୁ କୁହାଯାଏ – ରେସ୍ ନ୍ୟୁଲେସ୍ ('Res Nulles') । ପୁଣି ଗଣତାନ୍ତ୍ରିକ ଉପାୟରେ ଆଦିବାସୀର ସ୍ୱାର୍ଥକୁ ଲକ୍ଷ୍ୟ କରି ଯେଉଁ ଆଇନ ଅଣାଯାଏ, ତାହା ଲେକ୍ସ୍ ଲୋକି ସିଟେ (Lex Loci Sitae) । ଜାତିସଂଘ ଯେଉଁ ଆଦିବାସୀ ଜନଗଣ ବା ଇଣ୍ଡିଜେନାସ୍ ପିପ୍ଲ୍ ସଂକ୍ରାନ୍ତୀୟ ଘୋଷଣାପତ୍ର ପ୍ରକାଶ କରିଛି, ସେଥିରେ ଏହି ଦ୍ୱିତୀୟ ତତ୍ତ୍ୱ ଉପରେ ଗୁରୁତ୍ୱ ଦେବାକୁ କହିଛି । ବିଭିନ୍ନ ସମ୍ବଳ ଉପରେ ଦୀର୍ଘକାଳ ଧରି ଗୋଟିଏ ଜାତି ସତ୍ତା ଯେଉଁ ଗୋଷ୍ଠୀ ଅଧିକାର ଜାହିର କରି ଆସିଛନ୍ତି, ତାହା ହିଁ ଆଇନର ପ୍ରକୃତ ଉତ୍ସ ଦେବା ଉଚିତ୍ ବୋଲି ଏହା ଘୋଷଣା କରିଛି । ଆଦିବାସୀ ଜମି ହସ୍ତାନ୍ତରୀକରଣ ନିରୋଧ ଆଇନ୍ ୧୯୫୬ ଓ ଏହାର ସଂଶୋଧିତ ରୂପ ୨୦୦୪ ରେ ତଥା ଆଦିବାସୀ ଓ ବନବାସୀଙ୍କ ଜଙ୍ଗଲ ଅଧିକାର ଆଇନ ୨୦୦୬ରେ ଆମେ ଏହାର ପ୍ରତି ଫଳନ ଦେଖିଛୁ । ପୁଣମି ରେସ୍ ନିଉସଲ୍ସ ର ପ୍ରତିଫଳନ ଥିବା ବ୍ରିଟିଶ ଔପନିବେଶିକ ଜଙ୍ଗଲ ଆଇନ୍ ୧୮୬୫, ୧୮୭୮ ଓ ୧୯୨୭ କୁ ମଧ୍ୟ ଦେଖିଛୁ । ବିଶେଷ କରି ୧୮୭୮ର ଆଇନ ଶତାବ୍ଦୀ ଶତାବ୍ଦୀ ରହି ଆସିଥିବା ଆଦିବାସୀ ଜନଗଣଙ୍କ ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଅଧିକାରକୁ ବାତିଲ୍ କରି ଦେଇଥିଲା ।

ପୁଣି ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୮୭୦ରେ ନିର୍ମିତ ଜଙ୍ଗଲ ବିଭାଗକୁ ଅଧିକରୁ ଅଧିକ ଶକ୍ତିଶାଳୀ କରାଯାଇଛି ଏବଂ ୧୯୨୭ ଆଇନର କାର୍ଯ୍ୟକାରିତାକୁ ନିଶ୍ଚିତ କରିବା ସଙ୍ଗେ ସଙ୍ଗେ ୧୯୮୦ ବନ ସଂରକ୍ଷଣ ଆଇନ ଅଣା ଯାଇଛି । କେବଳ ସେତିକି ନୁହେଁ, ୧୯୫୨ର ଜଙ୍ଗଲ ନୀତି ଅନୁସରଣରେ ୧୯୮୦, ୧୯୮୮ ରେ ଜାତୀୟ ଜଙ୍ଗଲ ନୀତି ପୁନଃ ପ୍ରଣୀତ ହୋଇଛି । ଜାତୀୟ ପରିବେଶ ନୀତି ୨୦୦୬ରେ ପ୍ରଣୀତ ହେବା ସଙ୍ଗେ ସଙ୍ଗେ ୧୯୮୬ରେ ପ୍ରଣୀତ ଜାତୀୟ ପରିବେଶ ସୁରକ୍ଷା ଆଇନ୍‌କୁ କଡା କଡି କରାଯାଇଛି । ଆଉ ମଧ୍ୟ ୧୯୭୨ରେ ଅଣାଯାଇଛି ବନ୍ୟ ଜନ୍ତୁ ସଂରକ୍ଷଣ ଆଇନ ।

ତେବେ ଆଶ୍ୱସ୍ତିର କଥାଯେ, ଏସବୁ ଆଇନ ଓ ଯୋଜନା ବିରୋଧରେ ହଜାର ହଜାର ଆଦିବାସୀ ବିକ୍ଷୋଭ ଓ ଆନ୍ଦୋଳନକୁ ଲକ୍ଷ୍ୟ କରି ଶେଷରେ ୨୦୦୬ରେ ଅଣାଯାଇଛି ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ବା The Scheduled Tribe And other traditional forest Dwellers Recognition of forest fights Act. ଏ ଯାବତ୍ ଆଦିବାସୀ ଜନଗଣଙ୍କ ପ୍ରତି କରାଯାଇଥିବା ଐତିହାସିକ ଅନ୍ୟାୟକୁ ଏହା ଦ୍ୱାରା ପ୍ରତିହତ କରାଗଲା ବୋଲି ଏହି ଆଇନର ଉପକ୍ରମରେ କୁହାଗଲା । କିନ୍ତୁ ୨୦୨୩ରେ ଅଣା ଯାଇଥିବା ବନ ସଂରକ୍ଷଣ ସଂଶୋଧନ ବିଲ୍, ୨୦୨୩ରେ, ଏହି ଆଇନ୍‌କୁ ପୁଣିଥରେ ଦନ୍ତହୀନ କରିଦେବାର ସମ୍ଭାବନା ଅଛି ବୋଲି ଆଶଙ୍କା ଦେଖା ଦେଇଛି ।

## ୬୦୦ବର୍ଷର ମୋଗଲ ଶାସନ

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ପାଖରୁ ଏହି ଅବିଭକ୍ତ କୋରାପୁଟ ରାଜ୍ୟ ବିଭିନ୍ନ ନାମରେ ପରିଚିତି ହାସଲ କରିଥିଲା, ଯେପରିକି, ଆଟବିକ, ମହାକାନ୍ତାର, ମହାବନ, ମାଲ୍ୟବନ୍ତ ଓ ଦଣ୍ଡକାରଣ୍ୟ ଇତ୍ୟାଦି । ଆଉ ମଧ୍ୟ ବିଭିନ୍ନ ବଂଶର ସ୍ଥାନୀୟ ଶାସକମାନେ ଏହାକୁ ଶାସନ କରି ଆସୁଥିଲେ, ଯେପରିକି ସାତ ବାହନ, ଇକ୍ଷ୍ୱାକୁ, ବାକାଟକ, ନଳ, ମାଠର, ପୂର୍ବଗଙ୍ଗ, ଚୋଳ, କାଳଚୂରି, ଛିନ୍ଦକନାଗ, ମତ୍ସ୍ୟ, ଶିଳା ବଂଶ । ଶେଷରେ ଆସିଲେ ସୂର୍ଯ୍ୟବଂଶୀ ରାଜାମାନେ । ତେବେ ତ୍ରୟୋଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଫରାସୀ ଓ ତାଙ୍କ ପରେ ପରେ ବ୍ରିଟିଶ୍‌ମାନେ ଆସିବା ପର୍ଯ୍ୟନ୍ତ ଏଠାରେ ମୋଗଲ ଶାସନ ପ୍ରଚଳିତ ଥିଲା । ଏଠାକାର ରାଜାମାନେ ନିୟମିତ ପେସ୍‌କାସ୍ ଦେଇ ନିଜର ରାଜା ପଦ ବଜାୟ ରଖୁଥିଲେ । ଏଣେ ଛୋଟ ଛୋଟ ରାଜ୍ୟ ମଧ୍ୟରେ ନିୟମିତ କନ୍ଦଳ ଓ ଯୁଦ୍ଧ ମଧ୍ୟ ଚାଲିଥାଏ । ତେବେ ମୋଗଲ ଶାସନ ସମୟରେ ହିଁ ଭୂରାଜସ୍ୱ ଆଇନ ପ୍ରଣୟନ କରି ଟୋଡର ମଲ୍ଲଙ୍କ ଦ୍ୱାରା ପ୍ରଥମ କରି ଜମିଜମା ବନ୍ଦୋବସ୍ତ କରାଗଲା ଓ ସର୍ବନିମ୍ନ ସ୍ତରୀୟ ନିର୍ଦ୍ଦିଷ୍ଟ ରାଜସ୍ୱ ଆଦାୟ ବ୍ୟବସ୍ଥା କରାଗଲା । ମୌର୍ଯ୍ୟ ଶାସନ ସମୟରେ ମଧ୍ୟ କର ଆଦାୟ ପ୍ରଥା ଥିଲା । କିନ୍ତୁ ବିନା ବିନ୍ଦୋବସ୍ତରେ ତାହା ଚାଲିଥିଲା । ତେବେ ଖାସ୍ ଏଇ ବନ୍ଦୋବସ୍ତ କାର୍ଯ୍ୟ ସକାଶେ ବେଶ୍ କିଛି ଅମଲାତାନ୍ତ୍ରିକ ପଦ ପଦବୀ, ଅର୍ଥାତ୍ ଏକ ବିରାଟ ଅମଲା ବାହିନୀ ସୃଷ୍ଟି କରାଗଲା । ସେତେବେଳେର ଆର୍ଥନୀତିକି ସାମାଜିକ - ରାଜନୀତିକ ଛବିଟିଏ ଯଦି ଅଙ୍କାଯାଏ, ତେବେ ସବା ଉପର ସ୍ତରରେ ଥିଲେ ଜଣେ ସମ୍ରାଟ୍ ଓ ତାଙ୍କ ତଳକୁ

ସାମନ୍ତ ଶ୍ରେଣୀ । ତାଙ୍କ ହାତରେ ରହିଥିଲା ଏକ ବିରାଟ ସୈନ୍ୟବାହିନୀ ଓ ଅମଲା ବାହିନୀ । ସର୍ବନିମ୍ନ ସ୍ତରରେ ଥିଲେ ଦଳିତ, ଆଦିବାସୀ ଓ କୃଷକ ଜନତା ବା ଶ୍ରମଜୀବୀ କୃଷିଜୀବୀ ଓ କାରିଗର ଶ୍ରେଣୀ । ଏଇ ସର୍ବନିମ୍ନ ସ୍ତରଟିକୁ ଗୋଟିଏ ବାହୁ ଦ୍ୱାରା ଅର୍ଥାତ୍ ଅମଲାମାନଙ୍କ ଦ୍ୱାରା ଲୁଟ୍ କଲା ବେଳେ ଅନ୍ୟ ବାହୁ ଅର୍ଥାତ୍ ସୈନ୍ୟ ବାହିନୀ ଦ୍ୱାରା ବାହାର ଦୁନିଆର ଲୁଟ୍ ପାଇଁ ଯୁଦ୍ଧ କରା ଯାଉଥିଲା ।

କୋରାପୁଟ ଅଞ୍ଚଳରେ ରାଜସ୍ୱ ଆଦାୟ ପାଇଁ ଛୋଟଛୋଟ ରାଜା ବା ଜମିଦାର ପ୍ରଥା ସୃଷ୍ଟି କରା ଯାଇଥିଲା, ଯେପରିକି ଜୟପୁର ରାଜା । ତା ତଳକୁ ଥିଲେ ମାନ୍ ସୁବେଦାର୍ ଏବଂ ସେମାନଙ୍କ ତଳକୁ ମୁଠାଦାରମାନେ । ତା ସାଙ୍ଗକୁ ଥିଲେ କିଛି ଇନାମ୍‌ଦାର ଓ ମାକ୍ତାଦାର । ସବାତଳେ ଥିଲେ ଗ୍ରାମ ନାୟକମାନେ। କେବେ କେବେ ଗୋଷ୍ଠୀ ମୁଖ୍ୟ, ଜାତି ମୁଖ୍ୟ ଓ ଗୋତ୍ର ମୁଖ୍ୟଙ୍କ ଜରିଆରେ ମଧ୍ୟ ଏହି ଖଜଣା ଆଦାୟ କରା ଯାଉଥିଲା । ଏ ସମସ୍ତଙ୍କର କିଛି ଧାର୍ଯ୍ୟ ଦରମା ନଥିଲା । କିନ୍ତୁ ଆଦାୟ ଅର୍ଥର ଗୋଟିଏ ଭାଗ ଏବଂ କିଛି ନିଷ୍କର ଭୂମି ଉପରେ ସେମାନଙ୍କ ଅଧିକାର ରହିଥିଲା । ଏହି ମଧ୍ୟମ ବର୍ଗ ହିଁ ଗ୍ରାମାଞ୍ଚଳରେ ନୂଆ କ୍ଷମତା କେନ୍ଦ୍ରମାନ ଗଠନ କରିଥିଲେ ।

ତେବେ ଏହି ସମୟ କାଳରେ କୃଷକମାନଙ୍କ ଜମି ଉପରେ ଅଧିକାର ସ୍ୱତ୍ୱକୁ କେହି ସ୍ପର୍ଶ କରୁ ନଥିଲେ । ଜମିର ଖରୀଦ ବିକ୍ରି ପ୍ରଥା ପ୍ରାୟ କେଉଁଠି ହେଲେ ପ୍ରଚଳିତ ନଥିଲା । ଖଜଣା ଦେଉଥିବା ପର୍ଯ୍ୟନ୍ତ ଚାଷୀର ଅଧିକାର ଚାଷଜମି ଉପରେ କାଏମ ଥିଲା । ମରୁଡି ଓ ବନ୍ୟା ସମୟରେ କରଛାଡର ବ୍ୟବସ୍ଥା ଥିଲା । ଅର୍ଥାତ୍ ଉତ୍ପାଦନ ସହ ଖଜଣା ବ୍ୟବସ୍ଥା ଅଙ୍ଗାଙ୍ଗୀ ଭାବେ ଜଡିତ ଥିଲା । ଏସବୁ ସତ୍ତ୍ୱେ କିଛି କିଛି ଅଞ୍ଚଳରେ ଶୋଷଣ ଓ ହୁଲୁମ୍ ଥିଲା ଏବଂ କୃଷକ ବିଦ୍ରୋହ ମଧ୍ୟ ଦେଖା ଦେଉଥିଲା । ଯେପରିକି ୧୬୬୯ ରୁ ୧୭୨୨ ମଧ୍ୟରେ ଉତ୍ତରପ୍ରଦେଶରେ ଘଟିଥିବା ବହୁ ଜାଠ ବିଦ୍ରୋହ। ଯେଉଁ ଜାଗାରେ ହୁଲୁମ୍ ଅଧିକ ହେଉଥିଲା, କୃଷକମାନେ ସେ ଅଞ୍ଚଳ ଛାଡି ନୂଆ ନୂଆ ଅଞ୍ଚଳକୁ ଯାଇ ଜମି ଖୋଜୁଥିଲେ ବା ଜଙ୍ଗଲ ସଫା କରି ବସତି ସ୍ଥାପନ କରୁଥିଲେ ।

ଅଣବଜାର କୃଷି ଅର୍ଥନୀତି ଏସବୁ ଅଞ୍ଚଳରେ ପ୍ରଚଳିତ ଥିଲା । ଅର୍ଥାତ୍ ଗୋଟିଏ ଗ୍ରାମ ବା ଗୋଷ୍ଠୀ ଯାହା ଲୋଡୁ ନଥିଲେ, ତାହା ଉତ୍ପାଦନ କରୁନଥିଲେ । ୧୬ଶ ଶତାବ୍ଦୀର ଶେଷ ଭାଗରେ ଆକବରଙ୍କ ସମୟରେ ତୋଡର ମଲଙ୍କ ବନ୍ଦୋବସ୍ତ ବ୍ୟବସ୍ଥାରେ ମାନ୍ ସୁବେଦାର ବା ଜାଗିରଦାର ପଦବୀ ସୃଷ୍ଟି ହୋଇଥିଲା। ତେବେ ସଂଗଠିତ ବଜାର ଦେଖା ଦେଇ ନଥିଲା । କୃଷି ବ୍ୟବସ୍ଥା ଆଦିମ କୃଷିଠାରୁ ପାଦେ ଆଗକୁ ଅଗ୍ରଗତି କରିଥିଲା । ଜଳ ସେଚନର ସାମାନ୍ୟ ବ୍ୟବସ୍ଥା ମାତ୍ର ରହିଥିଲା । ତେବେ କୃଷି କାର୍ଯ୍ୟ ଲାଭ ଦାୟକ ଥିଲା। ମାନ୍ ସୁବେଦାରମାନେ ଶୋଷକ ଗୋଷ୍ଠୀର ମୁଖ୍ୟ ଅଂଶ ରୂପେ ପରିଗଣିତ ହେଉଥିଲେ ।

୧୭୫୭ ରୁ ୧୮୫୭ ମଧ୍ୟରେ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ହିଁ ପ୍ରଥମେ ଜମିଜମା କ୍ଷେତ୍ରରେ ବ୍ୟକ୍ତିଗତ ସଂପତ୍ତି ପ୍ରଥା ପ୍ରଚଳନ କରିଥିଲେ । ଫଳରେ ଜମିଜମା ଓ ଜଙ୍ଗଲ ଖରିଦ୍ ବିକ୍ରି ଯୋଗ୍ୟ ଦ୍ରବ୍ୟରେ ପରିଣତ ହେଲା । କୃଷି କ୍ଷେତ୍ରରେ ମଧ୍ୟ ସେମାନେ ବଜାରରେ ବିକ୍ରି ଯୋଗ୍ୟ ଦ୍ରବ୍ୟର ଉତ୍ପାଦନ ଆରମ୍ଭ କଲେ

ଯଥା – ତୁଳା, ଝୋଟ, ଆଖୁ ଓ ନୀଳ ଇତ୍ୟାଦି । ତା ସାଙ୍ଗକୁ ସେମାନେ ଏକ ଆଇନଗତ ଶାସନ ବ୍ୟବସ୍ଥା ଓ ନ୍ୟାୟ ପାଳିକା ସଂସ୍ଥା ଆରମ୍ଭ କଲେ । ପୁଣି ଏ ସବୁକୁ ଗତିଶୀଳ କରିବା ସକାଶେ ବିଭିନ୍ନ ଶ୍ରେଣୀର ଅମଲା ବ୍ୟବସ୍ଥା ପ୍ରଚଳନ କଲେ ।

କୋରାପୁଟ ଅଞ୍ଚଳ ଥିଲା ମାଡ୍ରାସ୍ ପ୍ରେସିଡେନ୍ସୀ ଅଧୀନରେ, ଯେଉଁଠି ଜମିଦାରୀ ବଦଳରେ ପ୍ରଚଳିତ ଥିଲା ରୟତୱାରୀ ପ୍ରଥା । ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖଜଣା ବୃଦ୍ଧି କରାଯାଉଥିଲା । ତାହା କେବେ କେବେ ୨୫% ତ ଆଉ କେବେ ୫୦% । ଧନୀ କୃଷକମାନେ ଅଧିକ ଖଜଣା ନେଇ ଉପରୟତ ଓ ଭାଗଚାଷୀମାନଙ୍କର ଏପରି ଏକ ଶିକୁଳି ତିଆରି କଲେ, ଯାହା ଫଳରେ ବିଭିନ୍ନ ରକମର ଚାଷୀ ଦେଖାଦେଲେ । ଯେପରିକି ସୁରକ୍ଷିତ ଚାଷୀ, ଅଧିକାରୀ ଚାଷୀ, ସାଧାରଣ ଚାଷୀ, ଭାଗଚାଷୀ, ଜମିହୀନ ଚାଷୀ ବା କୃଷି ଶ୍ରମିକ ।

ତା ସାଙ୍ଗକୁ ଟିମ୍ବର ସଂପଦ ନିଜ ଅଧିକାରକୁ ନେବା ସକାଶେ ପ୍ରଣୀତ ହେଲା ୧୮୬୫ର ଜଙ୍ଗଲ ଆଇନ । ଆଉ ମଧ୍ୟ ଅଣାଗଲା ଅବକାରୀ ଆଇନ । ଏହି ଦୁଇ ଆଇନ ବଳରେ ବ୍ୟାପକ ଜଙ୍ଗଲ କଟାଯାଇ ଜାହାଜରେ ଟିମ୍ବର ୟୁରୋପୀୟ ବଜାରକୁ ପଠାଗଲା । ତତ୍‌ସଙ୍ଗେ ସଙ୍ଗେ ଜଙ୍ଗଲ ବିଭାଗଟିଏ ସୃଷ୍ଟି କରି ଆଦିବାସୀମାନଙ୍କ ଠାରୁ ଜଙ୍ଗଲ ପାନ୍ଟ, ଦାରୁ ପାନ୍ଟ, ଘାସ ବା ଗୋରୁ ପାନ୍ଟ ସଙ୍ଗେ ସଙ୍ଗେ ଇଟା ପାନ୍ଟ ବା ପଥର ପାନ୍ଟ ମଧ୍ୟ ଆଦାୟ କରାଗଲା । ଅବକାରୀ ଆଇନ ବଳରେ ମଦପାନ୍ଟ, ସଲପ ପାନ୍ଟ ଓ ତାଡି ପାନ୍ଟ ଆଦାୟ କରି ଆଦିବାସୀମାନଙ୍କୁ ବିଭିନ୍ନ କେଶ୍‌ରେ ଛନ୍ଦି ଦିଆଗଲା । ଏହିଭଳି ଦୁଇ ପ୍ରତ୍ୟକ୍ଷ ଦେବୀ–ଧର୍‌ତନୀ ମାତା ଓ ବନ ବା ଜଙ୍ଗଲ ଦେବୀ ବ୍ରିଟିଶ୍ ଅଧିକାରକୁ ଚାଲିଗଲା । ସେଇଠୁ ଦ୍ରୁତ ଗତିରେ ଆରମ୍ଭ ହୋଇଗଲା ଆଦିବାସୀଙ୍କ ଜମି ହସ୍ତାନ୍ତରୀକରଣ ପର୍ବ ଓ ସଂସ୍କୃତିର ଅବକ୍ଷୟ ଯାହା ଏଯାବତ୍ ଅବ୍ୟାହତ ରହିଛି ।

ଏସବୁ ବିରୋଧରେ ସମଗ୍ର ଭାରତ ବର୍ଷରେ ଫିତୁରି ଓ ଉଲୁ ଗୁହାନ୍ ମାନ ଦେଖା ଦେଇଛି, ଯାହାର ସଂଖ୍ୟା ପ୍ରାୟ ୫୦,୦୦୦ । ଏଇ ସବୁ ବିଦ୍ରୋହମାନଙ୍କ ଭିତରୁ କେତୋଟି ଉଲ୍ଲେଖନୀୟ ବିଦ୍ରୋହ ହେଉଛି ସିଦୁକାନୁ, ବିର୍ସା ମୁଣ୍ଡା ଇତ୍ୟାଦିଙ୍କର ଉଲୁ ଗୁଲାନ୍ ଏବଂ କୋରାପୁଟ ଅଞ୍ଚଳର କନ୍ଧମେଳି, ସୌରାମେଳି, କରମ୍ ତାମାନ୍ ଦୋରାଙ୍କ ରମ୍ପା ବିଦ୍ରୋହ, ତାମାଦୋରାଙ୍କ ଚମ୍ପାଖାରୀ, ମଟୁ ବିଦ୍ରୋହ ବା ଫିତୁରି ଏବଂ ସନ୍ନ୍ୟାସୀ ଆଲୁରି ସୀତାରାମାୟା ରାଜୁଙ୍କ ୧୯୨୨-୨୪ର ଫିତୁରି । ତା ପରେ ପରେ ୧୯୪୨ ସହୀଦ ଲକ୍ଷ୍ମଣ ନାୟକଙ୍କ ଭାରତ ଛାଡ ଆନ୍ଦୋଳନ କ୍ରମରେ ମାଟିଲି ଥାନା ଘେରାଉ ଓ ଗୁଳି କାଣ୍ଡ । ଏସବୁ ଫିତୁରିର ମୂଳ ଲକ୍ଷ୍ୟ ଥିଲା ସରକାର ଆରୋପିତ ପରିବର୍ତ୍ତନକୁ ବାଧା ଦେଇ ପୁରୁଣା ଅର୍ଥ ବ୍ୟବସ୍ଥାକୁ ଫେରାଇ ଆଣିବା । ସୀତା ରାମା ରାଜୁଙ୍କ ନେତୃତ୍ୱରେ ସେଥି ସହ ମିଶିଥିଲା କିଛିଟା ଜାତୀୟବାଦୀ ଚେତନା ।

ଏହିପରି ଭାବେ ୧୮୦୧ ରୁ ୧୯୪୨ ପର୍ଯ୍ୟନ୍ତ ଦେଖା ଦେଇଥିବା ଫିତୁରି ତଥା ସ୍ୱାଧୀନତା ଆନ୍ଦୋଳନ ବାସ୍ତବରେ ଥିଲା ପରିବର୍ତ୍ତନର ପରିବର୍ତ୍ତନ ପାଇଁ ଆନ୍ଦୋଳନ । ଯେଉଁଥିରେ ପ୍ରତୀକ ରୂପେ ଦେଖା ଦେଇଥିଲେ

କେବେ ତାମାଦୋରା ତ କେବେ ସୋଅବି ବଡାଡୁ ଓ ସନ୍ନ୍ୟାସୀ ଆଲୁରି, ପୁଣି କେବେ ଗାନ୍ଧୀ ମହାତ୍ମା । ତାମା ଦୋରାଙ୍କୁ ନେଇ କବି ରାଧା ମୋହନ ଗଡ଼ନାୟକଙ୍କ ସ୍ମରଣୀୟ ପଂକ୍ତି ହେଉଛି –

"ଅମିତ କଣ୍ଠ ଗର୍ଜି ଉଠିଲା ରକତ ଆମର ତାଜା,
ମାଲକାନଗିରି ଆମର ରାଇଜ, ତାମାଦୋରା ଆମ ରାଜା,
ମୁହାଁମୁହିଁ ହେଲେ ଫିରିଙ୍ଗି ଫଉଜ କୋଇଆ ଫଉଜ ଦଳ
ମୋଟୁ ଅଂଚଳ ଘନ ଜଙ୍ଗଲ କମ୍ପିଲା ଥରହର ।"

ସେହିପରି ଲକ୍ଷ୍ମଣ ନାୟକଙ୍କୁ ନେଇ ତାଙ୍କର ରଚନା –

"ମୋର ଯିବାର ବେଳତ ହେଲାଣି
ଭାଇ ହସିହସି ଦିଅ ମେଲାଣି
ମୁଁ ସ୍ୱାଧୀନ ଭାରତ ଦେଖି ନ ପାରିଲି
ଯା ଲାଗି ବାନ୍ଧିଲି ଆଶାର ନିଶୁଣି
ମୁଁ ସ୍ୱାଧୀନ ଭାରତେ ନିଶ୍ଚେ ଫେରିବି
ମୋର ଯିବାର ବେଳତ ହେଲାଣି ।"

କିନ୍ତୁ ଲକ୍ଷଣ ନାୟକଙ୍କ ସ୍ୱପ୍ନ ସେଇ ସ୍ୱପ୍ନରେ ହିଁ ରହିଗଲା । ସ୍ୱାଧୀନତା ଆସିଲା ସତ, କିନ୍ତୁ ମହାଜନୀ କାରବାର, ଗୋତି ପ୍ରଥା, ଜଙ୍ଗଲ ପାନୁ ଆଦାୟ ଇତ୍ୟାଦି ଉପନିବେଶୀୟ ଜୁଲୁମ୍ ଅନେକ ବର୍ଷ ପର୍ଯ୍ୟନ୍ତ ଚାଲୁ ରହିଲା । ଜଙ୍ଗଲ ସହିତ ଆଦିବାସୀର ସଂପର୍କ, ସେଇ ଆଦିବାସୀମାନଙ୍କ ଭାଷାରେ ପାଣି ସହ ମାଛ ଓ ନଖ ସହ ମାଂସର ସଂପର୍କ । ହେଲେ ଜଙ୍ଗଲ ସବୁ ବିଭିନ୍ନ କାରଣରୁ ଉଜୁଡି ଯିବାକୁ ଲାଗିଲା । ଖାଲି ଅବିଭକ୍ତ କୋରାପୁଟ ଜିଲ୍ଲାରେ କରାଗଲା ଚାରି ଚାରିଟି ବୃହତ୍ ନଦୀ ବନ୍ଧ ଯୋଜନା, ଯେଉଁଥିରେ ହଜାର ହଜାର ହେକ୍ଟର ଚାଷ ଜମି ଓ ଜଙ୍ଗଲ ପାଣିରେ ବୁଡି ଧ୍ୱଂସ ହେଲା । ତା ସହ ଧ୍ୱଂସ ହେଲା ପ୍ରାୟ ୪୦୦ ସରି ରାଜସ୍ୱ ଗ୍ରାମ । ପ୍ରଥମେ ମାଛକୁଣ୍ଡ, ପରେ ପରେ ଚିତ୍ରକୋଣ୍ଡା, ଉପର କୋଲାବ ଓ ଶେଷରେ ଇନ୍ଦ୍ରାବତୀ । ତା ସଙ୍ଗେ ସଙ୍ଗେ ସରକାରୀ ସ୍ତରରେ ସୁନାବେଡାରେ ମିଗ କାରଖାନା ତଥା ଦାମନଯୋଡିର ନାଲ୍‌କୋ ବେଶ୍ କିଛି ଗାଁର ଲୋକଙ୍କୁ ବିସ୍ଥାପିତ କଲା । ପ୍ରଥମ ଭାଗରେ ଅର୍ଥାତ୍ ୧୯୪୭ ରୁ ୯୦ ପର୍ଯ୍ୟନ୍ତ ବିନା ପ୍ରତିବାଦରେ ଲୋକେ ଗାଁ ଛାଡି ଦେଇଥିଲେ। ପରେ ଲୋକେ ପ୍ରତିବାଦ କରିବା ଶିଖିଲେ ।

୨୦୦୪ ବେଳକୁ ରାୟଗଡ଼ା-କଳାହାଣ୍ଡିରେ ବ୍ୟାପି ରହିଥିବା ନିୟମଗିରି ଅଞ୍ଚଳରେ ଡଙ୍ଗରିଆ କନ୍ଧମାନେ ବେଦାନ୍ତ ବିରୋଧରେ ଯେଉଁ ପ୍ରତିରୋଧ କଲେ ତାହା ସାମ୍ପ୍ରତିକ ଆଦିବାସୀ ଆନ୍ଦୋଳନର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପି ବଦ୍ଧ ହୋଇ ରହିଗଲା । କାରଣ ଅପ୍ରେଲ ୧୮, ୨୦୧୩ରେ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ବଳରେ ୧୨ଟି

ଗ୍ରାମସଭାର ସର୍ବ ସମ୍ମତି ନିଷ୍ପତ୍ତି କ୍ରମେ ବହୁଦେଶୀୟ ଆଲୁମିନିୟମ କମ୍ପାନୀ ହଟିଗଲା । ଯଦିଓ ସେଠାରେ ଗ୍ରାମ ସଂଖ୍ୟା ୧୧୨, ଏଇ ୧୨ଟି ଗ୍ରାମ ସଭାର ସିଦ୍ଧାନ୍ତକୁ ସରକାର ମାନି ନେଲେ ।

ଅବିଭକ୍ତ କୋରାପୁଟ ଜିଲ୍ଲାରେ ଲକ୍ଷ ଲକ୍ଷ ଜଙ୍ଗଲର ଏଇ ଯେଉଁ ଧ୍ୱଂସ ପର୍ବ ଚାଲିଛି, ସେଥିରେ ଗୋଟିଏ ସ୍ୱୟଂ ସମ୍ପୂର୍ଣ୍ଣ ଅର୍ଥନୀତି ଓ ଅନହୁତି ସଂସ୍କୃତି ମାଲକାନାଗିରି ଜିଲ୍ଲାର କୋଣ୍ଡା କାମେରୁ ଥାନା ଓ ଆଜି ବାଲିମେଳା ଚିତ୍ରକୋଣ୍ଡା ଡେମ୍‌ର ପାଣି ଗର୍ଭରେ । ଖାଲି ମାଛକୁଣ୍ଡ ବୁଡି ଅଞ୍ଚଳରେ ଲୋପ ପାଇଛି ଛୋଟ ବଡ଼ ପ୍ରାୟ ୪୦୦ଟି ପଲ୍ଲୀ । ଏଥି ସହ ଲୋପ ପାଇଛି ବହୁ ପ୍ରାଚୀନ ଜ୍ଞାନ କୌଶଳ, କେତେନା କେତେ ବୃକ୍ଷଲତା ଓ ଔଷଧୀୟ ସଂପଦ, ଝରଣା, ଗିରିନଦୀ ଓ ଜୀବଜନ୍ତୁ । ଆଦିବାସୀର ସାଂସ୍କୃତିକ, ଧାର୍ମିକ ଓ ଅର୍ଥନୈତିକ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ଏହି ଜଙ୍ଗଲ। ଏହା ହିଁ ସେମାନଙ୍କ ଜୀବନ ଓ ଜୀବିକା । ପ୍ରାକୃତିକ ପରିସଂସ୍ଥାନର ଚାରିପଟେ ଘୂରିବୁଲେ ସେମାନଙ୍କ ରୀତି, ନୀତି, ସାମାଜିକ ପରମ୍ପରା ଓ ଅଭ୍ୟାସ ।

ବିସ୍ଥାପିତମାନେ ଦୂର ଦୂରାନ୍ତକୁ ଯାଇ ପୁଣି ଥରେ ନୂଆ ବସତି ସ୍ଥାପନ କରିଛନ୍ତି ସତ, କିନ୍ତୁ ସେଠି ଆଉ ସେଇ ଜଙ୍ଗଲ, ପାହାଡ଼, ଦେବୀ ଦେବତା ଓ ଡୁମାମାନେ ନାହାନ୍ତି । ଡୁମାମାନେ ହେଉଛନ୍ତି ଆଦିବାସୀର ପୂର୍ବ ପୁରୁଷ, ଯେଉଁମାନେ ସେଇ ଗାଁର ଗଛ ବୃକ୍ଷରେ ଆଶ୍ରୟ ନେଇ ଜୀବନ୍ତ ଦେବତା ଭଳି ନିଜ ପରବର୍ତ୍ତୀ ପିଢ଼ିର ମଙ୍ଗଳକାମନା କରିଥାନ୍ତି ବୋଲି ଆଦିବାସୀର ବିଶ୍ୱାସ । କିନ୍ତୁ ସେଇ ବିଶ୍ୱାସ ଧୂଳି ସାତ୍ ହୋଇ ଯାଇଛି। ଆଜି ବି ନୂଆ ଜାଗାରେ ଚାଷ ଓ ଜଙ୍ଗଲ ଜମିର ପଟ୍ଟା ପାଇଁ ସେ ଲଢୁଛି ।

ଆଦିବାସୀର ଅର୍ଥନୀତି ହେଉଛି ଗୋଷ୍ଠୀ ବା କୋଠ ଅର୍ଥନୀତି । ଏ ବିଷୟ ମୋର "ଜୀବନ୍ତ ସଭ୍ୟତା ସଂଘର୍ଷରେ ଆଦିବାସୀ ଜନ ଜୀବନ" ପୁସ୍ତକରେ ବିଶଦ ଭାବେ ଆଲୋଚନା କରିଛି । ଏଇ କୋଠ ଅର୍ଥନୀତିକୁ ନେଇ ଗଢି ଉଠିଥିଲା ସହଯୋଗିତାର ସଂସ୍କୃତି । ସେମାନଙ୍କ ଗୋଷ୍ଠୀରେ ଥିଲା ଏକ ନିଜସ୍ୱ ନ୍ୟାୟ ବ୍ୟବସ୍ଥା, ନିଜସ୍ୱ ଭୂ ବ୍ୟବସ୍ଥା ଏବଂ ସାମାଜିକ ବ୍ୟବସ୍ଥା । ଯେ କେହି ଆଦିବାସୀ କୌଣସି ଗାଁକୁ ଆସି ଜମି ମାଗିଲେ ନାୟକ ତାକୁ ଚାଷ ପାଇଁ ଜମି ଦେଖାଇ ଦେଉଥିଲେ । ଅନ୍ୟପକ୍ଷରେ ରାଷ୍ଟ୍ରର ନ୍ୟାୟ ବ୍ୟବସ୍ଥା ହେଉଛି ଏକ ପ୍ରକାର ଶ୍ରେଣୀଗତ ନ୍ୟାୟ ବ୍ୟବସ୍ଥା । ସେଥିପାଇଁ ଗୋପୀନାଥ ମହାନ୍ତିଙ୍କ ଭାଷାରେ କଚିରି, ଘାଉଁ ଘାଉଁ ଲୋକ, ଗୁମାସ୍ତା, ଟରଣୀ, ଦଳେଇତ (ଚପରାଶି), ଜମାନ୍ (କନଷ୍ଟେବଲ୍) । ଚଷମାପିନ୍ଧା ଓକିଲ ପଛେ ପଛେ ଲସର ପସର ହୋଇ ଦଳଦଳ ଧାଇଁଥିବେ । କାଗଜପତ୍ର ଖସ୍ ଖାସ୍, ବହିଗଦା ଦୁମ୍‌ଦାମ୍ । ନିଶୁଆ ନିଶୁଆ ପଗଡ଼ିବନ୍ଧା ଦଳେଇତ ଜମାନ୍ କଟମଟ କରି ଅନାଇ ରହିଥିବେ । ଟିକେ କଥାକେ ଗର୍ଜନ କଚିରି। ସେ ଦେଶିଆ ଲୋକକୁ ଭାରି ଭୟ, କଚିରି ନ ଚଢିଲା ଲୋଲକୁ । ସବୁ କଥା ଶୁଣାଣିରେ ବଢ଼େ । (ପୃଷ୍ଠା ୩୯୭, ପରଜା)

ତେଣୁ ଯଥାର୍ଥରେ "ଶିକାର" ଗଳ୍ପର ଲେଖକ ଭଗବତୀ ଚରଣ ପାଣିଗ୍ରାହୀ ଏକ ପ୍ରବନ୍ଧରେ ଲେଖିଛନ୍ତି- "ଆଇନ ହେଉଛି ଶ୍ରେଣୀଗତ ଆଇନ ଓ ନ୍ୟାୟ ହେଉଛି ଶ୍ରେଣୀ ଭିତ୍ତିକ ରାୟ ।" (ଯୁଗ ସ୍ରଷ୍ଟା ବିପ୍ଳବୀ ଭଗବତୀ ଚରଣ - ପୃ ୪୦୬।) ଆଦିବାସୀ ଗୋଷ୍ଠୀ ଏହାକୁ ସବୁବେଳେ ଏଡେଇ ଚାଲିଛି । ତେବେ ନିଜ ନିଜ ମଧ୍ୟରେ

ଘଟୁଥିବା କନ୍ଦଳ, ସ୍ୱାମୀ ସ୍ତ୍ରୀ ବିବାଦ, ଜମି ବିବାଦ ଇତ୍ୟାଦିର ସମାଧାନ ପାଇଁ ଏକ ବିକଳ୍ପ ନ୍ୟାୟ ବ୍ୟବସ୍ଥା ସେମାନେ ପ୍ରତିଷ୍ଠା କରିଥିଲେ । ପଞ୍ଚ ବା ପାଞ୍ଚ ମୁଖିଆ ବସି ଏହି ସବୁ ସମସ୍ୟାର ବିଚାରଣା କରୁଥିଲା । ଦଣ୍ଡ ଦିଆଯାଉଥିଲା ଅଭିଯୁକ୍ତ ବ୍ୟକ୍ତିର ସାମର୍ଥ୍ୟକୁ ଚାହିଁ । ଯେପରି ସେ କେଉଁ ସାହୁକାର ପାଖେ ହାତ ପାତିବ ନାହିଁ । ଜମି ଜମା କ୍ଷେତ୍ରରେ ଜଣେ ସ୍ୱେଚ୍ଛା ଜମି ନଛାଡିଲେ ତାକୁ ବାଧ୍ୟ କରାଯାଉନଥିଲା । ୨୦୦୬ ଜଙ୍ଗଲ ଅଧିକାର ଆଇନ ଅନୁସାରେ ଯେଉଁ ସବୁ ଗାଁରେ ବାସ୍ତବରେ ଗ୍ରାମସଭା ହୋଇଛି, ସେଠାରେ, ଗାଁ ଲୋକେ ପ୍ରକୃତ ଚାଷୀରର ଜମିକୁ ଚିହ୍ନଟ କରି ରିପୋର୍ଟ ଦେଇଛନ୍ତି ।

ଆମ ଭାରତର ଗ୍ରାମ୍ୟ ଅର୍ଥନୀତି ଯାହାକୁ ଗାନ୍ଧୀ ସ୍ୱରାଜ ବୋଲି କହୁଥିଲେ ଓ କୁମାରାପ୍ପା କହୁଥିଲେ Villagism / ଗ୍ରାମ୍ୟବାଦ, ସେ ସଂପର୍କରେ ଉତ୍କଳମଣି ଗୋପବନ୍ଧୁ ୧୯୨୬ ମସିହା ଜାନୁୟାରୀ ୬ର ସଂପାଦକୀୟରେ ଉଲ୍ଲେଖ କରିଥିଲେ, "ଜଣେ କାହିଁକି କୋଟୀଶ୍ୱର ହେବ, ଆଉ ଜଣେ କାହିଁକି ଦିନ ରାତି ଖଟି ଖଟି ପେଟ ପୂରା କରି ମୁଠେ ଖାଇବାକୁ ପାଇବ ନାହିଁ ? ସମାଜରେ ଏହି ବିଷମ ଅବସ୍ଥା ରହିବା ଉଚିତ୍ ନୁହେଁ । ଦେଶର ସବୁ ସମ୍ପତ୍ତି ସମଗ୍ର ଜାତିର । ଅର୍ଥାତ୍ ଏହା ସମସ୍ତଙ୍କର କୋଠ ସମ୍ପତ୍ତି । ଆମ ଦେଶରେ ପୂର୍ବେ ଗ୍ରାମର ଅବସ୍ଥା ଏପରି ଥିଲା । ସମ୍ପତ୍ତି କାହାରି ଜଣକର ନୁହେଁ । ସମସ୍ତଙ୍କର କୋଠ ଏପ୍ରକାର କୋଠ ମୌଜାମାନେ ଏକ ପ୍ରକାର ଗୋଟିଏ ଗୋଟିଏ କୋ ଅପରେଟିଭ ସୋସାଇଟି ବା ସହଯୋଗ ସମିତିରେ ପରିଣତ ହୁଅନ୍ତା । କ୍ରମେ ଏହି ଗ୍ରାମ୍ୟ ଅବସ୍ଥା ନଷ୍ଟ ହୋଇଅଛି, ଗ୍ରାମ୍ୟ ଗଠନ ଭାଙ୍ଗି ଯାଉଛି । ବାସ୍ତବରେ ଆଦିବାସୀ ସମାଜରେ ଏତେ ଏତେ ଘାତ ପ୍ରତିଘାତ ସତ୍ତ୍ୱେ ଏତେ ବିସ୍ଥାପନ ଓ ପୁନର୍ବାସ ସତ୍ତ୍ୱେ ଏ ବ୍ୟବସ୍ଥା ଅଳ୍ପେ ବହୁତେ ବେଶ୍ କିଛି ଗାଁରେ ବଳବତ୍ତର ରହିଛି । ଗାଁର ବିକାଶ ଧୀରେ ଧୀରେ ହେଉଛି ।

ଉପସଂହାରରେ ଏତିକି କହିବି ଯେ, ଏଠାକାର ଆଦିବାସୀ ସଭ୍ୟତା ପ୍ରାୟ ହଜାର ହଜାର ବର୍ଷ ତଳର । ଏହାର ଚେର କାହିଁ କେତେ ଗଭୀରକୁ ଯାଇଛି । ସେଇ ଗୋଟିଏ କାରଣ ସକାଶେ, ଜଙ୍ଗଲର କଟା ହୋଇଥିବା ଗଛ ପୁଣି ଥରେ କୁଆଁ ମେଲି ଗଜୁରିବା ଭଳି, ଯେତେ ଧ୍ୱସ୍ତ ବିଧ୍ୱସ୍ତ ହେଲେ ମଧ୍ୟ, ଯେତେ ଝଡ ଝଞ୍ଜାର ସାମ୍ନା କଲେ ମଧ୍ୟ ସେମାନଙ୍କ ସଂସ୍କୃତି ଓ ଭାଷା ବଞ୍ଚି ରହିଛି । ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ଶିକ୍ଷିତ ଯୁବତୀ ଓ ଯୁବକମାନଙ୍କ ମଧ୍ୟରେ ଏ ଦିଗରେ ବେଶ୍ କିଛି ଆଗ୍ରହ ସୃଷ୍ଟି ହୋଇଛି । ଯଦିଓ କିଛି କିଛି ବ୍ୟକ୍ତି ନିଜକୁ ସମାଜର ଉର୍ଦ୍ଧ୍ୱରେ ଥିବା ଭାବି ଗୋଷ୍ଠୀର ସୁଖ ଦୁଃଖରେ ଭାଗ ନେଉ ନାହାନ୍ତି, ମୁଖ୍ୟ ଭାଗ ଶିକ୍ଷିତ ଓ ଅର୍ଦ୍ଧ ଶିକ୍ଷିତ, ସେମାନେ ଯେଉଁ ସାଂସ୍କୃତିକ ଓ ଭାଷାଗତ ବନ୍ଧନରେ ବାନ୍ଧି ହୋଇ ରହିଛନ୍ତି, ତାର ପୁନରାବିଷ୍କାର ଉଦ୍ୟମରେ ରହିଛନ୍ତି ।

ତାରଲାକୋଟା, କୋରକୁଣ୍ଡା
ମାଲକାନଗିରି

❖❖❖

# ଜନଜାତିଙ୍କ ଖାଦ୍ୟ ଅଭ୍ୟାସ

**ଡ. ସଞ୍ଜୁକ୍ତା ମହାରଣା**

ଓଡ଼ିଶା ଏକ ବହୁ ଚର୍ଚ୍ଚିତ ଜନଜାତି ବହୁଳ ରାଜ୍ୟ । ୨୦୧୧ ମସିହାର ଜନଗଣନା ଅନୁସାରେ ଓଡ଼ିଶାର ଜନଜାତି ସଂଖ୍ୟା ହେଉଛି ୯୫,୯୦,୭୫୬; ଯାହା ରାଜ୍ୟର ମୋଟ ଜନସଂଖ୍ୟାର ୨୨.୮୫% ଅଟେ । ଏହି ରାଜ୍ୟରେ ୬୪ ପ୍ରକାରର ଜନଜାତି ବାସ କରନ୍ତି । ସେଥିମଧ୍ୟରୁ ୧୩ଟି ଜନଜାତି ପିଭିଟିଜି ଶ୍ରେଣୀରେ ଅନ୍ତର୍ଭୁକ୍ତ। ଓଡ଼ିଶାର ପ୍ରମୁଖ ଜନଜାତି ଗୁଡିକ ହେଲେ ସାନ୍ତାଳ, ଗୋଣ୍ଡ, ଭୂୟାଁ, ସଉରା, ଜୁଆଙ୍ଗ, କନ୍ଧ, ମୁଣ୍ଡା, ଡ଼ିଡାୟୀ, ପରଜା ଇତ୍ୟାଦି । ଏହି ଜନଜାତିମାନେ ମୁଖ୍ୟତଃ ପାହାଡ଼ିଆ ଅଞ୍ଚଳରେ ବସବାସ କରନ୍ତି ଓ ପ୍ରକୃତିର ସନ୍ତାନ ଭାବେ ପରିଚିତ । ଏମାନେ ପ୍ରକୃତିର କୋଳରେ ନିଜର ଜୀବନକୁ ଅତି ସହଜ ଓ ସାଧାରଣଭାବେ ଅତିବାହିତ କରନ୍ତି । ଏହି ଜନଜାତିମାନଙ୍କର ଏକ ବିଶିଷ୍ଟ ସାଂସ୍କୃତିକ ଐତିହ୍ୟ ରହିଛି, ଯାହାର ବ୍ୟାଖ୍ୟାନ କରିବା ଆଦୌ ସହଜ ନୁହେଁ। କାରଣ, ଏହା ସେମାନଙ୍କ ଭାଷା, ପରମ୍ପରା ଏବଂ ଜୀବନଶୈଳୀ ଜରିଆରେ ବିଶେଷ ଭାବେ ଦୃଶ୍ୟମାନ । ଏମାନେ ପ୍ରାକୃତିକ ସମ୍ପଦ ଓ ଅନୁଷ୍ଠାନଗତ ସଂସ୍କୃତି ସହିତ ଖାଦ୍ୟର ବ୍ୟବହାର କରନ୍ତି; ଯାହା ସେମାନଙ୍କ ପରମ୍ପରାର ଏକ ବିଶ୍ୱସ୍ତ ଅଂଶ ଭାବେ ଜଡିତ ଖାଦ୍ୟ ତିଆରି କରନ୍ତି । ଏହାର ମୁଖ୍ୟ ଉପାଦାନ ହେଲା ଶାଗ-ପତ୍ର, ଧାନ, ଫଳ, ମାଂସ ଓ ଜଙ୍ଗଲରୁ ମିଳୁଥିବା ଅନ୍ୟାନ୍ୟ ପଦାର୍ଥ ଇତ୍ୟାଦି । ଏହି ଖାଦ୍ୟ ପ୍ରଣାଳୀ ସାଂସ୍କୃତିକ ଏବଂ ପୌଷ୍ଟିକ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖେ । ସେମାନେ ଖାଦ୍ୟକୁ କେବଳ ଜୀବନଜୀବିକାର ଏକ ଅଂଶ ଭାବେ ନୁହେଁ, ବରଂ ଏହାକୁ ସାଂସ୍କୃତିକ ଅନୁଷ୍ଠାନର ଅଭିନ୍ନ ଅଂଶ ଭାବେ ମନେ କରନ୍ତି । ସେମାନଙ୍କ ଏହି ପରମ୍ପରାଗତ ଖାଦ୍ୟ ପ୍ରଣାଳୀ ସମ୍ପୃକ୍ତ ସାଂସ୍କୃତିକ ଏବଂ ପୌଷ୍ଟିକ ଉତ୍ତରାଧିକାରକୁ ରକ୍ଷା କରିଥାଏ ଏବଂ ପ୍ରକୃତିରେ ସେମାନଙ୍କ ଅସମ୍ଭବ ଅଂଶଦାନର ପ୍ରମାଣ ଦେଇଥାଏ ।

ତେବେ, ସମ୍ପ୍ରତି ଆଧୁନିକତା ଏବଂ ସହରୀକରଣ ଦ୍ୱାରା ଜନଜାତିମାନଙ୍କ ଖାଦ୍ୟ ଅଭ୍ୟାସରେ ଦ୍ରୁତ ପରିବର୍ତ୍ତନ ଦେଖିବାକୁ ମିଳୁଛି, ଯାହା ସେମାନଙ୍କ ଜୀବିକା ଏବଂ ସ୍ୱାଧୀନତା ପ୍ରତି ସେମାନଙ୍କ ଆକାଂକ୍ଷାକୁ ପ୍ରତିବିମ୍ବିତ କରୁଛି । ତଥାପି ସଂସ୍କୃତିଗତ ପରିଚୟ, ପୌଷ୍ଟିକ ଅସମାନତା ଏବଂ ସ୍ୱଚ୍ଛ ପରିବେଶର ହ୍ରାସ ଇତ୍ୟାଦି ଚିନ୍ତାର ବିଷୟ । ଏହି ସମସ୍ୟାକୁ ଦୂର କରିବା ପାଇଁ ଦରକାର ହେଉଛି ସମନ୍ୱୟ । ପରମ୍ପରାଗତ ଏବଂ ଆଧୁନିକ ଖାଦ୍ୟ ପ୍ରଣାଳୀ ସହିତ ସମ୍ମିଳିତ କରି ସ୍ୱାସ୍ଥ୍ୟ ଓ ସ୍ୱାଭାବିକ ପରିବେଶ ସହିତ ଅଗ୍ରସର କରାଯାଇପାରିବ ।

ଜନଜାତି ଲୋକମାନଙ୍କ ପରମ୍ପରାଗତ ଖାଦ୍ୟ ପ୍ରଣାଳୀର ସ୍ୱାସ୍ଥ୍ୟ ଓ ସାଂସ୍କୃତିକ ମୂଲ୍ୟକୁ ରକ୍ଷା କରିବା ଏବଂ ତାହାକୁ ଆଧୁନିକ ଦୃଷ୍ଟିକୋଣ ସହିତ ସମତାଳରେ ଅଗ୍ରସର କରାଇବା ଏକ ସଂଗଠିତ ପ୍ରୟାସ । ଏହା ଜନଜାତିମାନଙ୍କ ସାଂସ୍କୃତିକ ଅସ୍ତିତ୍ୱକୁ ସୁରକ୍ଷିତ ରଖି , ସେମାନଙ୍କ ସଚେତନତା, ସୁସ୍ଥ ଜୀବନଶୈଳୀ ଏବଂ ପରିବାର ଜୀବିକାକୁ ମଜବୁତ କରିବ । ଏହି ଉଦ୍ଦେଶ୍ୟକୁ ସ୍ପଷ୍ଟ କରିବା ପାଇଁ ଜନଜାତିଙ୍କ ପାରମ୍ପରିକ ଖାଦ୍ୟ ଓ ଖାଦ୍ୟାଭ୍ୟାସ, ଆଧୁନିକ ଖାଦ୍ୟଶୈଳୀର ପ୍ରଭାବ ଏବଂ ପରିବର୍ତ୍ତନ ଯୋଗୁଁ ହେଉଥିବା ଅସୁବିଧା ଭଳି ତିନୋଟି ମୁଖ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଅଛି ।

ଓଡ଼ିଶାର ପ୍ରମୁଖ ଜନଜାତିମାନଙ୍କ ମଧ୍ୟରୁ ୭ ଗୋଟି ଜନଜାତି ଯଥା ବଣ୍ଡା, ଲୋଧା, ମାଙ୍କିଡ଼ିଆ, ଜୁଆଙ୍ଗ, ପାଉଡ଼ି ଭୂୟାଁ, ଚୁକ୍‌ଟିଆ ଭୁଞ୍ଜିଆ ଏବଂ ସଉରାମାନଙ୍କ ଖାଦ୍ୟ ଓ ଖାଦ୍ୟାଭ୍ୟାସ ଉପରେ ଏହି ପ୍ରବନ୍ଧଟି ପର୍ଯ୍ୟବେଶିତ । ଏହି ବିଷୟବସ୍ତୁ ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଗୁଡିକ ବିଭିନ୍ନ ପୁସ୍ତକ, ନିବନ୍ଧ ଗୁଡିକରୁ ସଂଗୃହୀତ ହୋଇଛି ।

**ଜନଜାତିଙ୍କ ପାରମ୍ପରିକ ଖାଦ୍ୟ ଓ ଖାଦ୍ୟାଭ୍ୟାସ :**

ଖାଦ୍ୟପାଇଁ ମଣିଷମାନେ ପ୍ରକୃତି ଉପରେ ହିଁ ନିର୍ଭରଶୀଳ । ମଣିଷର ଆର୍ଥିକ ଅବସ୍ଥା, ସାମାଜିକସ୍ଥିତି, ବ୍ୟକ୍ତିଗତ ବା ଗୋଷ୍ଠୀଗତ ରୁଚି ଏବଂ ଅଭିରୁଚି ମଧ୍ୟ ଖାଦ୍ୟର ସ୍ୱରୂପ, ପ୍ରକୃତିକରଣ ଓ ସଂରକ୍ଷଣକୁ ନିୟନ୍ତ୍ରଣ କରିଥାଏ । ଏହି ଦୃଷ୍ଟିକୋଣରୁ ବିଚାର କଲେ, ଜନଜାତିମାନଙ୍କର ଖାଦ୍ୟରୁଚି ଓ ଖାଦ୍ୟାଭ୍ୟାସରେ ବହୁଳ ବିବିଧତା ପରିଲକ୍ଷିତ ହୋଇଥାଏ । ସେମାନେ ତାଙ୍କ ପରିବେଶରୁ ଜୀବନ ବଞ୍ଚିବାର ଶୈଳୀ ଶିଖିଥିବା ପରି, ଖାଦ୍ୟରୁଚି ଓ ଖାଦ୍ୟାଭ୍ୟାସର ଶୈଳୀ ମଧ୍ୟ ପ୍ରାକୃତିକ ଆଧାରରୁ ସହଜ ଭାବରେ ଆହରଣ କରିଥାନ୍ତି । ସେମାନେ ପାହାଡ଼ ଓ ଜଙ୍ଗଲରେ ବାସ କରିବାରୁ ଜଙ୍ଗଲ ଏବଂ ଜଙ୍ଗଲରୁ ମିଳୁଥିବା ବିଭିନ୍ନ ଉପାଦାନକୁ ନିଜ ଜୀବନରେ ସମ୍ପୃକ୍ତ କରି ତାହାକୁ ସମ୍ମିଳିତ କରିବାରେ ପ୍ରବୃତ୍ତ ହୁଅନ୍ତି ।

**ଓଡ଼ିଶାର କେତେକ ପ୍ରମୁଖ ଜନଜାତି ଓ ସେମାନଙ୍କ ଖାଦ୍ୟର ଏକ ତାଲିକା**

**ବଣ୍ଡା :**

ବଣ୍ଡାମାନେ ମୁଖ୍ୟତଃ ପୂର୍ବଘାଟ ପର୍ବତମାଳା ଅର୍ନ୍ତଭୁକ୍ତ ମାଲକାନାଗିରି ଜିଲ୍ଲାର କଣ୍ଡାକାମ୍ବେରୁ ଉଚ୍ଚ ପର୍ବତ ଶ୍ରେଣୀର ଆଭ୍ୟନ୍ତର ପ୍ରଦେଶରେ ବାସ କରନ୍ତି । ୨୦୧୧ର ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା ୧୨,୨୩୧ ଅଟେ । ବଣ୍ଡାମାନେ ଜଙ୍ଗଲଜାତ ଦ୍ରବ୍ୟକୁ ସଂଗ୍ରହ କରନ୍ତି ଏବଂ ବିଭିନ୍ନ ପଶୁପକ୍ଷୀଙ୍କୁ ଶିକାର କରି ନିଜର ଜୀବିକା ନିର୍ବାହ କରିଥାନ୍ତି ।

ଖାଦ୍ୟ :

ଦୈନନ୍ଦିନ ଜୀବନରେ ବଣ୍ଡାମାନେ ମୁଖ୍ୟତଃ ଦୁଇପ୍ରକାରର ଯଥା (ସୁଆଁ ଭାତ, ଚାଉଳ ଭାତ) କିମ୍ବା ସୁଆଁ ଓ ଚାଉଳ ମିଶ୍ରିତ ଭାତକୁ ରାନ୍ଧି ଦିନକୁ ଦୁଇଥର ଗରମ ଭାତ ହିସାବରେ ଖାଇଥାନ୍ତି । ଭାତ ଓ ମାଣ୍ଡିଆ ପେଜ ସହିତ

ଏମାନେ ବିଭିନ୍ନ ପ୍ରକାରର ପନିପରିବା ଯେପରି ବାଇଗଣ, ଆଳୁ, ଟମାଟୋ, ଭେଣ୍ଡି, ମୂଳା, କାକୁଡ଼ି, କଞ୍ଚା କଦଳୀ, ଅମୃତ ଭଣ୍ଡା,  ଲାଉ, ପଣସ, ପଣସ କଠା, ଶିମ୍ବ, କରଡ଼ି ସହିତ ଶୁଖୁଆ, ବିଭିନ୍ନ ପ୍ରକାରର ଶାଗ, ଛତୁ, ମାଛ ଓ ମାଂସର ତରକାରି ପ୍ରସ୍ତୁତ କରି ନିଜର ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି । ଏତଦ୍ ବ୍ୟତୀତ ବଣ୍ଡାମାନେ ସଲପ ଗଛର ଗୁଣ୍ଡ, ଆମ୍ବ ଟାକୁଆରୁ ପେଜ ପ୍ରସ୍ତୁତ କରି ସେବନ କରନ୍ତି । ବିଭିନ୍ନ ସମୟରେ ଜଙ୍ଗଲରୁ ସଂଗୃହୀତ ବିଭିନ୍ନ ପ୍ରକାରର କନ୍ଦା ଯଥା ପଳ କନ୍ଦା, ଲଙ୍ଗଳ କନ୍ଦା, ତାରକାଇ କନ୍ଦା, ବାରିଆ କନ୍ଦା, ପିତା କନ୍ଦା ଇତ୍ୟାଦିକୁ ସିଝାଇ ଆନନ୍ଦ ଉଲ୍ଲାସରେ ଖାଇଥାନ୍ତି ।

ପର୍ବପର୍ବାଣୀମାନଙ୍କରେ ବଣ୍ଡାମାନେ ମୁଖ୍ୟତଃ ମାଂସ ଓ ଭାତ ସହିତ ମାଣ୍ଡିଆ ଚୁନା, ଝୁଡଙ୍ଗ, ଡଙ୍ଗରାଣୀ, ଶିମ୍ବ ମଞ୍ଜିକୁ ମିଶାଇ ଏକ ପ୍ରକାରର ପିଠା ପ୍ରସ୍ତୁତ କରି ଖାଇଥାନ୍ତି । ଏହାଛଡା ହାଣ୍ଡିଆ କିମ୍ବା ସଲପକୁ ମଧ୍ୟ ନିଜ ଦୈନନ୍ଦିନ ଜୀବନରେ ମୁଖ୍ୟ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି ।

ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ :

ସାଧାରଣତଃ ବଣ୍ଡାମାନେ ଜଙ୍ଗଲରୁ ସଂଗୃହିତ ଫଳମୂଳକୁ ସିଝାଇ କିମ୍ବା ପୋଡି ଖାଇଥାନ୍ତି । ଆବଶ୍ୟକକ୍ରମେ ଖାଦ୍ୟକୁ ସୁଆଦିଆ ବନେଇବା ପାଇଁ ସେଥିରେ ମସଲା ହିସାବରେ ଲୁଣ, ଲଙ୍କା, ହଳଦୀ, ପିଆଜ ଓ ରସୁଣକୁ  ଛେଚି ବ୍ୟବହାର କରନ୍ତି । ଏମାନେ ଖାଦ୍ୟ ପ୍ରସ୍ତୁତିରେ ତେଲ ବ୍ୟବହାର କରନ୍ତିନାହିଁ ।

**ଜୁଆଙ୍ଗ :**

ଜୁଆଙ୍ଗମାନେ ଓଡ଼ିଶାର ପ୍ରାଚୀନତମ ଜନଜାତି ରୂପେ ସୁପରିଚିତ । କିମ୍ବଦନ୍ତୀ  ଅନୁସାରେ କେନ୍ଦୁଝରର ହେଉଛି ଏମାନଙ୍କ ମୂଳମାଟି । କାରଣ ଜୁଆଙ୍ଗମାନେ କେନ୍ଦୁଝରର 'ଜୁଆଙ୍ଗ ପୀଢ଼'ରେ ବସବାସ କରୁଥିଲେ । ସମାୟାନୁକ୍ରମେ ଏମାନେ କେନ୍ଦୁଝର, ଅନୁଗୁଳ ଜିଲ୍ଲାର ପାଲଲହଡ଼ା ଅଞ୍ଚଳ ଏବଂ ଢେଙ୍କାନାଳ ଜିଲ୍ଲାରେ ବହୁଳ ଭାବରେ ବାସ କରୁଥିବାର ଦୃଶ୍ୟମାନ ହୁଏ । ୨୦୧୧ର ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା ୪୭୦୯୫ ଅଟେ । ଆଗକାଳରେ ଜୁଆଙ୍ଗମାନେ  ଜଙ୍ଗଲରୁ  ବଣ କୁକୁଡା ଅଣ୍ଡା, ମୟୁର ଅଣ୍ଡା, ମହୁ, ଛତୁ ଓ ଅନ୍ୟାନ୍ୟ କେତେକ ସ୍ୱାଦିଷ୍ଟ ଫଳ ସଂଗ୍ରହ କରି ନିଜର ଜୀବନ ଜୀବିକା ନିର୍ବାହ କରୁଥିଲେ । ଏମାନେ କେବଳ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିଲେ । ଶିକାର, ଖାଦ୍ୟ ସଂଗ୍ରହ, ସାଧାରଣ କୃଷି ଓ ପୋଡୁ ଚାଷ କରି ନିଜର ଜୀବନ ଅତିବାହିତ କରୁଛନ୍ତି । ପୋଡୁ ଚାଷ ଏମାନଙ୍କର ଲୋକପ୍ରିୟ ଜୀବିକା ଅଟେ ।

ଖାଦ୍ୟ   :

ଜୁଆଙ୍ଗମାନେ ଦୈନନ୍ଦିନ ଜୀବନରେ ଭାତ, ମକା, ବାଜରା ଓ ବିଭିନ୍ନ ପ୍ରକାରର ଫଳମୂଳ, କନ୍ଦା ଇତ୍ୟାଦିକୁ  ମୁଖ୍ୟ ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି । ଏମାନେ ଗରମ ଭାତ ଅପେକ୍ଷା ପଖାଳ ଭାତ ଖାଇବାକୁ

ବେଶ ଭଲପାଆନ୍ତି । ଚାଉଳ ଭାତ ଛଡା ଏମାନେ ମାଣ୍ଡିଆରୁ ଭାତ ପ୍ରସ୍ତୁତ କରି ଖାଇଥାନ୍ତି । ଜଙ୍ଗଲ ଜାତ ଚେର ଓ ମୂଳ କନ୍ଦା ସଂଗ୍ରହ କରି ସେଗୁଡ଼ିକୁ ସିଝାଇ ଖାଇବାକୁ ପସନ୍ଦ କରନ୍ତି । ଜୁଆଙ୍ଗମାନେ ଦିନକୁ ତିନି ବେଳା ଖାଇଥାନ୍ତି କିନ୍ତୁ ଅଭାବ ସମୟରେ ଦିନକୁ ଦୁଇଥର ଖାଇଥାନ୍ତି । ଏହି ଜନଜାତିର ଲୋକମାନେ ମାଛ ତରକାରୀ ଖାଇବାକୁ ବହୁତ ଭଲପାଆନ୍ତି । ଏହା ସହିତ ପନିପରିବା  ମଧ୍ୟରେ ବାଇଗଣ, ଭେଣ୍ଡି, ଆଳୁ , ଶିମ୍ବ, କଳରା, ପଣସ, ବୋଇତାଳୁ, ଲାଉ, ବାଉଁଶ କରଡି, କାକୁଡି ଇତ୍ୟାଦିକୁ ସିଝେଇ ବା ପୋଡ଼ି ଖାଇଥାନ୍ତି ।  ସେହିପରି ଜଙ୍ଗଲରୁ ସଂଗୃହିତ ଛତୁ ମଧ୍ୟରେ କାଠ ଛତୁ, ବାଲି ଛତୁ, ପତର ଛତୁ, ପାଳ ଛତୁ, ମଣ୍ଡା ଛତୁ ଇତ୍ୟାଦକୁ ରାନ୍ଧି ଖାଇଥାନ୍ତି । ଶାଗ ମଧ୍ୟରେ ସୋରିଷ ଶାଗ, ସଜନା ଶାଗ, ଶୁଙ୍କ ଶାଗ, କୁଇଲାରୀ ଶାଗ, କାଇଁଚଣା ଶାଗ, ଲଇଙ୍ଗା ଶାଗ, ଆଲେଇ ଶାଗ ଓ ରୋଷେଇ କରି ଆହାରଣ କରିଥାନ୍ତି । ଏହା ବ୍ୟତୀତ କୁକୁଡ଼ା ମାଂସ, ଅଣ୍ଡା, ଛେଳି ମାଂସ, ଝରିଆ ପୋକକୁ ସିଝାଇ ଖାଇବାକୁ ଭଲପାଆନ୍ତି ।

ବିଭିନ୍ନ ପ୍ରକାରର ପର୍ବପର୍ବାଣୀରେ ବାଘ ଓ ଶାଗୁଣାର ମାଂସ ଛଡ଼ା ଆଉ ସବୁ ପ୍ରକାରର ମାଂସ ଖାଇଥାନ୍ତି । ଏହା ବ୍ୟତୀତ ବିଭିନ୍ନ ପ୍ରକାରର ପିଠା ଯଥା – ମାଣ୍ଡିଆ ପିଠା, ମକା ପିଠା, ଆମ୍ବଟାକୁ ପିଠା, ଚାଉଳ ପିଠା ତିଆରି କରି ଖାଇଥାନ୍ତି । ଏହି ସମସ୍ତ ପିଠାକୁ ସେମାନେ ସିଝାଇ ବା ଶାଳ ପତ୍ରରେ ପୋଡ଼ି ଖାଇଥାନ୍ତି ।

ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ :

ଜୁଆଙ୍ଗମାନଙ୍କର ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ଅତ୍ୟନ୍ତ ସାଧାରଣଧରଣର । ଏମାନେ ମାଛ ଓ ମାଂସକୁ ଭଲ ଭାବରେ ସଫା କରି ଗୋଟିଏ ପାତ୍ରରେ ଅଳ୍ପ ପାଣି ଦେଇ ସେଥିରେ ଲୁଣ, ହଳଦୀ, ରସୁଣ, ଲଙ୍କା ଓ ତେଲ ପକେଇ ସିଝେଇ କିମ୍ବା ଶାଳ ପତ୍ରରେ ପୋଡ଼ି ଖାଇବାକୁ ଭଲ ପାଇନ୍ତି ।  କୁକୁଡ଼ା ଅଣ୍ଡାକୁ ପୋଡି କିମ୍ବା କଞ୍ଚା ଖାଇବାକୁ ଭାରି ଭଲପାଆନ୍ତି ।

**ଲୋଧା :**

ଲୋଧା ଓଡ଼ିଶାରେ ଅନ୍ୟତମ ଜନଜାତି ରୂପେ ପରିଚିତ । ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ବ୍ଲକ ଅନ୍ତର୍ଗତ ଶୁଳିଆପଡ଼ା ଗ୍ରାମରେ ବସତି ଏମାନଙ୍କର । ଏହା ବ୍ୟତୀତ ବାରିପଦା, ଖୁଣ୍ଟା, ଉଦଳା, କପ୍ତିପଦା ଆଦି ଅଞ୍ଚଳରେ ମଧ୍ୟ ଲୋଧାମାନେ ବସବାସ କରନ୍ତି । ଖାଲି ଓଡ଼ିଶା ନୁହେଁ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ମଧ୍ୟ ଲୋଧା ସଂପ୍ରଦାୟ ବସବାସ କରୁଥିବାର ଦେଖାଯାଏ । ୨୦୧୧ ମସିହା ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା୯୬୬୦ ଅଟେ ।

ଖାଦ୍ୟ:

ଲୋଧାମାନଙ୍କ ଖାଦ୍ୟ ଓ ଚ଼ଳଣୀରେ ଭିନ୍ନତା ପରିଲିକ୍ଷିତ ହୁଏ । ଏମାନଙ୍କର ମୁଖ୍ୟ ଖାଦ୍ୟ ହେଉଛି – ଭାତ, ଡ଼ାଲି । ଲୋଧା ସଂପ୍ରଦାୟର ଜନଜାତିମାନେ ଗରମ ପଖାଳ ଭାତ ସହିତ ନାନା ଜାତିର ଶାଗକୁ ରୋଷେଇ କରି ମୁଖ୍ୟ ଖାଦ୍ୟ ହିସାହରେ ଗ୍ରହଣ କରିଥାନ୍ତି । ମହୁଲ ସିଝା, ମହୁଲ ଖିରି, ମାଂସ ପୋଡ଼ା, ଗେଣ୍ଡା ପୋଡ଼ା, କଙ୍କଡ଼ା

ପୋଡ଼ା, ପଣସ ସିଝା ସହିତ ଚୂଡ଼ା, ମୂଢ଼ି, ଆଳୁ ସିଝା, ମାଂସ ପତୁଆ, ଗେଣ୍ଡା ପତୁଆ ଆଦିକୁ ପ୍ରଧାନ ସହକାରୀ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି । ଏତତ୍ ବ୍ୟତୀତ ଜଙ୍ଗଲରୁ ସଂଗୃହିତ ଏକ ପ୍ରକାର ଚେ଼ର 'ଚ଼ାମୁଆଁ' କୁ ନିଆଁରେ ପୋଡ଼ି ଆହାର କରନ୍ତି । ଏମାନେ ବିଭିନ୍ନ ପର୍ବ ଖୁବ୍ ଆଡମ୍ବର ସହକାରେ ପାଳନ କରନ୍ତି । ଏହି ପର୍ବ ଗୁଡ଼ିକରେ ଜଙ୍ଗଲରୁ ଶିକାର କରି ଆଣିଥିବା ହରିଣ ଠେକୁଆ, ଝିଙ୍କ, କୁଟାରୀର ମାଂସ, ଘରେ ପାଳିଥିବା କୁକୁଡ଼ାର ମାଂସ, ପଣସ, ମୁଢି ଖାଇଥାନ୍ତି । ମାଛ, ମାଂସ, ଚୁଡା, ମୁଢିରେ ଗୁଡ଼ ଚିନି ପରିବର୍ତ୍ତେ ମହୁ ମିଶାଇ ଖାଆନ୍ତି ।

ମହୁଲରେ ତିଆରି ମହୁଲ ମୁଆଁ, ଖିରି ଏମାନଙ୍କ ଏକ ସ୍ୱତନ୍ତ୍ର ତଥା ପ୍ରିୟ ଖାଦ୍ୟ ଅଟେ । ବିଭିନ୍ନ ପର୍ବପର୍ବାଣୀରେ ଏମାନଙ୍କ ମାଛ, ମାଂସ ସହିତ ମଦ, ହାଣ୍ଡିଆକୁ ଖାଇବାକୁ ଭଲପାଆନ୍ତି । ପୂର୍ବରୁ ଏହି ଜନଜାତିର ଲୋକମାନେ କୌଣସି ମସଲା ବ୍ୟବହାର କରନ୍ତି ନାହିଁ । ଏମାନେ ପନିପରିବାକୁ ସିଝେଇ କିମ୍ବା ପୋଡ଼ି ଖାଇବାକୁ ଭଲ ପାଆନ୍ତି ।

ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ :

ଏହି ଜନଜାତିର ଲୋକମାନେ କୌଣସି ପ୍ରକାରର ମସଲା ବ୍ୟବହାର କରନ୍ତି ନାହିଁ । ପନିପରିବା ମଧ୍ୟରେ ଜହ୍ନି, ଭେଣ୍ଡି, କଲରା, ବାଇଗଣ, ଖମ୍ବ ଆଳୁ, ଡୁଙ୍ଗା ଆଳୁ ସିଝାଇ ଚକଟି ଗୁଣ୍ଡ କରିକି ଖାଇବାକୁ ଭଲପାଆନ୍ତି । ସମୟାନୁକ୍ରମେ ତରକାରୀକୁ ସ୍ୱାଦିଷ୍ଟ କରିବା ପାଇଁ ପିଆଜ, ରସୁଣ, ଲୁଣ, ଲଙ୍କା, ହଳଦୀ, ଜିରା, ଧନିଆଁ, ଅଦା, ସୋରିଷ, ସୋରିଷ ତେଲ ଇତ୍ୟାଦିକୁ ମିଶାଇ ରାନ୍ଧିଲେଣି ।

**ମାଙ୍କଡ଼ିଆ :**

ମାଙ୍କଡ଼ିଆମାନେ ବୀରହୋର୍ ଗୋଷ୍ଠୀ ଅର୍ନ୍ତଭୁକ୍ତ ଅନ୍ୟତମ ଅର୍ଦ୍ଧ ଯାଯାବର ଜନଜାତି ରୂପେ ସୁପରିଚିତ । ଏମାନେ ମୁଖ୍ୟତଃ ଖାଦ୍ୟ ସଂଗ୍ରହକାରି ବା ଶିକାର ଗୋଷ୍ଠୀରୂପେ ମଧ୍ୟ ପରିଚି଼ତ । ପାରମ୍ପରିକ ଜ୍ଞାନକୌଶଳକୁ ଅବଲମ୍ବନ କରି ମାଙ୍କଡ ଧରିବା ଓ ଦଉଡ଼ି ବୁଣିବା କାର୍ଯ୍ୟରେ ନିପୁଣ ଥିବାରୁ ଏମାନଙ୍କୁ ମାଙ୍କଡ଼ିଆ ବୋଲି କୁହାଯାଏ । ଏହି ସଂପ୍ରଦାୟର ଜନଜାତିମାନଙ୍କୁ କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲାରେ ମାଙ୍କଡି କୁହାଯାଉଥିବା ବେଳେ ମୟୂରଭଞ୍ଜ ଓ ସମ୍ବଲପୁର ଜିଲ୍ଲାରେ ମାଙ୍କିଡ଼ିଆ ନାମରେ ଏମାନେ ଖୁବ୍ ଚର୍ଚ୍ଚିତ ।

ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ଦେବଗଡ଼, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାର ଅନେକାଂଶରେ ଏହି ମାଙ୍କଡ଼ିଆ ଜନଜାତିମାନଙ୍କ ବସତି ଦେଖିବାକୁ ମିଳେ । ୨୦୧୧ ମସିହା ଜନଗଣନା ଅନୁସାରେ ଏମାନଙ୍କର ସଂଖ୍ୟା ୨୨୨୨ ଅଟେ ।

ଖାଦ୍ୟ :

ଏହି ଜନଜାତିର ଲୋକମାନେ ମାଙ୍କଡ଼ ଶିକାର କରିବା ସହ ଏହାର ମାଂସକୁ ମୁଖ୍ୟ ଖାଦ୍ୟ ରୂପେ ଗ୍ରହଣ କରନ୍ତି । ଏମାନଙ୍କର ସକାଳେ ଓ ସଂନ୍ଧ୍ୟାରେ ଗରମ ପଖାଳ ଭାତ ସହ ଖଟା, ତେନ୍ତୁଳି ଓ ଟକଭେଣ୍ଡି, ଖାଇବାକୁ

ଭଲ ପାଆନ୍ତି । ଏମାନେ ମୁଖ୍ୟ ସହାୟକ ଖାଦ୍ୟ ରୂପେ ବିଭିନ୍ନ ପ୍ରକାର ଜଙ୍ଗଲ ଜାତ ଶାଗ ଯଥା - ଜଙ୍ଗଲି ଶାଗ (କଣ୍ଟିଆଳ), ବାଇବିଣ୍ଡି ବା ଗୁଡମହନ, ସଜନା (ମୁଗାଁକା), ନଡ଼ରଡ୍ଡୁଙ୍କ (ନରଡ଼ଙ୍କ) ଏବଂ ଛତୁ (ରୁଟକା, ଟିକିରା, ବଡଛତୁ, ପତଡା) ଇତ୍ୟାଦିକୁ ଲୁଣ , ଲଙ୍କା ଦେଇ ରାନ୍ଧି ଖାଇଥାନ୍ତି । ଯେପରିକି ପଖାର ପର୍ବପର୍ବାଣୀ ମାନଙ୍କରେ ଏମାନଙ୍କର ହାଣ୍ଡିଆ ଜରୁରୀ। ପର୍ବପର୍ବାଣୀ ହେଲେ ମାଙ୍କଡିଆମାନେ ପାଖ ଗାଁ ଗଣ୍ଡାରେ ବୁଲି ବୁଲି ପିଠାପଣା, ଖିରୀପୁରୀ ସଂଗ୍ରହ କରି ଖାଆନ୍ତି। ପଖାଳ ଭାତ ସହ ହାଣ୍ଡିଆ ଓ ମହୁଲୀ ସେମାନଙ୍କର ପାରମ୍ପରିକ ନିଶାଯୁକ୍ତ ପାନୀୟ । ପୁରୁଷ ମାଙ୍କଡ଼ିଆମାନେ ପିକା ଟାଣନ୍ତି ଓ ତମାଖୁ ସେବନ କରନ୍ତି ଏବଂ ମହିଳାମାନେ ଘରେ ପ୍ରସ୍ତୁତ ହାଣ୍ଡିଆ ପାନୀୟ କରିଥାନ୍ତି । ବାହାଘର ସମୟରେ ଭାତ, ମଦ, ହାଣ୍ଡିଆ ଓ ଆମିଷ ସଂପୂର୍ଣ୍ଣ ନିଷେଧ ଥିବାବେଳେ କୌଣସି ପୂଜା ଶେଷରେ ଆମିଷ ଭୋଗ (ବଳି) ଦେଇଥାନ୍ତି ।

ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ :

ମାଙ୍କଡିଆମାନଙ୍କର ଖାଦ୍ୟ ପ୍ରକାର ବିଶେଷ କିଛି ନାହିଁ । ଭାତ ସେମାନେ ମାଟି ହାଣ୍ଡିରେ ରାନ୍ଧନ୍ତି । ସମୟର ପ୍ରଭାବରେ ବର୍ତ୍ତମାନ ରୋଷେଇ ପାଇଁ ଡେକ୍‌ଚି ବ୍ୟବହାର କରୁଛନ୍ତି । ଚୁଲୀରେ କାଠ ଜାଳି ପାଣି ଗରମ ଚାଉଳ ପକାଇ ଭାତ ପ୍ରସ୍ତୁତ କରିଥାନ୍ତି । ମାଂସ କିମ୍ବା ପରିବା ରୋଷେଇ ବେଳେ ମସଲାକୁ ପାଣିରେ ବତୁରାଇ ପଥରରେ ଛେଚି ଦିଆଯାଏ । ମାଟି ଡାଳ ବା ସିଲଭର୍ କଡେଇରେ ସୋରିଷ ତେଲ ପକାଇ ମସଲା ଭାଜନ୍ତି । କିଛି ସମୟ ପରେ ମାଂସ ପଡେ ଓ ପୁଣି ଅଳ୍ପ ପାଣି ଢଳାଯାଏ । ୨୦-୨୫ ମିନିଟ ପରେ ମାଂସ ତରକାରୀ ପ୍ରସ୍ତୁତ ହୋଇଯାଏ । ପନିପରିବାକୁ ପାଣିରେ ସିଝାଇ ତେଲ ମସଲା ସହ ଛୁଙ୍କ ଦିଆଯାଏ କିମ୍ବା ଆଗ ଛୁଙ୍କାଯାଏ ।

**ଚୁକଟିଆ ଭୁଞ୍ଜିଆ :**

ଭୂଞ୍ଜିଆ ଓଡ଼ିଶାର ଏକ ପ୍ରମୁଖ ଜନଜାତି ମାନଙ୍କ ମଧ୍ୟରୁ ଏକ ,ସ୍ୱଳ୍ପ ଜ୍ଞାତ ତଥା ସଂଖ୍ୟାନ୍ୟୁନ ଜନଜାତି ଗୋଷ୍ଠୀ। 'ଭୂମ୍' ଶବ୍ଦରୁ ଭୂଞ୍ଜିଆ ଶବ୍ଦର ଉତ୍ପତ୍ତି । ଭୂମ୍‌ର ଅର୍ଥ ମାଟି ବା ଭୂମିକୁ ବୁଝାଏ । ସେଥିପାଇଁ ସେମାନେ ନିଜକୁ ଏମାଟିର ସନ୍ତାନ ରୂପେ ବିବେଚିତ କରି ଭୁଞ୍ଜିଆ ନାଆଁରେ ପରିଚିତ । ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ଉପତ୍ୟକା ଅଞ୍ଚଳରେ ସମ୍ଭ୍ରାନ୍ତ ଭୁଞ୍ଜିଆ ଜନଜାତିର ଏକ ଉପଗୋଷ୍ଠୀ ଚୁକ୍‌ଟିଆ ଭୁଞ୍ଜିଆଙ୍କ ବାସସ୍ଥାନ ।

ଖାଦ୍ୟ :

ଚୁକ୍‌ଟିଆ ଭୁଜିଂଆମାନେ ଦୈନନ୍ଦିନ ଖାଦ୍ୟ ପାଇଁ ଭାତ ଉପରେ ନିର୍ଭର କରନ୍ତି । ଭାତ ଏମାନଙ୍କର ମୁଖ୍ୟ ଖାଦ୍ୟ । ଏମାନେ ଦିନକୁ ଦୁଇ ବେଳା ଭାତ ଖାଇବାକୁ ଭଲପାଆନ୍ତି । ଏହାବ୍ୟତୀତ ଜଙ୍ଗଲରୁ ମିଳୁଥିବା କେତେକ କନ୍ଦା ଯଥା - ପିଟକାନ୍ଦା, କୁଲିଆ କାନ୍ଦା, ଲଙ୍ଗଳ କାନ୍ଦା, ଉସକା କାନ୍ଦା, ବାଥଡ଼ି କାନ୍ଦା ଇତ୍ୟାଦିକୁ ସଂଗ୍ରହ କରି ସିଝାଇ ଖାଇବାକୁ ଭଲପାଆନ୍ତି । ଅନେକ ସମୟରେ ଶୁଖିଲା ମହୁଲ ଫୁଲକୁ ମାଟି ହାଣ୍ଡିରେ ସିଝାଇ ଖାଇଥାନ୍ତି । ଏମାନେ ଭାତ

ପରିବର୍ତ୍ତେ ମାଣ୍ଡିଆକୁ ଗୁଣ୍ଡ କରି ପାଣିରେ ଗୋଳାଇ ଜାଉ କରି ଖାଇବାକୁ ଏବଂ ମାଣ୍ଡିଆ ଚୂନାର ପିଠା କରି ଖାଇବାକୁ ମଧ୍ୟ ଭଲପାଇଥାନ୍ତି । ଜଙ୍ଗଲରୁ ମିଳୁଥିବା ବିଭିନ୍ନ ଶାଗ ଯଥା – କଳିଆର ଶାଗ, ସିରିଆଳ ଶାଗ, ପୁଞ୍ଜାଲା ଶାଗ ଓ ମୁଟି ଶାଗକୁ ତିଆରି କରି ଖାଇଥାନ୍ତି । ପରିବା ମଧ୍ୟରେ ଆଳୁ ବାଇଗଣ, କଖାରୁ, ଲାଉ, ଜହ୍ନି, କାକୁଡ଼ି, ସଜନା ଛୁଇଁ, କଲରାସ ଜଙ୍ଗଲୀ କାଙ୍କଡ଼, ପିଆଜ ଇତ୍ୟାଦିକୁ ସିଜାଇ କିମ୍ବା ଅଳ୍ପ ଲୁଣ, ହଳଦୀ, ତେଲ, ରସୁଣ ଦେଇ ତରକାରୀ ପ୍ରସ୍ତୁତ କରି ଖାଇଥାନ୍ତି । ବିଭିନ୍ନ ପର୍ବପର୍ବାଣୀରେ ଭିନ୍ନ ଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ଯଥା – ନୂଆଁଖାଇ ପର୍ବରେ ନୂଆଁ ଚୁଡା ସହ ବୋଦା ବଳି ଦିଆଯାଏ, ମାଟି ପର୍ବରେ ପାରା,କୁକୁଡା ଇତ୍ୟାଦିକୁ ବଳି ଦେଇ ଭାତ ଓ ମାଂସ ଖାଇଥାନ୍ତି । ସେହିପରି ସୁନାଦେଇ ପର୍ବରେ ମାଇ ଛେଳି, ମେଣ୍ଢା, ନଡ଼ିଆ ଫଳ, ଫୁଲ,ଇତ୍ୟାଦି ଭୋଗ କରିବା ସହ ମାଂସ ଏବଂ ଭାତ ରାନ୍ଧି ଖାଇଥାନ୍ତି ।  ଠାକୁରାଣୀ ଯାତ୍ରାରେ ଓ ପୁଷ ପୁନେଇଁ ମଣ୍ଡା ପିଠା ଓ ରାଶି ଲଡୁ ପ୍ରସ୍ତୁତ କରି ଘରର ପିତୃ ପୁରୁଷଙ୍କୁ ଭୋଗ ଲଗାଇ ନିଜେ ସେବନ କରିଥାନ୍ତି ।

ଖାଦ୍ୟ ପ୍ରଣାଳୀ :

ଚୁକଟିଆ ଭୁଞ୍ଜିଆମାନେ ଶାଗ, ମହୁଲ, ମାଂସ ଇତ୍ୟାଦିକୁ ସିଝେଇ କିମ୍ବା ଭାଜି ଖାଇଥାନ୍ତି । ଚାଉଳ ପିଠାକୁ ପତ୍ରରେ ବାନ୍ଧି ପୋଡ଼ି ଖାଇଥାନ୍ତି । ଜଙ୍ଗଲରୁ ସଂଗ୍ରହ କରିଥିବା କନ୍ଦାକୁ ସିଝେଇ ଖାଇବାକୁ ଭଲପାଆନ୍ତି। ପୂର୍ବକାଳୁ ଏମାନେ ମସଲାର ବ୍ୟବହାର ଜାଣିନଥିଲେ । ତରକାରୀ ସୁଆଦିଆ ପାଇଁ ବଂଶୀ ଗୋପାଳ ଫୁଲ ଓ କାମରାଜ ଫୁଲକୁ ଗୁଣ୍ଡ କରି ବା ଗୋଟା ଫୁଲକୁ ମସଲା ରୂପେ ବ୍ୟବହାର କରି ତରକାରୀ ପ୍ରସ୍ତୁତ କରୁଥିଲେ। ଏବେ ସେମାନେ ମସଲା ହିସାବରେ ଲୁଣ, ହଳଦୀ ଓ ତେଲ ବ୍ୟବହାର କରୁଛନ୍ତି । ତରକାରୀରେ ଅଧିକ ଲୁଣ ଓ ରାଗ ଦେଲେ ତାହା ଅଧିକା ସୁଆଦିଆ ହେବ ବୋଲି ସେମାନଙ୍କର ନିବିଡ ବିଶ୍ୱାସ ।

**ପାଉଡ଼ି ଭୂୟାଁ :**

ଇତିହାସ ପ୍ରସିଦ୍ଧ ଭୂୟାଁ ଜନଜାତିମାନଙ୍କ ମଧ୍ୟରେ ପାଉଡ଼ି ଭୂୟାଁ ଅନ୍ୟତମ । ଏମାନେ ଝାରଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମରେ ଦେଖାଯାନ୍ତି । ଓଡ଼ିଶାର ସୁନ୍ଦରଗଡ଼, କେଉଁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ଦେବଗଡ଼ ଓ ଅନୁଗୁଳ ଜିଲ୍ଲାରେ ପାଉଡ଼ି ବା ପାହାଡ଼ି ଭୂୟାଁ ବସବାସ କରନ୍ତି । ପାଉଡ଼ି ଭୂୟାଁମାନଙ୍କୁ ପାହାଡ଼ି ଭୂୟାଁ ମଧ୍ୟ କୁହାଯାଏ କାରଣ ଏମାନେ ପ୍ରଧାନତଃ ପାହାଡ଼ ପର୍ବତ ପରିପୂର୍ଣ୍ଣ ଜଙ୍ଗଲ ଅଞ୍ଚଳରେ ବାସ କରନ୍ତି । ଏହି ଅଞ୍ଚଳ ପ୍ରାୟତଃ ଅନ୍ୟ ଅଞ୍ଚଳଠାରୁ ବିଛିନ୍ନ ଓ ଅଲଗା ହୋଇଥିବାରୁ ବହୁ ପାଉଡ଼ି ଭୂୟାଁ ବସତିକୁ ସବୁଦିନିଆ ରାସ୍ତା ନାହିଁ । ପୋଡୁଚାଷ ଯୋଗୁଁ ଏବେ ପାଉଡ଼ିଭୂୟାଁ ଅଞ୍ଚଳରେ ଘଞ୍ଚ ଜଙ୍ଗଲ ଦେଖାଯାଏ ନାହିଁ ।

ଭୂୟାଁ ଜନଜାତିର ଏକ ଉପଗୋଷ୍ଠୀ ଭାବରେ ପାଉଡ଼ି ଭୂୟାଁ ପରିଚିତ । ଏମାନେ ସାଧାରଣତଃ କେଉଁଝର ବାଂଶପାଳ ଏବଂ ତେଲକୋଇ ଅଞ୍ଚଳରେ ଏବଂ ସୁନ୍ଦରଗଡ଼ ବଣେଇ ସବ୍‌ଡ଼ିଭିଜନ୍‌ରେ ବିଶେଷ ଭାବରେ ବାସ କରୁଥିବାର ଦେଖାଯାନ୍ତି ।

ଖାଦ୍ୟ :

ପାଉଡ଼ି ଭୂୟାଁମାନେ ବଣ ଜଙ୍ଗଲରେ ବାସ କରୁଥିବା ହେତୁ ଖାଦ୍ୟ ପାଇଁ ବଣ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଏହି ସମ୍ପ୍ରଦାୟର ଲୋକମାନେ ଦୈନନ୍ଦିନ ଜୀବନରେ ଗଙ୍ଗେଇ ଭାତ (ଗଙ୍ଗାଇ ଭାତ), ତିସିଡିଆ ଭାତ, କାଙ୍ଗୁ ଭାତ, ସୁଆଁ ଭାତ ଇତ୍ୟାଦି ମୁଖ୍ୟ ଖାଦ୍ୟ ହିସାବରେ ଗ୍ରହଣ କରୁଥିଲେ ହେଁ ଗଙ୍ଗେଇ ଭାତ ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି । ସେମାନେ ଗଙ୍ଗେଇ ଭାତ ହିଁ ଦିନକୁ ଦୁଇଥର ଖାଇବାକୁ ଭଲ ପାଆନ୍ତି । ଦିନବେଳା ପଖାଳ ଓ ରାତିରେ ଗରମ ଭାତ କରି ଖାଇଥାଆନ୍ତି । ଏମାନେ ଭାତ ସହିତ ଶାଗ (ଶାଗ), ଲୁଣ (ଲୁଣ୍), ଲଙ୍କାମରିଚ (ଲଙ୍କା ମରିଚ) ତଥା ଅନ୍ୟାନ୍ୟ ବିଭିନ୍ନ ପ୍ରକାର ତରକାରୀ ବ୍ୟବହାର କରିଥାନ୍ତି ।

ବିଭିନ୍ନ ସମୟରେ ଜଙ୍ଗଲରୁ ଋତୁ ଜାତ ଛତୁ ଯେପରିକି ବାଲି ଛତୁ, ରୁଟୁନି ଛତୁ, ଭାନୁ ଛତୁ, ବାହୁଡିଣୀ ଛତୁ, ଅଙ୍ଗାରୁଆ ଛତୁ ,ମଦଲା ଛତୁ ସହିତ ବାଉଁଶ ଛତୁ, ସରଗି ଛତୁ, କାଣ୍ଡାର ଛତୁ ଇତ୍ୟାଦିକୁ ସଂଗ୍ରହ କରି ତରକାରୀ ପ୍ରସ୍ତୁତ କରି ଖାଇଥାନ୍ତି । ପାଉଡ଼ି ଭୂୟାଁ ମାନେ ବିଭିନ୍ନ ପ୍ରକାରର ମାଛ, ମାଂସ ଓ ଅଣ୍ଡା ଯଥା ମୟୂର ଅଣ୍ଡା ଓ ମାଂସ, କୁକୁଡ଼ା ମାଂସ, ଝିଙ୍କ ମାଂସ, ଛେଳି ମାଂସ, କଲେଇପୋଟ, କୁଟ୍‌ରା ମାଂସ, କାଇପୋକ, ସମ୍ବର ମାଂସ, ଠେକୁଆ ମାଂସ, ହରିଣ ମାଂସ, ଗୁଣ୍ଡିଚି ମୂଷା ମାଂସ, ଗୟଳ ମାଂସ ସହିତ ଶୁଖୁଆ କୁ ପୋଡି ଏବଂ ସିଝାଇ ଖାଇବାକୁ ଭଲପାଇଥାନ୍ତି । ନିତିଦିନିଆ ଜୀବନରେ ଏମାନେ ଭାତ ସହିତ ପତ୍ରପୋଡା ଶାଗ, ଲୁଣ ଲଙ୍କା, ଅମୃତ ଭଣ୍ଡା, କଖାରୁ ଶାଗ,  ପତୁଆ ଆଦିକୁ ରୋଷେଇ କରି ଆନନ୍ଦ ଉଲ୍ଲାସରେ ଖାଇଥାନ୍ତି । ପିତାଲୁ, ସଇଗା, ତୁଙ୍ଗା, ବଇଙ୍ଗା, ଝୁରମୁଣ୍ଡ ଆଳୁ, ବରବସା ଆଳୁ , ବତଳା ଆଳୁ ଇତ୍ୟାଦିକୁ ସିଝେଇ ଖାଇଥାଆନ୍ତି  ପାଉଡି ଭୂୟାଁମାନେ ସମୟରେ ବିଭିନ୍ନ ପ୍ରକାରର ସାମଗ୍ରୀ ଯଥା - ତେନ୍ତୁଳି ଖଟା, ଆମ୍ବୁଲ, ଆମ୍ବିଳ ଭେଣ୍ଡି, ତେନ୍ତୁଳି ପତ୍ର ଗୁଣ୍ଡ ଆଦିକୁ ଆବଶ୍ୟକସ୍ଥଳେ ପାଣିରେ ମିଶାଇ ଭାତ କିମ୍ବା ହାଣ୍ଡିଆ ପ୍ରସ୍ତୁତ କରି ସେବନ କରିଥାନ୍ତି ।

ବିଭିନ୍ନ ପ୍ରକାରର ଖାଦ୍ୟ ଯେପରିକି ପିଠା (ଧାନ ପିଠା, ଗଙ୍ଗେଇ ପିଠା) ଭାତ, ରୂମା ଡାଲି, ଖାଣ୍ଡିଆ, ମାଂସ ଇତ୍ୟାଦି ପୌଷ ପୂର୍ଣ୍ଣିମା, ଉଡଣି ଉଷଣା ପୂଜା, ବଡ଼ ଉଷଣା ଇତ୍ୟାଦି ପର୍ବପର୍ବାଣୀରେ ତିଆରି କରି ଖାଇଥାନ୍ତି ।

ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ:

ସେମାନେ ଜଙ୍ଗଲରୁ ସଂଗ୍ରହ ବିଭିନ୍ନ ପ୍ରକାର ଛତୁକୁ ତେଲରେ ଭାଜି ଖାଇବା ଅପେକ୍ଷା ଖଟା ଦେଇ ସିଝାଇ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି । ଏଥିପାଇଁ ସେମାନେ ଛତୁକୁ ଧୋଇ ପାଣିରେ ପକାଇ ସିଝାନ୍ତି ଏବଂ ସିଝି ସାରିଲା ପରେ ସେଥିରେ ଲୁଣ, ହଳଦୀ, ମରିଚ, ପିଆଜ ବାଟି ରୋଷେଇ କରିଥାନ୍ତି । ସେହିପରି ସମସ୍ତ ପରିବାକୁ ପ୍ରଥମେ ମସଲା ପକାଇ ପାଣିରେ ସିଝାଇ ପଛରେ ତେଲ ପିଆଜ ଦେଇ ଫୁଟାଇଥାନ୍ତି । ମାଂସ ତରକାରୀ ପ୍ରସ୍ତୁତ କଲାବେଳେ ସେମାନେ ପ୍ରଥମେ ମାଂସକୁ ଭଲ ଭାବରେ ଧୋଇ ହାଣ୍ଡିରେ ଗରମ ପାଣି କରି ସେଥିରେ ମାଂସକୁ ପକାଇ ସିଝାଇ ଥାଆନ୍ତି । ମାଂସ ସିଝିଗଲା ପରେ ସେଥିରେ ଆବଶ୍ୟକୀୟ ମସଲା, ଲୁଣ, ହଳଦୀ, ମରିଚ, ପିଆଜ ଇତ୍ୟାଦି ପକାଇ ରୋଷେଇ କରିଥାନ୍ତି ।

କାଇ ଭାତ ଭୂୟାଁମାନଙ୍କର ଅନ୍ୟ ଏକ ପ୍ରିୟ ଖାଦ୍ୟ । ସେମାନେ କାଇଗୁଡ଼ିକୁ ଚିଙ୍ଗୁଡ଼ି ପରି ତେଲରେ ଭାଜି ଖାଇଥାଆନ୍ତି କିମ୍ବା ଖଟା ଦେଇ ପତ୍ରରେ ପୋଡ଼ି ପତୁଆ କରିଥାନ୍ତି । କେତେଜଣ ମଧ୍ୟ ଏହାକୁ କଞ୍ଚା ଖାଇଥାଆନ୍ତି । ଶାଗକୁ ସେମାନେ ମସଲା ଦେଇ ପତ୍ରରେ ପୋଡ଼ି ଖାଇଥାଆନ୍ତି । ସେମାନେ ତେଲ ହିସାବରେ ଟୋଲ ତେଲ ହିଁ ବ୍ୟବହାର କରିଥାନ୍ତି ।

**ସଉରା :**

ଓଡ଼ିଶାର ଜନଜାତିମାନଙ୍କ ମଧ୍ୟରୁ ସଉରା ହେଉଛି ଅନ୍ୟତମ ଜନଜାତି । ଏମାନେ ମୁଖ୍ୟତଃ ରାୟଗଡ଼ା, ଗଜପତି, ସମ୍ବଲପୁର, ଗଞ୍ଜାମ ଜିଲ୍ଲାରେ ବହୁଳ ଭାବରେ ବସବାସ କରନ୍ତି । ୨୦୧୧ ଜନଗଣନା ଅନୁସାରେ ଏମାନଙ୍କର ସଂଖ୍ୟା ହେଉଛି ୫,୪୩,୭୫୧ ।

ସଉରା ବା ଶବରମାନେ ପୁରାଣ ପ୍ରସିଦ୍ଧ ପ୍ରାଚୀନ ଜନଜାତି । କେବଳ ସଂଖ୍ୟା ଦୃଷ୍ଟିରୁ ନୁହେଁ ଐତିହାସିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ମଧ୍ୟ ସଉରାମାନଙ୍କ ମହାନତା ଓ ଗୁରୁତ୍ୱ ସାରା ଭାରତରେ ପ୍ରସାରିତ ହୋଇଛି । ଶିକାର କରିବା ଏମାନଙ୍କର ଆଦିମ ବୃତ୍ତି । ବଣ ଜଙ୍ଗଲରେ ପଶୁ ଶିକାର କରି କାନ୍ଧରେ ଟାଙ୍ଗିଆ, ଓ ମୃତ ପଶୁକୁ ବହନ କରି ନିଜର ବାସସ୍ଥଳୀକୁ ଫେରୁଥିବା ଲକ୍ଷଣରୁ ଏହି ଶବ୍ଦର ପ୍ରଚଳନ ହୋଇଥିବାର ମନେ ହୁଏ ।

ଖାଦ୍ୟ :

ଲୋକମାନେ ଚାଷରୁ ଯେତେକି ଧାନ ପାଇଥାନ୍ତି ତାହା ପ୍ରାୟ ୩/୪ ମାସ ଭିତରେ ସରିଯାଇଥାଏ । ତେଣୁ ସେମାନେ ଭାତକୁ ମୁଖ୍ୟ ଖାଦ୍ୟ ହିସାବରେ ନେଉଥିଲେ ମଧ୍ୟ ୩/୪ ମାସ ପରେ ସେମାନେ ଖାଦ୍ୟ ପାଇଁ ନିର୍ଭର କରିଥାନ୍ତି । ଜଙ୍ଗଲରୁ ମିଳୁଥିବା ଚେର, ମୂଳ, ଛତୁ ,ପେଜେ ବା ଜାଉ (ତୁଣ୍ଡା କୁଲ), ବାଜରା ଚାଉଳ (କାମ୍ଭୁରୁ), କାଙ୍ଗୁ ଚାଉଳ (ବୁରଇରୁ), ଧାନଚାଉଳ (ସାର କୁଲ), ଖଟା ପାଳଙ୍ଗ ଶାଗ (ସୁସୁନାବ), କୋଳଥ ଡାଲି (ଅଡାଇ), ମୁଗ ଡାଲି (ମୁଗା), ବିରିଡାଲି (ସବିରି ମୁଇଁ), ହରଡ ଡାଲି (ରଗଡା), କାନ୍ଦୁଲ ଡାଲି (ରଗ), ସମବିଲା ଶାଗ (ସମତିଲାବ), ସଜନା ଶାଗ (ମୁରିଗ), ସାରୁ ଶାଗ (ଖାରୁଅ), କଡାଶାଗ (କେଡୁଙ୍ଗା), ବାଇଗଣ (ଆଣ୍ଡାରାଇ), କଖାରୁ (ଆତୁଙ୍ଗ), ଲାଉ, ବିଲାତି ବାଇଗଣ (ସିମାଡାଇ), କଲରା (କାରିଲା), ଅମୃତଭଣ୍ଡା (ଅମ୍ବୁର୍ତ୍ତି), ଖମ୍ବଆଳୁ (ପାତା ଡାଗାଇ), କାକୁଡ଼ି (ଏଣ୍ଡ୍ରା),ପୋଟଳ (ଯାକା), ମାଛ (ଆସାଆୟା), ଶୁଖୁଆ (ଆସା), ଅଣ୍ଡା (ଆରେସିମ), ଗେଣ୍ଡା (ଗୋଲୁ), ପିଆଜ, ଲଙ୍କା, ଲୁଣ ଇତ୍ୟାଦି ଖାଦ୍ୟଗୁଡ଼ିକ ଉପରେ । ଏହା ସହିତ ସେମାନେ ଖାଦ୍ୟ ହିସାବରେ ଛତୁ, ମାଛ,ମାଂସ, ଅଣ୍ଡା, ଶୁଖୁଆ, କଙ୍କଡା, ଗେଣ୍ଡା ଓ ଚିଙ୍ଗୁଡ଼ି ଇତ୍ୟାଦିକୁ ଗ୍ରହଣ କରିଥାନ୍ତି ।

ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ:

ସଉରାମାନେ ହାଣ୍ଡିରେ ପାଣି ଗରମ କରି ସେଥିରେ ଚାଉଳ ପକାଇ ଭାତ ପ୍ରସ୍ତୁତ କରିଥାନ୍ତି । ଭାତ ଖାଇସାରିବା ପରେ ଅବଶିଷ୍ଟ କିଛି ରହିଯାଇଥିଲେ ସେଥିରେ ପେଜ ମିଶାଇ ପଖାଳ ଭାତ ଆକାରରେ ଖାଇଥାନ୍ତି ।

ସେମାନେ ମାଣ୍ଡିଆ ଚୁନା ସହିତ ଲୁଣ ଓ ଖଟା ପାଳଙ୍ଗ ଶାଗ ମିଶାଇ ହାଣ୍ଡିରେ ମାଣ୍ଡିଆ ଚୁନା ପ୍ରସ୍ତୁତ କରି ତାକୁ ତିନି ବେଳା ଖାଇଥାଆନ୍ତି । ପୋଡୁ, ଘୁଷୁରୀ, ଛେଳି, ମେଣ୍ଢା ଯେକୌଣସି ପଶୁର ମାଂସ ସହିତ ଚାଉଳ ଚୂନା, ପାଣି ମିଶାଇ ହାଣ୍ଡିରେ ଚୁଲି ଉପରେ ବସାଇ ସିଝାଇ ଥାଆନ୍ତି । ଏହାକୁ ସେମାନେ ପଲଉ ଆକାରରରେ ସେବନ କରିଥାଆନ୍ତି। ମାଛକୁ ଲୁଣ, ମରିଚ, ହଳଦୀ ଦେଇ ନିଆଁରେ ପତ୍ରପୋଡା କରି ଖାଇଥାଆନ୍ତି । ସେମାନେ ଝରଣାରୁ ଗେଣ୍ଡା ସଂଗ୍ରହ କରି ତାର ମାଂସକୁ ଖୋଳରୁ କାଢି ପରିଷ୍କାରର ସହ ଧୋଇ ଚାଉଳ ଚୂନା ସହିତ ମିଶାଇ ସେଥିରେ ଆବଶ୍ୟକ ଅନୁସାରେ ଲୁଣ, ହଳଦୀ, ମରିଚ ଦେଇ ହାଣ୍ଡିରେ ପୁରାଇ ଚୁଲିରେ ସିଝାଇ ଗେଣ୍ଡା ପଲଉ ପ୍ରସ୍ତୁତ କରି ଆନନ୍ଦରେ ଖାଇଥାଆନ୍ତି ।

**ଖାଦ୍ୟଶୈଳୀରେ ପରିବର୍ତ୍ତନ :**

ଦ୍ରୁତ ସହରୀକରଣ, ଜଗତୀକରଣର ପ୍ରଭାବରେ ସାରା ଦୁନିଆ ଆଜି ଗୋଟିଏ ସୂତ୍ରରେ ବନ୍ଧା । ଗ୍ରାମ ଓ ସହର ମଧ୍ୟରେ ଗମନାଗମନରେ ସୁଗମତା ଆସିଛି । ପରିବହନ ବ୍ୟବସ୍ଥା ଉନ୍ନତ ଓ ସୁଦୃଢ ହୋଇଛି । ଶିକ୍ଷାର ପ୍ରସାର ଯୋଗୁଁ ଜ୍ଞାନର ପରିସୀମା ବୃଦ୍ଧି ପାଇବା ସହ ପାରମ୍ପରିକତା ହ୍ରାସ ପାଉଛି । ଉତ୍ତମ ସ୍ୱାସ୍ଥ୍ୟସେବା ଓ ଜୀବନ ଜୀବିକାର ସୁଯୋଗ ବୃଦ୍ଧି ପାଇଛି । କ୍ରମେ ଦାରିଦ୍ର୍ୟ ହ୍ରାସ ପାଇ ଆର୍ଥିକ ସ୍ୱାଧୀନତା ପ୍ରଶସ୍ତ ହେଉଛି। ସରକାରୀ ଉଦ୍ୟମ ଅଧିକ ଜନମଙ୍ଗଳକାରୀ ସାବ୍ୟସ୍ତ ହେବା ସହ ସେବା ପ୍ରଦାନରେ ବ୍ୟାପକ ଉନ୍ନତି ଘଟିଛି। ଏକ ଜନମଙ୍ଗଳକାରୀ ରାଷ୍ଟ୍ର ଭାବରେ ନାଗରିକମାନଙ୍କ ଅଧିକାର ଓ ଆବଶ୍ୟକତାଗୁଡ଼ିକର ସୁନିଶ୍ଚିତ କରାଯାଉଛି। ସଭିଙ୍କ ନିମନ୍ତେ ଖାଦ୍ୟସୁରକ୍ଷା ନିଶ୍ଚିତ କରାଯାଇ ପ୍ରତିମାସରେ ମୁଣ୍ଡ ପିଛା ଚାଉଳ ଓ ଗହମ ବିତରଣ କରାଯାଉଛି। କର୍ମ ନିଯୁକ୍ତି ସୁନିଶ୍ଚିତ କରାଯାଇ ବିକାଶମୂଳକ କାର୍ଯ୍ୟରେ ମଧ୍ୟ ଗ୍ରାମୀଣ ସାଧାରଣ ଜନତାକୁ କର୍ମ ପ୍ରଦାନରେ ଗ୍ୟାରେଣ୍ଟି ପ୍ରଦାନ କରାଯାଉଛି । କୃଷିକାର୍ଯ୍ୟରେ ଆର୍ଥିକ, ଯାନ୍ତ୍ରିକ ସାହାଯ୍ୟ ଓ କୌଶଳ ଶିକ୍ଷା ଦିଆଯାଉଛି। ଜନଜାତି ବହୁଳ ଅଞ୍ଚଳରେ ଏସବୁ କାର୍ଯ୍ୟକ୍ରମ ବ୍ୟାପକ ପରିବର୍ତ୍ତନ ଆଣିଛି। ଜନଜାତିଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆସୁଛି । ସେମାନଙ୍କୁ ଖାଦ୍ୟ, ବସ୍ତ୍ର, ବାସଗୃହ ଓ ଜୀବନଧାରା ବଦଳୁଛି । ଇଣ୍ଟରନେଟ୍‌ର ସୁଗମତା ଓ ମୋବାଇଲ୍ ଫୋନ୍‌ର ସୁଲଭତା ଅନ୍ୟ ସଂସ୍କୃତି/ସହରୀ ସଭ୍ୟତା ବାବଦରେ ସେମାନଙ୍କୁ ଆକର୍ଷିତ କରୁଛି। ସେମାନେ ପାରମ୍ପରିକ ଖାଦ୍ୟ ପରିବର୍ତ୍ତେ ଭାତ, ଡ଼ାଲି, ତରକାରୀ ଖାଇବାକୁ ପସନ୍ଦ କରୁଛନ୍ତି । ସହରରେ ଆକର୍ଷଣ ସାଜିଥିବା ଫାଷ୍ଟଫୁଡ ଓ ଆଧୁନିକ ଖାଦ୍ୟ ମଧ୍ୟ ଜନଜାତି ଜୀବନକୁ ପ୍ରଲୁବ୍ଧ କରୁଛି। ମୌଳିକ ଖାଦ୍ୟାଭ୍ୟାସରେ ଅନେକ ପରିବର୍ତ୍ତନ ଆସିଲାଣି । ଅନ୍ୟପକ୍ଷରେ ଜଙ୍ଗଲର ଆକାର ହ୍ରାସ ଘଟୁଛି । ପାରମ୍ପରିକ ମାଂସ, ଖାଦ୍ୟ, ଶସ୍ୟ ଓ ପତ୍ର, ଫଳ, ମୂଳ ଯଥେଷ୍ଟ ପରିମାଣରେ ଉପଲବ୍ଧ ହେଉନାହିଁ । ଜଗତୀକରଣର ପ୍ରଭାବରେ ଗ୍ରାମାଞ୍ଚଳରେ ପ୍ୟାକେଟ୍ ଖାଦ୍ୟ ଠାରୁ ଆରମ୍ଭ କରି ତେଲ, ଲୁଣ ଓ ସମସ୍ତ ମସଲା ସହଜରେ ମିଳିଲାଣି । ଏଣୁ ଖାଦ୍ୟ ଅଭ୍ୟାସରେ ବ୍ୟାପକ ପରିବର୍ତ୍ତନ ଆସୁଛି ।

ଆଦିବାସୀମାନେ ପରମ୍ପରାଗତ ଭାବେ ସେମାନେ ପୌଷ୍ଟିକ ଓ ସ୍ୱାଭାବିକ ଖାଦ୍ୟ ଯେପରିକି ଫଳ, ମୂଳ, ପ୍ରାକୃତିକ ଖାଦ୍ୟପଦାର୍ଥ, ଜଙ୍ଗଲୀ ତଥା ଗୃହପାଳିତ ଜୀବଜନ୍ତୁ ଓ ନିଜ ଉତ୍ପାଦିତ ପନିପରିବା, ଧାନ ଓ ଅନ୍ୟାନ୍ୟ ଶସ୍ୟ

ଉପରେ ନିର୍ଭର କରୁଥିଲେ । କିନ୍ତୁ ସହରୀକରଣ ଏବଂ ଆଧୁନୀକରଣର ପ୍ରଭାବରେ ଆସି ଏମାନେ ବଜାରରେ ଉପଲବ୍ଧ ଥିବା ଫାଷ୍ଟ ଫୁଡ୍ ଜଙ୍କ୍ ଫୁଡ୍, ତେଲଛଣା, ଚଟପଟି ଆଦି ଖାଦ୍ୟ ପଦାର୍ଥର ସ୍ୱାଦ ଏବଂ ସାଜସଜ୍ଜା ପ୍ରତି ଆକର୍ଷିତ ହେବା ସହିତ ସେଗୁଡିକୁ କିଣି ଖାଉଛନ୍ତି । ଯାହା ତାଙ୍କର ପୌଷ୍ଟିକ ଖାଦ୍ୟର ପ୍ରତି ମନୋଭାବକୁ ଅନ୍ୟ ଦିଗକୁ ଘୁଞ୍ଚାଇବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସହ ଆର୍ଥିକ ତଥା ସାଂସ୍କୃତିକ ମୂଲ୍ୟବୋଧ ଉପରେ ପ୍ରଭାବ ପକାଇବାର ପରିଲିକ୍ଷିତ ହେଉଛି । ଏତଦ୍ ଦ୍ୱାରା ପୁରୁଷାନୁକ୍ରମେ ସୁସ୍ଥ ଓ ନିରୋଗ ରହୁଥିବା ଜନଜାତି ସମାଜରେ ପୁଷ୍ଟିହୀନତା, ରକ୍ତହୀନତା, ମେଦବୃଦ୍ଧି, ମଧୁମେହ, ହୃଦଘାତ ଓ ଅନ୍ୟାନ୍ୟ ରୋଗ ବୃଦ୍ଧି ପାଉଛି । ମହଙ୍ଗା ଆଧୁନିକ ଖାଦ୍ୟ ସେମାନଙ୍କ ଅର୍ଥନୈତିକ ସ୍ଥିତିକୁ ଅସ୍ଥିର କରୁଛି । ତେବେ ଆଧୁନିକ ଚାକଚକ୍ୟ ଭରା ଦୁନିଆରୁ ମୁହଁ ଫେରାଇ ପାରମ୍ପରିକ ଖାଦ୍ୟ ପ୍ରତି ଜନଜାତି ସମାଜରେ ଆଗ୍ରହ ସୃଷ୍ଟି ହେଲାଣି । ପାରମ୍ପରିକ ଖାଦ୍ୟ ଶରୀର ପକ୍ଷେ ହିତକାରକ ଓ ନିରୋଗ ବୋଲି ଧୀରେ ଧୀରେ ଆଦିବାସୀ ସମାଜ ଜାଣିଲେଣି । ପାରମ୍ପରିକ ପ୍ରଣାଳୀରେ ପ୍ରସ୍ତୁତ ଦେଶୀ ଖାଦ୍ୟର ଚାହିଦା ବଜାରରେ ଶୀର୍ଷରେ ରହିଛି । ହୋଟେଲ ମେନ୍ୟୁରେ ପାରମ୍ପରିକ ଖାଦ୍ୟ ଦର ସ୍ୱାଭାବିକ ଖାଦ୍ୟ ଦର ଠାରୁ ଅଧିକ । ଶିକ୍ଷିତ ଲୋକେ ହୋଟେଲ କିମ୍ବା ରେଷ୍ଟୁରାଣ୍ଟ ଗଲେ ଦେଶୀ ଖାଦ୍ୟକୁ ପସନ୍ଦ କରୁଛନ୍ତି । ସେହିପରି ସରକାରଙ୍କ ଉଦ୍ୟମ ବଳରେ ମାଣ୍ଡିଆ ଏବେ ଶ୍ରୀଅନ୍ନ ନାମରେ ପରିଚିତ ହେଲାଣି । ଶ୍ରୀଅନ୍ନରୁ ପ୍ରସ୍ତୁତ ବିବିଧ ଖାଦ୍ୟକୁ ଖାଇବାକୁ ସହରୀ ସଭ୍ୟତାରେ ମଧ୍ୟ ରୁଚି ବଢିଲାଣି । କ୍ରମଶଃ ଏସବୁର ଚାହିଦା ବେଳକୁ ବେଳ ବଢ଼ି ଚାଲିଛି । ଜନଜାତି ଖାଦ୍ୟକୁ ବିଭିନ୍ନ ମେଳା, ପ୍ରଦର୍ଶନୀରେ ମଧ୍ୟ ବିକ୍ରି ବ୍ୟବସ୍ଥା ପାଇଁ ସରାକରଙ୍କ ପକ୍ଷରୁ ଉପଯୁକ୍ତ ବନ୍ଦୋବସ୍ତ କରାଯାଉଛି । ଜନଜାତି ଖାଦ୍ୟ ଏବେ ଆମ ରାଜ୍ୟ ତଥା ଦେଶର ବ୍ରାଣ୍ଡ ପାଲଟିଛି । ବିଭିନ୍ନ କିସମର ଧାନ ସଂରକ୍ଷଣ ପାଇଁ କୋରାପୁଟର ସ୍ୱର୍ଗତା କମଳା ପୂଜାରୀଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଛି । ସେହିପରି ଶ୍ରୀମତି ରାଇମତି ଘିଉରିଆଙ୍କୁ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ପକ୍ଷରୁ ମହାମହିମ ରାଷ୍ଟ୍ରପତି ଶ୍ରୀମତି ଦ୍ରୋପଦୀ ମୁର୍ମୁଙ୍କ ଦ୍ୱାରା ସମ୍ମାନ ଜନକ ଡକ୍ଟରେଟ ପଦବୀରେ ସମ୍ମାନିତ କରାଯାଇଛି । ତାଙ୍କୁ ମାଣ୍ଡିଆ ରାଣୀ ଉପାଧିରେ ମଧ୍ୟ ଭୂଷିତ କରାଯାଇଛି । ଏଣୁ ନିଜ ସଂସ୍କୃତି, ସମାଜ, ସଭ୍ୟତାର ସୁରକ୍ଷା ପାଇଁ ସଚେତନତା ବୃଦ୍ଧି ପାଉଛି । ଆଧୁନିକ ଖାଦ୍ୟାଭ୍ୟାସ ସତ୍ତ୍ୱେ ଜନଜାତି ସମାଜ ପାରମ୍ପରିକ ଖାଦ୍ୟର ସ୍ୱାଦକୁ ଭୁଲିପାରୁନି । ଏବେ ବି ରାତି ପାହିଲେ ଗାଆଁରେ ଜନଜାତି ମଣିଷ ପାରମ୍ପରିକ ଖାଦ୍ୟ ଖାଇ ତା'ର ଦିନ ଆରମ୍ଭ କରୁଛି । ଅତଏବ ଜନଜାତିଙ୍କ ପାରମ୍ପରିକ ଖାଦ୍ୟାଭ୍ୟାସ ସମୟ ସୁଅରେ ବି ଅମଳିନ ରହିଛି ।

**ସହାୟକ ଗ୍ରନ୍ଥସୂଚୀ**


୧. Bhutia Samarendra (Ed.) (2024): Tribal Cuisines of Odisha, Academy of Tribal Languages & Culture, Bhubaneswar.

୨. ଓତା ଅଖିଳ ବିହାରୀ, ପ୍ରମୋଦ ପରିଡା ଏବଂ ପରମାନନ୍ଦ ପଟେଲ (୨୦୧୦): ଓଡ଼ିଶାର ପ୍ରମୁଖ ଜନଜାତିଙ୍କ ଖାଦ୍ୟରୁଚି ଓ ଖାଦ୍ୟାଭ୍ୟାସ; ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର ।

୩. ଓତା ଅଖିଳ ବିହାରୀ, କେ.କେ. ମହାନ୍ତି, ଏ.ସି.ସାହୁ, ଶରତ ଚନ୍ଦ୍ର ମହାନ୍ତି ଏବଂ ତ୍ରିଲୋଚନ ସାହୁ ୨୦୧୨) : ଓଡିଶାର ପ୍ରାଚୀନତମ ଜନଜାତି : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ, ଓଡ଼ିଶା ।

୪. Ota A.B, S.C. Mohanty & B.N. Mohanty (ed.) (2018) : Demographic Profile of Schedued Tribes in Odisha (1961-2011), Scheduled Castes and Scheduled Tribes Research and Training Institure (SCSTRTI) .

୫. ଭୂତିଆ ସମରେନ୍ଦ୍ର, ପଟେଲ, ପରମାନନ୍ଦ (୨୦୨୪) : ଓଡ଼ିଶାର ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର

ଭୀମଟାଙ୍ଗୀ, ଲେନ -୧୬
ଭୁବନେଶ୍ୱର
E mail-sanjukta.moharana@yahoo.com

❖❖❖

# ଜନଜାତିଙ୍କ ପାରମ୍ପରିକ ବାସଗୃହ

**ପାଞ୍ଚାଳୀ ସାହୁ**

ଓଡିଶା ଏକ ସାଂସ୍କୃତିକ ଏବଂ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ସମୃଦ୍ଧ ରାଜ୍ୟ । ଏହାର ଜନଜାତି ଜନସଂଖ୍ୟା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାର ମୋଟ ଜନସଂଖ୍ୟାର ପ୍ରାୟ ୨୨% ଜନଜାତି, ଯାହା ଭାରତର ବିଭିନ୍ନ ରାଜ୍ୟମାନଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦାଖଲ କରିଛି । ଏଠାରେ ୬୪ ପ୍ରଜାତିର ଜନଜାତି ବାସ କରନ୍ତି । ଏମାନେ ମୁଖ୍ୟତଃ ପାହାଡିଆ ଏବଂ ଜଙ୍ଗଲ ଅଞ୍ଚଳରେ ରହନ୍ତି ।  ଏହା ସେମାନଙ୍କର ପ୍ରାକୃତିକ ଏବଂ ସାଂସ୍କୃତିକ ସମ୍ପତ୍ତିକୁ ଅଗ୍ରଗତି କରିବାର ପ୍ରତୀକ ଅଟେ । ସେମାନଙ୍କ ରହଣି ଏବଂ ଚଳଣି ଏକ ପ୍ରାଚୀନ ଆଦିମ ସଂସ୍କୃତିର ସ୍ମାରକୀ ପ୍ରଦାନ କରିଥାଏ । ଏମିତି କିଛି ଜନଜାତି ଅଞ୍ଚଳ ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡା, ନବରଙ୍ଗପୁର, କନ୍ଧମାଳ, କେନ୍ଦୁଝର ଏବଂ ମୟୂରଭଞ୍ଜ ଉଲ୍ଲେଖନୀୟ ।

ଜନଜାତିମାନେ ସାଂସ୍କୃତିକ ଓ ପରମ୍ପରାଗତ ଭାବରେ ବିକଶିତ ଏକ ବିଶିଷ୍ଟ ବାସଗୃହ ନିର୍ମାଣ କରନ୍ତି । ସେଥିରେ ସେମାନଙ୍କର ପରିବେଶ, ସାମାଜିକ ସଂରଚନା ଏବଂ ସାଂସ୍କୃତିକ ପରମ୍ପରାକୁ ପ୍ରତିବିମ୍ବିତ କରିଥାଏ । ଓଡ଼ିଶାର ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ଏହି ଜନଜାତିମାନେ ସ୍ଥାନୀୟ ସାମଗ୍ରୀ ଓ ପ୍ରାକୃତିକ ଶ୍ରେଷ୍ଠତାକୁ ଧ୍ୟାନରେ ରଖି ତାଙ୍କର ବାସଗୃହ ନିର୍ମାଣ କରିଥାନ୍ତି । ଜନଜାତିମାନଙ୍କ ସମାଜରେ ବାସଗୃହ କେବଳ ଏକ ଆବାସସ୍ଥଳୀ ନୁହେଁ, ଏହା ସଂସ୍କୃତି, ଐତିହ୍ୟ, ପରମ୍ପରା ଏବଂ ପ୍ରାକୃତିକ ପରିବେଶ ସହ ସଂଘଟିତ ଏବଂ ଏହା ସମାଜର ଅନ୍ତର୍ନିହିତ ମୂଲ୍ୟବୋଧକୁ ମଧ୍ୟ ଦର୍ଶାଇଥାଏ । ବାସଗୃହର ଆକୃତି, ଗଠନ ଏବଂ ବ୍ୟବସ୍ଥାପନା ଦୀର୍ଘ ବର୍ଷର ସମୟରେ ପରମ୍ପରାକୁ ପ୍ରତିବିମ୍ବିତ କରିଥାଏ । ଜନଜାତି ସମାଜରେ ବାସଗୃହ ଗୁଡ଼ିକ ସଂସ୍କୃତି, ପରମ୍ପରାକୁ ଆଧାରକରି ସହଜ ଡିଜାଇନ୍, ସ୍ଥାନୀୟ ସାମଗ୍ରୀ ବ୍ୟବହାର ଏବଂ ପରିବେଶ ସହ ଖାପ ଖୁଆଇ ନିର୍ମିତ ଓ ସୁସଜିତ ହୋଇଥାଏ । କିନ୍ତୁ ବର୍ତ୍ତମାନ ସମୟରେ ଆଧୁନିକତାର ମାର୍ଗ ତଥା ବର୍ହିଚାପ ଓ ଚାହିଦାର ପ୍ରଭାବ ଫଳରେ ବାସଗୃହରେ ଅନେକ ପରିବର୍ତ୍ତନ ଦେଖାଯାଉଛି । ଏହି ଅନୁଶୀଳନ ଜନଜାତି ସମାଜର ପରମ୍ପରାଗତ ଓ ଆଧୁନିକ ବାସଗୃହ ମଧ୍ୟରେ ଥିବା ସମ୍ବନ୍ଧ ବୁଝିବାର ଚେଷ୍ଟା କରିବା ସହିତ ଏହି ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରି ଏହାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଅଛି । ପରମ୍ପରାଗତ ଆବାସର ଅଧ୍ୟୟନ, ଆଧୁନୀକରଣ ଯୋଗୁଁ ଦେଖାଯାଉଥିବା ପରିବର୍ତ୍ତନର କାରଣ ଓ ପ୍ରଭାବ, ପରମ୍ପରା ଏବଂ ଆଧୁନିକତାର ସମନ୍ୱୟକୁ ଅଧ୍ୟୟନ କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

ଓଡ଼ିଶାର ଜନଜାତିମାନଙ୍କର ବାସଗୃହ ହେଉଛି ପ୍ରକୃତି ଅନୁକୂଳ ଏକ ସରଳ ନିର୍ମାଣ । ସାଂସ୍କୃତିକ ସଂରକ୍ଷଣ, ସାମାଜିକ-ଆର୍ଥିକ ସ୍ଥିତି, ବାସଗୃହ ନିର୍ମାଣ ଓ ପରିବେଶ ଉପରେ ପ୍ରଭାବର ବିଚାରକୁ ନେଇ ଏହା ପର୍ଯ୍ୟବେଶିତ ହୋଇଥାଏ । ଆଧୁନିକତା ଓ ବିକାଶର ସ୍ପର୍ଶରେ ଏହା ନୂତନ କଳେବର ଧାରଣ କରୁଥିଲେ ହେଁ ନିଜ ମୌଳିକ ବିନ୍ୟାସ ସହ କେତେ ଦୂର ଜଡ଼ିତ ରହିପାରିଛି ତାହାର ଆକଳନ କରିବାକୁ ଉଦ୍ୟମ କରାଯାଇଛି । ଆଧୁନିକତାର ପ୍ରଭାବ ତଥା ଉନ୍ନତି ମୂଳକ ଯୋଜନା ଉପରେ ଆଲୋକପାତ କରିବା ସହ ଏହି ଅଧ୍ୟୟନଟି ସ୍ଥାପତ୍ୟ କଳା ଏବଂ ନୃତତ୍ତ୍ୱ ବିଜ୍ଞାନ ଗବେଷଣାରେ ନୂତନ ଦୃଷ୍ଟିକୋଣ ଦେଇପାରିବ । ଜନଜାତିମାନେ ତାଙ୍କର ପରିବେଶ ସହିତ କିପରି ଖାପଖୁଆଇ ଜୀବନ ଅତିବାହିତ କରୁଛନ୍ତି ଏବଂ କିପରି ଏହା ସେମାନଙ୍କର ବାସଗୃହ ନିର୍ମାଣକୁ ପ୍ରଭାବିତ କରେ ସେ ବିଷୟରେ ଉପସ୍ଥାପନ ନିମନ୍ତେ ପ୍ରୟାସ ହୋଇଛି ।

ଏହି ଅଧ୍ୟୟନର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନଜାତି ସମାଜର ପରମ୍ପରାଗତ ଓ ଆଧୁନିକ ବାସଗୃହ ମଧ୍ୟରେ ସଂପର୍କ ଗଢିବା ଓ ଏକ ସମନ୍ୱିତ ଏବଂ ସଫଳ ବାସଗୃହର ନକ୍ସା ତିଆରି କରିବା । ଅନେକ ଜନଜାତିମାନେ ଆଧୁନିକତାକୁ ଆଲିଙ୍ଗନ କରିବା ସହିତ ତାଙ୍କର ସଂସ୍କୃତିକୁ ସଂରକ୍ଷିତ ରଖିବାକୁ ଚାହିଁଛନ୍ତି । ଏହା ଏକ ସୁଯୋଗ ସୃଷ୍ଟି କରିଛି ଯେଉଁଠାରେ ପରମ୍ପରା ଏବଂ ଆଧୁନିକତାର ସମ୍ମିଳନ ହୋଇ ଏକ ସମନ୍ୱିତ ଓ ସୁସଙ୍ଗଠିତ ଘର ଗଢ଼ି ତିଆରି ହୋଇପାରୁଛି । ଏହି ପରିବର୍ତ୍ତନ ଦେଖାଇ ଦେଉଛି କିପରି ପରମ୍ପରା ଏବଂ ଆଧୁନିକତାର ମଧ୍ୟରେ ସମନ୍ୱୟ ଗଢିଉଠୁଛି । ଆଧୁନିକତାକୁ ଗ୍ରହଣ କରି ସଂସ୍କୃତିକୁ ସଂରକ୍ଷିତ କରିବା ଜନଜାତିମାନଙ୍କ ଜୀବନର ନୂତନ ଭିତିଭୂମିକୁ ଉପସ୍ଥାପନ କରୁଛି ।

ଏହି ପ୍ରବନ୍ଧରେ ମୁଖ୍ୟତଃ ଗଦବା, ଜୁଆଙ୍ଗ, କନ୍ଧ, ସାନ୍ତାଳ ଏବଂ ସଉରା ଜନଜାତିମାନଙ୍କ ବାସଗୃହର ନିର୍ମାଣକୁ ଦୃଷ୍ଟିରେ ରଖି ଅଧ୍ୟୟନ କରାଯାଇଅଛି ।

**ଗଦବା ଜନଜାତି**

ଗଦବା ଜନଜାତି ଓଡ଼ିଶାର ଏକ ପ୍ରମୁଖ ଜନଜାତି ଗୋଷ୍ଠୀ, ୨୦୧୧ ମସିହାର ଜନଗଣନା ଅନୁସାରେ, ଗଦବା ଜନଜାତିର ଜନସଂଖ୍ୟା ଓଡ଼ିଶାର ପ୍ରାୟ ୮୪,୬୮୯ ଅଟେ । ସେମାନେ ପ୍ରଧାନତଃ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି, ରାୟଗଡା ଓ ନବରଙ୍ଗପୁର ଜିଲ୍ଲାରେ ବସବାସ କରନ୍ତି । ଗଦବା ଜନଜାତିର ଜନସଂଖ୍ୟା ପର୍ଯ୍ୟାୟ କ୍ରମିକ ବିକାଶ, ପ୍ରତିଷ୍ଠା ଓ ଶାସକୀୟ ଯୋଜନା କ୍ଷେତ୍ରରେ କିଛି ପରିବର୍ତ୍ତନ ପାଇପାରିଛି । ଗଦବା ଲୋକମାନେ ପ୍ରକୃତି ସହ ଏକାଠି ଏବଂ ସମର୍ଥ ଜୀବନ ବ୍ୟତୀତ କରନ୍ତି । ସେମାନଙ୍କର ବାସଗୃହର ନିର୍ମାଣ ମୁଖ୍ୟତଃ ସାଧାରଣ ଏବଂ ସ୍ଥାନୀୟ ସାମଗ୍ରୀ ଉପରେ ନିର୍ମିତ ହୋଇଥାଏ । ଏହି ଜନଜାତିରେ ଏକ ବୃହତ୍ ପରିବାର ଗଠନ ଓ ସାଧାରଣ ଗାଁ କ୍ଷେତ୍ରରେ ଘର ଗୁଡିକୁ ନିର୍ମାଣ କରାଯାଏ ।

**ବାସଗୃହ ନିର୍ମାଣ :**

ଗଦବା ଜନଜାତିର ବାସଗୃହ ସାଧାରଣତଃ ପ୍ରାକୃତିକ ଓ ଏକା ପ୍ରକାର ନିର୍ମାଣ ଶୈଳୀକୁ ଅନୁସରଣ କରେ । ସେମାନେ ତାଙ୍କର ବାସଗୃହ ଗୁଡ଼ିକ ବାଉଁଶ, ବାଉଁଶ ଖୁଣ୍ଟି, ତାଳପତ୍ର ଏବଂ ଉପଲବ୍ଧ ସ୍ଥାନୀୟ ସାମଗ୍ରୀରୁ ନିର୍ମାଣ କରନ୍ତି । 'ଗଦବା' ଜନଜାତିଙ୍କ ଘରେ ମୁଖ୍ୟ ବାସଗୃହ, ରୋଷେଇ ଘର, ଆଭ୍ୟନ୍ତରୀଣ ଗୃହ ରହିଥାଏ । ସେଠାରେ ପରିବାରର ଦେବତାଙ୍କୁ ସ୍ଥାନିତ କରାଯାଇଥାଏ । ଗଦବା ଘର ଗୁଡ଼ିକ ଦୁଇ ଧାଡ଼ିର ମଝିରେ ବ୍ୟବଧାନ ରଖି ସାମ୍ନାସାମ୍ନି ତିଆରି ହୋଇଥାଏ । ଏହି ଗୃହର ଆକାର ଗୋଲାକାର ହୋଇଥାଏ । 'ଗଦବା' ଗ୍ରାମରେ ତିନି ପ୍ରକାରର ଘର ଦେଖିବାକୁ ମିଳିଥାଏ । ସେଗୁଡ଼ିକ ହେଉଛି ମହାଦ ଦିଏନ, ଦୋନ୍‌ଦୁଲ୍ ଦିଏନ ଓ ଛେଣ୍ଡି ଦିଏନ । ପ୍ରଥମ ଦୁଇ ପ୍ରକାର ଘର ଚତୁର୍ଭୁଜାକାର ହୋଇଥିବାବେଳେ ତୃତୀୟଟି 'କୋନ୍' ଆକାରର ଛାତ ସହିତ ବୃତ୍ତାକାର ଅଟେ । 'ଗଦବା' ମାନଙ୍କର ମୁଖ୍ୟ ଦେବତା ପଥରର ଠାକୁରାଣୀ ।

**ବାସଗୃହର ବିଶେଷତା :**

ଗଦବା ଜନଜାତି ନିଜର ବାସଗୃହ ନିର୍ମାଣ ପାଇଁ ପ୍ରାକୃତିକ ଓ ସ୍ଥାନୀୟ ସାମଗ୍ରୀ ମାଟି, ଛଣ, କାଠ, ବାଉଁଶ, ଲହି ଆଦି ବ୍ୟବହାର କରନ୍ତି । ଏହା ସେମାନଙ୍କର ପରିବେଶ ପ୍ରତି ସମ୍ବେଦନଶୀଳତା ପ୍ରକାଶ କରେ ।ଏହି ବାସଗୃହ ସାଧାରଣ ଏବଂ କ୍ଷୁଦ୍ର ଅଟେ, ଯାହା ସେମାନଙ୍କ ପ୍ରାକୃତିକ ଜୀବନର ଆବଶ୍ୟକତା ଓ ସାଧାରଣ ଜୀବନ ଶୈଳୀକୁ ପ୍ରତିବିମ୍ବିତ କରେ । ଘର ଗୁଡ଼ିକ ସେମାନଙ୍କର ରହଣି ପ୍ରଣାଳୀ ଓ ସ୍ଥାନୀୟ ଚିନ୍ତନଧାରାକୁ ଅନୁସରଣ କରେ । ଏହି ବାସଗୃହ ତାଙ୍କର ସାମ୍ପ୍ରଦାୟିକ ଓ ସାମାଜିକ ଅବସ୍ଥା ଏବେଂ ପ୍ରଥା ସହିତ ଜଡ଼ିତ, ଯାହା ସେମାନଙ୍କର ସାମାଜିକ ଏବଂ ସାମୁଦାୟିକ ଗଠନକୁ ପ୍ରତିବିମ୍ବିତ କରେ ।

**ଜୁଆଙ୍ଗ ଜନଜାତି**

ଜୁଆଙ୍ଗ ଜନଜାତିକୁ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଜନଜାତିମାନଙ୍କ ମଧ୍ୟରେ ଗଣନା କରାଯାଏ, ଯେଉଁମାନେ ପ୍ରଧାନତଃ କେନ୍ଦୁଝର, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ଗୁଡ଼ିକରେ ବସବାସ କରନ୍ତି । କିମ୍ବଦନ୍ତୀ ଅନୁସାରେ ଜୁଆଙ୍ଗମାନଙ୍କର ମୂଳ ମାଟି ହେଉଛି କେନ୍ଦୁଝର । ସେମାନେ ପ୍ରଥମେ କେନ୍ଦୁଝରର "ଜୁଆଙ୍ଗ ପୀଢ଼" ରେ ବସବାସ କରୁଥିଲେ । ସମୟ କ୍ରମେ ଅନ୍ୟ ଅଞ୍ଚଳକୁ ବିସ୍ତାରିତ ହେଲେ । କେନ୍ଦୁଝର ଜୁଆଙ୍ଗମାନଙ୍କୁ ଥାନିଆ ଏବଂ ଅନୁଗୋଳ ଓ ଢେଙ୍କାନାଳ ଜୁଆଙ୍ଗମାନଙ୍କୁ ଭାଗୁଡ଼ିଆ କୁହାଯାଏ । ସେମାନଙ୍କ ସମାଜ ଓ ସାମାଜିକ ପ୍ରଥା ଗୁଡ଼ିକ ସେମାନଙ୍କର ପ୍ରାକୃତିକ ପରିବେଶ ଓ ପରମ୍ପରା ସହିତ ଜଡିତ । ଜୁଆଙ୍ଗମାନେ ଜଙ୍ଗଲ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ଅଟନ୍ତି । ପୋଡୁଚାଷ ହେଲା ସେମାନଙ୍କର ଜୀବନ ଓ ଜୀବିକାର ପ୍ରମୁଖ ମାଧ୍ୟମ । ୨୦୧୧ ମସିହା ଜନଗଣନା ଅନୁସାରେ, ଜୁଆଙ୍ଗ ଜନଜାତିର ସମ୍ପୂର୍ଣ୍ଣ ଜନସଂଖ୍ୟା ୪୭,୦୯୫ ଅଟେ ।

ଜୁଆଙ୍ଗମାନଙ୍କର ସାମାଜିକ ସାଂସ୍କୃତିକ ଜୀବନଧାରା ବେଶ୍ ରୁଚିପୂର୍ଣ୍ଣ ଓ ସୁନ୍ଦର ହୋଇଥାଏ । ସେମାନେ ଅତ୍ୟନ୍ତ ଶାନ୍ତ, ସରଳ ଓ ଭଦ୍ରୋଚିତ୍ତ ହୋଇଥାନ୍ତି । ସେମାନେ ଗୋଷ୍ଠୀ ଜୀବନ ଓ ଭାତୃତ୍ୱ ଉପରେ ଗୁରୁତ୍ୱ ଦିଅନ୍ତି ।

ନିଜର ବାସସ୍ଥଳୀ, ଜନ୍ମମାଟି, ପ୍ରକୃତି ଓ ସବୁଜ ପରିବେଶକୁ ଭଲ ପାଆନ୍ତି ଏବଂ ପୂଜାରେ ବିଶ୍ୱାସ ରଖନ୍ତି । ସୁଖ, ଦୁଃଖ ଓ ବିପଦ ଆପଦରେ ପରସ୍ପରକୁ ସାହାଯ୍ୟ କରନ୍ତି । ସ୍ନେହ, ସାହାଯ୍ୟ ଓ ସହାନୁଭୂତିର ଏକ ସୁନ୍ଦର ମାନବିକ ସମାଜରେ ଜୁଆଙ୍ଗମାନଙ୍କର ସାମାଜିକ ଗଠନ ଓ ଜୀବନଶୈଳୀ ଯେତିକି ସୁନ୍ଦର ସେତିକି ରସାଣିତ ମଧ୍ୟ । ସେମାନଙ୍କର ଅର୍ଥନୀତି କୃଷି, ଶିକାର ଓ ସଂଗ୍ରହ ଉପରେ ଆଧାରିତ । ସେମାନେ ଉପଜୀବିକାରେ ପୋଡୁଚାଷ, ଧାନ, ମକା ଇତ୍ୟାଦି ଉତ୍ପାଦନ କରନ୍ତି ।

## ବାସଗୃହ ନିର୍ମାଣ

ଜୁଆଙ୍ଗ ଜନଜାତିର ପ୍ରାକୃତିକ ପରିବେଶ ସହିତ ସମନ୍ୱୟ କରି ତାଙ୍କର ବାସଗୃହ ନିର୍ମାଣ କରନ୍ତି । ଗୃହ ନିର୍ମାଣ ବେଳେ ଜୁଆଙ୍ଗମାନେ ପାରମ୍ପରିକ ଗୃହ ନିର୍ମାଣ, କଳା ଓ ସ୍ଥାପତ୍ୟକୁ ଦୃଷ୍ଟିରେ ରଖିଥାନ୍ତି । ଜୁଆଙ୍ଗମାନେ ବସତିସ୍ଥଳ ବାଛିବା ସମୟରେ ପ୍ରଚୁର ଜଙ୍ଗଲ ସମ୍ପଦ ; ସବୁଦିନିଆ ଜଳଝର ଓ ଚାଷପୋଯୋଗୀ ଜମି ଉପରେ ଗୁରୁତ୍ୱ ଦେଇଥାନ୍ତି । ଜୁଆଙ୍ଗମାନଙ୍କ ସାଂସ୍କୃତିକ ଓ ସାମାଜିକ ଜୀବନର ପ୍ରାଣ କେନ୍ଦ୍ର ହେଉଛି "ମଣ୍ଡଘର" ଜୁଆଙ୍ଗ ଭାଷାରେ ଏହାକୁ ମଜାଙ୍ଗ କୁହନ୍ତି ।

ସେମାନଙ୍କର ଘର ଗୁଡିକ ପ୍ରାୟ ବାଉଁଶ, ବୃକ୍ଷ ଗଛ, ମାଟି ଏବଂ ଛାତ (ଥାଟ) ଇତ୍ୟାଦି ସାମଗ୍ରୀ ଦ୍ୱାରା ନିର୍ମିତ ହୋଇଥାଏ । ଛାତ ଗୁଡିକ ନଡାରେ ତିଆରି ହୋଇଥିବା ଯୋଗୁଁ ଗରମ ଓ ବର୍ଷା ପରିସ୍ଥିତିକୁ ସମ୍ଭଳିତ କରି ରଖିଥାଏ । ଘର ଗୁଡିକ ଧାଡିକିଆ ନ ହୋଇ ଏଠି ସେଠି ନିର୍ମାଣ କରାଯାଇଥାଏ । ଜୁଆଙ୍ଗ ଘର ପ୍ରଧାନତଃ ଚତୁର୍ଭୁଜ ବା ଆୟତକ୍ଷେତ୍ର ପରି ହୋଇଥାଏ ଏବଂ ସେମାନଙ୍କ ମାଟିରେ ମଞ୍ଜିଳ ଏବଂ ବାଉଁଶ ଦ୍ୱାରା କାନ୍ଥ ନିର୍ମାଣ କରାଯାଏ । ଏହା ଗରମ ତଥା ଶୀତରେ ଘରକୁ ସୁରକ୍ଷିତ ରଖେ । ଘରର ଚାଳରେ ସେମାନେ ବାଉଁଶ ବ୍ୟବହାର କରିଥାନ୍ତି । ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ବଣ ଘାସ ବା ନଡା ସାହାଯ୍ୟରେ ଘର ଛପର କରନ୍ତି । ଘରର ଅନ୍ତର୍ଗତ ପ୍ରତିଷ୍ଠା ସାଧାରଣ ଓ ଆବଶ୍ୟକତାନୁସାରେ ହୁଏ । ସେମାନଙ୍କ ଦ୍ୱାରା ନିର୍ମିତ ଏକ ବଖରିଆ କୁଡିଆ ଘରଟିକୁ ସେମାନେ ବହୁମୁଖୀ ବ୍ୟବହାରରେ ଲଗାଇଥାନ୍ତି । ସେମାନଙ୍କ ସ୍ୱତନ୍ତ୍ର ଶୟନ କକ୍ଷ ବା ବିଶ୍ରାମ କକ୍ଷ ନଥାଏ । ସେଇ ଘରେ ସେମାନେ ରୋଷେଇ କରିବା ସହିତ ବିଶ୍ରାମ ମଧ୍ୟ କରିଥାନ୍ତି । ରୋଷେଇ କ୍ଷେତ୍ରରେ ସେମାନେ ଜାଳ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ଘର ଛାତର ବ୍ୟବହୃତ ନଡ଼ା ମାଧ୍ୟମରେ ଧୂଆଁ ରୂପେ ଅତି ସହଜରେ ବାହାରକୁ ଚାଲିଯାଇଥାଏ । ରୋଷେଇ ଘରର ବିପରୀତ ଦିଗରେ ଘର କରଣା ସାମଗ୍ରୀମାନ ରଖିବା ନିମନ୍ତେ ଉଚ୍ଚ ଜାଗଟିଏ ପ୍ରସ୍ତୁତ କରିଥାନ୍ତି । ସେମାନଙ୍କ ଘରେ କୌଣସି ଝରକା ନଥାଏ, କାରଣ ସେମାନଙ୍କ ଦୃଢ ବିଶ୍ୱାସ ଥାଏ ଯେ ଘରେ ଝରକା ରଖିଲେ ସେହି ବାଟ ଦେଇ ଦୁଷ୍ଟ ଆତ୍ମାର ଅନୁପ୍ରବେଶ ଘର ଭିତରକୁ ହୋଇଥାଏ । ତେଣୁ ଘରର ଦରଜା ଅଳ୍ପ ଉଚ୍ଚ ଓ ଅପ୍ରଶସ୍ତ ଥାଏ । ଜିନିଷ ପତ୍ର ରଖିବା ନିମନ୍ତେ ସେମାନେ ଘର ଭିତରେ କାଠର ଭାଡି ତିଆରି କରିଥାନ୍ତି । ଜୁଆଙ୍ଗମାନେ ନିଜ ରହିବା ଘର ଠାରୁ ଅଳ୍ପ ଦୂରରେ ଗୋରୁ ଗୁହାଳ ତିଆରି କରିଥାନ୍ତି । ଗୁହାଳ ଘରର କାନ୍ଥରେ କାଠ ଖମ୍ଭମାନ ପୋତିଥାନ୍ତି, ଯେଉଁଥିରେ

ସେମାନେ ଗୋରୁମାନଙ୍କୁ ରସି ଦ୍ୱାରା ବାନ୍ଧିଥାନ୍ତି । ଜୁଆଙ୍ଗ ଜନଜାତିଙ୍କ ବାସଗୃହର ରୂପ ଏବଂ ଗଠନ ସେମାନଙ୍କର ସାଂସ୍କୃତିକ ଓ ଧାର୍ମିକ ପ୍ରଥା ଉପରେ ପ୍ରଭାବ ପକାଇଥାଏ । ସେମାନେ ପ୍ରତିଷ୍ଠା କରିଥିବା ଘର ଗୁଡିକୁ ଚିତ୍ରକଳା, ଖୋଦନ କାର୍ଯ୍ୟ ଓ ପ୍ରାଚୀନ ସାଂସ୍କୃତିକ ସ୍ଥାନ ଦ୍ୱାରା ସଜାଇଥାନ୍ତି । ଏସବୁ ସେମାନଙ୍କର ଧାର୍ମିକ ବିଶ୍ୱାସ ଓ ପ୍ରାକୃତିକ ସମ୍ପର୍କକୁ ପ୍ରତିବିମ୍ବିତ କରିଥାଏ ।

**କନ୍ଧ ଜନଜାତି**

ଓଡ଼ିଶାରେ ବସବାସ କରୁଥିବା ୬୪ ପ୍ରକାର ଜନଜାତିଙ୍କ ମଧ୍ୟରୁ କନ୍ଧ ଜନଜାତିଙ୍କ ସଂଖ୍ୟା ଗରିଷ୍ଠ ଅଟେ । ସାମାଜିକ, ଆର୍ଥନୀତିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ କନ୍ଧମାନଙ୍କୁ ଦେଶିଆ, ଡଙ୍ଗରିଆ, କୁଟିଆ, ବୁଡୁ, ପେଙ୍ଗ ଇତ୍ୟାଦି ବିଭିନ୍ନ ଭାଗରେ ଗୋଷ୍ଠୀଭୁକ୍ତ କରାଯାଇଛି । କନ୍ଧ ଜନଜାତି ଓଡ଼ିଶାର ଏକ ପ୍ରମୁଖ ଜନଜାତି ଯାହା ମୁଖ୍ୟତଃ କନ୍ଧମାଳ, ରାୟଗଡା, କଳାହାଣ୍ଡି ଏବଂ କୋରାପୁଟ ଜିଲ୍ଲାରେ ବସବାସ କରନ୍ତି । କନ୍ଧ ଜନଜାତି ଓଡ଼ିଶାର ଅନ୍ୟାନ୍ୟ ଜନଜାତିମାନଙ୍କ ମଧ୍ୟରୁ ଏକ ସ୍ୱତନ୍ତ୍ର ପରିଚୟ ଦାବି କରେ । ସେମାନଙ୍କର ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ଗଠନ ବହୁତ ପ୍ରାଚୀନ ଓ ପରମ୍ପରାଗତ । ୨୦୧୧ ଜନଗଣନା ଅନୁସାରେ, କନ୍ଧ ଜନଜାତିର ସମ୍ପୂର୍ଣ୍ଣ ଜନସଂଖ୍ୟା ୧୬,୨୭,୪୮୬ ଯାହା ଓଡ଼ିଶାର ଅନ୍ୟାନ୍ୟ ଜନଜାତି ଗୁଡିକ ମଧ୍ୟରେ ପ୍ରମୁଖ । ଏହି ଜନଜାତିମାନଙ୍କର ସାମାଜିକ ଗଠନ ଏବଂ ଜୀବନଶୈଳୀକୁ ଦେଖିଲେ କନ୍ଧ ଜନଜାତି ଏକ ପୁରୁଷକେନ୍ଦ୍ରିତ ଏବଂ କୁଟୁମ୍ବ ଅନୁସରଣଗତ । ସେମାନଙ୍କ ମୁଖ୍ୟ ଜୀବିକା କୃଷି । କନ୍ଧମାନେ ବସତିସ୍ଥାପନ ନିମନ୍ତେ ପ୍ରଥମେ ଜାଗାଟିଏ ବାଛିବା ସମୟରେ ଉଚ୍ଚ ଭୂମି ପ୍ରତି ଗୁରୁତ୍ୱ ଦେଇଥାନ୍ତି । ଏହା ସହିତ ଜଳଧାର ଓ ଜଙ୍ଗଲ ସମ୍ପଦର ବହୁଳତା ପ୍ରତି ଗୁରୁତ୍ୱ ଦେଇଥାନ୍ତି । ଜଳ ଓ ଜଙ୍ଗଲ ଜନଜାତିଙ୍କର ଜୀବନ ଅଟେ ।

**ବାସଗୃହ ନିର୍ମାଣ**

କନ୍ଧ ଜନଜାତିଙ୍କ ବାସଗୃହ ନିର୍ମାଣ ପ୍ରକ୍ରିୟା ସେମାନଙ୍କର ପ୍ରାକୃତିକ ପରିବେଶ ଏବଂ ସାମାଜିକ ପ୍ରଥା ଉପରେ ଆଧାରିତ । ଏମାନଙ୍କ ଘର ଗୁଡିକ ଆୟତକାର ଓ ଦୁଇ ଧାଡିଆ ହୋଇ ପରସ୍ପରକୁ ସାମ୍ନା କରିଥାଏ । ଏହି ଘର ଗୁଡିକ ମଝିରେ ଗୋଟିଆ ପ୍ରଶସ୍ତ ଲମ୍ବ ରାସ୍ତା ଥାଏ । ପ୍ରତି ଘରର ସ୍ୱତନ୍ତ୍ର ରାସ୍ତା ଥାଏ । ସେମାନଙ୍କ ଘରର ବାରଣ୍ଡା ଏମୁଣ୍ଡରୁ ସେମୁଣ୍ଡ ଯାଏ ଲମ୍ବିଥାଏ । ପରିବାରର ସଦସ୍ୟ ସଂଖ୍ୟା ଓ ଆର୍ଥିକ ଅବସ୍ଥାକୁ ଆଧାର କରି ଘରର ଆକାର ନିର୍ମାଣ କରାଯାଇଥାଏ । କନ୍ଧମାନଙ୍କ ଘରକୁ ଲାଗି ଗୋଟିଏ ଗୋରୁ ଗୁହାଳ ତିଆରି ହୋଇଥାଏ ।

ଘର ନିର୍ମାଣ କରିବା ଆଗରୁ ଏମାନେ ଘର ନିମନ୍ତେ ଉଚ୍ଚ ଜମି ତଥା ଜଳଧାର ଓ ଜଙ୍ଗଲ ସମ୍ପଦର ବହୁଳତା ପ୍ରତି ଧ୍ୟାନ ଦିଅନ୍ତି । ଗୃହ ନିର୍ମାଣ ନିମନ୍ତେ କାଠ ଖମ୍ବ, ବାଉଁଶ, ଶିଆଳି ଲତା, ମାଟି ଇତ୍ୟାଦି ବ୍ୟବହାର କରିଥାନ୍ତି । ଘରର ଛପର ତିଆରି ନିମନ୍ତେ ସେମାନେ ବଣୁଆ ଘାସର ବ୍ୟବହାର କରିଥାନ୍ତି । ପୁରୁଷମାନେ ଘର ଛପର ତିଆରି କଲାବେଳେ ମହିଳାମାନେ ମାଟି ଚକଟି ଘରର କାନ୍ଥ, ଚୁଲି, ଚଟାଣ, ବାରଣ୍ଡା ଓ ଅଗଣା ଇତ୍ୟାଦି ତିଆରି କରି ଲିପା ପୋଛା କରିଥାନ୍ତି । ମୁଖ୍ୟ ଘରକୁ ପ୍ରାୟତଃ ଆଟୁ କହନ୍ତି । ଜିନିଷପତ୍ର ରଖିବା ପାଇଁ ବିନିଯୋଗ

ହୋଇଥାଏ । ରୋଷେଇ ଘରେ ପୂର୍ବପୁରୁଷଙ୍କ ଆତ୍ମାର ରହଣୀସ୍ଥଳ । ଏହାକୁ ତିଆରି ସମୟରେ ବିଶେଷ ଗୁରୁତ୍ୱ ଦେଇଥାନ୍ତି । ଚୁଲିର ବିପରୀତ ପାର୍ଶ୍ୱରେ ସେମାନେ ଛେଳି ଓ କୁକୁଡା ରଖନ୍ତି । ଏହା ଦ୍ୱାରା ଏମାନଙ୍କୁ ବନ୍ୟଜନ୍ତୁଙ୍କ ଆକ୍ରମଣରୁ ସୁରକ୍ଷା କରିପାରନ୍ତି । କନ୍ଧ ଜନଜାତିଙ୍କ ଘରର ପ୍ରତିଷ୍ଠା ସେମାନଙ୍କର ଧାର୍ମିକ, ସାଂସ୍କୃତିକ ଓ ସାମାଜିକ ପ୍ରଥା ସହ ସମ୍ବନ୍ଧିତ ଅଟେ । ସେମାନେ ଏହି ଘର ଗୁଡିକୁ ଚିତ୍ରକଳା, ମୂର୍ତ୍ତି ଓ ଆଧୁନିକ ସାଂସ୍କୃତିକ ପ୍ରଥା ଦ୍ୱାରା ସଜାଇଥାନ୍ତି ।

## ସାନ୍ତାଳ ଜନଜାତି

ସାନ୍ତାଳ ଜନଜାତି ଓଡ଼ିଶାର ପ୍ରମୁଖ ଆଦିବାସୀ ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ଜନଜାତି । ସେମାନଙ୍କର ମୂଳ ଅବସ୍ଥାନ ମୁଖ୍ୟତଃ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ବାଲେଶ୍ୱର ଜିଲ୍ଲାରେ ଥିବା ସହ ସେମାନଙ୍କର ପ୍ରାଚୀନ ସାଂସ୍କୃତିକ ଓ ସାମାଜିକ ଗଠନ ନିଜସ୍ୱ ଅପରିବର୍ତ୍ତିତ ପ୍ରତିଭାକୁ ଦର୍ଶାଉଛି । ୨୦୧୧ ଜଣଗଣନା ଅନୁସାରେ, ସାନ୍ତାଳ ଜନଜାତିର ସମ୍ପୂର୍ଣ୍ଣ ଜନସଂଖ୍ୟା ୮,୯୪,୭୬୪ ଅଟେ।

## ବାସଗୃହ ନିର୍ମାଣ

ସାନ୍ତାଳ ଜନଜାତିର ବାସଗୃହଗୁଡିକ ସେମାନଙ୍କର ପ୍ରାକୃତିକ ପରିବେଶ, ଆର୍ଥିକ ସ୍ଥିତି ଓ ସାମାଜିକ ପ୍ରଥା ସହ ସମନ୍ୱୟତାକୁ ବଜାୟ ରଖି ନିର୍ମିତ କରାଯାଇଥାଏ । ଘର ଗୁଡିକ ସାଧାରଣ ଏବଂ ପ୍ରାକୃତିକ ଉପାଦାନ ବ୍ୟବହାର କରି ତିଆରି ହୁଏ । ସାନ୍ତାଳମାନଙ୍କ ଘରକୁ 'ଓଳା' କୁହାଯାଏ ଯାହା ବଡ ବଡ ଅଗଣା ବିଶିଷ୍ଟ ଅଟେ । ଏମାନେ ଘର ଗୁଡିକୁ ସଫା ସୁତୁରା ରଖିବା ସହ ବିଭିନ୍ନ ଚିତ୍ରକଳାରେ କାନ୍ଥ ଗୁଡିକ ସୁସଜ୍ଜିତ କରି ନିର୍ମାଣ କରିଥାନ୍ତି । କାନ୍ଥର ତଳ ଭାଗକୁ କଳା ରଙ୍ଗର ମାଟିରେ, ମଝି ଭାଗକୁ ଲାଲି ମାଟିରେ ଏବଂ ଉପର ଭାଗକୁ ଧଳା ମାଟିରେ ଚିତ୍ରଣ କରିଥାନ୍ତି । ଏହି ଘର ଗୁଡିକ ଦୁଇ ବଖୁରିଆ ଯୁକ୍ତ ଓ ଘରର ଚାଳ ଗୁଡିକ ବାଉଁଶ ପାତି ଦ୍ୱାରା ଖପର ଛାଉଣିରେ ତିଆରି କରାଯାଇଥାଏ । ସାନ୍ତାଳୀମାନେ ଘରର କାନ୍ଥ ଗୁଡିକୁ ତିଆରି କରିବା ପାଇଁ ବାଉଁଶପାତି, କାଠର ବ୍ୟବହାର କରି ସେଥିରେ ମାଟି ଓ ଗୋବରର ମିଶ୍ରଣକୁ ଲେପି କାନ୍ଥ ତିଆରି କରିଥାନ୍ତି । ପରମ୍ପରା ଦୃଷ୍ଟିରୁ ସାନ୍ତାଳୀମାନେ ମୁଖ୍ୟଘରର ଭିତର ପାର୍ଶ୍ୱରେ ଏକ ପବିତ୍ର କୋଠରୀ ନିର୍ମାଣ କରି ନିଜ ଅଧିଷ୍ଠାତ୍ରୀ ଦେବତା ଓ ପୂର୍ବପୁରୁଷଙ୍କ ଆତ୍ମାକୁ ପୂଜା କରିଥାନ୍ତି । ସେହି କୋଠରୀକୁ 'ଭିତର' ବୋଲି କୁହାଯାଏ । ମୁଖ୍ୟ ଘରକୁ ମାଟି କାନ୍ଥ ଦ୍ୱାରା ଭାଗ କରାଯାଇ ସେଥିରେ ଧାନ ଓ ଅନ୍ୟାନ୍ୟ ଉତ୍ପାଦିତ ଶସ୍ୟକୁ ସଂରକ୍ଷଣ କରାଯାଇଥାଏ । ସାନ୍ତାଳୀମାନେ ନିଜ ରୋଷେଇ ଘରକୁ ମୁଖ୍ୟ ଘରର ଭିତରର ଏକ ପାର୍ଶ୍ୱରେ ନିର୍ମାଣ କରିଥାନ୍ତି । ଗୋରୁ ଗୁହାଳଟି ମୁଖ୍ୟଘରକୁ ଲାଗି ତିଆରି କରାଯାଏ ଥାଏ । ଘରର ସାମ୍ନାରେ ଅନ୍ୟଏକ ବୈଠକ ଘର ତିଆରି କରାଯାଇଥାଏ, ଯେଉଁଥିରେ ସାନ୍ତାଳୀମାନେ ନିଜର ଖାଲି ସମୟରେ ବସି ଆଧ୍ୟାତ୍ମିକ ଚର୍ଚ୍ଚା କରିବା ସହିତ ଗ୍ରାମର ଉନ୍ନତି ପାଇଁ ଆଲୋଚନା କରିଥାନ୍ତି ।

## ସଉରା ଜନଜାତି

ସଉରା ବା ଶବରମାନେ ଓଡ଼ିଶାର ପ୍ରାଚୀନ ଏବଂ ଗୁରୁତ୍ୱପୂର୍ଣ୍ଣ ଜନଜାତି । ସଂସ୍କୃତ ଶବ୍ଦ ଶବରୋଇରୁ ଶବର ଶବ୍ଦର ଉତ୍ପତ୍ତି । ଶବରୋଇର ଅର୍ଥ ଶବ ବହନ କରିବା କିନ୍ତୁ ଅନ୍ୟ ପକ୍ଷରେ ସାଗୋରିଜ୍ ଅର୍ଥ ଟାଙ୍ଗିଆ । ଶବରମାନଙ୍କ ଜୀବନ ଜୀବିକାର 'ଟାଙ୍ଗିଆ' ଓ 'ଶବ' ସହିତ ନିବିଡ ସମ୍ପର୍କ ରହିଛି । ଶିକାର କରି ଜୀବିକା ନିର୍ବାହ କରିବା ଏମାନଙ୍କର ଆଦିମ ବୃତ୍ତି । ବଣ ଜଙ୍ଗଲରେ ପଶୁ ଶିକାର କରି କାନ୍ଧରେ ଟାଙ୍ଗିଆ ଓ ମୃତ ପଶୁକୁ ବହନ କରି ନିଜର ବାସସ୍ଥଳୀକୁ ଫେରୁଥିବା ଲକ୍ଷଣକୁ ଏହି ଶବ୍ଦର ପ୍ରଚଳନ ହୋଇଥିବା ମନେହୁଏ । ସଉରା ଜନଜାତିର ମୂଳ ଅବସ୍ଥାନ ଗଜପତି, ରାୟଗଡ଼ା, ବରଗଡ଼ ଏବଂ ବଲାଙ୍ଗିର ଜିଲ୍ଲାରେ ଦେଖିବାକୁ ମିଳିଥାଏ । ସଉରା ଜନଜାତି ଉପରେ ସାଂସ୍କୃତିକ ଓ ପ୍ରାକୃତିକ ଜୀବନଶୈଳୀର ଗଭୀର ପ୍ରଭାବ ରହିଛି । ସେମାନଙ୍କର ଜୀବନ ଜୀବିକା ମୁଖ୍ୟତଃ କୃଷି ଓ ଜଙ୍ଗଲ ଉପରେ ନିର୍ଭର । ୨୦୧୧ ଜଣଗଣନା ଅନୁସାରେ ସଉରା ଜନଜାତିର ସମ୍ପୂର୍ଣ୍ଣ ଜନସଂଖ୍ୟା ୫,୩୪,୭୫୧ ଅଟେ ।

## ବାସଗୃହ ନିର୍ମାଣ

ସଉରା ଜନଜାତିର ବାସଗୃହ ପ୍ରକୃତି ଓ ସାମାଜିକ ପରିସର ଉପରେ ଆଧାରିତ ହୋଇଥାଏ । ଘର ଗୁଡିକ ସାଧାରଣ ଉଚ୍ଚ ଭୂମି ଓ ପାହାଡ଼ ଗଡ଼ାଣି ଥିବା ଶୁଷ୍କ ଅଞ୍ଚଳ ଏବଂ ଜଳବାୟୁକୁ ଆଧାର କରି ନିର୍ମାଣ କରାଯାଇଥାଏ । ସଉରାମାନଙ୍କର ବାସସ୍ଥଳୀ ଓ ବାସଗୃହର ନିର୍ମାଣ ଶୈଳୀରେ କୌଣସି ପ୍ରକାରର ନିର୍ଦ୍ଦିଷ୍ଟ ଢାଞ୍ଚା ବା ରୂପରେଖ ନଥାଏ । କେଉଁଠି କେଉଁଠି ଘର ଗୁଡିକ ଦୁଇ ଧାଡିଆ ଘର ହୋଇଥାଏ । ସେଇ ଘର ଗୁଡିକ ମଝିରେ ରାସ୍ତା ନିର୍ମାଣ ହୋଇଥାଏ ଯାହାକୁ ଦାଣ୍ଡ ବୋଲି କୁହାଯାଏ । ପ୍ରତି ଧାଡିରୁ ଆରଧାଡିକୁ ଯିବା ଆସିବା ପାଇଁ ଡାହାଣ ପଟିଆ ରାସ୍ତା ଥାଏ । ଗୋଟିଏ ଘରୁ ଆଉ ଗୋଟେ ଘରକୁ ଅଣଓସାରିଆ ପାଦଚଲା ରାସ୍ତା ଥାଏ । ଘରର ପ୍ରବେଶ ଦ୍ୱାରା ଅତି ସଂକୀର୍ଣ୍ଣ ଥାଏ । ଦୈନନ୍ଦିନ ଚଳଣି ପାଇଁ ବସତି ଅଞ୍ଚଳର ଅନତି ଦୂରରେ ପାଣିର ସୁବିଧା ଥାଏ ।

ଗୋଟିଆ ଆୟତକାର କ୍ଷେତ୍ରରେ ଛୋଟ ଏକ ବଖରା ବିଶିଷ୍ଟ ଚାଳ ଛପର ଘର ସଉରାମାନଙ୍କର ଘରର ନମୂନା ଅଟେ । ସେମାନଙ୍କର ଘର ଗୁଡିକ ସାଧାରଣତଃ ନିମ୍ନ ଉଚ୍ଚତାର ଏବଂ ଆୟତାକାର ହୋଇଥାଏ ଯାହା ସେମାନଙ୍କ ପାରମ୍ପରିକ ଘରର ପ୍ରତିଛବିକୁ ଦର୍ଶାଇଥାଏ । ଘରର କାନ୍ଥ ମାଟି ଓ ପଥରରେ ନିର୍ମିତ ହୋଇଥାଏ । ଘରର ସମୁଖ ଭାଗରେ ବାରଣ୍ଡା ଥାଏ । ଘରର କାନ୍ଥ ଗୁଡିକ ଗେରୁ ମାଟିରେ ଲିପି ସୁନ୍ଦର ଭାବରେ ଲିପାପୋଛା ହୋଇଥାଏ । ଘରର ଭିତର ପାର୍ଶ୍ୱରେ ଅଧାଅଧି ଜାଗାରେ କାଠ ଖୁଣ୍ଟମାନ ପୋତି ଗୋଟିଆ ଭାଡି ତିଆରି କରି ତା ଉପରେ ଆସବାସ ପତ୍ର, ଖାଦ୍ୟଶସ୍ୟ, ଲୁଗାପଟା ଓ ଛୋଟମୋଟ ଅନ୍ୟାନ୍ୟ ଜିନିଷମାନକୁ ସଂରକ୍ଷଣ କରିବାର ବ୍ୟବସ୍ଥା କରାଯାଇଥାଏ । କାନ୍ଥକୁ ଲାଗି ଗୋଟିଆ କୋଣରେ ରୋଷେଇ କରାଯାଏ । ବଳକା ଥିବା ଖୋଲା ସ୍ଥାନରେ ଧାନ କୁଟିବା ସହିତ ଖିଆପିଆ ମଧ୍ୟ କରାଯାଏ । ଘର ଛାତର ଛପର ତଳେ ଲୁଗାପଟା, ଟୋକେଇ, ଛଣ,

କୋଦାଳ, ଧନୁତୀର, ମାଟି ପାତ୍ର ଆଦି ଟଙ୍ଗା ହୋଇଥିବାର ଦୃଶ୍ୟମାନ ହୋଇଥାଏ । ଘରର ଗୋଟିଆ କୋଣରେ କୃଷି କାର୍ଯ୍ୟରେ ବ୍ୟବହୃତ ଉପକରଣମାନ ରଖାଯାଇଥାଏ। ସଉରା ଘର ମଧ୍ୟରେ ପାରମ୍ପରିକ ଚିତ୍ରକଳା ଦେଖିବାକୁ ମିଳେ । ଏହି ଚିତ୍ରକଳା "ଇଡିତାଲ" ନାମରେ ପ୍ରସିଦ୍ଧ । ବାରଣ୍ଡାରେ ସେମାନେ କୁକୁଡା ଓ ଘୁଷୁରିମାନଙ୍କ ରହିବା ପାଇଁ ସ୍ୱତନ୍ତ୍ର ଜାଗା ସହ ଘରର ଗୋଟିଆ ଗୋଣରେ ଗାଈ ଗୁହାଳ ମଧ୍ୟ ନିର୍ମାଣ କରିଥାନ୍ତି । ସଉରା ଜନଜାତିର ଘର ଗୁଡିକ ପ୍ରାୟତଃ ଗ୍ରାମର ଏକ ସାଂସ୍କୃତିକ ତଥା ସାମାଜିକ ଦୃଷ୍ଟିକୋଣରୁ ଅଧିକ ପ୍ରଭାବଶାଳୀ ।

## ଗୃହ ନିର୍ମାଣ ଶୈଳୀରେ ପରିବର୍ତ୍ତନର କାରଣ ଓ ପ୍ରଭାବ

ବାସ ଗୃହରେ ଦେଖାଯାଉଥିବା ପରିବର୍ତ୍ତନର ଅନେକେ କାରଣ ଗୁଡିକ ମଧ୍ୟରୁ ଆର୍ଥିକ, ସାମାଜିକ ଏବେଂ ପରିବେଶ ସମ୍ପର୍କିତ ଦିଗ ଗୁଡିକର ଭୂମିକା ଅନ୍ୟତମ । ଆର୍ଥିକ ସ୍ଥିତିରେ ବୃଦ୍ଧି, ଶିକ୍ଷା ଏବଂ ନାଗରିକ ଜୀବନର ପ୍ରଭାବ ଆଧୁନିକ ଘର ନିର୍ମାଣ ପ୍ରତି ଆକର୍ଷଣ ବଢାଇଛି । ଶିଳ୍ପୀକରଣ ଓ ଚାକିରୀର ସୁଯୋଗ ପ୍ରାପ୍ତି, ଗ୍ରାମ୍ୟ ଏବଂ ଜନଜାତିମାନଙ୍କ ଘର ଗଠନ ପ୍ରଣାଳୀରେ ପରିବର୍ତ୍ତନ ଆଣିଛି । ପ୍ରାକୃତିକ ଦୁର୍ଘଟଣାରୁ ସୁରକ୍ଷା ପ୍ରଦାନ କରିବାର ଆବଶ୍ୟକତା ଏବଂ ପ୍ରାଚୀନ ଉପକରଣର ଉପଲବ୍ଧି କମିବାରେ ଲାଗିଛି । ସିମେଣ୍ଟ, ଇଟା ଓ କଂକ୍ରିଟ ଭଳି ଆଧୁନିକ ସାମଗ୍ରୀର ବ୍ୟବହାର ବଢ଼ିବାରେ ଲାଗିଛି । ସହରୀକରଣ ପ୍ରଭାବରେ ଜନଜାତିଙ୍କ ଘରର ଆଙ୍ଗିକ ପରିବର୍ତ୍ତନ ହେଇଛି । ସରକାରୀ ସହାୟତାରେ ନିର୍ମିତ ଗୃହ ଗୁଡ଼ିକ ପାରମ୍ପରିକ ଧାରାରୁ ବିଚ୍ୟୁତ ହୋଇ ନିର୍ଦ୍ଧାରିତ ଢାଞ୍ଚାର ଗୃହ ନିର୍ମାଣ ହେଉଛି । ଏକା ପ୍ରକାର ଢାଞ୍ଚାର ସରକାରୀ ସ୍ଥାୟୀ ଘରର ଉପସ୍ଥିତି ଜନଜାତି ସମାଜର ଅନ୍ୟ ପରିବାର ଉପରେ ପ୍ରଭାବ ପକାଉଛି । କ୍ରମଶଃ ସେମାନେ ସେହି ନିର୍ମାଣ ଶୈଳୀ ପ୍ରତି ଆକୃଷ୍ଟ ହେବାରେ ଲାଗିଛନ୍ତି ଏବଂ ଅନୁରୂପ ଗୃହ ନିର୍ମାଣକୁ ପ୍ରାଧାନ୍ୟ ଦେଉଛନ୍ତି । ତେବେ ସାମାଜିକ ଭିନ୍ନତା ଯୋଗୁଁ ପ୍ରାଚୀନ ସଂସ୍କୃତି ହ୍ରାସ ପାଇବାରେ ଲାଗିଛି । ନୂତନ ଢାଞ୍ଚାରେ ଘରର ନିର୍ମାଣରେ ବହୁତ ଖର୍ଚ୍ଚ ହୋଇଥାଏ । ଏହା ଅନେକ ସମୟରେ ଋଣ ଓ ଅର୍ଥନୈତିକ ସଙ୍କଟକୁ ଜନ୍ମ ଦେଇଥାଏ । ଏହାର ସାମାଜିକ ପ୍ରଭାବ ମଧ୍ୟ ମହତ୍ତ୍ୱପୂର୍ଣ୍ଣ । କାରଣ ବଡ଼ ପରିବାରର ସ୍ଥାନରେ ଛୋଟ ପରିବାର ଧାରଣା ବଢ଼ିବାରୁ ପରିବାର ମୂଲ୍ୟରେ ଅବନତି ହୋଇଛି । ଏହି ପରିବର୍ତ୍ତନ ଏକ ପଟେ ଉନ୍ନତିର ଦିଗ ଆଣୁଛି କିନ୍ତୁ ଅନ୍ୟପଟେ ପ୍ରାଚୀନ ପରମ୍ପରାର ଅସ୍ଥିରତାକୁ ମଧ୍ୟ ଜନ୍ମ ଦେବାରେ ଲାଗିଛି । ସଂକ୍ଷେପରେ କହିବାକୁ ଗଲେ, ବାସଗୃହରେ ଆସୁଥିବା ପରିବର୍ତ୍ତନ ଜନଜାତିମାନଙ୍କ ସଂସ୍କୃତିକୁ ନୂତନ ଭାବରେ ଗଢ଼ିବା ସହିତ ସାମାଜିକ ଓ ଆର୍ଥିକ ଜୀବନରେ ଗଭୀର ପ୍ରଭାବ ପକାଇଛି ।

## ପରମ୍ପରା ଏବଂ ଆଧୁନିକତାର ସମନ୍ୱୟ

ପରମ୍ପରା ଏବଂ ଆଧୁନିକତାର ସମନ୍ୱୟରେ ଜନଜାତି ଘର ଗୁଡିକର ମୂଲ୍ୟବୋଧ ଦୃଶ୍ୟମାନ ହେଉଛି । ଯାହା ଦ୍ୱାରା ଏକଦେଶୀୟ ପରମ୍ପରାଗତ ଆକୃତି ଓ ଆଧୁନିକ ସୂଚନାର ସମ୍ମିଳନୀରେ ଘରକୁ ଏକ ନୂତନ ଆକାର ଦିଆଯାଇପାରେ। ପରମ୍ପରାଗତ ଘର ଗୁଡିକର ଗଠନଶୈଳୀ, ସ୍ଥାନୀୟ ପରିବେଶରେ ଉପଲବ୍ଧ ସାମଗ୍ରୀ ଯେପରିକି ମାଟି, କାଠ, ବାଉଁଶ, ବାଉଁଶ ନଡା ଆଦିରୁ ତିଆରି ହୋଇଥାଏ । ଏହା ଏକ ସୁସ୍ଥ ପରିବେଶର ମନୋଭାବ ସୃଷ୍ଟି କରେ । ଏହାର ପ୍ରଭାବରେ ସମୂହ ଓ ସାମୁଦାୟିକ ସଂସ୍କୃତିର ବିକାଶରେ ସହାୟତା ହୋଇଥାଏ ।

କିନ୍ତୁ ଆଧୁନିକ ଯୁଗର ଚାହିଦା ଅନୁଯାୟୀ ଏହି ଘର ଗୁଡିକରେ ଆଧୁନିକ ସୁବିଧା ଓ ସୁଯୋଗର ଆବଶ୍ୟକତାକୁ ମହତ୍ତ୍ୱ ଦେଇଛି । ଯେପରିକି ବିଦ୍ୟୁତିକରଣ, ପାଇଖାନା ଇତ୍ୟାଦି ଘରକୁ ଆଧୁନିକ ଏବଂ ସୁବିଧାଜନକ କରିବା ପାଇଁ ପ୍ରଯୁଜ୍ୟ । ପରମ୍ପରା ଏବଂ ଆଧୁନିକତାର ସମିଶ୍ରଣ ଦ୍ୱାରା ଜନଜାତି ଘର ଗୁଡିକ ଏକ ସୁନ୍ଦର ଅବତାର ପାଇପାରିବ, ସେଥିରେ ଜନଜାତିମାନଙ୍କ ସଂସ୍କୃତି ଓ ପରମ୍ପରାର ମୂଲ୍ୟବୋଧ ଓ ତାର ସଂରକ୍ଷଣ ସହିତ ଆଧୁନିକ ଜୀବନ ଶୈଳୀର ସମ୍ପୃକ୍ତି ଘଟିବ । ଏହା ସମାଜର ସମଗ୍ର ବିକାଶ ପାଇଁ ଏକ ମୁଖ୍ୟ ପଦକ୍ଷେପେ ହେବ ।

ଆଜିର ପ୍ରତିଯୋଗିତାମୂଳକ ବିଶ୍ୱରେ, ଜନଜାତିମାନଙ୍କ ଆବଶ୍ୟକତା ଓ ଆକାଂକ୍ଷା ପୂରଣ କରିବା ସହିତ ସେମାନଙ୍କର ସଂସ୍କୃତିକୁ ବଜାୟ ରଖିବା ଦ୍ୱାରା ଏହାର ସାମାଜିକ ଏବଂ ଆର୍ଥିକ ବିକାଶ ହୋଇପାରିବ । ଜନଜାତିମାନେ ପ୍ରାଚୀନ ସଂସ୍କୃତି, ପରମ୍ପରା ଓ ସ୍ଥାନୀୟ ଜୀବନଶୈଳୀ ସହିତ ଏକ ନୂତନ ବିଶ୍ୱର ଉନ୍ନତି ପ୍ରତି ଆକୃଷ୍ଟ ଓ ମହତ ଆକାଂକ୍ଷା ରଖନ୍ତି । ଏହି ପ୍ରକାର ଉନ୍ନତି ସେମାନଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହିତ ଶିକ୍ଷାର ସୁଯୋଗ ଦେବ, ସ୍ୱାସ୍ଥ୍ୟ ସେବାକୁ ଉତ୍ତମ କରିବ ଏବଂ ପ୍ରାରମ୍ଭିକ ସାମାଜିକ ଯୋଗାଯୋଗ ପାଇଁ ପ୍ରମୁଖ ସୋପାନ ଦର୍ଶାଇବା ।

ଏକ ସୁନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରେ, ଜନଜାତିମାନଙ୍କ ଗୃହ ନିର୍ମାଣ କୌଶଳ, ଜୀବନଶୈଳୀ ଓ ସଂସ୍କୃତିର ସଂରକ୍ଷଣ ସହିତ ଏହାର ପ୍ରଚାର ଓ ପ୍ରସାର ପାଇଁ ଆଧୁନିକ ପ୍ରଯୁକ୍ତି ପଦ୍ଧତିକୁ ବ୍ୟବହାର କରାଯାଇ ସେମାନଙ୍କ ପାଇଁ ଆର୍ଥିକ ସୁଯୋଗ ସୃଷ୍ଟି କରିବା, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା ଏବଂ ଆଧୁନିକ ବିଶ୍ୱରେ ସେମାନଙ୍କୁ ଏକ ସମାନ ସ୍ଥାନ ଦେବା ଜରୁରୀ । ଏହା ସହିତ ସେମାନଙ୍କର ଆବଶ୍ୟକତାକୁ ପୂରଣ କରିବା କାଳରେ ସାଂସ୍କୃତିକ ଅସ୍ମିତାକୁ ସୁଦୃଢ଼ ରଖି ନୂତନ ପଦ୍ଧତିକୁ ଅନୁସରଣ କରିବା ଉଚିତ୍ । ନୂତନ ସ୍ଥାୟୀ ଗୃହ ନିର୍ମାଣ ହେଉ  କିନ୍ତୁ ସେଥିରେ ଜନଜାତି ଗୃହ ନିର୍ମାଣ ଢାଞ୍ଚାର ମୌଳିକତା ବଜାୟ ରହୁ । ପାରମ୍ପରିକ ଢାଞ୍ଚାକୁ ଆହୁରି ଦୃଢ଼ୀକରଣ କରାଯାଇ ପକ୍କା ଗୃହ ନିର୍ମାଣ ହେଉ । ଜନଜାତି ସଂସ୍କୃତି , ଐତିହ୍ୟ, କାରିଗରୀ କୌଶଳ, ଚିତ୍ର କଳା ଆଧାତ୍ମିକ ବିଚାରବୋଧ ଆଦିକୁ ଜଡିତ କରାଯାଇ ନୂତନ ଘର ତିଆରି ବେଳେ ସମ୍ବେଦନଶୀଳତା ପ୍ରଦର୍ଶନ କରାଯିବା ଅନିର୍ବାଯ୍ୟ । ଜନଜାତିଙ୍କ ଜୀବନ ଧାରା ସୁଗମ ଓ ସୁଖକର କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା  ପ୍ରଶଂସନୀୟ । ଆଧୁନିକତାର ସ୍ପର୍ଶରେ ଜନଜାତି ଗାଁ ଗୁଡ଼ିକର ଅବୟବ ପରିବର୍ତ୍ତନ ଏକ ଅଲଗା ସଂସ୍କୃତିକୁ ସୃଷ୍ଟି କରୁଛି ।  ଏଣୁ ସମାଜର ଆବଶ୍ୟକତାକୁ ଧ୍ୟାନରେ ରଖି, ଆଧୁନିକ ଓ ପରମ୍ପରା ଶିଳ୍ପ ଓ ବ୍ୟବସ୍ଥାର ସମ୍ମିଳନ ସେମାନଙ୍କର ଚାହିଦା ଗୁଡିକୁ ପୂରଣ କରିବା ସହିତ ସାଂସ୍କୃତିକ ମୂଲ୍ୟବୋଧକୁ ଅତୁଟ ରଖିବା ସହିତ ପରମ୍ପରାର ଶକ୍ତିଶାଳୀ ରୂପକୁ ପ୍ରସାରିତ କରିବ, ଯାହା ସମାଜର ସମଗ୍ର ବିକାଶ ଓ ସମାନତାକୁ ଉତ୍ତୋଳିତ କରି ରଖିବାରେ ସାହାଯ୍ୟ କରିବ।

ସରକାର ସେମାନଙ୍କ ସଂସ୍କୃତି ତଥା ପରମ୍ପରା ସହିତ ଜଡିତ ଥିବା ସମସ୍ତ ଉପକରଣ ଯଥା ବାସଗୃହ, ଖାଦ୍ୟ, ନୃତ୍ୟ, ଅଳଙ୍କାର ଓ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ସମସ୍ତ ଜିନିଷକୁ ସଂରକ୍ଷଣ କରିବା ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରି ଆସିଛନ୍ତି । ଗୃହ ନିର୍ମାଣବେଳେ ଉଭୟ ପରମ୍ପରା ଓ ଆଧୁନିକ ନିର୍ମାଣ କୌଶଳର ସମନ୍ୱୟରେ ଗୃହ ନିର୍ମାଣ କରାଗଲେ ଏହା ଜନଜାତି ସଂସ୍କୃତିର ସଂରକ୍ଷଣ ଓ ସଂପ୍ରସାରଣ ଦିଗରେ ବଡ଼ ପଦକ୍ଷେପ ହୋଇପାରିବ ଏବଂ ଜନଜାତିଙ୍କ ଆକାଂକ୍ଷାକୁ ଅଚିରେ ପୂରଣ କରିପାରିବ ।

## ସହାୟକ ଗ୍ରନ୍ଥ ସୂଚୀ


୧. Mahapatra Srikant & Nityananda Pattnaik (1986) : Patterns of Tribal Housing : Published by Academy of Tribal Dialects and Culture, Bhubaneswar.

୨. Ota A.B, S.C. Mohanty & B.N. Mohanty (ed.) (2018) : Demographic Profile of Schedued Tribes in Odisha (1961-2011), Scheduled Castes and Scheduled Tribes Research and Training Institure (SCSTRTI)

୩. ଓତା ଅଖିଳ ବିହାରୀ, କେ.କେ. ମହାନ୍ତି, ଏ.ସି.ସାହୁ, ଶରତ ଚନ୍ଦ୍ର ମହାନ୍ତି ଏବଂ ତ୍ରିଲୋଚନ ସାହୁ ୨୦୧୨) : ଓଡିଶାର ପ୍ରାଚୀନତମ ଜନଜାତି : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ, ଓଡ଼ିଶା ।

୪. ଭୂତିଆ ସମରେନ୍ଦ୍ର, ପଟେଲ ପରମାନନ୍ଦ (୨୦୨୪) : ଓଡ଼ିଶାର ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର



ଗଣପତି ରେସିଡେନ୍ସି
ଦ୍ୱିତୀୟ ମହଲା, ଘର ନଂ - ୨୧୨
କେନାଲ ରୋଡ, ଝାରପଡ଼ା, ଭୁବନେଶ୍ୱର
Email-panchali.sahu1@gmail.com


❖❖❖

# ପରମ୍ପରାର ପରିବର୍ତ୍ତିତ ରୂପ

**ଡ଼. ପରମାନନ୍ଦ ପଟେଲ**

ମାଲାକାନଗିରି, ବିସ୍ମୟଭରା କାହାଣୀରେ ପରିପୂର୍ଣ୍ଣ । ଜନଜୀବନ ଏଠି ଜୀବନ୍ତ କଣ୍ଡାକାମ୍ବେରୁ, ମାନ୍ୟମକୋଣ୍ଡା ପରି ପର୍ବତମାଳା ଭିତରେ ଥିବା ଜୀବନ୍ତ ସଂସ୍କୃତି ଯେତେ ବିସ୍ମୟକର ସେତେ ରୋମାଞ୍ଚକର । ଶୁଣା କଥାକୁ ବାସ୍ତବରେ ଅନୁଭବ କଲେ ରୋମାଞ୍ଚିତ ହୁଏ ମନ । ଭୟ ଓ ଆଗ୍ରହରେ ଆଗକୁ ଚଳଚ୍ଚିତ୍ର ପରି ପ୍ରତୀତ ହୁଏ । ସେଇ ଅନୁଭୂତି ଭରା ଜନଜୀବନ ଯାତ୍ରାରେ ଏକ ପରିବର୍ତ୍ତନ କିପରି ରୂପାୟିତ ହେଉଛି ତାହା ନ ଦେଖିଲେ ଜାଣି ହେବ ନାହିଁ ।

କଣ୍ଡାକାମ୍ବେରୁ ପର୍ବତମାଳା ଭିତରେ ଅବସ୍ଥିତ ବଣ୍ଡା ପର୍ବତ । କଳ୍ପନା ଓ ବାସ୍ତବର ଏକ ବିଚିତ୍ର କ୍ୟାନଭାସ୍ । ଥାକ ଥାକ ପର୍ବତ ଭିତରେ ଆମ ଭାଷାର ବଣ୍ଡା ରାଜ୍ୟ । ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ୍ ଅନ୍ତସ୍ଥ ବଣ୍ଡା ପର୍ବତ ଭିତରେ ବଣ୍ଡା ରାଜ୍ୟ । ମୁଦୁଲିପଡା, ଅଣ୍ଡ୍ରାହଲ ଦୁଇଟି ପଞ୍ଚାୟତ ଅଭ୍ୟନ୍ତରରେ । ପ୍ରାୟତଃ ୩୨ଟି ପଡା ଗ୍ରାମକୁ ନେଇ ଏହା ଗଠିତ । ମୋ ହେତୁ ହେଲା ଦିନଠୁଁ ଅର୍ଥାତ୍ ୧୯୮୯ରେ ବଣ୍ଡା ଭାଷା ଉପରେ ତଥ୍ୟ ସଂଗ୍ରହ ପାଇଁ ମାର୍ଚ୍ଚ ୧୯୯୦ରେ ବଣ୍ଡାରାଜ୍ୟକୁ ଯାତ୍ରା । ମୁଦୁଲିପଡା ମୁଖ୍ୟାଳୟରେ ପୂର୍ବରୁ ଗୋଟାଏ ପ୍ରକଳ୍ପ ରହିଛି, ବଣ୍ଡା ଉନ୍ନୟନ ସଂସ୍ଥା, ପାଖରେ ଫାଣ୍ଡିଟାଏ, ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟ, ଛୋଟିଆ ଡାକ୍ତରଖାନାଟିଏ । ଅଙ୍ଗନୱାଡି ଓ ସରପଞ୍ଚଙ୍କ କାର୍ଯ୍ୟାଳୟ ଥିବାର ତଥ୍ୟ ମିଳିଥାଏ । ଭୁବନେଶ୍ୱରରୁ ଜୟପୁର ସେତେବେଳେ ଗୋଟିଏ ବସ୍ ଓଡ଼ିଶା ରାଜ୍ୟ ପରିବହନ । ଦିନ ୮ଟା ପାଖାପାଖି ପହଞ୍ଚେ । ବର୍ଷାଦିନେ ନାଳରେ ପାଣି ଉଛୁଳିଲେ କିଛି ନିଶ୍ଚିତ ନାହିଁ । ୮ଟାରେ ବସ୍‌ରୁ ଓହ୍ଲାଇ ସୁଲଭ ଶୌଚାଳୟରେ ନିତ୍ୟକର୍ମ ସାରିବା ଉପରାନ୍ତ ବାଲିମେଳାକୁ ପ୍ରାଇଭେଟ୍ ବସ୍ । ରୁମାଲ ପକାଇ ସିଟ୍ ଅକ୍ତିଆର କରିଦେଲେ ଚା ଜଳଖିଆ ଖାଇ ବସ୍‌ରେ ବସିବା ପରେ ୧୦ ଟାରେ ଛାଡେ । ଖଇରପୁଟ ପହଞ୍ଚିଲା ବେଳକୁ ଗୋଟାଏ । ବସ୍‌ରୁ ଓହ୍ଲାଇ ସାମନା ଜଳଖିଆ ଦୋକାନରେ ପଶିଗଲି । ଆଶା ଥାଏ ଭାତ ଖାଇବି । ଦୋକାନୀ ମନାକଲା । ଆଗ୍ରହ ସହକାରେ

ପଚାରିଲା କୁଆଡେ ଯିବେ । ମୁଁ କହିଲି ମୁଦୁଲିପଡ଼ା । ବଣ୍ଡା ଭାଷା ସଂଗ୍ରହ ପାଇଁ ଆସିଛି । ଦୋକାନୀ ଅନେଇଲା, ସେଠାକୁ ୧୨ କି.ମି. । ପାଦଚଲା ରାସ୍ତା । ଦିନ ଦୁଇଟା ହବ କିପରି ଯିବ । କୌଣସି ସାଧନ ନାହିଁ। ରାସ୍ତାକାମ ଚାଲୁଥାଏ ଘାଟି ପଥର କାଟି ଜିପ୍ ରାସ୍ତାଟାଏ କରାହେଉଛି । ଦୋକାନୀ ତା ଘରୁ ଭାତ ଆଣିଦେଲା ମୁଁ ଖାଇଲି । ମତେ କହିଲା ଚୁଡ଼ା ଗୁଡ଼ ଧରିନିଅ ସେଠି କିଛି ମିଳିବନି । ଏତିକି ବେଳେ ଦି ଜଣ ବଣ୍ଡା ମହିଳା ସେଇ ବାଟ ଦେଇ ଯାଉଥିଲେ । ଦୋକାନୀ ତାଙ୍କୁ ତାଙ୍କ ଭାଷାରେ ଡାକିଲା ସେମାନେ ଅଟକିଲେ। କଣ କଥା ହେଲେ ତାପରେ ମତେ କହିଲା ୟାଙ୍କ ସାଙ୍ଗରେ ଚାଲି ଚାଲି ଯାଅ ପହଞ୍ଚିଯିବ । ସେଦିନର ବଣ୍ଡା ପାହାଡ଼ । ଜୀବନ୍ତ ସଂସ୍କୃତିରେ ପରିପୂର୍ଣ୍ଣ ।  ପାଦଚଲା ରାସ୍ତାରେ ଚାଲି ଚାଲି ପହଞ୍ଚିଲା ବେଳକୁ ଅନ୍ଧକାର ମାଡ଼ି ଆସୁଥାଏ । ବଣ୍ଡା ଉନୟନ୍ନ ସଂସ୍ଥାର ଜଣେ କର୍ମଚାରୀ ମୋତେ ଦେଖିଲେ । କହିଲେ ଆଇ.ବି. ଅଛି । ମଙ୍ଗଳୁ ଚାବିଧରି ଧାଂଡ଼ି ବସାରେ । ସେଦିନର ମୁଦୁଲିପଡ଼ା ସନ୍ଧ୍ୟା ହେଲେ ବଣ୍ଡାଙ୍କ ଇଂଗେରସିନ (ଧାଂଡି ବସା) ରେ ଧାଂଡାଙ୍କ ଆଖଡା ବସେ । ସୁତରା ସୁତ୍‌ରି ଚାଲେ, ଚୁଡି ଧରି ଧାଂଡାମାନେ ଧାଡ଼ିମାନଙ୍କୁ ଗୀତ ଗାଇ ସୁତରାଇବେ। ଧାଂଡିମାନେ ଗୀତରେ ଗୀତରେ ଧାଂଡାର କୁଟୁମ୍ବ, ପରିବାର, ଗୋତ୍ର, ଧନ ସଂପତ୍ତି କଥା ବୁଝି ନେବେ । ମନ ପାଇଲା ବିବାହ ପ୍ରସ୍ତାବ । ନହେଲେ ନାହିଁ । ମହିଳାଙ୍କ ପ୍ରତି ବଣ୍ଡା ପୁରୁଷଙ୍କ ଖୁବ୍ ସମ୍ମାନ। ଆଜି ଦିନରେ ଖୋଜିଲା ବେଳକୁ ସେ ଧାଂଡି ବସା ହଜି ଗଲାଣି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚାଳ ଛପର, ଟିଣକୁ ପରିବର୍ତ୍ତିତ ହୋଇଗଲା ବେଳକୁ ଧାଂଡି ବସାର ଅସ୍ତିତ୍ୱ ଅତୀତ ପାଲଟି ଯାଇଛି ।

ମୁଦୁଲିପଡ଼ା, ବଣ୍ଡା ଘାଟିର ମୁଖ୍ୟାଳୟ, ମୁଁ ଯିବା ବାଟରେ ବାନା ପାଚେରୀ ଡେଇଁଲା ବେଳକୁ ବଣ୍ଡା ଧାଂଡାଟିଏ ବାଟ ଓଗାଳିଲା । ଧୁଂଗିଆ ଟାଣି ନାଲି ନାଲି ମଦୁଆ ଆଖିରେ ଅନାଉଥାଏ । ବଣ୍ଡା ସ୍ତ୍ରୀ ଲୋକ ଦିଜଣ କଣ କହିଲେ କେଜାଣି ସେ ବାଟ ଛାଡି ହେଲା । ସମ୍ମୁଖରେ ଥିବା ଡାଲଖାଇ ଠାକୁରାଣୀଙ୍କ ପାଖରେ ଡାଳଟିଏ ପକାଇ ଯାତ୍ରା ଶୁଭ ମନାସିଲା ପରେ ପୁଣି ଆଗକୁ । ଏବେ ବାନା ପାଚରୀ ଅଛି । ତାର ପୂର୍ବ ଗରିମା ନାହିଁ । କିମ୍ବଦନ୍ତୀରେ ବଞ୍ଚିଛି । ପାଖର କଳା ମଚ ମଚ ପିଚୁରାସ୍ତାରେ ସଁ ସଁ ଗାଡି ମଟର । ଡାଲଖାଇ ପାଖରେ ବି କେହି ଅଟକୁ ନାହାନ୍ତି । ବଣ୍ଡା ଅସ୍ତିତ୍ୱର ପ୍ରଥମ ସନ୍ତକ ବାନା ପାଚେରୀ ବଣ୍ଡା ରାଜ୍ୟର ପ୍ରବେଶ ଦ୍ୱାର ଏବଂ ଡାଲଖାଇ ଠାକୁରାଣୀ ତାଙ୍କ ଗ୍ରାମ ଦେବତୀ ଏବେ ବନଦୁର୍ଗା ରୂପରେ ଫୋଟୋ ଫ୍ରେମ ଭିତରେ ପୂଜା ପାଉଛନ୍ତି । ଡାଳ ପଡୁଛି ବଣ୍ଡାମାନଙ୍କ ଦ୍ୱାରା । କେତେକ ଶ୍ରଦ୍ଧାଳୁ ଯେଉଁମାନେ ଜାଣିଛନ୍ତି ଫୋଟୋ ଉଠାଇବା ବାହାନାରେ ଡାଳଟିଏ ଭାଙ୍ଗି ଅର୍ପଣ କରୁଛନ୍ତି । ମାଁ ଡାଲଖାଇ ନୀରବ ଆଶୀର୍ବାଦ ଦେବାରେ କିନ୍ତୁ ହେଳା କରୁନାହାନ୍ତି ।

ମୁଦୁଲିପଡ଼ା ଆରମ୍ଭ ବେଳକୁ ଚିରସ୍ରୋତା ଝରଣାଟିଏ । ଏ ଉପତ୍ୟକାରେ ବଣ୍ଡାମାନେ ଝରଣା କଡ଼େ କଡ଼େ ଧାନ କିଆରି କରି ଧାନଚାଷ କରନ୍ତି । କୁହାଯାଏ ଧାନ ଅମଳ ବେଳକୁ ୭/୮ ମାସ ଲାଗେ । ଉପତ୍ୟକା ଭିତରେ ପବନ ଧୀର, ଧାନ ବଢ଼ିବାକୁ ଯେଉଁ ଉଷ୍ଣତା, ବାୟୁ ଚଳ ପ୍ରଚଳ ଦରକାର ତାର ସଠିକ୍ ମାପଯୋଖ ନଥିବାରୁ ଧାନ ଅମଳ ଖୁବ ଡେରି ହୁଏ । ମାତ୍ର ଧାନର ମୂଲ୍ୟ ଅଧିକ । କୃଷି ବିଜ୍ଞାନୀମାନଙ୍କ ମତରେ ଏ ଧାନର ଚାଉଳରେ ପ୍ରଚୁର ଜୀବନୀ ଶକ୍ତି ରହିଛି । ପୁଣି ବିନା ସାରରେ । କମ୍ ଅମଳ ହେଉଥିବାରୁ ଚାଉଳ ଦୁର୍ଲଭ । ଏବେ ଆଗର ସେ ବ୍ୟବସ୍ଥା ନାହିଁ । ସାରର ବ୍ୟବହାର ବଣ୍ଡା ଜାଣିଲେଣି । ଚାଉଳର ଚାହିଦା ଥିବାରୁ ସାର ଦେଇ ଅଧିକ ଅମଳ କରିବାର ମନୋବୃତ୍ତି ବସା ବାନ୍ଧିଛି, ଚାଲିଛି ମଧ୍ୟ । ମୁଦୁଲିପଡ଼ା ପାଖରେ ଝରଣା ପାଖକୁ ଲାଗି କେଉଁ ପାଦ୍ରୀ ସାହେବ ଜଣେ ନିଅ ଭିଡୁଥାନ୍ତି । ବଣ୍ଡାମାନେ ଶ୍ରମିକ ହିସାବରେ କାମରେ ଲାଗିଥିଲେ । ଚର୍ଚ୍ଚ ହେବ । ଚର୍ଚ୍ଚ(Church) ମହତ୍ତ୍ୱ ସେତେବେଳେ ବଣ୍ଡା ବୁଝୁନଥିଲେ, ମଜୁରୀ ପାଇଲେ ମଦ, ମାଉଁସ, ଚାଉଳରେ ପେଟ ପୁରାଇବେ । ପରେ କ'ଣ ହେଲା କେଜାଣି ଚର୍ଚ୍ଚ ନିଅଁ ଉପରେ ମାଲକାନାଗିରି ଜିଲ୍ଲା ହେଲା ବେଳକୁ ପ୍ରଥମ ଜିଲ୍ଲାପାଳ ତାକୁ ଉଚ୍ଛେଦ କରାଇ କନ୍ୟାଶ୍ରମଟିଏ ତୋଳାଇ ଦେଲେ । ଆଜି ଶହ ଶହ ବଣ୍ଡାଝିଅ ସେଠି ପାଠ ପଢ଼ି ନୂତନ ଭବିଷ୍ୟତର ସ୍ୱପ୍ନ ଦେଖୁଛନ୍ତି । ଚର୍ଚ୍ଚ ଗଢ଼ା ହେଲାନି ସେଥିପାଇଁ ମିଶନାରୀମାନଙ୍କ ଦୁଃଖ ନାହିଁ ମାତ୍ର ଲୁଚାଛପାରେ ଅସଂଖ୍ୟ ବଣ୍ଡାମାନଙ୍କୁ ଖ୍ରୀଷ୍ଟଧର୍ମକୁ ଧର୍ମାନ୍ତରିତ କରିବାରେ ସଫଳ ହୋଇଛନ୍ତି ।

ମୁଦୁଲିପଡ଼ା ହାଇସ୍କୁଲରେ ଛୁଟି ବେଳ । ସ୍କୁଲ ଭିତରକୁ ଗଲାବେଳକୁ ଶିକ୍ଷକ ଶିକ୍ଷୟିତ୍ରୀ ଦି' ଜଣ ବାରଣ୍ଡାରେ ବସିଥିଲେ । ଛୁଟିରେ କେହି ବଣ୍ଡାଘାଟିରେ ଶିକ୍ଷକ ରହନ୍ତି ନାହିଁ । ସେମାନେ ମୋତେ ଚିହ୍ନିଲେ । ଛୁଟିରେ ଘରକୁ ନଯିବାର କାରଣ ପଚାରିବାରୁ କହିଲେ । ସାର୍ ଏଠି ଲାଇନ୍ ଆସିନି । ସେତେବେଳକୁ ବଣ୍ଡାଘାଟିକୁ ଲାଇନ ଯାଇନଥାଏ । ବିଭାଗ ତରଫରୁ ଚାରୋଟି କମ୍ପୁଟର ସେଟ୍ ଯୋଗାଇ ଦିଆଯାଇଛି । ଆମ ଦାୟିତ୍ୱରେ ଅଛି । ଆମେ ଚାଲିଗଲେ କମ୍ପ୍ୟୁଟର ଚୋରି ହୋଇଯିବ ତେଣୁ ଜଗିଛୁ । କମ୍ପ୍ୟୁଟର ଯୋଗାଣର ଦଶ ବର୍ଷ ପରେ ଲାଇନ ଆସିଲା । ଏବେ ମୁଦୁଲିପଡା ହାଇସ୍କୁଲର ପୂର୍ବାବସ୍ଥା ସେପରି ନାହିଁ । ସ୍ମାର୍ଟ କ୍ଲାସ ଠୁଁ ଧରି ସ୍ପୋର୍ଟସ୍ କଂପ୍ଲେକ୍ସ ପର୍ଯ୍ୟନ୍ତ ସବୁ ସୁବିଧା କରାଯାଇଛି, ଆଜବେସ୍‌ଟର ଘର ଦି/ତିନି ମହଲାକୁ ରୂପାନ୍ତରିତ ହୋଇଛି । ଶିକ୍ଷକମାନଙ୍କ ଆଉ ପୂର୍ବ ଦଶା ମଧ୍ୟ ନାହିଁ । ଯୋଗାଯୋଗ ବ୍ୟବସ୍ଥାର ବିକାଶ ସହ ସେମାନେ ମଧ୍ୟ ସ୍ମାର୍ଟ ହୋଇଛନ୍ତି । ଖଇରପୁଟ/ଗୋବିନ୍ଦପାଲିରୁ ସେମାନଙ୍କ ଯିବା ଆସିବା ଦୂରତା ମୋଟର ସାଇକେଲ, କାର ଯୋଗୁଁ ସୁଲଭ ହୋଇଯାଇଛି ।

ମୁଦୁଲିପଡ଼ାରୁ କିର୍‌ସାନିପଡ଼ା ଯିବା ବାଟରେ ଆଶା ଦିଦି ଅଟକାଇଲେ । କହିଲେ- "ଆଜ୍ଞାମାନେ କିର୍‌ସାନିପଡ଼ା ଯାଉଛନ୍ତି କି ?" ହଁ କହିବାରୁ କହିଲେ ଯାଆନ୍ତୁନି ଆଜ୍ଞା, ଜଣେ ବଣ୍ଡାଲୋକ ମାତିଛି । ପେଟେ ପିଇ ଦେଇ ଧନୁତୀର, ଟାଙ୍ଗିଆ ଧରି ହୋ ହାଲ୍ଲା କରୁଛି । ବଣ୍ଡା ସରଳ । ଯେତିକି ଉଗ୍ର ସେତିକି ଭୟ ଲାଗୁଥାଏ । ଆମେ ତ ଦୋଷ କରିନୁ ଦେଖାଯାଉ ଯାହା ହେବ, ଅଗତ୍ୟା ବାହାରିଲୁ । ଗାଁ ମୁଣ୍ଡ ସଲପ ଗଛ ମୂଳକୁ ପହଞ୍ଚିଲା ବେଳକୁ ସତକୁ ସତ ସେ ବଣ୍ଡା ଲୋକଟି ଆସିଲା ଆଖିରେ ଆଖିଏ ନିଶା । ଧନୁତୀର ଧରି ଆମ ଆଗରେ ଉଭା । ଟାଙ୍ଗିଆ ବୁଲାଉଥାଏ । ଆମେ ଡରି ମରି ସଲପ ଗଛକୁ ଅନାଇଲୁ । ସଲପ ମାପ୍ପୁ ରକ୍ଷାକର । ଲୋକଟି କହିଲା ସଲପ ପିଇବୁ ? 'ହଇ' ପାଟିରୁ ବାହାରିଗଲା । କଣ ଭାବିଲା କେଜାଣି ଘରକୁ ଯାଇ ଗ୍ଲାସଟେ ଆଣିଲା । ସଲପ ଗଛକୁ ଉଠି ଯାଇ ଲାଉ ତୁମ୍ୱାରେ ସଲପ ରସ ଧରି ଓହ୍ଲାଇଲା । ଆମ ଆଗରେ ଗ୍ଲାସରେ ଢାଳି ଦେଇ ପିଇବାକୁ କହିଲା । ବାଧ୍ୟ ଛାତ୍ର ପରି ମୁଁ ଗ୍ଲାସଟେ ପିଇଲି, ପୁଣି ଢାଳିଲା । ତାକୁ କହିଲି ତୁ ପି । ସେ ପିଇଲା ପୁଣି ମୋତେ ଗୋଟେ ଗ୍ଲାସ । ଏଇ ପିଆ ପିଇ ଭିତରେ ତା ମିଜାସ ବଦଳି ଯାଇଛି । ଡାବୁ କେତେ ? ପଚାରିବାରୁ ସେ କହିଲା "ତୁଇ ମୋର ମଇତର ଡାବୁ ନାଇ" । ତାପରେ ସେ କହି ଚାଲିଲା ତା କଥା ୧୨ ବର୍ଷ ବେଳକୁ ୨୬ ବର୍ଷର ଧାଙ୍ଗଡିକୁ ବାହା ହୋଇଥିଲା । ଛଟା ବର୍ଷ ଯାଇନି ତାର ବୁଢ଼ି ମରିଗଲା । ଏବେ ସେ ଏକା । ବାହା ହେବା ପାଇଁ ମନ, ଧାଂଡି ମିଳୁନି । ତେଣୁ ପିଇବାରେ ମନର ଓରିମାନା ମେଣ୍ଟାଉଛି । ସମବେଦନାରେ ଆମ ମନ ଫାଟି ପଡୁଥାଏ । ପରମ୍ପରା ମଧ୍ୟରେ ପେଷି ହୋଇ ମଣିଷ ବେଳେବେଳେ ଅନ୍ଧ ହୋଇଯାଏ । ବଣ୍ଡା ସାମାଜିକ ବ୍ୟବସ୍ଥାରେ ୧୦/୧୨ ବର୍ଷର କିଶୋର ପିଲାଟି ୨୦ /୨୫ ବର୍ଷର ବଣ୍ଡା ଯୁବତୀକୁ ବାହାହୁଏ । ଆଉ ବଣ୍ଡା ପିଲାଟି ଯୁବକ ହେଲା ବେଳକୁ ସ୍ତ୍ରୀର ମୃତ୍ୟୁବରଣ ହେଲେ ମାନସିକ ବ୍ୟବସ୍ଥା ଯାହା ହୁଏ । ସମାଜ ତା କଥା ବୁଝେନି । ଏବେ ସେ ବ୍ୟବସ୍ଥା ବଦଳିଛି । ଆଉ ପୂର୍ବର ସେ ପରମ୍ପରା କାଁ ଭାଁ ଥାଇପାରେ କିନ୍ତୁ ନଜରକୁ ଆସୁନି । ବଣ୍ଡା ଝିଅ ପାଠ ପଢି ଆଗକୁ ବଢୁଛି । ତା ସମ ବୟସ୍କ ସାଥୀ ଖୋଜୁଛି । ସାମାଜିକ ବ୍ୟବସ୍ଥା ହୁଗୁଳା ହୋଇଛି । ପରମ୍ପରା ଓ ମାନସିକତାରେ ପରିବର୍ତ୍ତନ ଆସିଛି । ସେଦିନର ସେ ସ୍ତ୍ରୀ ହରାଇଥିବା ଧାଂଡ଼ା ଆଉ ନିଶାଗ୍ରସ୍ତ ହୋଇ ଉଗ୍ର ହେଉନି । ପରିବର୍ତ୍ତନର ସୁଅରେ ବଣ୍ଡା ଆଜି ସ୍ୱାବଲମ୍ବୀ ହେବାର ସ୍ୱପ୍ନ ଦେଖୁଛି । ନିଜକୁ ନିରେଖିବାରେ ଲାଗିଛି ।

ତୃତୀୟ ଦିନ ତଥ୍ୟ ସଂଗ୍ରହ ପାଇଁ ବାହାରି ଥାଏ ବଣ୍ଡାପଡ଼ା । ବାର ଜଂଗର ଗୋଷ୍ଠୀର ଏ ଆଉ ଗୋଟିଏ ଗାଁ । ଛୋଟିଆ ହେଲେ ବି ନିଆରା । ମୁଦୁଲିପଡ଼ାରେ ଦେଖିଛି ପଞ୍ଚାୟତ ଘର, ବଣ୍ଡା ଉନୟନ ସଂସ୍ଥା, ଫାଣ୍ଡି, ଡାକ୍ତରଖାନା । ବିକାଶର ବିଭିନ୍ନ ଉପାଦାନ ସବୁ ବଣ୍ଡାମାନଙ୍କୁ ଆକୃଷ୍ଟ କରିବାରେ ନିଜ ନିଜର ପସରା ଖୋଲିଛନ୍ତି । ମାତ୍ର ବଣ୍ଡାପଡ଼ା ସେ ସବୁଠୁ ନିଆରା । ଗାଁ ମୁଣ୍ଡରେ ସିନ୍ଦିବର । କେତେଜଣ ବଣ୍ଡା ପିକାଟାଣି ସିନ୍ଦିବରରେ ବସି

ଅଳସ ଭାଙ୍ଗୁଛନ୍ତି । ମୋ ଯିବାଟା କିଛି ଫରକ୍ ପଡିନି ତାଙ୍କୁ । ପାଖରେ ମୟୂରଟାଏ ବୁଲୁଥାଏ । ବଣ୍ଡା ଯୁବକଟାଏ ଧନୁତୀର ପରଖୁଥାଏ ପାଖ ଆମ୍ବଗଛ ଭିତରେ ବସିଥିବା ଚଢ଼େଇକୁ ଦେଖି । ଚଟଣି ହୋଇଯିବ । ମୁଁ ଆଗକୁ ଅନାଇଲି । ଟିଣ ବାକ୍ସ ପରି ଘରଟିଏ ପ୍ରାଥମିକ ବିଦ୍ୟାଳୟ । ପ୍ରଶସ୍ତ ହତା । ଥାକ ଥାକ ଘର ସବୁ ବାରଣ୍ଡାକୁ ମିଶି ଲମ୍ବି ଯାଇଛି । ଗେଟ୍ ଖୋଲି ଦେଖିଲା ବେଳକୁ ୪/୫ ଜଣ ବଣ୍ଡା ପିଲା ବାଡ଼ି ଖଣ୍ଡିଏ ଲେଖାଏଁ ଧରି "ଲଲ ଗୁଲାଇନେ" ବୋଲୁଛନ୍ତି । କୌତୁହଳ ଲାଗିଲା । ବସ୍ତାନୀମାନ ଘର ମଝିରେ ଗୋଟିଏ ଗୋଟିଏ ଥୁଆ ହୋଇଛି । ମତେ ଦେଖି ଚୁପ୍ ହେଲେ । ମୁଁ ପଚାରିଲି ତୁମ ଆଜ୍ଞା ଆସି ନାହାନ୍ତି ? ଅଘଷା ଦାନ୍ତ ଦେଖାଇ ନିକୁଟି ହସିଲେ । ମୁଁ ବୁଝିଗଲି, ଆଜ୍ଞାଙ୍କ ନାମ କଣ ? ସେମାନେ କହିଲେ ଜାଣିନୁ । ଆଜ୍ଞା ଆସନ୍ତିକି ? 'ନାଇଁ' । ବୁଝିଗଲି । ପାଖ ରୁମ୍‌ରେ ଦୁଇଟି ଗୋରୁ ପାକୁଳାଉଛନ୍ତି । ସିନ୍ଦିବରକୁ ଫେରି ଆସିଲି । ସେଠି ବସିଥିବା ଯୁବକ ଜଣକୁ ପଚାରିଲି ସାର୍ ଆସନ୍ତିନି ? ସେ ହସିଦେଲା ଆଜ୍ଞା ମାଷ୍ଟର କାହିଁ ? ଦିନେ ମଙ୍ଗଲୁ ତା ଟାଙ୍ଗିଆରେ ଟିଣ କବାଟକୁ ବାଡେଇଲା । ମାଷ୍ଟର ବାରଣ୍ଡାରେ ସେଦିନ ଆସି ବୁଲୁଥିଲା । ଶବ୍ଦ ଶୁଣି ଦୌଡ଼ି ପଳାଇଛି ଯେ ଆଉ ବାଟ ମାଡିନି । ଉପାନ୍ତ ଅଞ୍ଚଳରେ କିଏ ବା ବୁଝିବ ପିଲାଏ ପଢ଼ିଲେ ନା ନାହିଁ । ମାତ୍ର ବ୍ୟବସ୍ଥା ବଦଳିଛି । ସେଇ ବଣ୍ଡାପଡ଼ା ସ୍କୁଲରୁ ପାଠ ପଢ଼ି ଇନ୍ଦ୍ର କିର୍‌ସାନି ଜଣେ ସଫଳ ତୀରନ୍ଦାଜ । ଜାତୀୟ ସ୍ତରରେ ସୁନାମ ଅର୍ଜନ କରି ମୟୂରଭଂଜରେ ଚାକିରୀ କରୁଛି । ସେଇଠୁ ଜଣକୁ ଭଲପାଇ ବାହା ହେଲା ପରଠୁ ବଣ୍ଡା ପାହାଡରୁ ଆଉ ବାଟ ଖୋଜିନି ।

ବଣ୍ଡା ପାହାଡ଼ରେ ରହଣି ସାତଦିନ ହେଲାଣି । ଚୁଡା ଗୁଡ଼ ଖାଇ ଅତିଷ୍ଠ । ଭାତଖିଆ ଓଡ଼ିଆ ଆଉ ଦିନକୁ ତିନିଥର ଚୁଡା ଗୁଡରେ କେତେ ଚାଲିବ । ମନ ଅତିଷ୍ଠ ହେଉଥାଏ । ଫେରିବାକୁ ଉଚ୍ଛନ୍ନ । ସୌଭାଗ୍ୟବଶତଃ ଜିପ୍‌ଟାଏ ଆସିଲା, ଟ୍ରଲିରେ ବାଲିଧରି । ମୁଁ ପଚାରିଲି ଖଇରପୁଟ ଯିବ । ଡ୍ରାଇଭର କହିଲା ଯିବାର ଅଛି ଶୀଘ୍ର ଆସ । ଆଇ.ବି.କୁ ଯାଇ ବେଡିଂ ଧରି ଆସୁ ଆସୁ ଜିପ୍, ଟ୍ରଲି ସବୁ ମଣିଷରେ ଖୁନ୍ଦା ଖୁନ୍ଦି । ଡ୍ରାଇଭର ଟ୍ରଲି ଭିତରେ ଟିକିଏ ଜାଗା ସଜାଡି ଦେଲା । ମୁଁ ଓହ୍ଲାଇଗଲି ଖଇରପୁଟକୁ । ଫେରିବା ବାଟରେ ଡାଲଖାଇ ଠାକୁରାଣୀଙ୍କୁ ହାତ ଯୋଡିଲି । ସେଦିନର ସେ ବଣ୍ଡା ପର୍ବତ । ଏବର ପର୍ଯ୍ୟଟନ କ୍ଷେତ୍ର । ସୀତାକୁଣ୍ଡ ଅଛି । ପର୍ଯ୍ୟଟନ ପାଇଁ ବହୁ ବ୍ୟବସ୍ଥା ହୋଇଛି । ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର ସବୁ ବ୍ୟବସ୍ଥିତ । ପାଟଖଣ୍ଡା ମାପ୍ରୁଙ୍କ ଆସ୍ଥାନ କିନ୍ତୁ ଅସଜଡା । ବାତ୍ୟାରେ ବରଗଛଟି ଭାଙ୍ଗି ଯିବା ପରେ ପାଟଖଣ୍ଡା ଅନାଥ ହୋଇଛନ୍ତି । କେତେକ ଦରଦୀ ବଣ୍ଡା ସ୍ୱେଚ୍ଛାସେବୀ ପାଲଟିଛନ୍ତି । ଗଛଟିଏ ଲଗାଇଛନ୍ତି । ପରମ୍ପରାକୁ ସଜାଡି ବାର ପ୍ରଯନ୍ କରୁ କରୁ ପରିବର୍ତ୍ତନ ଭିତରେ ପାଟଖଣ୍ଡା ମାପ୍ରୁ ନିଜର ଅସ୍ତିତ୍ୱ ଖୋଜୁଛନ୍ତି । ବଣ୍ଡା ଘାଟିରେ ଆଜି ବିକାଶର ଅନେକ ଚ଼ିତ୍ର । ବଦଳିଛି ସାମାଜିକ ସ୍ଥିତି । ଶିକ୍ଷିତ

ହେଉଛନ୍ତି ବଣ୍ଡା ଯୁବକଯୁବତୀ । ପକ୍କା ରାସ୍ତା ବିକାଶର ମାର୍ଗକୁ ଉନ୍ମୁକ୍ତ କରିଛି। ସାମାଜିକ ଜୀବନ ସୁସଂହତ । ଅନେକ ପ୍ରଥା ଅବଶ୍ୟ ହଜିଯାଇଛି । କିନ୍ତୁ ବଣ୍ଡାଙ୍କ ମଧ୍ୟରେ ଅନେକ ଆକାଂକ୍ଷା ଉଙ୍କି ମାରୁଛି। ବିକଶିତ ରାଜ୍ୟ ତଥା ବିକଶିତ ଭାରତ ପାଇଁ ଏହା ଶୁଭ ସଙ୍କେତ ।

ବିକାଶର ମନ୍ତ୍ର ବଣ୍ଡା ଘାଟିରେ ବର୍ତ୍ତମାନ କାୟା ମେଲାଇଛି । ସେଦିନର ପୁଙ୍ଗୁଳା ବଣ୍ଡା ଆଜି ସକାଳ ହେଲେ ଗୋଷ୍ଠୀ ଉନୟନ କାର୍ଯ୍ୟାଳୟ, ବଣ୍ଡା ଉନ୍ନୟନ ସଂସ୍ଥାରେ ସମୟ ବିତାଉଛି । ସଚେତନତା ଆବଶ୍ୟକ ମାତ୍ର ବିକାଶ ବାର୍ତ୍ତା ପଙ୍ଗୁ କରି ନଦେଉ ବଣ୍ଡାମାନଙ୍କୁ । ବଣ୍ଡା ତତ୍ତ୍ୱ “ରେମୋ” ହିସାବରେ ନାମିତ ହେଲେ ବଣ୍ଡାର ସଂସ୍କୃତି ମଣିଷଙ୍କୁ ଉଦ୍ଧାର କରିବାରେ ହୁଏତ ସାର୍ଥକ ହୋଇପାରନ୍ତା ।

ପଳାଶପୁର ଶାସନ, ଇଟିପୁର,
ଧଉଳି, ଭୁବନେଶ୍ୱର

# ଜନଜାତିଙ୍କ ପାରମ୍ପରିକ ବୃତ୍ତି




ଲୋଧା



ପାଉଡି ଭୂୟାଁ

# ଜନଜାତି ନୃତ୍ୟ



ବଣ୍ଡା



ଡିଡାୟୀ



ଚୁକଟିଆ ଭୁଞ୍ଜିଆ

# ଜନଜାତି ନୃତ୍ୟ



ଡଙ୍ଗରିଆ କନ୍ଧ



ଜୁଆଙ୍ଗ



ପାହାଡ଼ି ଖଡ଼ିଆ

## ଜନଜାତି ନୃତ୍ୟ



ମାଙ୍କିଡ଼ିଆ ଓ ବିରହୋର



କୁଟିଆ କନ୍ଧ



ଲାଞ୍ଜିଆ ସଉରା / ସଉରା

# ଜନଜାତି ନୃତ୍ୟ



ଲୋଧା



ପାଉଡି ଭୂୟାଁ

# ବ୍ୟକ୍ତିଗତ ଆଭୂଷଣ













# ବୟନକଳା, ବ୍ୟକ୍ତିଗତ ଆଭୂଷଣ ଓ ବ୍ୟବହାର୍ଯ୍ୟ ସାମଗ୍ରୀ














# ଶିକାର ଉପକରଣ ଓ ଅସ୍ତ୍ରଶସ୍ତ୍ର















# ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ
## ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ

ଓଡ଼ିଶା ସରକାର